# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୩/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, November 3/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୩୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 338 | ମୂଲ୍ୟ ₹୭/-





## ସଂକ୍ଷେପରେ

### ଭାରତ ଆସିବେ ବ୍ଲିଙ୍କେନ୍, ଅଷ୍ଟିନ୍



ନୂଆଦିଲ୍ଲୀ,୨।୧୧: ନୂଆଦିଲ୍ଲୀରେ ୨ ପ୍ଲସ୍ ୨ ମନ୍ତ୍ରଣାଳୟସ୍ତରୀୟ ଆଲୋଚନା ପାଇଁ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଏବଂ ପ୍ରତିରକ୍ଷା ସଚିବ ଲ୍ଲଏଡ ଅଷ୍ଟିନ୍ ଚଳିତ ମାସରେ ଭାରତ ଗସ୍ତରେ ଆସିବେ। ସେମାନେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହ ବହିର୍ବ୍ୟାପାର, ପ୍ରତିରକ୍ଷା ସହଯୋଗ ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ତେବେ ସେମାନଙ୍କ ଗସ୍ତର ନିର୍ଦ୍ଦିଷ୍ଟ ତାରିଖ ଜଣାପଡ଼ିନାହିଁ।

### ଦିଲ୍ଲୀରେ ସାଂଘାତିକ ବାୟୁ ପ୍ରଦୂଷଣ

**ନିର୍ମାଣ କାର୍ଯ୍ୟ, ଡିଜେଲ ଟ୍ରକ୍ ପ୍ରବେଶ ବନ୍ଦ**

ନୂଆଦିଲ୍ଲୀ,୨।୧୧: ଦୀପାବଳି ପୂର୍ବରୁ ଦିଲ୍ଲୀର ଅଧିକାଂଶ ଅଞ୍ଚଳରେ ବାୟୁ ପ୍ରଦୂଷଣ ଉତ୍କଟ ସ୍ଥିତିରେ ପହଞ୍ଚିଛି। ଫଳରେ ଜାତୀୟ ରାଜଧାନୀ ଅଞ୍ଚଳରେ ଅତି ଜରୁରୀ ନ ଥିବା ନିର୍ମାଣ କାର୍ଯ୍ୟ ବନ୍ଦ ରଖିବା ସହ ସହର ମଧ୍ୟକୁ ଡିଜେଲ ଟ୍ରକ୍ ପ୍ରବେଶକୁ ନିଷେଧ କରାଯାଇଛି। ଗ୍ରେଡେଡ୍ ରେସ୍ପନ୍ସ ପ୍ଲାନ୍‌ର ତୃତୀୟ ପର୍ଯ୍ୟାୟରେ ଆହୁରି କେତେକ କଟକଣା ଲାଗୁ ହେବାକୁ ଯାଉଛି। ଗୁରୁବାର ଜାତୀୟ ପ୍ରଦୂଷଣ କମିଶନ୍‌ର ବାୟୁ ମାନ ପରିଚାଳନା ସବ୍‌କମିଟି ବୈଠକ ବସି ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଗୁରୁବାର ଅପରାହ୍ନ ୫ଟାରେ ଦିଲ୍ଲୀର ହାରାହାରି ବାୟୁ ମାନ ସୂଚକାଙ୍କ ୪୦୨ ରହିଥିଲା, ଯାହାକି ଅତି ଗମ୍ଭୀର ବିବେଚନା କରାଯାଉଛି। ଆଗକୁ ଏହା ଆହୁରି ଖରାପ ହେବାକୁ ଯାଉଛି। ପଡୋଶୀ ରାଜ୍ୟଗୁଡ଼ିକରେ ନଡ଼ା ପୋଡ଼ି ଯୋଗୁ ସହର ଧୂଆଁରେ ଘୋଡେଇହୋଇ ରହୁଛି।

### ସ୍କୁଲ ପିଲାଙ୍କୁ ପଢ଼ାଯିବ ନିର୍ବାଚନୀ ପାଠ

ନୂଆଦିଲ୍ଲୀ,୨।୧୧(ପି.ଟି.): ସାରା ଦେଶରେ ନିର୍ବାଚନ ସମ୍ପର୍କିତ ସାକ୍ଷରତା ପାଇଁ ବିଦ୍ୟାଳୟସ୍ତରରେ ପିଲାମାନଙ୍କୁ ପାଠ ପଢ଼ାଯିବ। ଏଥିପାଇଁ ନିର୍ବାଚନ କମିଶନ (ଇସି) ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ମଧ୍ୟରେ ଗୁରୁବାର ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏମ୍‌ଓୟୁ ଅନୁଯାୟୀ ସବୁ ସ୍କୁଲ୍‌ର ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପିଲାମାନଙ୍କ ପାଠ୍ୟକ୍ରମରେ ସମନ୍ୱିତ ଭୋଟର ଶିକ୍ଷା ଏବଂ ନିର୍ବାଚନୀ ସାକ୍ଷରତା ସାମିଲ କରାଯିବ। 'ଶ୍ରେଣୀଗୃହରୁ ମତଦାନ କେନ୍ଦ୍ର' ବିଚାରଧାରା ସ୍କୁଲ୍ ପିଲାମାନଙ୍କୁ ସେମାନଙ୍କ ପ୍ରଥମ ଭୋଟ ପାଇଁ ପ୍ରସ୍ତୁତ କରିବ ବୋଲି ଇସି କହିଛନ୍ତି। ଏଥିପାଇଁ ଜାତୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ (ଏନ୍‌ସିଇଆର୍‌ଟି) ପାଠ୍ୟପୁସ୍ତକ ପ୍ରଚଳନ ଓ ଏଥିରେ ସଂଶୋଧନ କରିବ। ଏନେଇ ଏନ୍‌ସିଇଆର୍‌ଟି ରାଜ୍ୟ ଶିକ୍ଷା ବୋର୍ଡ ସମେତ ଅନ୍ୟାନ୍ୟ ଶିକ୍ଷା ବୋର୍ଡକୁ ପରାମର୍ଶ ଦେବ। ୨୦୧୯ ଲୋକ ସଭା ନିର୍ବାଚନରେ ୯୧ କୋଟି ଭୋଟରଙ୍କ ମଧ୍ୟରୁ ୨୯.୭ କୋଟି ଭୋଟ ଦେଇ ନ ଥିଲେ। ୬୭.୪ ପ୍ରତିଶତ ଭୋଟିଂକୁ ନିର୍ବାଚନ କମିଶନ ଏକ ଚ୍ୟାଲେଞ୍ଜ ଭାବେ ନେଇ ଏଥିରେ ଉନ୍ନତି ଆଣିବା ପାଇଁ ଉଦ୍ୟମ ଚଳାଇଛନ୍ତି।

# 'ଏଥିକ୍ସ କମିଟିର ଅନ୍‌ଏଥିକାଲ ପ୍ରଶ୍ନ'

**ବାଚସ୍ପତିଙ୍କୁ ପତ୍ର ଲେଖିଲେ ମହୁଆ ମୋଇତ୍ର**



ନୂଆଦିଲ୍ଲୀ,୨।୧୧

ପ୍ରଶ୍ନ ପାଇଁ ଲାଞ୍ଚ ପ୍ରସଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର ଗୁରୁବାର ପାର୍ଲାମେଣ୍ଟାରି ଏଥିକ୍ସ କମିଟି ଆଗରେ ହାଜର ହୋଇଥିଲେ। କିନ୍ତୁ ଏଥିକ୍ସ (ସଦାଚାର) କମିଟି ତାଙ୍କୁ ଅନ୍‌ଏଥିକାଲ (ଅନୈତିକ) ପ୍ରଶ୍ନ କରିଥିବା ଦର୍ଶାଇ ସେ ଓ ବିରୋଧୀ ଏମ୍‌ପିମାନେ ସେଠାରୁ ଚାଲିଆସିଥିଲେ। ଅନ୍ୟପକ୍ଷେ ମହୁଆ ସହଯୋଗ କରିବା ପରିବର୍ତ୍ତେ ଅଧିକ ପ୍ରଶ୍ନର ଉତ୍ତର ଏଡ଼ାଇବା ପାଇଁ ଅଧାରୁ ଉଠିଆସିଥିବା ଏଥିକ୍ସ କମିଟି ଅଧ୍ୟକ୍ଷ ବିନୋଦ କୁମାର ସୋନ୍‌କର କହିଛନ୍ତି। ଏହି ପ୍ରସଙ୍ଗକୁ ନେଇ ଦିନସାରା ହାଇଡ୍ରାମା ଦେଖିବାକୁ ମିଳିଥିଲା।

ପଶ୍ଚିମବଙ୍ଗର ଶାସକ ଦଳ ଟିଏମ୍‌ସିର କ୍ରିଷ୍ଣାନଗର ଏମ୍‌ପି ମହୁଆ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଡୁଆରେ ପକାଇବା ପାଇଁ ବ୍ୟବସାୟୀ ଦର୍ଶନ ହୀରାନନ୍ଦାନୀଙ୍କଠାରୁ ୨ କୋଟି ଟଙ୍କା ଲାଞ୍ଚନେଇ ପାର୍ଲାମେଣ୍ଟରେ ଶିଳ୍ପପତି ଗୌତମ ଆଦାନୀଙ୍କ ଉପରେ ପ୍ରଶ୍ନ କରିଥିବା ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଅଭିଯୋଗ ଆଣିଥିଲେ। ଏପରି କି ତାଙ୍କ ସଂସଦୀୟ ଲଗ୍‌ଇନ୍ ଆଇଡି ଦୁବାଇରେ ବ୍ୟବହାର କରାଯାଇଥିବା ନେଇ ମଧ୍ୟ ନିଶିକାନ୍ତ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭାଜପା ଏହାକୁ ଜାତୀୟ ସୁରକ୍ଷା ସହ ସାଲିସ ଦର୍ଶାଇ ମହୁଆଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଥିଲା। ବାଚସ୍ପତି ଏହି ପ୍ରସଙ୍ଗରେ ତଦନ୍ତ କରିବାକୁ ଭାଜପା ଏମ୍‌ପି ବିନୋଦ ସୋନ୍‌କରଙ୍କ ଅଧ୍ୟକ୍ଷତାରେ ଗଠିତ ଏଥିକ୍ସ କମିଟିକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରସଙ୍ଗରେ ସମନ ପାଇ ମହୁଆ ତଥ୍ୟ ସମ୍ବଳିତ ୩ଟି ବ୍ୟାଗ୍ ଧରି ଉକ୍ତ କମିଟି ଆଗରେ ହାଜର ହୋଇଥିଲେ। କମିଟି ପକ୍ଷରୁ ତାଙ୍କୁ କେତେକ ଅବାନ୍ତର ପ୍ରଶ୍ନ କରାଯାଇଥିଲା। ଦର୍ଶନଙ୍କ ସହ ତାଙ୍କର କି ସମ୍ପର୍କ ରହିଛି ବୋଲି ପଚରାଯାଇଥିଲା। ମହୁଆ ପାର୍ଲାମେଣ୍ଟ ୱେବ୍‌ସାଇଟ୍‌ରେ ନିଜ ଆକାଉଣ୍ଟ ଆକ୍‌ସେସ୍ କରିବାକୁ ଦର୍ଶନଙ୍କୁ ଲଗ୍‌ଇନ୍ ଆଇଡି ଦେଇଥିବା ବିଷୟ ସ୍ୱୀକାର କରିଥିଲେ। ୨୦୨୩ରେ ଆପଣ ଦର୍ଶନଙ୍କୁ କେତେଥର ଯୋଗାଯୋଗ କରିଥିଲେ? ଆପଣ କେତେଥର ଦୁବାଇ ଯାଇଥିଲେ ଏବଂ ସେଠାରେ କେଉଁ ହୋଟେଲରେ ଅବସ୍ଥାନ କରିଥିଲେ ବୋଲି କମିଟି ପକ୍ଷରୁ ବାରମ୍ବାର ପଚରାଯିବା ପରେ ମହୁଆ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସଦସ୍ୟ ଦାନିଶ୍ ଅଲୀ ଏବଂ ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ଗିରିଧାରୀ ଯାଦବଙ୍କ ସହ ସେଠାରୁ ଉଠି ବାହାରକୁ ଚାଲିଆସିଥିଲେ। ବିରୋଧୀ ଏମ୍‌ପିମାନେ କହିଛନ୍ତି, କମିଟି ମହୁଆଙ୍କୁ ବ୍ୟକ୍ତିଗତ, ଅଶାଳୀନ ଏବଂ ଅନୈତିକ ପ୍ରଶ୍ନ କରିଥିଲେ। ଏଭଳି ପ୍ରଶ୍ନ ଶୁଣି ମହୁଆ ବିଚଳିତ ହୋଇଯାଇଥିଲେ। ଏପରି କି ବୈଠକ ଚାଲିଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ସଦସ୍ୟ ବାହାରେ ସବୁ କଥା ପ୍ରଘଟ କରିଥିଲେ। ଏହା କେଉଁ ପ୍ରକାର ବୈଠକ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ମହୁଆ ମଧ୍ୟ ସେମାନଙ୍କ ପ୍ରଶ୍ନକୁ ନେଇ କାନ୍ଦି ପକାଇଥିବା କହି ଗଣମାଧ୍ୟମକୁ ନିଜ ଲୁହ ଦେଖାଇଛନ୍ତି। ଏହା ପୂର୍ବରୁ କମିଟି ପକ୍ଷରୁ କରାଯାଇଥିବା ପ୍ରଶ୍ନର ଉତ୍ତରରେ ମହୁଆ କହିଥିଲେ, ସୁପ୍ରିମକୋର୍ଟ ଓକିଲ ଜୟ ଅନନ୍ତ ଦେହରାଦାଇଙ୍କ ସହ ତାଙ୍କର ତିକ୍ତତାପୂର୍ଣ୍ଣ ବ୍ୟକ୍ତିଗତ ସମ୍ପର୍କକୁ ନେଇ ଉଦ୍ଦେଶ୍ୟମୂଳକ ଭାବେ ପ୍ରଶ୍ନ କରାଯାଉଛି। ଏନେଇ ମହୁଆ ବାଚସ୍ପତିଙ୍କ ନିକଟକୁ ପତ୍ର ଲେଖି ଅଭିଯୋଗ ଆଣିଛନ୍ତି। ଜୟ ଅନନ୍ତ ହେଉଛନ୍ତି ସେହି ଆଇନଜୀବୀ, ଯିଏକି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ରେ ମହୁଆଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ।

ଅନ୍ୟପକ୍ଷେ ଏଥିକ୍ସ କମିଟି ମୁଖ୍ୟ ବିନୋଦ କହିଛନ୍ତି, ମହୁଆଙ୍କୁ ପ୍ରଶ୍ନ କରାଯାଉଥିବାବେଳେ ସେ ତଦନ୍ତରେ ସହଯୋଗ କରି ନ ଥିଲେ। ସେ କମିଟି ବିରୋଧରେ ଅପଶବ୍ଦ ବ୍ୟବହାର କରିଥିଲେ। ବିରୋଧୀ ସଦସ୍ୟମାନେ ମଧ୍ୟ କ୍ରୋଧିତ ହୋଇ କକ୍ଷତ୍ୟାଗ କରିଥିଲେ। ପ୍ୟାନେଲ ଏବଂ ମୋ କାର୍ଯ୍ୟଶୈଳୀକୁ ନେଇ ଆପତ୍ତିଜନକ ଶବ୍ଦ ବ୍ୟବହାର କରାଯାଇଛି। ଏଥିକ୍ସ କମିଟି ସଦସ୍ୟା ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ମହୁଆଙ୍କୁ ଦର୍ଶନ ହୀରାନନ୍ଦାନୀଙ୍କ ସତ୍ୟପାଠ ଉପରେ ପ୍ରଶ୍ନ କରାଯିବାରୁ ସେ କ୍ରୋଧିତ ହୋଇ ଅହଂକାରପୂର୍ଣ୍ଣ ବ୍ୟବହାର ଦେଖାଇଥିଲେ। କଂଗ୍ରେସ ଏମ୍‌ପି ତଥା ପ୍ୟାନେଲ ସଦସ୍ୟ ଏନ୍. ଉତ୍ତମ କୁମାର କହିଛନ୍ତି, ଏଥିକ୍ସ କମିଟି ଅଧ୍ୟକ୍ଷ ଅନ୍ୟ କାହାର ଇଙ୍ଗିତରେ କାର୍ଯ୍ୟ କରୁଥିବା ମନେହେଉଛି। ଅଧ୍ୟକ୍ଷ ମହୁଆଙ୍କୁ ଆପଣ କେଉଁଆଡ଼େ ଯାଇଥାଆନ୍ତି? କାହାକୁ ଭେଟନ୍ତି? ଆପଣଙ୍କ ବ୍ୟକ୍ତିଗତ ଫୋନ୍ ରେକର୍ଡ ଦେଇପାରିବେ କି ବୋଲି ପ୍ରଶ୍ନ କରିଥିଲେ। ତେବେ ଜଣେ ମହିଳା ଏମ୍‌ପିଙ୍କୁ ବ୍ୟକ୍ତିଗତ ପ୍ରଶ୍ନ କରିବା ଅଧିକାର ଏଥିକ୍ସ କମିଟିର ନାହିଁ ବୋଲି ଗିରିଧାରୀ କହିଛନ୍ତି। ନିଶିକାନ୍ତଙ୍କ ମତରେ ମହୁଆ ଏଥିକ୍ସ କମିଟି ସମ୍ପର୍କରେ ଭୁଲ୍ ଧାରଣା ସୃଷ୍ଟି ପାଇଁ ଉଦ୍ୟମ କରୁଛନ୍ତି। ତାଙ୍କୁ କୌଣସି ଶକ୍ତି ରକ୍ଷା କରିପାରିବ ନାହିଁ।

## ଇଡି ଅଫିସ୍‌କୁ ଗଲେନି କେଜ୍‌ରିୱାଲ

ନୂଆଦିଲ୍ଲୀ,୨।୧୧



ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଗୁରୁବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମୁଖ୍ୟାଳୟରେ ହାଜର ହୋଇନାହାନ୍ତି। କେନ୍ଦ୍ରୀୟ ଏଜେନ୍ସି ମନିଲଣ୍ଡରିଂ ନିରୋଧୀ ଆଇନ (ପିଏମ୍‌ଏଲ୍‌ଏ) ବଳରେ କେଜ୍‌ରିୱାଲଙ୍କ ବୟାନ ରେକର୍ଡ ପାଇଁ ତାଙ୍କ ନିକଟକୁ ସୋମବାର ସମନ ପଠାଯାଇଥିଲା। କେଜ୍‌ରିୱାଲ ଏହାକୁ ଅସ୍ପଷ୍ଟ, ଆଧାରହୀନ ଓ ଉଦ୍ଦେଶ୍ୟ ପ୍ରଣୋଦିତ ଦର୍ଶାଇ ପ୍ରତ୍ୟାହାର କରିନେବାକୁ ଇଡିକୁ ପତ୍ର ଲେଖିଛନ୍ତି। ଏଥିସହ ଇଡି ଏବଂ ଭାଜପା ମଧ୍ୟରେ ପ୍ରଭେଦ ଦର୍ଶାଇବା କଠିନ କାର୍ଯ୍ୟ ବୋଲି ସେ କହିଛନ୍ତି। ଜଣେ ଇଡି ଅଧିକାରୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଜବାବର ଯାଞ୍ଚ କରାଯାଉଛି। ଅନ୍ୟ ଏକ ତାରିଖରେ ତାଙ୍କୁ ହାଜିରା ପାଇଁ ପୁନଃ ସମନ କରାଯାଇପାରେ। କାରଣ ସୁପ୍ରିମକୋର୍ଟ ଏହି ମାମଲାର ତଦନ୍ତ ୬-୮ ମାସରେ ଶେଷ କରିବା ବିଷୟରେ ସହମତି ପ୍ରକାଶ କରିଛନ୍ତି। ଏହି ମାମଲାରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏବଂ ଏଏପି ଏମ୍‌ପି ସଞ୍ଜୟ ସିଂ ବିଚାରବିଭାଗୀୟ ହାଜତରେ ଅଛନ୍ତି।

## ଲାଞ୍ଚ ନେଇ ଇଡି ଅଧିକାରୀ ଗିରଫ

ଜୟପୁର,୨।୧୧

ଏକ ଚିଟ୍‌ଫଣ୍ଡ ମାମଲା ରଫାଦଫା କରିବା ପାଇଁ ୧୫ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଜଣେ ଅଧିକାରୀଙ୍କୁ ଗୁରୁବାର ରାଜସ୍ଥାନ ପୋଲିସ ଗିରଫ କରିଛି।

ନଭଲ କିଶୋର ମୀନା ମଣିପୁରର ଇମ୍ଫାଲରେ ଇଡିର ଏନ୍‌ଫୋର୍ସମେଣ୍ଟ ଅଫିସର ଭାବେ ଅବସ୍ଥାପିତ ଥିଲେ। ସେ ଏକ ଚିଟ୍‌ଫଣ୍ଡ ମାମଲାର ଅଭିଯୁକ୍ତଙ୍କଠାରୁ ରଫାଦଫା ପାଇଁ ୧୭ ଲକ୍ଷ ଟଙ୍କା ଦାବି କରିଥିଲେ। ଇମ୍ଫାଲ ଇଡି ପକ୍ଷରୁ ଚାଲିଥିବା ଉକ୍ତ ମାମଲାରେ ଅଫିସର ଟଙ୍କା ଦାବି କରୁଥିବା ବିଷୟରେ ଅଭିଯୁକ୍ତ ଜଣକ ରାଜସ୍ଥାନ ଆଣ୍ଟି-କରପ୍ସନ ବ୍ୟୁରୋ(ଏସିବି)କୁ ଅବଗତ କରାଇଥିଲେ। ଏହା ପରେ ସେ ୧୫ ଲକ୍ଷ ଟଙ୍କା ଲାଞ୍ଚ ଦେଉଥିବାବେଳେ ଏସିବି ଟିମ୍ ନଭଲ କିଶୋର ଏବଂ ତାଙ୍କ ସହିତ ଘନିଷ୍ଠ ସହଯୋଗୀ ବାବୁଲାଲ ମୀନାଙ୍କୁ ମଧ୍ୟ ଧରିଥିଲା।

## ପିପୁଲ୍ସ ଗ୍ରୁପ୍‌ର ୨୨୩୦ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କଲା ଇଡି

ଭୋପାଳ,୨।୧୧(ପି.ଟି.)

ଇଡି ଭୋପାଳ ପିପୁଲ୍ସ ଗ୍ରୁପ୍‌ର ୨୩୦.୪ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରିଛି। ଏହି ସମ୍ପତ୍ତି ମଧ୍ୟରେ ରହିଛି କେତେକ ସ୍କୁଲ୍, କଲେଜ, କାଗଜ କଳ ଓ ଅନ୍ୟାନ୍ୟ ବିଲ୍ଡିଂ। ରେଜିଷ୍ଟ୍ରାର ଅଫ୍ କମ୍ପାନିଜ୍ ପକ୍ଷରୁ ସୁରେଶ ନାରାୟଣ ବିଜୟଭର୍ଗୀୟ, ସ୍ୱର୍ଗତ ରାମବିଳାସ ବିଜୟଭର୍ଗୀୟ, ପିପୁଲ୍ସ ଇଣ୍ଟରନ୍ୟାଶନାଲ ଆଣ୍ଡ ସର୍ଭିସେସ୍ ପ୍ରା.ଲିଃ, ପିଜିଏଚ୍ ଇଣ୍ଟରନ୍ୟାଶନାଲ ପ୍ରା.ଲିଃ. ଏବଂ ପିପୁଲ୍‌ସ ଜେନେରାଲ ହସ୍ପିଟାଲ ପ୍ରା.ଲିଃ ବିରୋଧରେ କମ୍ପାନୀ ଆଇନ, ୨୦୧୩ର ବିଭିନ୍ନ ଧାରାରେ ୩ଟି ଚାର୍ଜଶିଟ୍ ଦାଏର ହୋଇଥିଲା। ଏହାକୁ ଆଧାରକରି ଇଡି ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ ଆରମ୍ଭ କରିଥିଲା। ଜାଲିଆତି ପଦ୍ଧତିରେ ଉପରୋକ୍ତ ୩ କମ୍ପାନୀ ନାମରେ ସଂଗୃହୀତ ଏଫ୍‌ଡିଆଇ ଅର୍ଥକୁ ବିନିଯୋଗ କରି ବିଜୟଗର୍ଭୀୟ ଓ ତାଙ୍କ ନିୟନ୍ତ୍ରଣରେ ଥିବା ସଂସ୍ଥାଗୁଡ଼ିକ ଧନୀ ହୋଇଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଇଡି ଅଭିଯୋଗ କରିଛି। ଅଭିଯୋଗ ଅନୁଯାୟୀ ପିପୁଲ୍ସ ଗ୍ରୁପ୍‌ର ୩ କମ୍ପାନୀ ୨୦୦୦ରୁ ୨୦୧୧ ମଧ୍ୟରେ ୪୯୪ କୋଟି ଟଙ୍କାର ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ପାଇଥିଲେ। ସେହି ଅର୍ଥକୁ ବିନା ସୁଧ କିମ୍ବା ଖୁବ୍ କମ୍ ସୁଧରେ ଏସ୍.ଏନ୍. ବିଜୟଭର୍ଗୀୟ ଓ ତାଙ୍କ ନିୟନ୍ତ୍ରଣରେ ଥିବା ସଂସ୍ଥାଗୁଡ଼ିକୁ ଋଣ, ସିକ୍ୟୁରିଟି ଜମା, ଅଗ୍ରିମ ଆଦି ନାମରେ ଦିଆଯାଇଥିଲା। ଏହି ଅର୍ଥକୁ ଆପରାଧିକ ଭାବେ ବିନିଯୋଗ କରି ୫୯୪.୬୫ କୋଟି ଟଙ୍କାର ଆୟ କରାଯାଇଥିଲା। ଜମି କିଣା ଓ ସମ୍ପତ୍ତି ସୃଷ୍ଟିରେ ବିଜୟଭର୍ଗୀୟ ଏବଂ ତାଙ୍କ ନିୟନ୍ତ୍ରଣରେ ଥିବା ପବ୍ଲିକ୍ ଟ୍ରଷ୍ଟ ପରମାର୍ଥିକ ଜନକଲ୍ୟାଣ ନ୍ୟାସ ଏବଂ ପିଜିଇନ୍‌ଫ୍ରାଷ୍ଟ୍ରକ୍ଚର ଆଣ୍ଡ ସର୍ଭିସେସ୍ ପ୍ରା.ଲିଃ. ଏହି ଅର୍ଥକୁ ବ୍ୟବହାର କରିଥିଲେ ବୋଲି ଇଡି କହିଛି।

## ନ୍ୟାୟ ମାଗିବାରୁ ୧୩ ବର୍ଷ ଜେଲ

**ହିଜାବ ବିରୋଧୀ ଆନ୍ଦୋଳନବେଳେ ପୋଲିସ ଗୁଳିରେ ଯାଇଥିଲା ପୁଅ ଜୀବନ**




ତେହରାନ,୨।୧୧

ଗତବର୍ଷ ଇରାନରେ ଉଚିତ ଢଙ୍ଗରେ ହିଜାବ ପିନ୍ଧି ନ ଥିବା ଅଭିଯୋଗରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନରେ କୁର୍ଦ୍ଦିଶ୍ ଯୁବତୀ ମହସା ଅମିନି ପ୍ରାଣ ହରାଇଥିଲେ। ଏହାର ପ୍ରତିବାଦରେ ଦେଶବ୍ୟାପୀ ବିକ୍ଷୋଭରେ ସାମିଲ ହୋଇଥିବା ମହମ୍ମଦ ଜାଭାଦ ଜାହେଦି(୨୦)ଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ମୃତ ବିକ୍ଷୋଭକାରୀ ମହମ୍ମଦଙ୍କ ପାଇଁ ତାଙ୍କ ମାଆ ମହସା ୟାଜଦାନି ନ୍ୟାୟ ମାଗିବାରୁ ତାଙ୍କୁ ଇରାନର ଏକ ଅଦାଲତ ୧୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ତାଙ୍କ ବିରୋଧରେ ଆଲ୍ଲାଙ୍କୁ ନିନ୍ଦା, ଉତ୍ତେଜନା ସୃଷ୍ଟି କରିବା, ସୁପ୍ରିମ ଲିଡରଙ୍କୁ ଅପମାନିତ କରିବା ଏବଂ ଶାସନ ବିରୋଧୀ ପ୍ରଚାର କରିବା ଅଭିଯୋଗ ଲଗାଯାଇଥିଲା। ଆନ୍ଦୋଳନରେ ସାମିଲ ହୋଇଥିବା ଜାହେଦିଙ୍କ ମୁଣ୍ଡ ଓ ପିଠିକୁ ଅତି ନିକଟରୁ ଏକାଧିକ ଗୁଳି କରାଯାଇଥିଲା। ବିକ୍ଷୋଭ ବେଳେ ପ୍ରାଣ ହରାଇଥିବା ତାଙ୍କ ପୁଅ ଓ ଅନ୍ୟମାନଙ୍କ ପାଇଁ ସେ ନ୍ୟାୟ ମାଗିଥିଲେ। ଗତ ଅଗଷ୍ଟରେ ତାଙ୍କୁ ଗିରଫ କରାଯାଇ ଏକ ଗୋପନ ସ୍ଥାନରେ ରଖାଯାଇଥିଲା।

## ଫେବୃୟାରୀ ୮ରେ ପାକ୍ ନିର୍ବାଚନ

ଇସ୍‌ଲାମାବାଦ,୨।୧୧: ପାକିସ୍ତାନର ସାଧାରଣ ନିର୍ବାଚନ ଆସନ୍ତା ଫେବୃୟାରୀ ୮ରେ ହେବ। ନିର୍ବାଚନ କମିଶନ ରାଷ୍ଟ୍ରପତି ଅରିଫ୍ ଆଲ୍‌ଭିଙ୍କୁ ଭେଟିବା ପରେ ଗୁରୁବାର ଏହା ଘୋଷଣା କରାଯାଇଛି। ପୂର୍ବରୁ କମିଶନଙ୍କ ଓକିଲ ନିର୍ବାଚନ ଫେବୃୟାରୀ ୧୧ରେ ହେବ ବୋଲି ପାକ୍ ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କମିଶନ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିବା ପରେ ତାରିଖ ପରିବର୍ତ୍ତନ ହୋଇଛି। ଜାନୁୟାରୀ ଶେଷ ସପ୍ତାହରେ ନିର୍ବାଚନ ହେବ ବୋଲି ପୂର୍ବରୁ ନିର୍ବାଚନ କମିଶନ କହିଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ତାରିଖ ସମ୍ପର୍କରେ କହିବାକୁ ମନା କରିଦେଇଥିଲେ।

## ସିଇଆର୍‌ଟି-ଆଇଏନ୍‌ର ତଦନ୍ତ ଆରମ୍ଭ

**ରାଷ୍ଟ୍ର ପ୍ରାୟୋଜିତ ହ୍ୟାକିଂ ଅଭିଯୋଗ**



**ଆପଲ୍‌କୁ କେନ୍ଦ୍ରର ନୋଟିସ**

ନୂଆଦିଲ୍ଲୀ,୨।୧୧

ଆପଲ୍ ପକ୍ଷରୁ ଧମକପୂର୍ଣ୍ଣ ବିଜ୍ଞପ୍ତି ଜାରି ନେଇ ବିରୋଧୀ ଏମ୍‌ପିମାନେ ଅଭିଯୋଗ ଆଣିବା ପରେ ଇଣ୍ଡିଆନ୍ କମ୍ପ୍ୟୁଟର ଏମର୍ଜେନ୍ସି ରେସ୍ପନ୍ସ ଟିମ୍ (ସିଇଆର୍‌ଟି-ଆଇଏନ୍) ଏହା ଉପରେ ତଦନ୍ତ ଆରମ୍ଭ କରିବା ସହ ସମ୍ପୃକ୍ତ କମ୍ପାନୀକୁ ନୋଟିସ ପଠାଇଥିବା ସୂଚନା ପ୍ରଯୁକ୍ତି ସଚିବ ଏସ୍. କ୍ରିଷ୍ଣନ କହିଛନ୍ତି। ଆପଲ୍ ତଦନ୍ତରେ ସିଇଆର୍‌ଟି-ଆଇଏନ୍‌କୁ ସହଯୋଗ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ରାଷ୍ଟ୍ର ପ୍ରାୟୋଜିତ ଆକ୍ରମଣକାରୀମାନେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆଇଫୋନ୍‌ଗୁଡ଼ିକ ଭିତରେ ମାଲ୍‌ୱେର ପ୍ରବେଶ କରାଇ ଡେଟା ସଂଗ୍ରହ ଜରିଆରେ ସେଗୁଡ଼ିକୁ ହ୍ୟାକିଂ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ଆପଲ୍ ପକ୍ଷରୁ ସତର୍କତା ବାର୍ତ୍ତା ଆସିଥିବା ଗତ ମଙ୍ଗଳବାର ଅନେକ ବିରୋଧୀ ଦଳ ନେତା ଅଭିଯୋଗ ଆଣିଥିଲେ। ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉକ୍ତ ଅଭିଯୋଗକୁ ଖଣ୍ଡନ କରିବା ସହ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଦଳୀୟ ନେତା ଶଶୀ ଥରୁର, ପୱନ ଖେରା, କେ.ସି. ବେଣୁଗୋପାଳ, ସୁପ୍ରିୟା ଶ୍ରୀନାଟେ, ଟି.ଏସ୍. ସିଂଦେଓ ଏବଂ ଭୂପିନ୍ଦର ସିଂ ହୁଡା, ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୋଇତ୍ର, ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଏବଂ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ଫୋନ୍‌କୁ ଆଲର୍ଟ ବିଜ୍ଞପ୍ତି ଆସିଥିବା ସେମାନେ ଅଭିଯୋଗ କରିଥିଲେ।

## ଗାଜା ମୃତ୍ୟୁ ୯ ହଜାର ଟପିଲା




ଜେନେଭାରେ ପାଲେଷ୍ଟିନୀୟଙ୍କ ସପକ୍ଷରେ ଆୟୋଜିତ ଶୋଭାଯାତ୍ରା ବେଳେ 'ପାଲେଷ୍ଟାଇନ୍‌କୁ ମୁକ୍ତକର' ଲେଖାଯାଇଥିବା ବ୍ୟାନର ଧରିଛନ୍ତି ବିକ୍ଷୋଭକାରୀ।

ରାଫାହ(ଗାଜା ଷ୍ଟ୍ରିପ୍),୨।୧୧

ହମାସ୍‌ଶାସିତ ଗାଜା ଷ୍ଟ୍ରିପ୍‌ରେ ପାଖାପାଖି ୪ ସପ୍ତାହ ହେଲା ଇସ୍ରାଏଲ୍ ଚଳାଇଥିବା ଆକ୍ରମଣରେ ୯,୦୬୧ପାଲେଷ୍ଟିନୀୟ ନିହତ ହେଲେଣି। ସେମାନଙ୍କ ମଧ୍ୟରୁ ୩,୭୬୦ ଜଣଙ୍କ ବୟସ ୧୮ ବର୍ଷରୁ କମ୍ ବୋଲି ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ଅନ୍ୟପକ୍ଷରେ ହମାସ୍ ଆକ୍ରମଣରେ ଇସ୍ରାଏଲ୍‌ରେ ୧,୪୦୦ରୁ ଅଧିକ ଲୋକ ପ୍ରାଣ ହରାଇଲେଣି। ଇସ୍ରାଏଲ୍‌ର ଗ୍ରାଉଣ୍ଡ ଟ୍ରୁପ୍ ଗାଜା ସିଟିରେ ପ୍ରବେଶ କରି ଆତଙ୍କବାଦୀଙ୍କ ସହ ଘମାଘୋଟ ଲଢ଼େଇ ଚଳାଇଛି। ଏହା ପୂର୍ବରୁ ଲୋକମାନଙ୍କୁ ଗାଜା ଛାଡ଼ି ଚାଲିଯିବାକୁ ବାରମ୍ବାର ଅନୁରୋଧ କରାଯାଇଥିଲା। ଗୁରୁବାର ସକାଳେ ଜନବହୁଳ ଗାଜା ସିଟିରେ ଥିବା ଅଲ୍ କ୍ୱାଡ୍ସ ହସ୍ପିଟାଲ ନିକଟରେ ବିସ୍ଫୋରଣ ହୋଇଥିଲା। ଗାଜାର ସବୁଠୁ ବଡ଼ ଶରଣାର୍ଥୀ ଶିବିର ଜାବାଲିଆରେ ଇସ୍ରାଏଲ୍‌ର ଆକ୍ରମଣ ଯୋଗୁ ୨ ହମାସ ନେତା ନିହତ ହୋଇଛନ୍ତି।

## ଆଇଆଇଟି-ବିଏଚ୍‌ୟୁ କ୍ୟାମ୍ପସ୍‌ରେ ବିକ୍ଷୋଭ

**ଛାତ୍ରୀଙ୍କୁ ବାଇକ୍ ଆରୋହୀଙ୍କ ଅସଦାଚରଣ**

ବାରାଣସୀ,୨।୧୧

ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ)ର ଜଣେ ଆଇଆଇଟି ଛାତ୍ରୀଙ୍କୁ ତାଙ୍କ ହଷ୍ଟେଲ ନିକଟରେ ୩ଜଣ ବାଇକ୍ ଆରୋହୀ ଅସଦାଚରଣ କରିବା ସହ ଉଲଗ୍ନ କରି ଏହାର ଭିଡିଓ ରେକର୍ଡିଂ କରିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବିଏଚ୍‌ୟୁ ଛାତ୍ରୀଛାତ୍ର ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅସଦାଚରଣ ଘଟଣାରେ ବାହାର ତତ୍ତ୍ୱ ସାମିଲ ଥିବା ଅଭିଯୋଗ କରି ସେମାନେ କ୍ୟାମ୍ପସ୍‌କୁ ବାହାର ଲୋକଙ୍କ ପ୍ରବେଶରୁ ମୁକ୍ତ କରିବା ପାଇଁ ଦାବି କରିଛନ୍ତି।




ଛାତ୍ରୀ ଜଣକ କରିଥିବା ଅଭିଯୋଗ ଅନୁଯାୟୀ ବୁଧବାର ରାତିରେ ସେ ତାଙ୍କର ଜଣେ ବନ୍ଧୁଙ୍କ ସହ କ୍ୟାମ୍ପସ୍‌ରେ ବୁଲୁଥିବା ବେଳେ କର୍ମନ ବାବା ମନ୍ଦିର ନିକଟରେ ୩ ଜଣ ବାଇକ୍ ଆରୋହୀ ପହଞ୍ଚିଥିଲେ। ସେମାନେ ତାଙ୍କୁ ବନ୍ଧୁଙ୍କଠାରୁ ଅଲଗା କରିଦେବା ପରେ ମୁହଁ ବନ୍ଦକରି ଏକ କୋଣକୁ ନେଇଯାଇଥିଲେ। ଅଭିଯୁକ୍ତମାନେ ଛାତ୍ରୀଙ୍କୁ ଉଲଗ୍ନ କରି ତାଙ୍କର ଫଟୋ ଉଠାଇବା ସହ ଭିଡିଓ ରେକର୍ଡିଂ କରିଥିଲେ। ସେମାନେ ଛାତ୍ରୀଙ୍କ ଫୋନ୍ ନମ୍ବର ନେଇ ୧୫ ମିନିଟ୍ ପରେ ଛାଡ଼ିଦେଇଥିଲେ।

## ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ

**ଇଲେକ୍ଟୋରାଲ ବଣ୍ଡ୍ ଯୋଜନାକୁ ଚ୍ୟାଲେଞ୍ଜ**

ନୂଆଦିଲ୍ଲୀ,୨।୧୧

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ ଇଲେକ୍ଟୋରାଲ ବଣ୍ଡ୍ ଯୋଜନା ଉପରେ ଗୁରୁବାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଇଲେକ୍ଟୋରାଲ ବଣ୍ଡ୍ ଯୋଜନାର ବୈଧତାକୁ ଚ୍ୟାଲେଞ୍ଜକରି ସର୍ବୋଚ୍ଚ ଅଦାଲତରେ ଅନେକ ପିଟିଶନ ଦାଏର ହୋଇଥିଲା। ୩ ଦିନ ଧରି ଚାଲିଥିବା ଶୁଣାଣି ବେଳେ ମୁଖ୍ୟତଃ ଭୋଟରମାନଙ୍କ ତଥ୍ୟ ଜାଣିବା ଅଧିକାର ଏବଂ ଦାତାମାନଙ୍କ ଗୋପନୀୟତା ଅଧିକାର ଉପରେ ସରକାରୀ ପକ୍ଷ ଓ ଆବେଦନକାରୀଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ। ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ରାଜନୈତିକ ଦଳଗୁଡ଼ିକ କେତେ ଇଲେକ୍ଟୋରାଲ ବଣ୍ଡ୍ ଗ୍ରହଣ କରିଛନ୍ତି, ତାହାର ତଥ୍ୟ ଦୁଇ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ସାମ୍ବିଧାନିକ ପୀଠ ଭାରତର ନିର୍ବାଚନ କମିଶନ (ଇସିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି।

ବର୍ତ୍ତମାନ ପର୍ଯ୍ୟାୟରେ ଆମେ ଦାତାମାନଙ୍କ ପରିଚୟ ଖୁଲାସା କରିବାକୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କକୁ କହିବୁ ନାହିଁ। ତେବେ ସେମାନଙ୍କ ଚାନ୍ଦା ପରିମାଣ ଆମେ ଜାଣିବାକୁ ଚାହିଁବୁ ବୋଲି ପ୍ରଧାନ ବିଚାରପତି କହିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ୨୦୧୯ ଏପ୍ରିଲ ୧୨ର ଅନ୍ତରୀଣ ନିର୍ଦ୍ଦେଶନାମାକୁ ଇସିଆଇ ଅନୁପାଳନ କରି ଚାନ୍ଦା ସମ୍ପର୍କିତ ତଥ୍ୟ ସଂଶୋଧନ କରି ନ ଥିବାରୁ ସାମ୍ବିଧାନିକ ପୀଠ ଅସନ୍ତୋଷ ବ୍ୟକ୍ତ କରିଥିଲେ। ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେବା ପାଇଁ ଜାରି ଇଲେକ୍ଟୋରାଲ ବଣ୍ଡ୍‌ରୁ ଦାତାଙ୍କ ନାମ ସାଧାରଣ ନାଗରିକ ଜାଣିପାରନ୍ତି ନାହିଁ। ଆଇନ ପ୍ରଣୟନକାରୀ ଏଜେନ୍ସିଗୁଡ଼ିକ ଏହା ଉପଲବ୍ଧ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ରୁ ବଣ୍ଡ୍ ଯାଞ୍ଚ କରି ଦାତାଙ୍କ ସମ୍ପର୍କରେ ବିବରଣୀ ହାସଲ କରିପାରିବେ। ଏହି ଦୃଷ୍ଟିରୁ ଇଲେକ୍ଟୋରାଲ ବଣ୍ଡ୍ ଯୋଜନାରେ ଦାତାଙ୍କ ବିବରଣୀର ଗୋପନୀୟତା ଚୟନାତ୍ମକ। ସେହିପରି ଏହାର ଗୋପନୀୟତା ମଧ୍ୟ ଚୟନାତ୍ମକ। ଯୋଜନା ପଛର ଉଦ୍ଦେଶ୍ୟ ପ୍ରଶଂସନୀୟ ହୋଇପାରେ, କିନ୍ତୁ ନିର୍ବାଚନ ପ୍ରକ୍ରିୟା ମଧ୍ୟକୁ ସ୍ୱଚ୍ଛ ଧନ ଆଣିବା ଉଦ୍ୟମ ସଫଳ ହୋଇପାରିବ, ଯଦି ଏହା ସମ୍ପୂର୍ଣ୍ଣ ତଥ୍ୟ ଜରୁରୀ ଭାବେ ପ୍ରଦାନ କରିବ ବୋଲି ବୁଧବାର ସୁପ୍ରିମକୋର୍ଟ କହିଥିଲେ। ନିର୍ବାଚନ ପ୍ରକ୍ରିୟାରୁ କଳାଧନକୁ ଦୂରେଇ ରଖିବା ପାଇଁ ଇଲେକ୍ଟୋରାଲ ବଣ୍ଡ୍ ଏକ ସଚେତନ ଉଦ୍ୟମ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୩/୨୦୨୩ | Bhubaneswar, Friday, November 3/2023



DSPL-333

5T | ଓଡ଼ିଶା ସରକାର




**କଳାହାଣ୍ଡି ଜିଲ୍ଲା**

**୧୫୫ କୋଟି ଟଙ୍କା** ବ୍ୟୟରେ **୪ ହଜାର ୬୭୮ଟି** ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

**ନବରଙ୍ଗପୁର ଜିଲ୍ଲା**

**୯୪ କୋଟି ୫୦ ଲକ୍ଷ ଟଙ୍କା** ବ୍ୟୟରେ **୨ ହଜାର ୯୪୨ଟି** ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା
**ଶୁଭାରମ୍ଭ**

୩ ନଭେମ୍ବର ୨୦୨୩

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ

OIPR-19001/13/0054/2324

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩ ନଭେମ୍ବର, ୨୦୨୩



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟେକା**
**ହାତରୁ ଖସିଲେ ଅଣବାହୁଡ଼ା।**

ଯେମିତି ହାତରୁ ଟେକା ଥରେ ଖସିଗଲେ ଆଉ ଫେରିଆସେ ନାହିଁ ସେମିତି କୌଣସି ଭୁଲ୍ କାର୍ଯ୍ୟ ବା ଭୁଲ୍ କଥା ହେଲେ ତାହା ଆଉ ବଦଳାଇ ହୁଏନାହିଁ। ତେଣୁ କୌଣସି କାର୍ଯ୍ୟ କରିବା ପୂର୍ବରୁ ତାହାର ଭଲମନ୍ଦ ଦିଗ ପ୍ରତି ସଚେତନ ରହିବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଟିଙ୍କି ଟିଙ୍କି କଣ୍ଟା, କର୍ପୂରର ବାସ,**
**ଏ ନାଆଁ କହିଦେଲେ ବଳରାମ ଦାସ।**

ଏହା ଏକ ନାଁ ଦିଆ ପହେଳି। ପଣସର ଉପରି ଭାଗ ଆବଡ଼ା ଖାବଡ଼ା, କଣ୍ଟା ସଦୃଶ। ଏହା ପାଚିଲେ ବାସୁଥିବା ଅର୍ଥରେ ଏଭଳି ପହେଳିକା ପ୍ରଦାନ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ଓଡ଼ିଶାକୁ ଆଗାମୀ ଦିନରେ ବଡ଼ କରିବାର ଦାୟିତ୍ୱ ନିଅ: ଧର୍ମେନ୍ଦ୍ର



## ୟୁଏଇରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, ୨।୧୧
(ସୁନିତ୍ ମିଶ୍ର)

ଓଡ଼ିଆ ଲୋକଙ୍କ ଭିତରେ ଦୃଢ଼ ଆତ୍ମବିଶ୍ୱାସ ଅଛି। ଏହାକୁ ବଢ଼ାଇ ଓଡ଼ିଶାକୁ ଆଗାମୀ ଦିନରେ ବଡ଼ କରିବାର ଦାୟିତ୍ୱ ନେବାକୁ ୟୁଏଇରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ କରିଛନ୍ତି। ୟୁଏଇ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଆବୁଧାବିଠାରେ ପ୍ରବାସୀ ଓଡ଼ିଆଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଓଡ଼ିଆ ସମାଜ ଏକ ଜୀବନ୍ତ ସମାଜ। ଆମ ଓଡ଼ିଆଙ୍କ ପାଖରେ ବୈଶ୍ୱିକ ନେତୃତ୍ୱ ନେବାର ସବୁ ଗୁଣ ଅଛି। ଅତୀତରେ ଆମ ସମୃଦ୍ଧ ରାଜ୍ୟ ଓଡ଼ିଶାର ଅର୍ଥନୀତି ନୌବାଣିଜ୍ୟଭିତ୍ତିକ ଥିଲା। ଆମେ ହଜାର ହଜାର ବର୍ଷ ପୂର୍ବରୁ ସମ୍ପନ୍ନ ଥିବାରୁ କୋଣାର୍କ ଓ ଲିଙ୍ଗରାଜ ମନ୍ଦିର ଭଳି ବଡ଼ ମନ୍ଦିର ତିଆରି କରିଥିଲେ। କଳିଙ୍ଗ ଯୁଦ୍ଧ ମାଧ୍ୟମରେ ସମ୍ରାଟ ଅଶୋକଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିବା ପାଇଁ ବାଧ କରିଥିଲେ। ତିର୍ତ୍ତୋଲରେ ଥିବା ଓଡ଼ଙ୍ଗଗଡ଼ ଓଡ଼ିଶାର ପୁରାତନ ସଭ୍ୟତାର ପରିଚୟ ଦେଉଛି। ଆମର ରଘୁରାଜପୁରର ପଟଚିତ୍ର ନିଖୁଣ କାରିଗରିର ପରିଚୟ ଦେଉଛି ବୋଲି ସେ କହିଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ହଜାର ହଜାର ବର୍ଷ ତଳୁ ଓଡ଼ିଆ ଲୋକଙ୍କ ଦ୍ୱାରା ତିଆରି ହୋଇଥିବା ସୃଜନଶୀଳତା ଏବେ ବି ଲୋକଙ୍କ ମଧ୍ୟରେ ଉନ୍ମାଦନା ସୃଷ୍ଟି କରୁଛି। ବର୍ତ୍ତମାନ ନୂଆ ସଂସଦ ଭବନ, ଭାରତ ମଣ୍ଡପମରେ କୋଣାର୍କ ଚକ୍ର ଅଛି। ଜି-୨୦ରେ କୋଣାର୍କ ଚକ୍ର ତଳେ ବିଶ୍ୱର ନେତାମାନଙ୍କୁ ସ୍ୱାଗତ କରାଯାଉଛି। ତିର୍ତ୍ତୋଲରେ ମାଆ ଶାରଳାଙ୍କ ଘଟନୃତ୍ୟ ହେଉ, ଡାଲଖାଇ ଏବଂ ଓଡ଼ିଆ ବ୍ୟଞ୍ଜନ ବଡ଼ିଚୂରା ଏବଂ ଛଇଁଭଜା ଆମ ପାଇଁ ସବୁବେଳେ ଅନନ୍ୟ। ଓଡ଼ିଶାର ୨ ଭଉଣୀ ତଥା ନେକ୍ସସ୍ ପାୱାର ଷ୍ଟାର୍ଟଅପ୍‌ର ସିଇଓ ଏବଂ ସହ-ପ୍ରତିଷ୍ଠାତା ନିଶିତା ଓ ନିକିତା ବଳିୟାର ସିଂ ସବୁଜ ଇନ୍ଧନ ତଥା ସ୍ୱଚ୍ଛ ଉର୍ଜା ଭଳି କ୍ଷେତ୍ରରେ ଆରମ୍ଭ କରିଥିବା ଷ୍ଟାର୍ଟଅପ୍ ଆମ ଓଡ଼ିଶାର ଉଦ୍ୟୋଗୀ ମନୋଭାବ ଓ ପ୍ରତିଭାକୁ ଦର୍ଶାଉଛି। ଭାରତକୁ ବଡ଼ କରାଇବା ପାଇଁ ହେଲେ ଓଡ଼ିଶାକୁ ବଡ଼ କରିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି। ତେବେ କାର୍ଯ୍ୟ ଦିବସରେ ବହୁସଂଖ୍ୟାରେ ଓଡ଼ିଆ ଲୋକ ଏଠାରେ ଉପସ୍ଥିତ ହେବା ଓଡ଼ିଶା ପ୍ରତି ପ୍ରତିବଦ୍ଧତା ଓ ଭଲପାଇବାର ପ୍ରତିଫଳନ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଅର୍ମଦା ବଜାର ନିର୍ଦ୍ଦେଶକ ଗିରଫ

## ମେଗା ମାର୍ଟ ଫ୍ରାଞ୍ଚାଇଜ୍ ଆଳରେ ୧୨ କୋଟି ଠକେଇ

ଭୁବନେଶ୍ୱର,୨।୧୧(ସତ୍ୟଜିତ୍ ରାଉତ)

ରାଜ୍ୟର ବିଭିନ୍ନ ସ୍ଥାନରେ ମେଗା ମାର୍ଟ ଫ୍ରାଞ୍ଚାଇଜ୍ ଦେବା ଆଳରେ ୧୨ କୋଟି ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଅର୍ମଦା ପ୍ରାଇଭେଟ୍ ଲିଃର ନିର୍ଦ୍ଦେଶକ ତଥା ପ୍ରମୋଟରଙ୍କୁ ଗିରଫ କରିଛି। ସେ ହେଲେ ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁରରେ ରହୁଥିବା ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅଞ୍ଚଳର ପଙ୍କଜ କୁମାର ପଣ୍ଡା। ସେ ମାର୍କେଟିଂରେ ଏମ୍‌ବିଏ କରିଛନ୍ତି। ତାଙ୍କଠାରୁ ଲାପଟପ୍, ମୋବାଇଲ, ମନି ରିସିପ୍ଟ ଆଦି ସାମଗ୍ରୀ ଜବତ ହୋଇଛି। ଅଭିଯୁକ୍ତ ପଙ୍କଜଙ୍କୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅଭିଯୁକ୍ତ ଥିବା ମୁଖ୍ୟ ନିର୍ଦ୍ଦେଶକ ପର୍ଶୁରାମ ରାଜନେତଭାଇ ପାଲଙ୍କୁ ଧରିବାକୁ ଇଓଡବ୍ଲୁ ପ୍ରୟାସ ଜାରି ରଖିଛି। ରତୁରାଜ ମହାନ୍ତିଙ୍କ ଏତଲା ଆଧାରରେ ଇଓଡବ୍ଲୁ ଅଗଷ୍ଟ ୨୧ରେ ଏକ ମାମଲା (ନଂ.୨୩/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତମାନେ ବିଭିନ୍ନ ସହରରେ ମେଗା ମାର୍ଟ କରାଇବା ଆଳରେ ରତୁରାଜ ଓ ତାଙ୍କ ସମ୍ପର୍କୀୟଙ୍କୁ ୧.୨୬ କୋଟି ଠକେଇ କରିଥିବା ଅଭିଯୋଗ ହୋଇଥିଲା। ୨୦୨୨ ଫେବୃୟାରୀରୁ ୨୦୨୩ ଜାନୁୟାରୀ ମଧ୍ୟରେ ଅଭିଯୁକ୍ତମାନେ ମିଛ ପ୍ରତିଶ୍ରୁତି ଦେଇ ସାରା ଦେଶରେ ଏହି ଠକେଇ କରିଥିବା ଜଣାପଡ଼ିଛି। ଅର୍ମଦା ପ୍ରାଇଭେଟ୍ ଲିଃ କମ୍ପାନୀ ବ୍ୟତୀତ ଅର୍ମଦା ମାର୍ଟ ପ୍ରାଇଭେଟ ଲିଃ, ଅର୍ମଦା ପେ ପ୍ରାଇଭେଟ୍ ଲିଃ, ଅର୍ମଦା ଏକ୍ସପ୍ରେସ୍ ପ୍ରାଇଭେଟ ଲିଃ, ଅର୍ମଦା ହୋଟେଲ ଏଣ୍ଡ ରିସୋର୍ଟ ପ୍ରାଇଭେଟ ଲିଃ ଆଦି ସହ-କମ୍ପାନୀ ମଧ୍ୟ ରହିଥିବା ନିବେଶକଙ୍କୁ କୁହାଯାଇ ବଡ଼ ସ୍ୱପ୍ନ ଦେଖାଇଥିଲେ ଅଭିଯୁକ୍ତମାନେ। ଏଥିପାଇଁ ୨୦ ଲକ୍ଷରୁ ୫ କୋଟି ଟଙ୍କା ପର୍ଯ୍ୟନ୍ତ ନିବେଶ କରିବାକୁ ୫ଟି ସ୍କିମ୍ ରହିଥିଲା। ସେଗୁଡ଼ିକ ହେଲା ମିନି ମାର୍ଟ, ସୁପର ମାର୍ଟ, ହାଇପର୍ ମାର୍ଟ, ମେଗା ମାର୍ଟ ଓ ସୁପର ମେଗା ମାର୍ଟ। ଏହି ମାର୍ଟ କରିବା ପାଇଁ ନିବେଶ କଲେ ୪ ପ୍ରତିଶତ ସୁଧ ଓ ବ୍ୟବସାୟ ପରେ ବିଲିଂ ପାଇଁ ୩ ପ୍ରତିଶତ ସୁଧ ମିଳିବ ବୋଲି କୁହାଯାଇଥିଲା। ଅଭିଯୁକ୍ତମାନେ କଟକ, ନୟାଗଡ଼, ଜଗତ୍‌ସିଂହପୁର ଆଦି ୮ଟି ଜିଲାର ବିଭିନ୍ନ ସ୍ଥାନରେ ଏହି ମାର୍ଟ ଫ୍ରାଞ୍ଚାଇଜ୍ ଦେବାକୁ କହି ବିଭିନ୍ନ ଲୋକଙ୍କଠାରୁ ୧୨ କୋଟି ଟଙ୍କା ସଂଗ୍ରହ କରିଥିଲେ। ସେହିପରି ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଆଦି ରାଜ୍ୟରେ ମଧ୍ୟ ଏପରି ଠକେଇ କରାଯାଇଛି। ଅଭିଯୁକ୍ତ ପର୍ଶୁରାମଙ୍କ ସହ ପଙ୍କଜ ମିଶି ବିଭିନ୍ନ ହୋଟେଲରେ ମିଟିଂ କରି ବିଭିନ୍ନ ଲୋକଙ୍କୁ ଜାଲରେ ଫସାଇଥିଲେ। ଏପରିକି କମ୍ପାନୀ ଆକାଉଣ୍ଟରୁ ପଙ୍କଜଙ୍କ ଆକାଉଣ୍ଟକୁ ଲକ୍ଷାଧିକ ଟଙ୍କା ଟ୍ରାନ୍ସଫର୍ ହୋଇଥିବା ଇଓଡବ୍ଲୁ ପକ୍ଷରୁ ସୂଚନା ଦିଆଯାଇଛି।

## ହାଇକୋର୍ଟରେ ଡଙ୍ଗାବୁଡ଼ି ମାମଲା

# ରାଜ୍ୟ ସରକାରଙ୍କୁ ବିସ୍ତୃତ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

- ସତ୍ୟପାଠରେ ନାହିଁ କ୍ଷତିପୂରଣ ପ୍ରସଙ୍ଗ
- ୯ରେ ପରବର୍ତ୍ତୀ ଶୁଣାଣି

କଟକ,୨।୧୧ (କାର୍ତ୍ତିକ ସାହୁ)

ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଦାଖଲ ହୋଇଥିବା ଓଡ଼ିଶା ବୋଟ୍ ରୁଲ୍‌ସ ୨୦୦୪ ସଂକ୍ରାନ୍ତୀୟ ସତ୍ୟପାଠରେ କ୍ଷତିପୂରଣ ପ୍ରସଙ୍ଗରେ ଉଲ୍ଲେଖ ନାହିଁ। ଗତ ମେ' ୧ ତାରିଖରେ ଏହି ସତ୍ୟପାଠ ଦାଖଲ ହୋଇଥିଲା। ଗୁରୁବାର ଶୁଣାଣିବେଳେ ଆହୁରି କେତେକ ତ୍ରୁଟି ସମେତ ଏନେଇ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ପରବର୍ତ୍ତୀ ଶୁଣାଣି ପୂର୍ବରୁ ବିସ୍ତୃତ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୯ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନାଯୋଗ୍ୟ, ଡଙ୍ଗାବୁଡ଼ି ସମ୍ପର୍କିତ ମାମଲାଗୁଡ଼ିକ ପ୍ରାୟ ୧୦ ବର୍ଷ ହେବ ହାଇକୋର୍ଟରେ ବିଚାରାଧୀନ ରହିଛି। କୋରାପୁଟ ଜିଲା କୋଲାବ ନଦୀର ଶାଖା ପାତାଳି ନଦୀରେ ୨୦୧୪ ମେ' ୨୪ରେ ଘଟିଥିବା ଡଙ୍ଗାବୁଡ଼ି ଘଟଣାରେ ୬ ଜଣଙ୍କ ମୃତ୍ୟୁ ହୋଇଥିଲା। ଆଇନଜୀବୀ ପ୍ରବୀର ଦାସ ଏନେଇ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଡଙ୍ଗାରେ ଯାତ୍ରା କରୁଥିବା ଯାତ୍ରୀଙ୍କ ନିରାପତ୍ତା ପାଇଁ ଡଙ୍ଗାର ପଞ୍ଜୀକରଣ, ଜୀବନ ରକ୍ଷାକାରୀ ସରଞ୍ଜାମ ମହଜୁଦ ଆଦି ବ୍ୟବସ୍ଥା ଗ୍ରହଣ କରାଯିବା ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ରାଶି ଦେବା ନିମନ୍ତେ ଆବେଦନରେ ଦର୍ଶାଯାଇଥିଲା। ୨୦୧୪ ଫେବୃୟାରୀରେ ଆଉ ଏକ ଡଙ୍ଗାବୁଡ଼ି ଦୁର୍ଘଟଣା ହୀରାକୁଦରେ ହୋଇଥିଲା। ଏଥିରେ ୩୧ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ହାଇକୋର୍ଟ ନିଜ ଆଡ଼ୁ ଏକ ମାମଲା ରୁଜୁ କରି ରାଜ୍ୟ ସରକାରଙ୍କୁ ପକ୍ଷଭୁକ୍ତ କରିଥିଲେ। ଏହି ଦୁଇଟି ମାମଲାର ଏକତ୍ର ଶୁଣାଣି ଚାଲିଥିବାବେଳେ ରାଜ୍ୟର ଅନ୍ୟ ଏକ ସ୍ଥାନରେ ୨୦୧୩ରେ ଘଟିଥିବା ଏକ ଡଙ୍ଗାବୁଡ଼ି ମାମଲାର ଶୁଣାଣି ପୃଥକ ଭାବେ ହେଉଥିଲା। ୩ଟି ଡଙ୍ଗାବୁଡ଼ି ମାମଲାରେ ଏକତ୍ର ଶୁଣାଣି ପାଇଁ ହାଇକୋର୍ଟ ଫେବୃୟାରୀ ୧୩ରେ ନିର୍ଦ୍ଦେଶ ଦେଇଥିଲେ। ଗତ ମେ' ୧ ତାରିଖରେ ଓଡ଼ିଶା ପୋର୍ଟ ଆଣ୍ଡ ଆଇଲାଣ୍ଡ ୱାଟର ଟ୍ରାନ୍ସପୋର୍ଟ ବିଭାଗର ନିର୍ଦ୍ଦେଶକ ହାଇକୋର୍ଟରେ ସତ୍ୟପାଠ ଦାଖଲ କରି ରାଜ୍ୟରେ ଡଙ୍ଗାଚାଳନା ସମ୍ପର୍କିତ ନିୟମାବଳୀ, ଡଙ୍ଗା ଦୁର୍ଘଟଣା ରୋକିବାକୁ ନିଆଯାଇଥିବା ପଦକ୍ଷେପ ଆଦି ବାବଦରେ ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ରାଜ୍ୟରେ ଡଙ୍ଗା ପରିବହନ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ଓଡ଼ିଶା ବୋଟ୍ ରୁଲ୍‌ସ ୨୦୦୪ ତିଆରି କରାଯାଇ କଡ଼ାକଡ଼ି ପାଳନ କରିବା ନିମନ୍ତେ ବିଭିନ୍ନ ବିଭାଗ ଓ ପଦସ୍ଥ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସତ୍ୟପାଠରେ ଦର୍ଶାଯାଇଥିଲା।

# ଭିଜିଲାନ୍ସ ଜାଲରେ ରାଜସ୍ୱ ନିରୀକ୍ଷକ


ସୁରେଶ ଚନ୍ଦ୍ର ବାଲା

ମାଲକାନଗିରି/କାଳିମେଳା,୨।୧୧
(ଦୁର୍ଯ୍ୟୋଧନ ପାତ୍ର/ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଳା ବ୍ଲକ ଅନ୍ତର୍ଗତ ମୋଟୁ ରାଜସ୍ୱ ନିରୀକ୍ଷକ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗୁରୁବାର ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। ପ୍ରକାଶ ଯେ, ମୋଟୁ ରାଜସ୍ୱ ନିରୀକ୍ଷକ ସୁରେଶ ଚନ୍ଦ୍ର ବାଲା ଏକ ଜମି ଜବରଦଖଲ ମାମଲାର ସମାଧାନ ପାଇଁ ଉକ୍ତ ଗ୍ରାମର ରଘୁ ମହନ୍ତଙ୍କୁ ୨୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ବାଲା ପୂର୍ବରୁ ରଘୁଙ୍କଠାରୁ ୧୦ ହଜାର ଟଙ୍କା ନେଇ ସାରିଥିବା ବେଳେ ବଳକା ୧୫ ହଜାର ଟଙ୍କା ଦେବା ପୂର୍ବରୁ ମହନ୍ତ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଗୁରୁବାର ମହନ୍ତ ରାଜସ୍ୱ ନିରୀକ୍ଷକଙ୍କୁ ତାଙ୍କ ଅଫିସରେ ୧୫ ହଜାର ଟଙ୍କା ଦେବାକୁ ଯାଇଥିଲେ। ଉକ୍ତ ଟଙ୍କା ଗ୍ରହଣ କରିବାର ଅଳ୍ପ ସମୟରେ ଭିଜିଲାନ୍ସ କର୍ମଚାରୀମାନେ ଚଢ଼ାଉ କରି ବାଲାଙ୍କଠାରୁ ୧୫ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ସେହିପରି ଖବର ଲେଖା ହେବା ସୁଦ୍ଧା ମାଲକାନଗିରି ଥାନା ଅନ୍ତର୍ଗତ ଏମ୍‌ଭି ୪୫ ଗ୍ରାମସ୍ଥିତ ବାଲାଙ୍କ ବାସଭବନରେ ମଧ୍ୟ ଚଢ଼ାଉ ଜାରି ରହିଛି।

# ୫ ଗ୍ୟାସ୍ ଟ୍ୟାଙ୍କର, ୫୨ ସିଲିଣ୍ଡର ଜବତ: ୭ ଗିରଫ







ଜବତ ଗ୍ୟାସ୍ ଟ୍ୟାଙ୍କର ଓ ଗିରଫ ଅଭିଯୁକ୍ତମାନେ।

## ଦୀର୍ଘଦିନ ଧରି ଚାଲିଥିଲା ଚୋରା କାରବାର

ରେଢ଼ାଖୋଲ,୨।୧୧
(ଅଚ୍ୟୁତାନନ୍ଦ ପୁରୋହିତ)

୫୫ନଂ. ଜାତୀୟ ରାଜପଥର ସମ୍ବଲପୁର ଜିଲା ରେଢ଼ାଖୋଲ ନିକଟ ଏକ ଢାବାରେ ବୁଧବାର ରାତିରେ ଟ୍ୟାଙ୍କରରୁ ଗ୍ୟାସ୍ ଚୋରିକରି ଟାଙ୍କିରେ ଭରୁଥିବାବେଳେ ପୋଲିସ ଚଢ଼ାଉ କରି ୫ ଗ୍ୟାସ୍ ଟ୍ୟାଙ୍କର ଜବତ କରିଛି। ଏହାସହ ଗ୍ୟାସ୍‌ଟାଙ୍କି ନେବାକୁ ସେଠାରେ ଅଟକିଥିବା ଏକ ପିକ୍‌ଅପ୍ ଭ୍ୟାନ୍ ଓ ଏଥିରେ ଥିବା ୫୨ ଘରୋଇ ଗ୍ୟାସ୍ ସିଲିଣ୍ଡରକୁ ମଧ୍ୟ ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ୭ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହା ମଧ୍ୟରେ ୫ଜଣ ଟ୍ୟାଙ୍କର ଚାଳକ ହୋଇଥିବାବେଳେ ୨ଜଣ ସ୍ଥାନୀୟ ଲୋକ ରହିଛନ୍ତି। ଏ ନେଇ ରେଢ଼ାଖୋଲ ଥାନାରେ ଆଇପିସି ଦଫା ୩୭୯/୪୧୧/୧୨୦(ବି) ଏବଂ ପେଟ୍ରୋଲ ଓ ନାଚୁରାଲ ଗ୍ୟାସ୍ କଣ୍ଟ୍ରୋଲ ଆକ୍ଟର ଧାରା ୪୬ ଓ ୪୮ରେ ମାମଲା (ନଂ.୨୪୭/୨୩) ରୁଜୁ ପରେ ଗିରଫ ୭ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରେଢ଼ାଖୋଲର ଅନ୍ତର୍ଯ୍ୟାମୀ ପଣ୍ଡା, ପିକ୍‌ଅପ୍ ଡ୍ରାଇଭର ସାଲେସିଂର ରାଜୁ ବେହେରା, ରାଉରକେଲାର ଦୁର୍ଗାଚରଣ ପଲେଇ, ଗଞ୍ଜାମର କବିରାଜ ନାୟକ, ଝାଡ଼ଖଣ୍ଡର ଆଲ୍ଲାଉଦ୍ଦିନ ଖାନ, ବିଜୟ ସିଂ ଓ ହାନିଫ ଖାଁ ବୋଲି ଜଣାପଡ଼ିଛି। ଜବତ ଟ୍ୟାଙ୍କର ଏନ୍‌ଏଲ୍‌୦୧ଏଲ-୫୧୧୧, ଟିଏସ୍‌୧୨ୟୁବି-୬୩୫୧, ଓଡି୧୫ଏନ-୩୩୦୧, ଏନ୍‌ଏଲ୍‌୦୧ଏନ-୮୫୯୦ ଓ ଟିଏସ୍‌୧୨ୟୁସି-୮୧୩୭ ବୋଲି ଥାନା ଅଧିକାରୀ ସବିତାବାଳା ସେଠୀ ସୂଚନା ଦେଇଛନ୍ତି। ଜବତ ଏଲ୍‌ପିଜି ବୋଝେଇ ଟ୍ୟାଙ୍କରଗୁଡ଼ିକ ବିଭିନ୍ନ ସମୟରେ ୫୫ ନଂ. ଜାତୀୟ ରାଜପଥରେ ଗ୍ୟାସ୍ ପରିବହନ କରୁଥିବା ବେଳେ ରେଢାଖୋଲ ନିକଟ ଢାବାଗୁଡ଼ିକରେ ଟ୍ୟାଙ୍କରରୁ ପମ୍ପ ସାହାଯ୍ୟରେ ଗ୍ୟାସ୍ ଚୋରି କରି ବିକ୍ରି କରିଆସୁଥିଲେ। ଏ ନେଇ ବାରମ୍ବାର ଅଭିଯୋଗ ହେବା ସହ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ହୋଇଆସୁଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - କର୍ମକ୍ଷେତ୍ରରେ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଦ୍ୱିଜା ନକ୍ଷତ୍ର ମିଠା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ନୂତନ କର୍ମାରମ୍ଭରେ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ବୃଷ** - କଠିନଶ୍ରମଜନିତ ସ୍ୱାସ୍ଥ୍ୟହାନି ଯୋଗୁ ପୀଡ଼ାରୁ କଷ୍ଟ ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ମିତ୍ର ବନ୍ଧୁରେ, ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରିବେ। ବ୍ୟବସାୟ,ବାଣିଜ୍ୟ ଓ ପରିବହନାଦି ବିଭିନ୍ନ ଦିଗରୁ ଲାଭବାନ ହେବେ। କୃତ୍ତିକା ନକ୍ଷତ୍ର ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

**ମିଥୁନ** - କର୍ମକ୍ଷେତ୍ରରେ କଠିନ ସମସ୍ୟାର ସମାଧାନ ହୋଇଯିବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ସହକର୍ମୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପୁନର୍ବସୁ ନକ୍ଷତ୍ର ବହୁପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି ।

**କର୍କଟ** - କର୍ମକ୍ଷେତ୍ରରେ ଖଳପ୍ରକୃତିର ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ତଥାପି ଅନୁକୂଳ ପରିବେଶ ସୃଷ୍ଟି ହେବାରୁ ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ଅଶ୍ଲେଷା ନକ୍ଷତ୍ର ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। ବନ୍ଧୁଙ୍କ ସହ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ସିଂହ** - ପୂର୍ବାଫାଲଗୁନୀ ନକ୍ଷତ୍ର କୌଣସି ନୂତନ କାର୍ଯ୍ୟରେ ହାତଦେଇ ସଫଳତା ପାଇବେ। ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**କନ୍ୟା** - ଆଜିର ଯାତ୍ରା କୌଣସି କାରଣରୁ ସ୍ଥଗିତ ରହିଯାଇପାରେ। ହଠାତ୍ ପୁରାତନ ରୋଗର ପୀଡ଼ା ଅନୁଭବ ହେବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଚିତ୍ରା ନକ୍ଷତ୍ର ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହବେ।

**ତୁଳା** - ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି କଟୁମନ୍ତବ୍ୟ ଦେଇପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ସ୍ୱାତୀ ନକ୍ଷତ୍ରର ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ।

**ବିଛା** - ବନ୍ଧୁମାନଙ୍କ ସହ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ପାରିବାରିକ ସମସ୍ୟାର ସମାଧାନ କରିବାରେ ସମର୍ଥ ହେବେ। ଅନୁରାଧା ନକ୍ଷତ୍ର ଶୀଘ୍ର ଶେଷ କରିବା ସକାଶେ ଭାବୁଥିବା କାମଟିକୁ ଶେଷ କରିପାରିବେନି। ପରିବହନ, ନିର୍ମାଣ, ଆଲୋଚନା, ସଭାସମିତି ଓ ଚୁକ୍ତିପତ୍ର ପାଇଁ ଦିନଟି ବହୁତ ଭଲ।

**ଧନୁ** - ଆକସ୍ମିକ ଭାବରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ପୂର୍ବାଷାଢ଼ା ନକ୍ଷତ୍ରର ପ୍ରକାଶନ କିମ୍ବା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**ମକର** - ଅଫିସରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ଶ୍ରବଣା ନକ୍ଷତ୍ର ବନ୍ଧୁଙ୍କ ନିକଟରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ପାରିବାରିକ ସ୍ଥିତି ବିଶେଷ ଭଲ ରହି ନ ପାରେ।

**କୁମ୍ଭ** - ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। କର୍ମକ୍ଷେତ୍ରରେ ଜଣାଶୁଣା ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ। ସହକର୍ମୀଙ୍କ ସହ ବାଦବିବାଦ କ୍ରମେ ଜଟିଳ ହୋଇପାରେ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ** - ପ୍ରତ୍ୟେକ କ୍ଷେତ୍ରରେ ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ଅଫିସରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ଅପୂରଣୀୟ ଅଭିଳାଶ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିବେ। ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ପିଲାଙ୍କ ଉନ୍ନତିରେ ଖୁସି ଜାହିରର ଅବସର ମିଳିବ।

କାର୍ତ୍ତିକ କୃଷ୍ଣ ଷଷ୍ଠୀ ଶୁକ୍ରବାର, ନଭେମ୍ବର ୩ ତାରିଖ, ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୨ ଗତେ ଘ.୦୬।୩୭ ମଧ୍ୟେ, ଘ.୦୭।୨୨ ଗତେ ଘ.୦୮।୪୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୧୦।୦୫ ଗତେ ଘ.୧୧।୩୧ ମଧ୍ୟେ ରାହୁ କାଳ ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୩/୨୦୨୩ | Bhubaneswar, Friday, November 3/2023 | ପୃଷ୍ଠା-୧



**ନ୍ୟୁଜିଲାଣ୍ଡ ଦଳରେ ଜେମିସନ**

ଆଘାତପ୍ରାପ୍ତ ମ୍ୟାଟ ହେନ୍‌ରୀଙ୍କ ସ୍ଥାନରେ ନ୍ୟୁଜିଲାଣ୍ଡ ବିଶ୍ୱକପ୍ ଦଳରେ ଯୋଗ ଦେଇଛନ୍ତି ଫାଷ୍ଟ ବୋଲର କାଇଲ ଜେମିସନ।

୧୨ ୦୯

**ଦୀପାବଳିରେ ଟାଇଗର- ୩**

ବଲିଉଡ୍ ଭାଇଜାନ ସଲମାନ ଖାନ୍‌ଙ୍କ ଆଗାମୀ ଫିଲ୍ମ ଟାଇଗର-୩ ଦୀପାବଳିରେ ରିଲିଜ୍ ହେବାକୁ ଯାଉଛି।



# ୨ ବର୍ଷରେ ସର୍ବାଧିକ ବେକାରି

## ଅକ୍ଟୋବରରେ ୧୦.୦୫% ରୋଜଗାର ସଙ୍କଟ

**୨୦୨୩ ଅକ୍ଟୋବରରେ ଦେଶର ବେରୋଜଗାରି ହାର ୨ ବର୍ଷର ରେକର୍ଡ ଭାଙ୍ଗି ୧୦.୦୫%କୁ ଉଠିଛି। ବେକାରି ଏକ ଅବିରତ ତଥା ଗମ୍ଭୀର ପ୍ରସଙ୍ଗ ହୋଇ ରହିଆସିଥିବା ଭାରତରେ ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଏମ୍‌ଆଇଇ)ର ସଦ୍ୟ ରିପୋର୍ଟ ଅର୍ଥନୀତିଜ୍ଞଙ୍କ ଚିନ୍ତା ବଢ଼ାଇଦେଇଛି। କାରଣ ଜନସଂଖ୍ୟା ସହ ଅର୍ଥନୀତିରେ ଅଭିବୃଦ୍ଧି ସତ୍ତ୍ୱେ ଗତ ୫ ବର୍ଷରେ କାର୍ଯ୍ୟଶକ୍ତିରେ ସ୍ଥାଣୁତା ଭରିରହିଥିବା ସ୍ପଷ୍ଟ ଦେଖାଯାଉଛି।**

**ନୂଆଦିଲ୍ଲୀ,୨।୧୧**
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

ଦେଶରେ ବେକାରି ହାର ୨୦୨୩ ସେପ୍ଟେମ୍ବରରେ ୭.୦୯% ରହିଥିଲା। କିନ୍ତୁ ଅକ୍ଟୋବରରେ ଏହା ୧୦.୦୫% ରହିଛି, ଯାହାକି ୨୦୨୧ ମେ’ ପରଠୁ ସର୍ବାଧିକ। ଗ୍ରାମାଞ୍ଚଳରେ ବେକାରି ୬.୨%ରୁ ୧୦.୮୨%କୁ ବୃଦ୍ଧି ପାଇଥିବାବେଳେ ସହରାଞ୍ଚଳରେ ଏହା ସାମାନ୍ୟ ହ୍ରାସ ପାଇ ୮.୪୪% ରହିଛି। ସହରାଞ୍ଚଳରେ ମାନୁଫାକ୍ଚରିଂ ବୃଦ୍ଧି ସହ ଆର୍ଥିକ ଗତିବିଧିରେ ଅପେକ୍ଷାକୃତ ଉନ୍ନତି ପରିଲକ୍ଷିତ ହୋଇଥିଲେ ମଧ୍ୟ ବିଶ୍ୱର ଦ୍ୱିତୀୟ ବୃହତ୍ ଧାନ, ଗହମ ଓ ଚିନି ଉତ୍ପାଦନକାରୀ ରାଷ୍ଟ୍ରରେ ମୌସୁମୀର କୃପଣ ବର୍ଷା କୃଷିକ୍ଷେତ୍ରକୁ ବହୁଳ ପ୍ରଭାବିତ କରିଛି। ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଭାରତ ପାଇଁ ବିବିଧ କାର୍ଯ୍ୟକ୍ଷେତ୍ରରେ ଏପରି ଉଠାପକା ଦେଶର ଅଭିବୃଦ୍ଧିରେ ଅନ୍ତରାୟ ସୃଷ୍ଟି କରିବା ଆଶଙ୍କା ଉପୁଜିଲାଣି। ଆଶାୟୀଙ୍କ ସକାଶେ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ନ ହେଲେ ୨୦୨୪ ଆର୍ଥିକବର୍ଷ ପାଇଁ ରଖାଯାଇଥିବା ୬-୬.୫% ଅଭିବୃଦ୍ଧି ଲକ୍ଷ୍ୟ ପୂରଣ ହୋଇ ନ ପାରେ ବୋଲି ଅର୍ଥନୀତିଜ୍ଞମାନେ ସତର୍କ କରାଇଛନ୍ତି।

ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଭାରତରେ କର୍ମନିଯୁକ୍ତି ସୃଷ୍ଟି କରିବା ଏବେ ମଧ୍ୟ ଏକ ବଡ଼ ଚ୍ୟାଲେଞ୍ଜ ହୋଇ ରହିଛି। ଦୃଢ଼ ଅଭିବୃଦ୍ଧି ଓ ଆର୍ଥିକ ☞ ପୃଷ୍ଠା-୭

# ସେମିଫାଇନାଲରେ ଭାରତ

## ଶ୍ରୀଲଙ୍କାକୁ ୩୦୨ ରନରେ କଲା ପରାସ୍ତ

**ମୁମ୍ବାଇ, ୨।୧୧**

ଭାରତ ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ବ୍ୟାଟରଙ୍କ କରିସ୍ମା ପରେ ବୋଲରଙ୍କ ଚମତ୍କାରିତା ସହାୟତାରେ ରୋହିତ ଶର୍ମାଙ୍କ ଦଳ ଗୁରୁବାର ଅନୁଷ୍ଠିତ ଏକ ଲିଗ୍ ମ୍ୟାଚରେ ଶ୍ରୀଲଙ୍କାକୁ ୩୦୨ ରନରେ ପରାସ୍ତ କରିଛି। ବିଶ୍ୱକପ୍‌ରେ ଭାରତର ଏହା ସର୍ବବୃହତ୍ ଏବଂ ଓଭରଅଲ୍ ଦ୍ୱିତୀୟ ସର୍ବବୃହତ୍ ବିଜୟ। ଶୁବମନ ଗିଲ୍, ବିରାଟ କୋହଲି ଓ ଶ୍ରେୟସ ଆୟରଙ୍କ ଅର୍ଦ୍ଧଶତକ ବଳରେ ଭାରତ ୫୦ ଓଭରରେ ୮ ଉଇକେଟ ହରାଇ ୩୫୭ ରନର ବିଶାଳ ସ୍କୋର ଛିଡ଼ା କରିଥିଲା। ପରେ ମହମ୍ମଦ ଶାମି, ମହମ୍ମଦ ସିରାଜ ଏବଂ ଯଶପ୍ରୀତ୍ ବୁମ୍‌ରାଙ୍କ ଘାତକ ବୋଲିଂ ସହାୟତାରେ ଶ୍ରୀଲଙ୍କାକୁ ୧୯.୪ ଓଭରରେ ୫୫ ରନରେ ଅଲ୍‌ଆଉଟ କରି ଦେଇଥିଲା। ଏହାକୁ ମିଶାଇ ଭାରତ ଅଷ୍ଟମ ଥର ପାଇଁ ସେମିଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଦଳ ୧୯୮୩ ଓ ୨୦୧୧ରେ ଚାମ୍ପିୟନ ହୋଇଥିବାବେଳେ ୨୦୦୩ରେ ରନରଅପ୍ ଏବଂ ୧୯୮୭, ୧୯୯୬, ୨୦୧୫ ଓ ୨୦୧୯ରେ ସେମିଫାଇନାଲରୁ ବିଦାୟ ନେଇଥିଲା। ଟୁର୍ନାମେଣ୍ଟରେ ଏକମାତ୍ର ଦଳ ଭାବେ ଅପରାଜେୟ ରହିଥିବା ☞ ପୃଷ୍ଠା-୭



**ମହମ୍ମଦ ଶାମିଙ୍କୁ ୫ ଉଇକେଟ ସଫଳତା**

# ଚକ୍ରଧାରୀ ହେବେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି

**କଟକ,୨।୧୧(କାର୍ତ୍ତିକ ସାହୁ)**

ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ନିଯୁକ୍ତ ହେବେ। ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୁଡ଼, ବିଚାରପତି ସଞ୍ଜୟ କିଶାନ କାଉଲ୍, ବିଚାରପତି ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ କଲେଜିୟମ୍ ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂଙ୍କୁ ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେବାକୁ



ଚକ୍ରଧାରୀ ଶରଣ ସିଂ

ଗୁରୁବାର ସୁପାରିସ କରିଛନ୍ତି। ଜଷ୍ଟିସ ସିଂ ଏହିପଦ ପାଇଁ ଯୋଗ୍ୟ ବୋଲି କଲେଜିୟମ ହୃଦ୍‌ବୋଧ କରିବା ପରେ ଏପରି

**କଲେଜିୟମ ସୁପାରିସ**

ପଦକ୍ଷେପ ନିଆଯାଇଥିବା ଜଣାଯାଇଛି।

ପ୍ରକାଶ ଯେ, ଜଷ୍ଟିସ୍ ଶରଣ ସିଂ ୧୯୬୩ ଜାନୁୟାରୀ ୨୦ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ (କ୍ୟାମ୍ପସ୍ ସେଣ୍ଟର୍)ରୁ ଏଲ୍‌ଏଲ୍‌ବି ପାଠ୍ୟକ୍ରମ ଶେଷ କରିବା ପରେ ୧୯୯୦ରେ ପାଟଣା ହାଇକୋର୍ଟରେ ଓକିଲାତି ଜୀବନ ଆରମ୍ଭ ☞ ପୃଷ୍ଠା-୭

**ଜଟଣୀରେ ନାବାଳକ ଛାତ୍ର ହତ୍ୟା ଘଟଣାର ପର୍ଦ୍ଦାଫାଶ**

**ଟ୍ୟୁଶନ ଫି’ ପାଇଁ ସାର୍‌ଙ୍କ ପୁଅକୁ ହତ୍ୟା**

ପୃଷ୍ଠା-୩

**ଆଜିର ସମ୍ପାଦକୀୟ**

**ଚାଇନା ନିଜକୁ ବଞ୍ଚାଉ**




"ଏପରି କେବେ ଭାବିବ ନାହିଁ ଯେ, ସତ୍ୟ ଓ ମିଥ୍ୟା-ଆଲୋକ ଏବଂ ଅନ୍ଧକାର-ଆତ୍ମଦାନ ଏବଂ ସ୍ୱାର୍ଥପରତା-ଉଭୟଙ୍କୁ ଭଗବାନଙ୍କ ଲାଗି ନିବେଦିତ ହୋଇଥିବା ମନ୍ଦିର ଭିତରେ ଏକ ସଙ୍ଗେ ବାସ କରିବାକୁ ଦିଆଯାଏ। ଦିବ୍ୟ ରୂପାନ୍ତର ହେବ ସର୍ବାଙ୍ଗୀନ। ତେଣୁ ଯାହା କିଛି ତାର ପ୍ରତିରୋଧୀ ସେ ସବୁର ସର୍ବାଙ୍ଗୀନ ପରିହାର ନିତାନ୍ତ ଆବଶ୍ୟକ। -ଶ୍ରୀଅରବିନ୍ଦ



# ଚାଇନା ନିଜକୁ ବଞ୍ଚାଉ




ଗର୍ନଟ ୱାଗନର
ଜଳବାୟୁ ଅର୍ଥନୀତିଜ୍ଞ
କଲମ୍ବିଆ ବିଜ୍‌ନେସ ସ୍କୁଲ

କନୋର ୱାଲ୍ସ
ସହକାରୀ ପ୍ରାଧ୍ୟାପକ,
କଲମ୍ବିଆ ବିଜ୍‌ନେସ ସ୍କୁଲ

ଅର୍ଥନୈତିକ ଅଭିବୃଦ୍ଧିରେ ଚାଇନା ମଡେଲର ଏକ ଚମତ୍କାର ସଫଳତା ରହିଆସିଛି। ରପ୍ତାନି ପ୍ରୋତ୍ସାହନ, ପୁଞ୍ଜି ନିବେଶ ଏବଂ ବୈଷୟିକ ଜ୍ଞାନକୌଶଳ ଉପରେ ଗୁରୁତ୍ୱ ଦେଇ ଏହା ଗତ ୪୦ ବର୍ଷ ମଧ୍ୟରେ ପ୍ରାୟ ୮୦୦ ନିୟୁତ ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିଛି। ସମ୍ପ୍ରତି ଏହା ନିଜ ଦେଶରେ ସ୍ୱଚ୍ଛ ସବୁଜ ଶକ୍ତି ବ୍ୟବହାର କ୍ଷେତ୍ରରେ ବିକାଶ କରିବା ସହିତ ବିଶ୍ୱବ୍ୟାପୀ ଅକ୍ଷୟଶକ୍ତି ଏବଂ ବ୍ୟାଟେରିଗୁଡ଼ିକର ମୂଲ୍ୟ ହ୍ରାସ କରିବା ପାଇଁ କାର୍ଯ୍ୟ କରିଛି। କେବଳ ୨୦୨୩ରେ ଚାଇନା ୧୫୦ ଗିଗାୱାଟ୍‌ରୁ ଅଧିକ ସୌର କ୍ଷମତା ବିଶିଷ୍ଟ ୟୁନିଟ୍ ସ୍ଥାପନ କରିବ, ଯାହା ବିଶ୍ୱର ବାର୍ଷିକ ଶକ୍ତିର ଅଧା। ଏହି ସବୁ ତଥ୍ୟ ଦର୍ଶାଯାଉଥାଇପାରେ, କିନ୍ତୁ ଚାଇନାର ଦୃଷ୍ଟିକୋଣ ସେତିକି ଅନୁକୂଳ ନୁହେଁ। ଏହାର ଅଭିବୃଦ୍ଧି ଗତି ଏପାଖସେପାଖ ହେବା ଆରମ୍ଭ ହୋଇଯାଇଛି। ନିକଟରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଚଳିତବର୍ଷ ଜିଡିପି ଅଭିବୃଦ୍ଧି କେବଳ ୫% ରହିବ ବୋଲି ଆକଳନ କରିଛି। ଅଧିକ ଦାବି କରାଯାଉଥିବା ଦୁଇଅଙ୍କ ବିଶିଷ୍ଟ ଅଭିବୃଦ୍ଧିଠାରୁ ଏହା ବହୁ ଦୂରରେ। ଚିନ୍ତାର ବିଷୟ, ଏହାର ଅଭିବୃଦ୍ଧି ହାର ଲଗାତର ବିକଶିତ ଅର୍ଥ ବ୍ୟବସ୍ଥାଗୁଡ଼ିକର ସ୍ତର ଆଡ଼କୁ ଖସିବ। ଏଣୁ ଜିଡିପି ଦୃଷ୍ଟିରୁ ବିଚାର କଲେ ଚାଇନା ତା' ଜନସଂଖ୍ୟାର ୪ ଭାଗରୁ ଭାଗେ ଥିବା ଆମେରିକାକୁ ଛୁଇଁପାରିବ କି ନାହିଁ ତାକୁ ନେଇ ଅନେକ ପ୍ରଶ୍ନ ଉଠିଛି। ଚାଇନାର କାର୍ବନ ଡାଇଅକ୍ସାଇଡ ନିର୍ଗମନ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି, ଯାହା ବର୍ତ୍ତମାନ ବିଶ୍ୱର ମୋଟ ନିର୍ଗମନର ଏକ ତୃତୀୟାଂଶ। ଅକ୍ଷୟଶକ୍ତିକୁ ବ୍ୟାପକ ମାତ୍ରାରେ ଉତ୍ସାହିତ କରାଯାଉଥିଲେ ମଧ୍ୟ ଚାଇନାର ବିଦ୍ୟୁତ୍ ବ୍ୟବହାର ଏତେ ଦ୍ରୁତ ଗତିରେ ବୃଦ୍ଧି ପାଇଛି ଯେ ଏହାର ଆବଶ୍ୟକତା ପୂରଣ ଲାଗି ଯେଉଁ ରଣନୀତି ଆପଣାଇଛି ସେଥିରେ ଅତ୍ୟଧିକ କୋଇଲାଚାଳିତ ଶକ୍ତି ଅନ୍ତର୍ଭୁକ୍ତ। ଆର୍ଥିକ ପ୍ରତିକୂଳ ସ୍ଥିତି ସତ୍ତ୍ୱେ ସେ ଏହା କରିଚାଲିଛି।

ଚାଇନାର ଅଭିବୃଦ୍ଧି ଓ ନିର୍ଗମନ ସମସ୍ୟାଗୁଡ଼ିକର ଏକ ଉତ୍ସ ହେଉଛି ଅଣ-ଉତ୍ପାଦକ ନିବେଶ। ଅତ୍ୟଧିକ ଲାଭଦାୟକ ପ୍ରୋଜେକ୍ଟ ସତ୍ତ୍ୱେ ଚାଇନା ଏକ ମଧ୍ୟମ ଆୟବର୍ଗର ଦେଶ। ଗତ ଦଶନ୍ଧିରେ ପ୍ରପର୍ଟି ସେକ୍ଟରରେ ବ୍ୟାପକ ନିବେଶକୁ ଗୁରୁତ୍ୱ ଦେଇଆସିଛି। ୨୦୧୦ ଦଶନ୍ଧିରେ ଏହା ଜିଡିପିର ୨୫% ଥିଲା। ଚାଇନାର ସହରାଞ୍ଚଳରେ ରହୁଥିବା ମଧ୍ୟବିତ୍ତ ବର୍ଗଙ୍କ ପାଇଁ ଗୃହ ନିର୍ମାଣ କ୍ଷେତ୍ରରେ ଯାହା ନିବେଶ ଅବଶ୍ୟକ, ତା'ଠାରୁ ବହୁ ଅଧିକ ରହିଥିଲା। ଗୃହ ନିର୍ମାଣକାରୀ ସଂସ୍ଥାଗୁଡ଼ିକୁ ସ୍ଥାନୀୟ ସରକାର ପ୍ରୋତ୍ସାହନ ଯୋଗାଇ ଦେବା ସହିତ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରୁ କମ୍ ସୁଧରେ ଋଣ ହିଁ ପ୍ରପର୍ଟି ସେକ୍ଟରକୁ ବିରାଟକାୟ କରିଦେଲା। ଏଥିରେ ବ୍ୟାପକ ସମ୍ପଦର ବ୍ୟବହାର ହେଲା। ବାସ୍ତବରେ ଏହାକୁ ଅନ୍ୟ ଆର୍ଥିକ କ୍ଷେତ୍ରରେ ବ୍ୟବହାର କରାଯାଇଥିଲେ ଭଲ ହୋଇଥାଆନ୍ତା। ଏହି ବିରାଟକାୟ ପ୍ରପର୍ଟି ସେକ୍ଟର ଏବେ ତ୍ରୁଟିଯୁକ୍ତ ବୋଲି ଜଣାପଡ଼ିଛି।



ଏହା ଉପଭୋକ୍ତାଙ୍କ ଆତ୍ମବିଶ୍ୱାସ ହ୍ରାସ କରିଛି, ଯାହା କିଛି ବର୍ଷ ହେଲା ଅର୍ଥ ବ୍ୟବସ୍ଥାର ଜିଡିପି ଏବଂ ସେବା ଓ ସାମଗ୍ରୀର ଉପଯୋଗ ପ୍ରତି ବିପଦ ସୃଷ୍ଟି କରିଛି। ଯେଭଳି ୨୦୦୮ରେ ଅନେକ ପାଶ୍ଚାତ୍ୟ ରାଷ୍ଟ୍ର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିଲେ ଠିକ୍ ସେହିଭଳି ସ୍ଥିତି ଉପୁଜିବାକୁ ଯାଉଛି। ଚାଇନା ଏଥିରୁ ନିଜକୁ ବଞ୍ଚାଇବା ଦରକାର।

ଏହି ସ୍ଥିତିର ସମାଧାନ ସରଳ। ଅଭିବୃଦ୍ଧିର ଲାଭକୁ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଭାବେ ଶେୟାର କଲେ ଏହା ଘଟିବ। ଚାଇନାର ସେବା ଓ ସାମଗ୍ରୀର ଉପଯୋଗ ଜିଡିପିର ମାତ୍ର ୪୦%, ଯାହା ବୈଶ୍ୱିକ ହାର ତୁଳନାରେ ସବୁଠୁ କମ୍। ଏହା ଆମେରିକାଠାରୁ ମଧ୍ୟ ନିମ୍ନରେ ଅଛି। ଚାଇନାର ସାମାଜିକ ସୁରକ୍ଷା ନେଟ୍‌ୱର୍କ ମଧ୍ୟ ଚାଇନିଜ୍‌ମାନଙ୍କୁ ସେମାନଙ୍କ ପାରିବାରିକ ଆୟର ସିଂହଭାଗ ଜମା ରଖିବାକୁ ବାଧ୍ୟକରୁଛି। ଏହା ଜାତୀୟ ବିତ୍ତୀୟ ବ୍ୟବସ୍ଥା ଦ୍ୱାରା ସିଧାସଳଖ ଘରୋଇ ନିବେଶକୁ ଚାଲିଯାଉଛି। ଏହି ସମୟ ମଧ୍ୟରେ ଚାଇନା ତ୍ରୁଟିପୂର୍ଣ୍ଣ ଭାବେ ବ୍ୟାଙ୍କ ସୁଧ ହାର କମ୍ କରିବା, ସାର୍ବଜନୀନ କ୍ଷେତ୍ରର ବ୍ୟବହାର ବୃଦ୍ଧି ଏବଂ ଅନ୍ୟାନ୍ୟ ନୀତି ଗ୍ରହଣ ପୂର୍ବକ ସୁଚିନ୍ତିତ ଭାବେ ଘରୋଇ ଉପଯୋଗକୁ ହ୍ରାସ କରି ନିବେଶକୁ ବୃଦ୍ଧି କରିଛି। ଉତ୍ପାଦକତା ଏବଂ ସୁଧହାରକୁ ନେଇ ରହିଥିବା ଏହିସବୁ ଭୁଲ୍ ଦୃଷ୍ଟିକୋଣକୁ ଦୂର କରାଯାଇପାରିଲେ ତାହା ଚାଇନିଜ୍ ପରିବାରଗୁଡ଼ିକୁ ଲାଭ ଦେବା ସହ ବିଶ୍ୱ ପାଇଁ ମଙ୍ଗଳଦାୟକ ହେବ। ଚାଇନାର ନିବେଶ ଜଳବାୟୁ ପାଇଁ ସବୁଠୁ କ୍ଷତିକାରକ। ଚାଇନା ବିଶ୍ୱର ଅଧା ଷ୍ଟିଲ ଓ କୋଇଲା ଏବଂ ୬୦% ସିମେଣ୍ଟ ବ୍ୟବହାର କରେ। ଏସବୁ ବ୍ୟବହାର କରି ଯେଉଁସବୁ ଘର, ରାସ୍ତା ଏବଂ ପୋଲ ନିର୍ମାଣ କରାଯାଉଛି, ସେଗୁଡ଼ିକ ଅତ୍ୟଧିକ ଶକ୍ତି ଓ କାର୍ବନ ନିର୍ଗମନକାରୀ ଦ୍ରବ୍ୟ ଆବଶ୍ୟକ ହେଉଛି।

ଉତ୍ପାଦ ପାଇଁ କଞ୍ଚାମାଲ କିଣିବା ଓ ତାହାକୁ ବ୍ୟବହାର କରିବାରେ ନିବେଶ ହାର କମ୍ କଲେ ଜଳବାୟୁ କ୍ଷେତ୍ରରେ ହେଉଥିବା ଏହି ବ୍ୟାପକ କ୍ଷତିକୁ ଅଟକାଇ ହେବ। ଅଧିକନ୍ତୁ, ଆୟ ବଢୁଥିବାରୁ ଚାଇନାର ଉପଭୋକ୍ତାକମାନେ ସେମାନଙ୍କର ଖର୍ଚ୍ଚକୁ ଆନୁପାତିକ ଭାବେ ସେବା କ୍ଷେତ୍ରକୁ ପରିବର୍ତ୍ତନ କରିବେ। ସମଗ୍ର ବିଶ୍ୱରେ, ପରିବାରଗୁଡ଼ିକ ଧନୀ ହେଲେ ସେମାନେ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଆତିଥ୍ୟ ପାଇଁ ଅଧିକ ଖର୍ଚ୍ଚ କରନ୍ତି ଏବଂ କାର୍ବନ ନିର୍ଗମନକାରୀ ଦ୍ରବ୍ୟ ଉପରେ କମ୍ ଖର୍ଚ୍ଚ କରନ୍ତି। ବିକାଶର ଏହି ନିର୍ବିବାଦ ନିୟମ ଚାଇନାର ନିର୍ଗମନ ବୃଦ୍ଧିକୁ ରୋକିବ ଏବଂ କାର୍ବନ ନିର୍ଗମନ ହ୍ରାସ କରିବାର ବଳିଷ୍ଠ ପଦକ୍ଷେପଗୁଡ଼ିକ ଦ୍ୱାରା ଏହାକୁ କମାଇବାକୁ ଅନୁମତି ଦେବ। ନିର୍ଗମନ ହ୍ରାସ କରିବା ଲାଗି ବିଦ୍ୟୁତ୍ ଯାନ (ଇଭିଏସ୍)କୁ ପ୍ରୋତ୍ସାହିତ କରିବାକୁ ଚାଇନା ପ୍ରସ୍ତୁତ ହୋଇସାରିଲାଣି। ଅନ୍ୟ ବୃହତ୍ ଅର୍ଥ ବ୍ୟବସ୍ଥା ତୁଳନାରେ ଇଭିଏସ୍ କ୍ଷେତ୍ରରେ ତାହାର ଉତ୍ଥାନ ଅତୁଳନୀୟ। ଅଗଷ୍ଟ ସୁଦ୍ଧା ଇଭିଏସ୍ ଏବଂ ଉଭୟ ଜୀବାଶ୍ମ ଓ ବିଦ୍ୟୁତ୍‌ଚାଳିତ ଯାନର ଆକାର ଚାଇନା କାର୍ ବଜାରର ୪୦%ରେ ପହଞ୍ଚିଛି। ଏହା କୋଭିଡ୍ ମହାମାରୀ ପୂର୍ବରୁ ପ୍ରାୟତଃ ଶୂନ ସ୍ତରରେ ଥିଲା।

ଏବେ ଚାଇନାର ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଆକଳନ କରିଛି ଯେ, ଚଳିତବର୍ଷ ଚାଇନିଜ୍ ତୈଳ ଚାହିଦା ବୃଦ୍ଧି ପାଇବ। ବିଶ୍ୱସ୍ତରରେ ୨୦୨୮ ସୁଦ୍ଧା ତୈଳ ଚାହିଦା ବୃଦ୍ଧି ପାଇବ ବୋଲି ଅନ୍ତଃରାଷ୍ଟ୍ରୀୟ ଶକ୍ତି ଏଜେନ୍ସି (ଆଇଇଏ) ମଧ୍ୟ ଆକଳନ କରିଛି। ଏହା ସତ ଯେ, ଇଭିଏସ୍‌କୁ ପ୍ରୋତ୍ସାହିତ କରିବା ଓ ଜୀବାଶ୍ମ ଇନ୍ଧନ ମଧ୍ୟରେ ସମନ୍ୱୟ ରକ୍ଷା କଲେ ତାହା ବିଦ୍ୟୁତ୍ ଚାହିଦା ଉପରେ ଅଧିକ ଚାପ ପକାଇବ। କିନ୍ତୁ ଇଭିଏସ୍ ଅକ୍ଷୟ-ଶକ୍ତି ଉତ୍ସ ଦ୍ୱାରା ଚାଳିତ ବିଦ୍ୟୁତ୍ ଗ୍ରୀଡ୍‌ର ସ୍ଥିରତା ଆଣିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ଯେହେତୁ ଅଧିକାଂଶ କାର୍ ଦିନକୁ ପ୍ରାୟ ୨୩ ଘଣ୍ଟା ପାଇଁ ଗତିହୀନ ଅବସ୍ଥାରେ ରହେ, ସେ କ୍ଷେତ୍ରରେ ଇଭିଏସ୍ ବ୍ୟାଟେରି ବ୍ୟାକ୍‌ଅପ୍ ଭାବରେ କାର୍ଯ୍ୟ କରିପାରିବ। ତଥାପି, କୋଇଲାକୁ ବନ୍ଦ କରିବା ଏବଂ କାର୍ବନ ଡାଇଅକ୍ସାଇଡ ନିର୍ଗମନ ହ୍ରାସ କରିବା ପାଇଁ ଚାଇନା ସାମଗ୍ରିକ ବିଦ୍ୟୁତ୍ ଚାହିଦା ଅଭିବୃଦ୍ଧିକୁ ମନ୍ଥର କରିବାକୁ ପଡ଼ିବ। ଗୋଟିଏ ସର୍ତ୍ତ ହେଉଛି, ଚାଇନା କୋଇଲାଚାଳିତ ଗ୍ରୀଡ୍‌କୁ ବାଦ ଦେବା ଉପରେ ଜୋର ଦେବା ଆରମ୍ଭ କରିବା ଦରକାର। ଅନ୍ୟଟି ହେଉଛି ଚାଇନା ନିବେଶଭିତ୍ତିକ ଅଭିବୃଦ୍ଧିରୁ ଦୂରେଇ ରହି ଘରୋଇ ସେବାର ବିକାଶକୁ ଉତ୍ସାହିତ କରିବା ଉପରେ ଧ୍ୟାନ ଦେବ। ଫଳରେ ଶକ୍ତି ଚାହିଦା ବୃଦ୍ଧି ଓ କାର୍ବନ ନିର୍ଗମନରୁ ଘଟୁଥିବା ଆର୍ଥିକ ଅଭିବୃଦ୍ଧିରୁ ସମ୍ପୂର୍ଣ୍ଣ ଦୂରେଇ ରହିହେବ। କିନ୍ତୁ ଜଳବାୟୁ ଦୃଷ୍ଟିକୋଣରୁ ଚାଇନା ପରବର୍ତ୍ତୀ ଅର୍ଥନୈତିକ ଅଧ୍ୟାୟ ଖୁବ୍‌ଶୀଘ୍ର ଆସିପାରିବ ନାହିଁ।

## ଏଇ ଭାରତରେ

ପ୍ରାକୃତିକ ସମ୍ପଦର କ୍ଷତି ନ କରି ଏକ ପରିବେଶ ଉପଯୋଗୀ ଘର ନିର୍ମାଣ କରିବା କଷ୍ଟକର ହେଲେ ବି ତାହା ସମ୍ଭବ ହୋଇପାରିଛି ହାଇଦ୍ରାବାଦର ଏକ ପିତା-ପୁତ୍ର ଯୋଡ଼ିଙ୍କ ଦ୍ୱାରା। ଏମାନେ ହେଉଛନ୍ତି ଏମ୍.ଭି. ରାମଚନ୍ଦ୍ରାଡୁ ଏବଂ ଭବାନୀ। ପିତା-ପୁତ୍ର ମିଶି ଏକ ଶିପିଂ କଣ୍ଟେନରକୁ ପରିବେଶ ଉପଯୋଗୀ ଦୁଇ ମହଲା ବିଶିଷ୍ଟ ଘର କରିପାରିଛନ୍ତି। ଶିପିଂ କଣ୍ଟେନରକୁ କାର୍ଗୋ କମ୍ପାନୀରୁ ସେମାନେ କିଣିଛନ୍ତି। ଘରକୁ ଏଭଳି ନିର୍ମାଣ କରିଛନ୍ତି ଯେ ସେଥିରେ ସୌର ଶକ୍ତି ଉତ୍ପାଦନ କରି ଆବଶ୍ୟକ ଚାହିଦା ପୂରଣ କରିପାରୁଛନ୍ତି। ଏହାବ୍ୟତୀତ ବର୍ଷକୁ ଏହି ଘରେ ୪୦,୦୦୦ ଲିଟର ବର୍ଷାଜଳ ସଂରକ୍ଷଣ କରିବାର ବ୍ୟବସ୍ଥା କରିଛନ୍ତି। ଏହି ଜଳକୁ ବଗିଚା ଓ ଅନ୍ୟ କାମରେ ବ୍ୟବହାର କରାଯାଉଛି। ୫୭ ବର୍ଷୀୟ ରାମଚନ୍ଦ୍ରାଡୁ ୩୦ ବର୍ଷ ହେଲା ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି। ସେ ଶିପିଂ କଣ୍ଟେନରରେ କରିଥିବା ଘରେ ସାଇକେଲ ରିମ୍, ପୁରୁଣା ଗ୍ଲାସ୍ ଡୋର, ପୁରୁଣା ଷ୍ଟିଲ୍ ପାଇପ ଆଦି ଉପଯୋଗ ହୋଇଛି। ଭଙ୍ଗା ସେରାମିକ ମଧ୍ୟ ବ୍ୟବହାର ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୩ ନଭେମ୍ବର ୧୯୯୮

- ଆସାମର ଖାନାପଡ଼ାସ୍ଥିତ ପରୁ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ଡିପୋ ନିକଟରେ ଏଲ୍‌ପିଜି ଟ୍ୟାଙ୍କର ବିସ୍ଫୋରଣ ଘଟି ୧୦ ଜଣ ଲୋକଙ୍କ ମୃତ୍ୟୁ।
- ବିହାର ଗୋଖାଦ୍ୟ ଦୁର୍ନୀତି ମାମଲାରେ ୨ ଅଭିଯୁକ୍ତ ଉଷା ସିଂ ଓ ଗୌରୀଶଙ୍କର ପ୍ରସାଦଙ୍କ ସିବିଆଇ ଜଜ୍ ଏସ୍.କେ. ଲାଲଙ୍କ ଅଦାଲତରେ ଆତ୍ମସମର୍ପଣ।
- ବିଜେଡି ସାଧାରଣ ସମ୍ପାଦକ ପଦରୁ ବିଧାୟକ ଦେବୀ ମିଶ୍ରଙ୍କ ଇସ୍ତଫା ପ୍ରଦାନ।

## su | do | ku  ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 6 | 4 | | |
| | | 6 | | 9 | 1 | | | |
| 3 | 7 | | | | | | | |
| 8 | | | 2 | | | | 3 | 7 |
| | | 5 | 1 | | | | | |
| | 9 | | | | 5 | | | 8 |
| 2 | | | | | | 8 | | |
| | | 7 | 8 | | 3 | | | |
| | 3 | | 5 | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 3 | 2 | 4 | 8 | 1 | 7 | 5 |
| 8 | 5 | 2 | 1 | 7 | 9 | 3 | 4 | 6 |
| 1 | 7 | 4 | 5 | 3 | 6 | 2 | 9 | 8 |
| 2 | 4 | 9 | 6 | 8 | 5 | 7 | 3 | 1 |
| 5 | 3 | 8 | 4 | 1 | 7 | 9 | 6 | 2 |
| 7 | 1 | 6 | 9 | 2 | 3 | 8 | 5 | 4 |
| 4 | 8 | 7 | 3 | 6 | 1 | 5 | 2 | 9 |
| 9 | 6 | 1 | 7 | 5 | 2 | 4 | 8 | 3 |
| 3 | 2 | 5 | 8 | 9 | 4 | 6 | 1 | 7 |

ଗତକାଲିର ଉତ୍ତର

# ମଣିଷ-ଈଶ୍ୱର



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଥରେ କୌଣସି ଏକ ଶୀତଦିନର ପୂର୍ବାହ୍ନରେ ଦଶ ବର୍ଷ ବୟସର ଜଣେ ଗରିବ ବାଳକ ଗୋଟିଏ ଜୋତା ଦୋକାନ ସାମନାରେ ଛିଡ଼ା ହୋଇ ଦୋକାନ ଭିତରେ ଶୋଭାପାଉଥିବା ଜୋତାକୁ ଏକ ଲୟରେ ଚାହିଁରହିଥାଏ। ମାତ୍ର ଜୋତା କିଣିବା ପାଇଁ ତା' ନିକଟରେ ଅର୍ଥ ନ ଥାଏ। ଦୋକାନ ବାହାରେ ପ୍ରବଳ ଥଣ୍ଡାରେ ତା'ର ପାଦ ଦୁଇଟି କୋଲ ମାରି ଯାଉଥାଏ। ଏହି ସମୟରେ ସେଠି ପହଞ୍ଚିଲେ ଜଣେ ମହିଳା। ପିଲାଟିକୁ ଦେଖି ପଚାରିଲେ, "ତୁ ଏଠି ଏକା ଛିଡ଼ା ହୋଇ ଭାବୁଛୁ କ'ଣ?" ପିଲାଟି କହିଲା "ମୁଁ ମନେ ମନେ ଈଶ୍ୱରଙ୍କୁ ଡାକୁଥିଲି ଓ ଏହି ଦୋକାନରୁ ମୋତେ ଜୋତା ହଳଟିଏ ଦେବାପାଇଁ ପ୍ରାର୍ଥନା କରୁଥିଲି।" ପିଲାଟିର କଥା ଶୁଣି ମହିଳା ଜଣକ ହସିଲେ। ତା'ପରେ ତା'ର ହାତଧରି ତାକୁ ନେଇଗଲେ ଦୋକାନ ଭିତରକୁ ଓ ତାକୁ ଗୋଟିଏ ହଳ ନୁହେଁ, ଦୁଇ ହଳ ଜୋତା ପସନ୍ଦ କରିବାକୁ କହିଲେ। ପିଲାଟି ମହିଳାଙ୍କ ପ୍ରସ୍ତାବରେ କୁଣ୍ଠା ପ୍ରକାଶ କରନ୍ତେ ସେ ନିଜେ ତା' ପାଇଁ ଦୁଇହଳ ଜୋତା ବାଛି ଦେଲେ। ଦୋକାନୀକୁ ଦେୟ ପ୍ରଦାନ କଲେ। ଗୋଟିଏ ହଳ ଜୋତା ତା' ପାଦରେ ପିନ୍ଧାଇ ଦେଇ ଆଉ ହଳେ ଜୋତା ତା' ହାତରେ ଧରାଇ ଦୋକାନ ବାହାରକୁ ଚାଲିଆସିଲେ। ମହିଳାଙ୍କ ଏପରି ଆଚରଣରେ ପିଲାଟି ଆଶ୍ଚର୍ଯ୍ୟ ହେଲା। ଦୋକାନ ବାହାରକୁ ଆସିବା ପରେ ପିଲାଟି ମହିଳାଙ୍କୁ ପଚାରିଲା "ଆପଣ କ'ଣ ଈଶ୍ୱରଙ୍କ ପତ୍ନୀ?" ପିଲାଟି ମୁହଁରୁ ଏ କଥା ଶୁଣି ମହିଳା ଜଣକ ସେଠୁ ଅନ୍ତର୍ଦ୍ଧାନ ହୋଇଗଲେ, ମାତ୍ର ସେ ନିଜକୁ ନିଜେ ପଚାରୁଥିଲେ 'ମୁଁ ନିଜେ କାହିଁକି ଈଶ୍ୱର ହୋଇପାରିବି ନାହିଁ।' ଏଇଠି କାହାଣୀର ପରିସମାପ୍ତି।

ଉପରୋକ୍ତ କାହାଣୀରେ ଈଶ୍ୱର ଗରିବ ବାଳକକୁ ସାହାଯ୍ୟ କରିଛନ୍ତି ଜଣେ ମହିଳା ମାଧ୍ୟମରେ। ମାତ୍ର ବାଳକ ଭାଷାରେ ଈଶ୍ୱର ମହିଳା ନୁହନ୍ତି, ମହିଳା ଜଣକ ଈଶ୍ୱରଙ୍କ ପ୍ରତିନିଧି। ଅନ୍ୟ ଦିଗରେ ମହିଳାଙ୍କ ପ୍ରଶ୍ନ ହେଉଛି ସେ ନିଜେ କାହିଁକି ଈଶ୍ୱର ହେବେ ନାହିଁ। ଈଶ୍ୱର ପୁରୁଷ ହୁଅନ୍ତୁ ବା ମହିଳା ସେ ମଣିଷ ରୂପରେ ମଣିଷକୁ ସାହାଯ୍ୟ କରନ୍ତି। ଉଭୟ ପୁରୁଷ ଓ ମହିଳା ଭିତରେ ଥିବା ମଣିଷ ହିଁ ପ୍ରକୃତ ଦେବତା। "ଦେବୋ ଦାନାତ୍" (ନିରୁକ୍ତ) ଅର୍ଥାତ୍ ଯିଏ ଦିଅନ୍ତି ସେ ଦେବତା। ଈଶ୍ୱର ପୁରୁଷ ନୁହନ୍ତି କି ମହିଳା ନୁହନ୍ତି। ସେ ଲିଙ୍ଗର ଊର୍ଦ୍ଧ୍ୱରେ।

ମଦର ଟେରେସାଙ୍କ ଜୀବନରେ ଅନେକ ଘଟଣା ଘଟିଛି, ଯେଉଁଥିରେ ଈଶ୍ୱର ମଣିଷ ମଧ୍ୟ ଦେଇ ଆତ୍ମପ୍ରକାଶ କରିଛନ୍ତି। ଟେରେସାଙ୍କ ଆଶ୍ରମର ଅନ୍ତେବାସିନୀମାନଙ୍କ ପାଇଁ ଦାନଶୀଳ ବ୍ୟକ୍ତିମାନଙ୍କଠାରୁ ଶୀତବସ୍ତ୍ର ସଂଗ୍ରହ କରାଯାଏ। ଗୋଟିଏ ବର୍ଷ ନଭେମ୍ବର ମାସରେ ହଠାତ୍ ଶୀତ ମାଡ଼ି ଆସିଲା। ମାତ୍ର ସେତେବେଳକୁ ଆବଶ୍ୟକ ଶୀତବସ୍ତ୍ର ସଂଗୃହୀତ ହୋଇ ପାରି ନ ଥାଏ। ଟେରେସା କୌଣସି ଉପାୟ ନ ପାଇ ତକିଆଗୁଡ଼ିକୁ ଚିରି ସେଥିରୁ ତୁଳା ବାହାର କରି ପାଖରେ ଗଚ୍ଛିତ ଥିବା ରେଜେଇ ଖୋଳରେ ଭର୍ତ୍ତି କରିବା ପାଇଁ ଲାଗିପଡ଼ିଲେ। ଠିକ୍ ସେହି ସମୟରେ ଜଣେ ଭଦ୍ରବ୍ୟକ୍ତି ପହଞ୍ଚି ଟେରେସାଙ୍କୁ କହିଲେ, "ମୁଁ କିଛିଦିନ ପାଇଁ ବିଦେଶ ଯିବି। ଫେରିବାକୁ ଡେରି ହେବ। ମୋ ଆସିବା ବେଳକୁ ରେଜେଇ କମ୍ବଳ ଆଦି ନଷ୍ଟ ହୋଇଯାଇଥିବ। ଏଣୁ ସେସବୁ ଆଶ୍ରମକୁ ଦେଇଦେବାକୁ ଚାହେଁ।" ମଦର ସମ୍ମତି ଦେଲେ ଓ ସେ ଭଦ୍ରବ୍ୟକ୍ତି ସବୁ ଶୀତବସ୍ତ୍ର ଦାନ କଲେ। ଆଶ୍ରମର ସମସ୍ୟା ସମାଧାନ ହୋଇଗଲା। ଆଉ ଏକ ଦିନର ଘଟଣା। ସେଦିନ ଆଶ୍ରମର ଅନ୍ତେବାସିନୀମାନଙ୍କ ପାଇଁ ଖାଦ୍ୟ ସାମଗ୍ରୀ ନ ଥିଲା। ଟେରେସା ଚିନ୍ତିତ ଥା'ନ୍ତି କିପରି ସେମାନଙ୍କ କ୍ଷୁଧା ଦୂର କରିବେ। ହଠାତ୍ ଜଣେ ଭଦ୍ରବ୍ୟକ୍ତି ଆସି କହିଲେ, "ମଦର, ମୁଁ ଦେଶାନ୍ତର ଯିବି। ଏଣୁ ଘରେ ମହଜୁଦ ଥିବା ଡାଲି ଚାଉଳ ଆଶ୍ରମକୁ ଦେଇଯିବି। ଆପଣଙ୍କ ସମ୍ମତି ଚାହୁଁଛି।" ମଦର ସମ୍ମତି ଦେଲେ ଓ ସେ ଦେଇଥିବା ଚାଉଳ ଓ ଡାଲିରେ ରୋଷେଇ ହୋଇ ଅନ୍ତେବାସିନୀମାନଙ୍କ ରାତିଟି ଅତିବାହିତ ହେଲା। ମଦର ଟେରେସାଙ୍କ ଦୃଢ଼ବୋଧ ହେଲା ଈଶ୍ୱରଙ୍କ ପ୍ରତି ପୂର୍ଣ୍ଣ ସମର୍ପିତ ହୋଇଗଲେ ସେ ମଣିଷ ଭିତରେ ଆତ୍ମପ୍ରକାଶ କରି ଦୁଃଖୀ ମଣିଷକୁ ସାହାଯ୍ୟ କରନ୍ତି।



ସ୍ୱାମୀ ବିବେକାନନ୍ଦ ବେଦାନ୍ତକୁ ଏକ ଭାବାତ୍ମକ ଦର୍ଶନ ଭାବରେ ବିଚାର ନ କରି ଏକ ପ୍ରାୟୋଗିକ ଦର୍ଶନ ଭାବରେ ଗ୍ରହଣ କରିଥିଲେ। ବେଦାନ୍ତ କହେ ପରମାତ୍ମା ସର୍ବଭୂତରେ ବିଦ୍ୟମାନ। ପୁନଶ୍ଚ ସେ ସର୍ବବ୍ୟାପୀ ହୋଇଥିବାରୁ ଆମେ ସମସ୍ତେ ତାଙ୍କରି ଭିତରେ ଏକ, ମାତ୍ର ସତ୍ତା ପ୍ରକଟନରେ ଭିନ୍ନ ଭିନ୍ନ। ଅଜ୍ଞତାବଶତଃ ଆମେ ନିଜକୁ ଅନ୍ୟଠାରୁ ଭିନ୍ନ ମନେକରୁ। ଯଦି ଆମେ ଭାବନ୍ତେ ଆମେ ସମସ୍ତେ ଅଭିନ୍ନ, ଅର୍ଥାତ୍ ମୁଁ ତୁମର ଅଂଶ ଓ ତୁମେ ମୋର ଅଂଶ, ତା'ହେଲେ ତୁମକୁ କ୍ଷତାକ୍ତ କଲେ ମୁଁ କ୍ଷତାକ୍ତ ହେବି ଓ ତୁମକୁ ସାହାଯ୍ୟ କଲେ ମୁଁ ନିଜକୁ ସାହାଯ୍ୟ କରିବି। ସେହି ନ୍ୟାୟରେ ପ୍ରତିବେଶୀର ମଙ୍ଗଳରେ ଆମର ମଙ୍ଗଳ ଓ ଆମର ମଙ୍ଗଳରେ ପ୍ରତିବେଶୀର ମଙ୍ଗଳ ନିହିତ। ଏହା ହେଉଛି ଅଦ୍ୱୈତ ବେଦାନ୍ତର ମୂଳ କଥା। ଏହାକୁ ଆଧାର କରି ସ୍ୱାମୀ ବିବେକାନନ୍ଦ କହିଥିଲେ, ମାନବ ସେବା ହିଁ ମାଧବ ସେବା। ପ୍ରତ୍ୟେକ ମଣିଷ ଜଣେ ଜଣେ ଈଶ୍ୱର। ଆମେ ଅଦୃଶ୍ୟ, ସର୍ବତ୍ର ପରିବ୍ୟାପ୍ତ ଈଶ୍ୱରଙ୍କୁ ନ ଖୋଜି ମଣିଷ ଭିତରେ ଆତ୍ମପ୍ରକାଶ କରିଥିବା ଈଶ୍ୱରଙ୍କୁ ଖୋଜିଲେ, ତାଙ୍କୁ ସହଜରେ ଆବିଷ୍କାର କରିପାରିବା। ମଦର ଟେରେସାଙ୍କ ଜୀବନରେ ଉପରଲିଖିତ ଦୁଇଟି ଘଟଣାରେ ସେ ମଣିଷ ଭିତରେ ଈଶ୍ୱରଙ୍କୁ ଦେଖିଥିଲେ। ଏହି ମଣିଷମାନେ ହିଁ ପୃଥିବୀକୁ ସୁନ୍ଦର ଭାବରେ ଗଢ଼ି ତୋଳିବେ। ପ୍ରତ୍ୟେକ ମଣିଷ ଦିବ୍ୟ। ଏଣୁ ଅତିବଡ଼ୀ ଜଗନ୍ନାଥ ଦାସ କହିଥିଲେ, "ମନୁଷ୍ୟ ଦେହେ ଦିବ୍ୟଜ୍ଞାନ, ଦେଖି ସନ୍ତୋଷ ଭଗବାନ।" ମଣିଷମାନେ ଈଶ୍ୱରଙ୍କ ବ୍ୟବହାର ଉପଯୋଗୀ ହେବାପାଇଁ ନିଜକୁ ନିର୍ମାଣ କଲେ ପୃଥିବୀରେ ଧର୍ମ, ସତ୍ୟ ଓ ଶାନ୍ତି ପ୍ରତିଷ୍ଠିତ ହେବ। ଜାତି, ସମ୍ପ୍ରଦାୟ, ଧର୍ମ, ସାମାଜିକ ପ୍ରତିଷ୍ଠା ନିର୍ବିଶେଷରେ ଯେ କୌଣସି ମଣିଷ ଈଶ୍ୱର ପାଲଟିଯାଇ ପାରିବେ। ଅଦୃଶ୍ୟ ଈଶ୍ୱରଙ୍କ ଉପରେ ନିର୍ଭର ନ କରି ମଣିଷ ଈଶ୍ୱର ଉପରେ ଭରସା କରିବା ବେଶି ଯୁକ୍ତିଯୁକ୍ତ। ଏଣୁ ସ୍ୱାମୀ ବିବେକାନନ୍ଦ ମଣିଷ ଭିତରେ ଥିବା ଈଶ୍ୱରଙ୍କ ଉପାସନା କରିବା ପାଇଁ ଆହ୍ୱାନ ଦେଉଥିଲେ। ଥରେ ମେରି ହେଲିଙ୍କୁ ସେ ଚିଠିରେ ଲେଖିଥିଲେ, "ନିଖିଳ ଆତ୍ମାର ସମଷ୍ଟିରୂପେ ଏକମାତ୍ର ଈଶ୍ୱର ବିଦ୍ୟମାନ ଅଛନ୍ତି ଓ ମୁଁ ସେହି ଈଶ୍ୱରଙ୍କ ଅସ୍ତିତ୍ୱରେ ବିଶ୍ୱାସ କରେ। ସେହି ଈଶ୍ୱରଙ୍କ ପୂଜା ପାଇଁ ମୁଁ ଥରକୁ ଥର ଜନ୍ମଗ୍ରହଣ କରିବାକୁ ଚାହେଁ ଓ ମୋର ଇଚ୍ଛା ନରନାରାୟଣ ଯେପରି ମୋର ସର୍ବାଧିକ ଉପାସ୍ୟ ଦେବତା ହୁଅନ୍ତୁ।" ମାତ୍ର ମଣିଷ ଈଶ୍ୱରଙ୍କୁ ମଣିଷ ଭିତରେ ନ ଖୋଜି ମନ୍ଦିର, ମସ୍‌ଜିଦ ଓ ଗୀର୍ଜାରେ ଖୋଜୁଛି। ନିଜ ଆଖି ଆଗରେ ଚଳପ୍ରଚଳ ହେଉଥିବା ପରିଦୃଶ୍ୟମାନ ମଣିଷ-ଈଶ୍ୱରଙ୍କ ଉପରେ ବିଶ୍ୱାସ ନ କରି ଅଦୃଶ୍ୟ ଈଶ୍ୱରଙ୍କ ଉପରେ ନିର୍ଭର କରୁଛି। ଏହା ହିଁ ବିଡ଼ମ୍ବନା।

ମୋ:୯୪୩୭୩୨୯୨୬୩

## ପାଠକ ଶ୍ରେଷ୍ଠ ବିଚାରକ

### ମୂର୍ତ୍ତି ବିସର୍ଜନ ପାଇଁ ଅସ୍ଥାୟୀ ଜଳାଶୟ ଚଉଡ଼ା କରାଯାଉ

ମହାଶୟ,

ପ୍ରଦୂଷଣ କବଳରୁ ପରିବେଶର ସୁରକ୍ଷା ପାଇଁ ସରକାରଙ୍କ ଦ୍ୱାରା ଅସ୍ଥାୟୀ ଜଳାଶୟ ନିର୍ମାଣ ବ୍ୟବସ୍ଥା ଅତ୍ୟନ୍ତ ଭଲ ପଦକ୍ଷେପ। ବିଭିନ୍ନ ପୂଜାପାର୍ବଣରେ ପୂଜିତ ମୂର୍ତ୍ତି ଓ ପ୍ରତିମା ବିସର୍ଜନ ପାଇଁ ବ୍ୟବହାର କରାଯାଉଥିବା ଅସ୍ଥାୟୀ ଜଳାଶୟକୁ ଚଉଡ଼ା ଓ ଗଭୀର କରି ପ୍ରଚୁର ଜଳ ପୂର୍ଣ୍ଣ କରିବାର ଆବଶ୍ୟକତା ଉପରେ ପଦକ୍ଷେପ ଗ୍ରହଣ କଲେ ବିସର୍ଜିତ ପ୍ରତିମାମାନଙ୍କୁ ସସମ୍ମାନେ ମେଲାଣି ଦିଆଯାଇପାରିବ ବୋଲି କହିବାରେ କିଛି ଭୁଲ୍ ହେବନାହିଁ। କିନ୍ତୁ ବିସର୍ଜିତ ବିଗ୍ରହଗୁଡ଼ିକ ସମ୍ପୂର୍ଣ୍ଣ ପାଣିରେ ବୁଡ଼ି ରହିଲା ପରି ଜଳାଶୟ ନିର୍ମାଣ ଉପରେ ଧ୍ୟାନ ଦେବା ଉଚିତ। କିନ୍ତୁ ତାହା କରାଯାଉନାହିଁ। ଦେବଦେବୀଙ୍କ ମୂର୍ତ୍ତି ବିସର୍ଜନ ପାଇଁ ଉଦ୍ଦିଷ୍ଟ ଅସ୍ଥାୟୀ ଜଳାଶୟଗୁଡିର ଗଭୀରତା କମ୍ ଓ ପର୍ଯ୍ୟାପ୍ତ ଜଳ ନ ଥିବା କାରଣରୁ ଶୁଖିଲାରେ ମୂର୍ତ୍ତି ଉପରେ ମୂର୍ତ୍ତି ବିସର୍ଜିତ ହେବା ଦେଖିବା ପରେ କଷ୍ଟ ଅନୁଭବ ହୁଏ। ବିସର୍ଜନ ସମୟରେ ସେମାନଙ୍କୁ ଅବମାନନା ନ କରି ଉପଯୁକ୍ତ ସମ୍ମାନ ପ୍ରଦାନ କରିବା ଆବଶ୍ୟକ।

-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଶ୍ୱ ଦେଖ ମଧୁମୟ



କିଶୋର ମହାନ୍ତି

ଜୀବନ ପରି ଜୀବନ ନେଇ ବଞ୍ଚିବା ସ୍ୱପ୍ନ ସାର୍ଥକ ହୁଏ ଏହି ପୃଥିବୀରେ। ପୃଥିବୀଠାରୁ ସୁନ୍ଦର ତଥା ମନୋରମ ସୁରକ୍ଷିତ ଆଶ୍ରୟସ୍ଥଳ ଆଉ ସତରେ କାହିଁ। କେଉଁ ମନ୍ୱନ୍ତର କାଳରୁ ଏ ଜନବସତି। ପୁରାତନ ପ୍ରସ୍ତର ଯୁଗରୁ ଡେଇଁ ଡେଇଁ ଆସି ମଣିଷ ଆଜି ଏ ପ୍ରଜ୍ଞାଦୀପ୍ତ ପୃଥିବୀରେ କେହି କ'ଣ ବିଶ୍ୱାସ କରିପାରିବେ। ସମୟ ସହିତ ତାଳ ଦେଇ ଆଗେଇ ଚାଲିଛି ଜୀବନ, ଜଗତ, ପ୍ରାଣୀ ସକଳ, ବୃକ୍ଷଲତା। ସେଗୁଡ଼ିକ ମଣିଷକୁ ବଞ୍ଚାଇ ଅଶେଷ ସାହାଯ୍ୟ ଦେଇଛନ୍ତି। ବଞ୍ଚିବା ପାଇଁ ଯେତେ ପାଣି, ପବନ, ଆଲୋକ ଦରକାର ତାହା ହିଁ ଏହିଠୁ ମିଳେ। କହିବାକୁ ଗଲେ ଏ ବିଶ୍ୱ ସହିତ ଆମର ସମ୍ପୃକ୍ତି ଗଭୀରତମ। ଦର୍ଶନ କହେ ବିଶ୍ୱ ଓ ଆମେ ଅଭିନ୍ନାତ୍ମା, ଆତ୍ମୀୟତା ଡୋରିରେ ଏ ବିଶ୍ୱ ପ୍ରକୃତି ଆମ ସହିତ ଛନ୍ଦି ହୋଇରହିଛି। ବିଶ୍ୱରୁ ଆମେ ଯେ ଅନାବିଳ ବାତ୍ସଲ୍ୟ ମମତା ପାଉ ତାହାର ତୁଳନା ନାହିଁ। ଆମ ବଞ୍ଚିରହିବାକୁ ଆହୁରି ମନୋଜ୍ଞ ଆଉ ନୈସର୍ଗିକ କରିବା ପାଇଁ ଭରି ଦେଇଛି ବିଶାଳ ସାଗର। ମାଳମାଳ ଅରଣ୍ୟାନୀ, ସୁଉଚ୍ଚ ପର୍ବତ, ଦିଗନ୍ତ ବିସ୍ତାରି ଘଞ୍ଚଜଙ୍ଗଲ। ଏପରି ଶୋଭନୀୟ ପ୍ରକୃତିର ଅଫୁରନ୍ତ ସୌନ୍ଦର୍ଯ୍ୟରେ ପ୍ରତିଟି ମଣିଷ ସତରେ ଆତ୍ମହରା ହୋଇଉଠେ। ବିଶ୍ୱରେ ଭରିରହିଥିବା ପ୍ରକୃତିର ଅପୂର୍ବ ରୂପଚିତ୍ର ମଣିଷ ମନକୁ ବହୁ ରଙ୍ଗରେ ରଙ୍ଗାୟିତ କରିଦିଏ। ଏକଥା ମଧ୍ୟ ଆମକୁ ସ୍ୱୀକାର କରିବାକୁ ହେବ ଯେ-

"ଧନ୍ୟ ଜୀବନ ତା ଜଗତେ/ଯେ ପ୍ରାଣଧରେ ପ୍ରାଣୀ ହିତେ..."। ପ୍ରବାହିତ ଅସଂଖ୍ୟ ନଦୀ ହିଁ ଜଳଦାନ କରେ - ସେ ଭେଦଭାବ ସୃଷ୍ଟି କରେନା। ନଦୀର ଜାତି ନ ଥାଏ - ଧର୍ମ ଓ ଅପାର କୃପାକୁ ପାଥେୟ କରି ମଣିଷକୁ ସୁମାର୍ଗରେ ଯିବା ପାଇଁ ପ୍ରେରିତ କରେ। ବେଳେ ବେଳେ ତା'ର ଧୀର ମନ୍ଥର ଗତି ନିରବ ପ୍ରଶାନ୍ତି ମନକୁ ଆଣିଦିଏ। ସମୁଦ୍ର ଭିତରେ ଏକୀଭୂତ ହୋଇଥିବା ନଦୀର ପୃଥକ୍ ପରିଚୟ ବି କିଛି ନ ଥାଏ। ସେଇ ପ୍ରଶାନ୍ତି ଭିତରେ ତା'ର ଭୀମଭୈରବ ମୂର୍ତ୍ତି ଆମକୁ ବି ଭିତତ୍ରସ୍ତ କରିଦିଏ। ବିଶ୍ୱ ଆମକୁ ଦେଖାଇ ବି ଦେଇଛି ତା'ର ଅନନ୍ୟ ଅସାଧାରଣ ରୂପ - ଯେଉଁଠି ମାଇଲ ମାଇଲ ବ୍ୟାପୀ ହରିତ ଉପବନ, ପୁଣି ଅପର ପକ୍ଷରେ ଦିଗନ୍ତ ବ୍ୟାପୀ ମରୁଭୂମି, ଅଦୃଶ୍ୟ ସ୍ଥପତିଙ୍କର ଏ ଯେ ଅଲୌକିକ କଳା କାରିଗରି।

ସାରା ବିଶ୍ୱକୁ ଏକ ପରିବାର ବୋଲି ପରିକଳ୍ପନା କରାଯାଇଛି - ଏହି ଦିବ୍ୟ ମହାମନ୍ତ୍ର ଭାରତ ଭୂଖଣ୍ଡରୁ ଉଦ୍‌ଘୋଷିତ ହୋଇଥିଲା। ମଣିଷର ଭାବାତ୍ମକ ଚିନ୍ତାଧାରା ଓ ନିଜର ବିଚାରଧାରା ଓ କାର୍ଯ୍ୟଶୈଳୀ ପରିବ୍ୟାପ୍ତ କରିବାର ଏକ ବଳିଷ୍ଠ ସୂତ୍ର। ଭାରତୀୟଙ୍କର ଏହି ଅମୂଲ୍ୟ ବିଚାରଧାରା ଆଜି ସାରା ବିଶ୍ୱକୁ ଅଭିମନ୍ତ୍ରିତ କରୁଛି। ବୃହତ୍ ଭାବନାକୁ ସୁବାସିତ କରିବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତିକୁ ସ୍ୱୟଂ ଆତ୍ମା ଭିତରେ ବସୁଧୈବ କୁଟୁମ୍ବକମ୍‌ର ପୁଷ୍ପକୁ ପରିସ୍ଫୁଟ କରିବାକୁ ହେବ। ଜଣେ ବ୍ୟକ୍ତି ଆଉ ଜଣେ ବ୍ୟକ୍ତି ସହ ହାତମିଳାଇ ପରିବାର ଗଢ଼େ। ପରିବାରରୁ ସମାଜର ଜନ୍ମ। ସମାଜ ଗଢ଼େ ଦେଶ। ଦେଶ ଦେଶ ମିଶି ବିଶ୍ୱ ତିଆରି ହୁଏ - ବିଶ୍ୱ ହୁଏ ସମଗ୍ର ମାନବଜାତିର ବାସସ୍ଥାନ। ଏ ବିଶ୍ୱ ଶାନ୍ତି ଲୋଡ଼େ। ସମାଜ ପାଇଁ ଶାନ୍ତି କେତେ ଲୋଡ଼ା ତାହା ଆଜି ଚିନ୍ତାର ବିଷୟ। ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଉଦ୍ୟମ ଆବଶ୍ୟକ। ମଣିଷର ସୁଖ, ଦୁଃଖ, ଆନନ୍ଦ ନିରାନନ୍ଦକୁ ସମସ୍ତେ ସମପରିମାଣରେ ଗ୍ରହଣ କରିବା ଦରକାର। ସବୁ ଦେଶ ମିଶି ଏହା କରିପାରିଲେ ଏ ବିଶ୍ୱ ଯଥାର୍ଥରେ ମଧୁମୟ ହେଇଉଠିବ। ପରୋକ୍ଷରେ ଏହା ମାନବବାଦର ଚେତନାଧର୍ମୀ ମହାମନ୍ତ୍ର ନୁହେଁ କି ? ଆଜି ସାରା ବିଶ୍ୱ ସାମୂହିକ ଭାବରେ ଅନ୍ତଃରାଷ୍ଟ୍ରୀୟ ଗବେଷଣା କ୍ଷେତ୍ରରେ ହାତ ମିଳାଇଛନ୍ତି। ମାନବବାଦର ଜୟଯାତ୍ରା ଅବ୍ୟାହତ ରହିଥିବ ଯେତେବେଳ ଯାଏ ଏକ ବିଶ୍ୱର ପରିକଳ୍ପନା ସମସ୍ତେ କରିବେ; ଐକ୍ୟ, ସଂହତି, ଭ୍ରାତୃତ୍ୱ, ସଂଘବଦ୍ଧତା ପ୍ରତି ଅଧିକ ଧ୍ୟାନ ଦେଇ ସମଗ୍ର ମାନବ ସମାଜ ଦେଶ ଦେଶ ଓ ମଣିଷ ମଣିଷ ଯୋଡ଼ି ହେବାର ପ୍ରୟାସ ଆରମ୍ଭ କରିବାର ଉଦ୍ୟମ ଜାରି ରଖିବ। ବାସ୍ତବିକ ଏ ବିଶ୍ୱ ସୁନ୍ଦର, ମଧୁର ଆଉ ବର୍ତ୍ତୁଳ। ଏହି ମଧୁରତାକୁ ନେଇ ସ୍ୱଭାବ କବି ଗଙ୍ଗାଧର ମେହେର ଲେଖିଛନ୍ତି -

"ବିଶ୍ୱ ଦେଖ ମଧୁମୟରେ ଜଗତ
ବିଶ୍ୱ ଦେଖ ମଧୁମୟ
ମଧୁର ଝରଣ କରିବ ହରଣ
ତୋ ପାପ ମରଣ ଭୟରେ ଜୀବନ
ବିଶ୍ୱ ଦେଖ ମଧୁମୟ"।

ସେକ୍ଟର -୭, ସିଡିଏ, କଟକ
ମୋ: ୯୪୩୭୭୨୮୪୭୫

## ଚିରନ୍ତନୀ

ପ୍ରତି ଲୋମକୂପ ଆଜି
ଥରିଉଠେ ପୁଲକେ
ଏ ପରଶ ଦେହେ ମୋର ଦେଲ କେ ?
ଦିବସର ଆଗମନୀ
ରଜନୀରେ ଦେଲ ଭଣି
ସୁଶୀତଳ ଜୋଛନାରେ ଝଲକେ
ଏ ପରଶ ଦେହେ ମୋର ଦେଲ କେ ?
-(ଶିଶିର-ହାସ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଆଜିଠୁ କନିଷ୍ଠ ଶିକ୍ଷକ ନିଯୁକ୍ତି ପରୀକ୍ଷା

## ୭ଦିନ ଧରି ଚାଲିବ, ଶୃଙ୍ଖଳିତ ପରୀକ୍ଷା ପରିଚାଳନା ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୨।୧୧(ଅସମାପିକା ସାହୁ)

ରାଜ୍ୟରେ ୨୦ ହଜାର କନିଷ୍ଠ ଶିକ୍ଷକ(ସ୍କିମାଟିକ) ନିଯୁକ୍ତି ପାଇଁ ଶୁକ୍ରବାରଠାରୁ ପରୀକ୍ଷା ଆରମ୍ଭ ହେବ। ଆଶାୟୀମାନେ କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ (ସିବିଟି) ଦେବେ। ଏଥିନିମନ୍ତେ ୩୦ ଜିଲାର ୫୮ଟି ପରୀକ୍ଷା କେନ୍ଦ୍ର କରାଯାଇଥିବାବେଳେ ୧୭ ତାରିଖ ପର୍ଯ୍ୟନ୍ତ ଅର୍ଥାତ୍ ଏହି ପରୀକ୍ଷା ୭ଦିନ ଧରି ଚାଲିବ। ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ ତଥା ଶୃଙ୍ଖଳିତ ଭାବେ ସାରିବାକୁ ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍‌ଙ୍କ ଅଧ୍ୟକ୍ଷତାରେ ଭର୍ଚ୍ଚୁଆଲରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପରୀକ୍ଷାକୁ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା କରିବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସମସ୍ତ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାସ୍ତରରେ ଜିଲା ଶିକ୍ଷା ଅଧିକାରୀମାନେ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ପରୀକ୍ଷା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତିର ଠିକ୍ ବିବରଣୀ ପ୍ରଦାନ କରିଛନ୍ତି। ଜିଲାପାଳମାନେ ନିଜ ଜିଲାର ପରୀକ୍ଷା କେନ୍ଦ୍ରର ସୁପରିଚାଳନା ନିମନ୍ତେ ନୋଡାଲ ଅଫିସର ନିଯୁକ୍ତ କରିଛନ୍ତି। ପ୍ରତ୍ୟେକ ଜିଲାର ପୋଲିସ ଅଧିକାରୀ ପରୀକ୍ଷା କେନ୍ଦ୍ରରେ ପୋଲିସ୍ ଡିପ୍ଲୋମେଣ୍ଟ ନିମନ୍ତେ ପଦକ୍ଷେପ ନେଇଛନ୍ତି। ରାଜ୍ୟସ୍ତରରେ ବିଭାଗ ସମେତ ଅନ୍ୟ ନିର୍ଦ୍ଦେଶାଳୟର ୧୮ଜଣ ବରିଷ୍ଠ ଅଧିକାରୀଙ୍କୁ ବିଭିନ୍ନ ଜିଲା ଦାୟିତ୍ୱ ଦିଆଯାଇଛି। ବରିଷ୍ଠ ଅଧିକାରୀମାନେ ପରୀକ୍ଷା ଦିନଗୁଡିକରେ ଜିଲା ଗସ୍ତ କରିବା ସହ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଶାନ୍ତିଶୃଙ୍ଖଳା ସହିତ ପରୀକ୍ଷା କାର୍ଯ୍ୟର ତଦାରଖ କରିବେ। ପିଲାଙ୍କ ଆଡ୍‌ମିଟ୍ କାର୍ଡ ସମସ୍ୟାର ସମାଧାନ ପାଇଁ ଓସେପାରେ ଏକ ସୁବିଧା କେନ୍ଦ୍ର ଖୋଲାଯାଇଛି। ଏତଦ୍‌ବ୍ୟତୀତ ୪ଟି ସହର ଯଥା- ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର ଓ କୋରାପୁଟ ଜିଲାରେ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସହାୟକ କେନ୍ଦ୍ର ସହିତ ଓସେପା କାର୍ଯ୍ୟାଳୟ ପରିସରରେ ଏକ କମାଣ୍ଡ ସେଣ୍ଟର ଖୋଲାଯାଇଛି। ପରୀକ୍ଷା କେନ୍ଦ୍ରରେ ଲାଗିଥିବା ସିସି କ୍ୟାମେରା ଦ୍ୱାରା ପରୀକ୍ଷାର ଲାଇଭ୍ ଷ୍ଟ୍ରିମିଂ ହୋଇପାରିବ। ପରୀକ୍ଷା ସୁପରିଚାଳନା ନିମନ୍ତେ ନିଆଯାଇଥିବା ଏସବୁ ପଦକ୍ଷେପ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ବିଭାଗୀୟ ବରିଷ୍ଠ ପଦାଧିକାରୀମାନେ ଭର୍ଚ୍ଚୁଆଲରେ ଅଂଶଗ୍ରହଣ କରିଥିଲେ।

# ଗାଁ ଲୋକଙ୍କ ମନରେ ଆତ୍ମବିଶ୍ୱାସ ବୃଦ୍ଧି କରିବ ନବୀନ ଓଡ଼ିଶା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୧୧(ଅନିଲ ଦାସ)








'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ଅଷ୍ଟମ ଦିବସରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମ ଓ ସୁବର୍ଣ୍ଣପୁର ଜିଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଗଞ୍ଜାମ ଜିଲାର ଭଞ୍ଜନଗର, ଛତ୍ରପୁର, ଖଲିକୋଟ, ଦିଗପହଣ୍ଡି, ସୋରଡ଼ା, ସାନଖେମୁଣ୍ଡି, ଗୋପାଳପୁର, ଆସ୍କା, ଚିକିଟି, ହିଞ୍ଜିଳିକାଟୁ, ପୋଲସରା ଓ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀକୁ ୨୫୧.୫୦ କୋଟି ଟଙ୍କା ମିଳିଛି। ଏହିସବୁ ନିର୍ବାଚନମଣ୍ଡଳୀର ୨୨ଟି ବ୍ଲକର ୫୦୩ ଗ୍ରାମ ପଞ୍ଚାୟତରେ ୫,୭୦୬ ପ୍ରକଳ୍ପ ହେବ। ସେହିପରି ସୁବର୍ଣ୍ଣପୁର ଜିଲାର ସୁବର୍ଣ୍ଣପୁର ଓ ବୀରମହାରାଜପୁର ନିର୍ବାଚନମଣ୍ଡଳୀ ପାଇଁ ୫୪.୫୦କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ ୬ଟି ବ୍ଲକର ୧୦୯ ଗ୍ରାମପଞ୍ଚାୟତରେ ୧,୪୧୯ ପ୍ରକଳ୍ପ କରାଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସଂସ୍କୃତିର ପ୍ରସାର ଓ ଆଧୁନିକ ଭିତ୍ତିଭୂମିର ଉନ୍ନତି ଆମର ଗାଁଗୁଡ଼ିକୁ ବିକାଶର ଶିଖରରେ ପହଞ୍ଚାଇବ। ବିକାଶର ଏହି ନୂଆ ଚେହେରା ଗାଁ ଲୋକଙ୍କ ମଧ୍ୟରେ ଗଭୀର ଆତ୍ମବିଶ୍ୱାସ ସୃଷ୍ଟି କରିବ। ନବୀନ ଓଡ଼ିଶାର ପରିଚୟ ନେଇ ରାଜ୍ୟର ପ୍ରତି ଗାଁ ବିକାଶର ମାର୍ଗରେ ଆଗକୁ ବଢ଼ିବ। ସବୁ ଗାଁର ବିକାଶ ଆମର ଲକ୍ଷ୍ୟ। ଗାଁ ଲୋକ ସମସ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ପାଇବେ। ଗାଁ ଗାଁରେ ସଂସ୍କୃତିର ସୁରକ୍ଷା ହେବ ଓ ଆଧୁନିକତାର ବିକାଶ ହେବ। ଐତିହ୍ୟ ସ୍ଥଳୀଗୁଡ଼ିକର ସଂରକ୍ଷଣ କରାଯିବ। ଆମର ଭବିଷ୍ୟତ ବଂଶଧରମାନଙ୍କ ନିମନ୍ତେ ଏସବୁ ସଂସ୍କୃତି ଓ ଐତିହ୍ୟସ୍ଥଳୀଗୁଡ଼ିକର ସଂରକ୍ଷଣ ଓ ସୁରକ୍ଷା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି ରୂପାନ୍ତର କାର୍ଯ୍ୟକ୍ରମ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଥିଲେ। ସେ କହିଛନ୍ତି ଯେ ଗଞ୍ଜାମ ଜିଲା ଦେଶର ସମସ୍ତ ଜିଲାଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ କରି ଏକ ନମ୍ବର ଜିଲା ଭାବରେ ଭାରତ ସରକାରଙ୍କଠାରୁ ପୁରସ୍କାର ପାଇଛି। ସେହିପରି ହିଞ୍ଜିଳି ବ୍ଲକ ମଧ୍ୟ ଦେଶର ସମସ୍ତ ବ୍ଲକଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ କରି ଏକ ନମ୍ବର ବ୍ଲକ ଭାବରେ କେନ୍ଦ୍ର ସରକାରଙ୍କଠାରୁ ପୁରସ୍କାର ପାଇଛି। ଏଥିପାଇଁ ସେ ଗଞ୍ଜାମବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଗଞ୍ଜାମ ସାରା ଭାରତବର୍ଷକୁ ବିକାଶର ରାସ୍ତାରେ ପ୍ରେରିତ କରିଛି ବୋଲି ସେ କହିଛନ୍ତି। ଓଡ଼ିଶାରେ ଏବେ ରୂପାନ୍ତରର ଯୁଗ ଚାଲିଛି। ବିକାଶକୁ ଏବେ ଦେଖି ହେଉଛି, ଅନୁଭବ ମଧ୍ୟ କରି ହେଉଛି ବୋଲି ପାଣ୍ଡିଆନ୍ କହିଛନ୍ତି।

**ଆମ ଓଡ଼ିଶା ନବୀନ ଓଡ଼ିଶା**

- **ଗଞ୍ଜାମର ୧୨ ନିର୍ବାଚନମଣ୍ଡଳୀର ୫,୭୦୬ ପ୍ରକଳ୍ପ ପାଇଁ ୨୫୧.୫୦ କୋଟି**
- **ସୁବର୍ଣ୍ଣପୁରର ୨ ନିର୍ବାଚନମଣ୍ଡଳୀର ୧,୪୧୯ ପ୍ରକଳ୍ପ ପାଇଁ ୫୪.୫୦ କୋଟି**
- **ଗଞ୍ଜାମ ସାରା ଭାରତବର୍ଷକୁ ବିକାଶର ରାସ୍ତାରେ ପ୍ରେରିତ କରିଛି : ପାଣ୍ଡିଆନ**

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତପରେ ଗଞ୍ଜାମ ଜିଲାର ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ୪ ପ୍ରକଳ୍ପ ପାଇଁ ୭.୭୩ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଛତ୍ରପୁର ନିର୍ବାଚନମଣ୍ଡଳୀରେ ୫ଟି ପ୍ରକଳ୍ପ ପାଇଁ ୯.୨୦ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ଖଲିକୋଟ ନିର୍ବାଚନମଣ୍ଡଳୀରେ ୪ ପ୍ରକଳ୍ପ ପାଇଁ ୬.୬୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ଦିଗପହଣ୍ଡି ନିର୍ବାଚନମଣ୍ଡଳୀରେ ୪ ପ୍ରକଳ୍ପ ପାଇଁ ୬.୬୨ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ସୋରଡା ନିର୍ବାଚନମଣ୍ଡଳୀର ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୭.୭୩ କୋଟି, ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀର ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୬.୩୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ଆସ୍କା ନିର୍ବାଚନମଣ୍ଡଳୀର ୪ଟି ପ୍ରକଳ୍ପ ପାଇଁ ୭.୭୩ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ଚିକିଟି ନିର୍ବାଚନମଣ୍ଡଳୀର ୪ ପ୍ରକଳ୍ପ ପାଇଁ ୫.୮୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ହିଞ୍ଜିଳିକାଟୁ ନିର୍ବାଚନମଣ୍ଡଳୀର ୮ ପ୍ରକଳ୍ପ ପାଇଁ ୩୮.୧୯ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ପୋଲସରା ନିର୍ବାଚନମଣ୍ଡଳୀର ୫ ପ୍ରକଳ୍ପ ପାଇଁ ୯.୮୧ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀର ୫ ପ୍ରକଳ୍ପ ପାଇଁ ୮.୧୪ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଅନୁରୂପଭାବେ ଗଞ୍ଜାମ ଜିଲାର ୧୨ ନିର୍ବାଚନମଣ୍ଡଳୀର ୫୭ ପ୍ରକଳ୍ପ ପାଇଁ ୧୨୨.୧୮ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି। ସେହିପରି ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ନିର୍ବାଚନମଣ୍ଡଳୀର ୯ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୨୦୧୨ କୋଟି ଟଙ୍କା ଏବଂ ସୁବର୍ଣ୍ଣପୁର ନିର୍ବାଚନମଣ୍ଡଳୀର ୧୦ ପ୍ରକଳ୍ପ ପାଇଁ ୪୭.୩୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସୁବର୍ଣ୍ଣପୁର ଜିଲାର ୨ଟି ନିର୍ବାଚନମଣ୍ଡଳୀର ସମୁଦାୟ ୧୯ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୨,୦୫୯.୩୨ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ କହିଛନ୍ତି। ସୁବର୍ଣ୍ଣପୁର ଜିଲା ହସ୍ପିଟାଲ ରାଜ୍ୟର ଏକ ନମ୍ବର ହସ୍ପିଟାଲ ହେବ ବୋଲି ସେ କହିଛନ୍ତି। ୨ଟି ଜିଲାରେ ସମୁଦାୟ ୭୬ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୨୧୮୧.୫୦ କୋଟି ଟଙ୍କା ମଞ୍ଜୁର ହୋଇଛି ବୋଲି ୫-ଟି ଅଧ୍ୟକ୍ଷ ପାଣ୍ଡିଆନ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଅତନୁ ସବ୍ୟସାଚୀ ନାୟକ, ପ୍ରଦୀପ ଅମାତ, ଉଷା ଦେବୀ, ନିରଞ୍ଜନ ପୂଜାରୀ, ବିଧାୟକ ସୁବାସ ଚନ୍ଦ୍ର ବେହେରା, ସୂର୍ଯ୍ୟମଣି ବୈଦ୍ୟ, ମଞ୍ଜୁଳା ସ୍ୱାଇଁ, ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଶ୍ରୀକାନ୍ତ ସାହୁ, ଲତିକା ପ୍ରଧାନ, ପଦ୍ମନାଭ ବେହେରାଙ୍କ ସମେତ ଜିଲା ପରିଷଦ ସଭାପତି, ସଦସ୍ୟଗଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଉଭୟ ଜିଲାର ଜିଲାପାଳ ଧନ୍ୟବାଦ ଦେଇଥିଲେ।

# ସଞ୍ଜୟ ଭଦ୍ରକ, ପ୍ରତାପ କେନ୍ଦ୍ରାପଡ଼ା ବିଜେଡି ପର୍ଯ୍ୟବେକ୍ଷକ


ସଞ୍ଜୟ ଦାସବର୍ମା


ପ୍ରତାପ ଜେନା

ଭୁବନେଶ୍ୱର,୨।୧୧(ଅନିଲ ଦାସ)

କିଛି ମାସ ଧରି ସାଙ୍ଗଠନିକ କାର୍ଯ୍ୟରୁ ଦୂରରେ ରହିଥିବା ବିଜେଡି ସାଧାରଣ ସମ୍ପାଦକ ତଥା ବରିଷ୍ଠ ନେତା ସଞ୍ଜୟ ଦାସବର୍ମାଙ୍କୁ ପୁଣିଥରେ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ତାଙ୍କୁ ଭଦ୍ରକ ଜିଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ପ୍ରତାପ ଜେନାଙ୍କୁ କେନ୍ଦ୍ରାପଡ଼ାର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ଗୁରୁବାର ଏ ନେଇ ବିଜେଡି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ପ୍ରତାପ ପୂର୍ବରୁ ଭଦ୍ରକ ଜିଲାର ପର୍ଯ୍ୟବେକ୍ଷକ ଥିଲେ। ବିଧାୟିକା ପ୍ରମିଳା ମଲ୍ଲିକ ବାଚସ୍ପତି ହେବା ପରେ କେନ୍ଦ୍ରାପଡ଼ା ବିଜେଡି ପର୍ଯ୍ୟବେକ୍ଷକ ପଦ ଖାଲି ପଡ଼ିଥିଲା। ପ୍ରତାପଙ୍କୁ ଭଦ୍ରକ ଜିଲାରୁ କାଢ଼ି ନିଆଯାଇ କେନ୍ଦ୍ରାପଡ଼ା ଜିଲା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସାଧାରଣ ନିର୍ବାଚନ ପୂର୍ବରୁ ପୁଣିଥରେ ସଞ୍ଜୟଙ୍କୁ ସାଙ୍ଗଠନିକ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ଜିଲାରେ ସଞ୍ଜୟଙ୍କ ଭଳି ଅଭିଜ୍ଞ ନେତାଙ୍କୁ ଦାୟିତ୍ୱ ଦେଇ ବିଜେଡି ସେଠାରେ ଭାଜପାର ପ୍ରଭାବ ହ୍ରାସ ପାଇଁ ରଣନୀତି ପ୍ରସ୍ତୁତ କରିଛି। ଏହି ନୂଆ ଦାୟିତ୍ୱ ମିଳିବା ପରେ ସଞ୍ଜୟ କହିଛନ୍ତି, ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ତାଙ୍କୁ ଦଳର ଯେତେବେଳେ ଯେଉଁ ଦାୟିତ୍ୱ ଦେଇଛନ୍ତି, ସେ ତାହାକୁ ନିଷ୍ଠା ଓ ଆନ୍ତରିକତାର ସହ ପାଳନ କରିଛନ୍ତି। ନୂତନ ଦାୟିତ୍ୱକୁ ମଧ୍ୟ ପୂର୍ବଭଳି ନିଷ୍ଠାର ସହ ପାଳନ କରିବେ। ତାଙ୍କ ଉପରେ ଭରସା ଓ ଆସ୍ଥାପ୍ରକଟ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଜଟଣୀରେ ନାବାଳକ ଛାତ୍ର ହତ୍ୟା ଘଟଣାର ପର୍ଦ୍ଦାଫାଶ | ଟ୍ୟୁଶନ ଫି' ପାଇଁ ସାର୍‌ଙ୍କ ପୁଅକୁ ହତ୍ୟା

## ଡିସିପିଙ୍କ ମନ୍ତବ୍ୟଙ୍କୁ ଖଣ୍ଡନ, ସୁପାରି ଦେଇ ପୁଅକୁ ହତ୍ୟା କରାଯାଇଛି :ମୃତକଙ୍କ ବାପା

ଭୁବନେଶ୍ୱର/ଜଟଣୀ(ସୂର୍ଯ୍ୟକାନ୍ତ ବେହେରା/ ରବୀନ୍ଦ୍ର ନାଥ ମହାକୁଡ଼) ୨।୧୧

ଜଟଣୀ ବେଣାପଞ୍ଜରୀ ଗାଁ ଗଡ଼ସାହିର ମେଧାବୀ ନାବାଳକ ଛାତ୍ର ଶୁଭମ୍ ସ୍ୱରୂପ ପାଲଟାସିଂହ ହତ୍ୟା ଘଟଣାରେ ପୋଲିସ ଜଣେ ଯୁକ୍ତ ୨ ପ୍ରଥମ ବର୍ଷର ବିଜ୍ଞାନ ଛାତ୍ରଙ୍କୁ ଧରିଛି। ଏନେଇ ଗୁରୁବାର ଏକ ଖବରଦାତା ସମ୍ମିଳନୀ କରି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି। ଅଭିଯୁକ୍ତ ଛାତ୍ର ଜଣଙ୍କ ନାବାଳକ ଥିବାରୁ ତାଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି। ଅପରପକ୍ଷେ ହତ୍ୟା କରିଥିବା ଛାତ୍ର ଜଣଙ୍କ ମୃତ ନାବାଳକ ମାତାପିତାଙ୍କ ଛାତ୍ର ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ସେ ମୃତ ଛାତ୍ର ଶୁଭମଙ୍କ ବାପା ମନୋଜ କୁମାର ପାଲଟାସିଂହଙ୍କ ନିକଟରେ ପୂର୍ବରୁ ଟ୍ୟୁଶନ ହେଉଥିଲେ। ପ୍ରାୟ ୩ ହଜାର ଟଙ୍କା ଟ୍ୟୁଶନ ଫି' ବାକି ରହିଥିଲା। ବାକି ଟଙ୍କା ଦେବାକୁ ତାଙ୍କୁ ବାରମ୍ବାର ମନୋଜ କହିଆସୁଥିଲେ, ଯାହାକୁ ନେଇ ଲଜ୍ଜିତ ହେବା ସହ ଛାତ୍ରଜଣକ ପ୍ରତିଶୋଧ ପରାୟଣ ହୋଇ ଏଭଳି କାଣ୍ଡ ଭିଆଇଥିବା ଡିସିପି ସିଂ ସୂଚନା ଦେଇଛନ୍ତି।

ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରୁ ଗୋଟିଏ ବ୍ୟାଗ ଓ ୟୁନିଫର୍ମ ଜବତ କରିଛି।

ଅନ୍ୟପଟେ ଶୁଭମଙ୍କ ବାପା ମନୋଜ ଡିସିପିଙ୍କ ମନ୍ତବ୍ୟକୁ ଗ୍ରହଣ କରିପାରି ନାହାନ୍ତି। ସେ କହିଛନ୍ତି, ମୋ ପୁଅକୁ ସୁପାରି ଦିଆଯାଇ ହତ୍ୟା କରାଯାଇଛି। ଏହି ଘଟଣାର ସିବିଆଇ ତଦନ୍ତ କରାଯାଉ। ଅଭିଯୁକ୍ତ ନାବାଳକ ୨ ବର୍ଷ ପୂର୍ବେ ମୋର ଛାତ୍ର ଥିଲେ। ଏହି ସମୟ ମଧ୍ୟରେ ସେ ପ୍ରାୟ ୨୭୦୦-୩୦୦୦ ଟଙ୍କା ଦେଇ ନ ଥିଲେ ଏବଂ ମାଟ୍ରିକ ଶେଷ ହେବା ପରେ ମୁଁ ତାଙ୍କୁ କୌଣସି


ଶୁଭମ୍ ସ୍ୱରୂପ ପାଲଟାସିଂହ

ବଳକା ରାଶି ଦେବାକୁ ବାଧ କରି ନ ଥିଲି ବୋଲି ମନୋଜ କହିଛନ୍ତି। ସେହିପରି ଅଭିଯୁକ୍ତଙ୍କ ମାମୁ ସୌମ୍ୟ ରଞ୍ଜନ ଗୁରୁ ମଧ୍ୟ ଏହି ହତ୍ୟାକାଣ୍ଡକୁ ସହଜରେ ଗ୍ରହଣ କରିପାରି ନାହାନ୍ତି। ଘଟଣାର ଠିକ୍ ତଦନ୍ତ କରିବାକୁ ଦାବି କରିଛନ୍ତି।

ସୂଚନାନୁସାରେ ଜଟଣୀ ଷଣ୍ଢପୁରସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନବମ ଶ୍ରେଣୀର ମେଧାବୀ ଛାତ୍ର ଥିଲେ ଶୁଭମ୍। ଗୁରୁବାର ପରୀକ୍ଷା ଥିବାରୁ ବୁଧବାର ସନ୍ଧ୍ୟା ସମୟରେ ସେ ଘରର ତଳ ମହଲାରେ ପଢୁଥିବାବେଳେ ତାଙ୍କ ବାପା, ମା' ଏବଂ ଭଉଣୀ ଛାତ୍ରୀଛାତ୍ରଙ୍କୁ ନିଜ ଘରେ ଉପର ମହାଲାରେ ଟ୍ୟୁଶନ କରୁଥିଲେ। ଏହି ସମୟରେ ଛାତ୍ର ଜଣଙ୍କ ଘରେ ପଶି ଶୁଭମଙ୍କ ବେକ ଏବଂ ଛାତିକୁ ଛୁରିରେ ଆକ୍ରମଣ କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ତାଙ୍କ ଚିତ୍କାର ଶୁଣି ଉପର ମହଲାରୁ ପରିବାର ଲୋକେ ଦୌଡି ଆସି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ଶୁଭମଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଶୁଭମଙ୍କ ବାପା ଘଟଣା ସଂକ୍ରାନ୍ତରେ ଜଟଣୀ ଥାନାରେ ଅଭିଯୋଗ କରିବାରୁ ପୋଲିସ ଏକ ହତ୍ୟା ଦଫାରେ ମାମଲା (ନଂ.୩୭୮/୨୩) ରୁଜୁ କରି ଘଟଣାର ଖୋଲତାଡ଼ କରିଥିଲା। ଗ୍ରାମରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିଥିଲା। ସିସିଟିଭି ଫୁଟେଜ ଆଧାରରେ ପୋଲିସ ରାତିରେ ଦୁଇଜଣଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚରା କରିଥିଲା। ଅନ୍ୟପଟେ ଶୁଭମ୍‌ଙ୍କ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରିଛି। ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ମଧ୍ୟରେ ଅନ୍ତିମ ସଂସ୍କାର କରାଯାଇଛି ।

# ବିଧାୟକ ପ୍ରତାପ ଜେନାଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

କଟକ,୨।୧୧ (କାର୍ତ୍ତିକ ସାହୁ)/ନିଶ୍ଚିନ୍ତକୋଇଲି (ଅଶୋକ କୁମାର ମହାପାତ୍ର)

ବହୁ ଚର୍ଚ୍ଚିତ ମାହାଙ୍ଗା ଡବଲ ମର୍ଡର ମାମଲାରେ ପୂର୍ବତନ ଆଇନମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କୁ ଗୁରୁବାର ହାଇକୋର୍ଟରୁ ସାମୟିକ ଭାବେ ଆଶ୍ୱସ୍ତି ମିଳିଛି। ଅନ୍ୟାଦେଶ ପର୍ଯ୍ୟନ୍ତ ପ୍ରତାପଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ବିଚାରପତି ବି. ପି. ରାଉତରାୟ ମାମଲାର ଶୁଣାଣି କରି ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ନିମ୍ନ ଅଦାଲତରୁ ମାମଲା ସମ୍ପର୍କିତ ରେକର୍ଡ ତଲବ କରିଛନ୍ତି। ଆସନ୍ତା ଡିସେମ୍ବର ୧୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାହାଙ୍ଗା ଡବଲ ମର୍ଡର ଘଟଣାରେ ବିଧାୟକ ଜେନାଙ୍କ ନାମରେ ମାମଲା ଚାଲୁ ରଖିବା ପାଇଁ ସାଲେପୁର ଜେଏମ୍‌ଏଫ୍‌ସି ଗତ ଅକ୍ଟୋବର ୧୫ରେ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ଜେନାଙ୍କୁ ସ୍ୱତନ୍ତ୍ର ମେସେଞ୍ଜର ପଠାଇ ଅକ୍ଟୋବର ୩୧ରେ ବ୍ୟକ୍ତିଗତ ହାଜର ହେବାକୁ ସମନ ଜାରି କରାଯାଇଥିଲା। ହେଲେ ବିଧାୟକ ଉକ୍ତ ଦିନ ବ୍ୟକ୍ତିଗତ ଭାବେ ହାଜର ହୋଇ ନ ଥିଲେ। ସେ ତାଙ୍କ ଓକିଲଙ୍କ ମାଧ୍ୟମରେ ଅସୁସ୍ଥତାର କାରଣ ଦର୍ଶାଇ ଦୁଇ ସପ୍ତାହ ସମୟ ମାଗିଥିଲେ। ଏଥିସହ ସିଆର୍‌ପିସିର ୨୦୫ ଧାରା ଅନୁଯାୟୀ ବ୍ୟକ୍ତିଗତ ହାଜିରାରୁ ବାଦ୍ ଦେବାକୁ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟରେ ଆବେଦନ କରିଥିଲେ। କୋର୍ଟ ଦୁଇ ସପ୍ତାହ ସମୟ ଦେବା ସହ ଆସନ୍ତା ୧୮ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରିଥିଲେ। ଅପରପକ୍ଷରେ ଜେଏମ୍‌ଏଫ୍‌ସିଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି ଜେନାଙ୍କ ଓକିଲ ସତ୍ୟଜିତ୍ ମହାପାତ୍ର ହାଇକୋର୍ଟରେ ଏକ ମାମଲା ଦାଏର କରିଛନ୍ତି। ଜେନାଙ୍କୁ ମାହାଙ୍ଗା ଡବଲ ମର୍ଡର ମାମଲାରେ ଅଭିଯୁକ୍ତ ଭାବେ ଦର୍ଶାଇବା ତାଙ୍କ ବିରୋଧରେ ଏକ ଷଡ଼ଯନ୍ତ୍ର ତଥା ମିଥ୍ୟା ଆରୋପ ବୋଲି ଆବେଦନରେ ଦର୍ଶାଯାଇଛି। ଏହାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ମାହାଙ୍ଗା ଥାନା ଅନ୍ତର୍ଗତ ନୃତାଙ୍ଗ ପଞ୍ଚାୟତର ଭାଜପା ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ

**ମାହାଙ୍ଗା ଡବଲ ମର୍ଡର ମାମଲା**

- **କଠୋର କାର୍ଯ୍ୟାନୁଷ୍ଠାନ ଉପରେ ରୋକ**
- **ନିମ୍ନ ଅଦାଲତରୁ ରେକର୍ଡ ତଲବ**
- **ଡିସେମ୍ବର ୧୯ରେ ପରବର୍ତ୍ତୀ ଶୁଣାଣି**

୨୦୨୧ ଜାନୁୟାରୀ ୨ ତାରିଖରେ ହତ୍ୟା କରାଯାଇଥିଲା। ଉକ୍ତ ଘଟଣାରେ ମାହାଙ୍ଗା ବିଧାୟକ ତଥା ତତ୍କାଳୀନ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ରୁଜୁ କରିଥିବା ମାମଲାରେ ଜେନାଙ୍କ ନାମ ଅଭିଯୁକ୍ତ ତାଲିକାର ୧୩ ନମ୍ବରରେ ରହିଥିଲା। ପରବର୍ତ୍ତୀ ସମୟରେ ପୋଲିସ ଜେନାଙ୍କ ନାମକୁ ଚାର୍ଜଶିଟ୍‌ରୁ କାଟି ଦେଇଥିଲା। ଏହାକୁ ବିରୋଧ କରି କୁଳମଣିଙ୍କ ପୁଅ ରମାକାନ୍ତ ବରାଳ ସାଲେପୁର ଜେଏମ୍‌ଏଫ୍‌ସିରେ



୨୧୭/୨୧ରେ ଏକ ପ୍ରୋଟେଷ୍ଟ ପିଟିଶନ ଦାଏର କରିଥିଲେ। ଉକ୍ତ ମାମଲାର ଶୁଣାଣି କରି ମାଜିଷ୍ଟ୍ରେଟ ବିଧାୟକ ଜେନାଙ୍କ ବିରୋଧରେ ଆସିଥିବା ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ମାହାଙ୍ଗା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ଘଟଣାରେ ଜଡ଼ିତ ଥିବା ଜେନାଙ୍କ ପିଏ ଉମାକାନ୍ତ ବିଶ୍ୱାଳ(ବାପି), ତତ୍କାଳୀନ ମାହାଙ୍ଗା ବ୍ଲକ ଅଧ୍ୟକ୍ଷ ଶରତ ଚନ୍ଦ୍ର ନାୟକଙ୍କ କଲ୍ ରେକର୍ଡ ସମେତ ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମୃତ ପ୍ରଫୁଲ୍ଲ ବିଶ୍ୱାଳଙ୍କ କଲ ଡିଟେଲ ରେକର୍ଡ(ସିଡିଆର୍) ଦାଖଲ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ବାରମ୍ବାର କୋର୍ଟଙ୍କୁ ସମୟ ମାଗି ତତ୍କାଳୀନ ଥାନା ଅଧିକାରୀ ଅଡୁଆରେ ପଡ଼ିଥିଲେ। ଏହାପରେ ଥାନା ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ହାଜିର ହୋଇ ତଥ୍ୟ ପ୍ରଦାନ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ପୋଲିସ ଚାର୍ଜଶିଟ୍, କଲ ରେକର୍ଡ ସମେତ ମାମଲାର ଦସ୍ତାବିଜ କୋର୍ଟରେ ଦାଖଲ କରିଥିଲା। ଇତିମଧ୍ୟରେ ରମାକାନ୍ତଙ୍କ ମୃତ୍ୟୁ ହେବା ପରେ ତାଙ୍କ ଭାଇ ରଞ୍ଜିତ କୁମାର ବରାଳ ପୁନର୍ବାର ରିଭ୍ୟୁ ପିଟିଶନ ଦାଖଲ କରିଥିଲେ। ସାକ୍ଷୀପ୍ରମାଣ ଓ ମାମଲାର ପାରିପାର୍ଶ୍ୱିକ ଅବସ୍ଥାକୁ ଦୃଷ୍ଟିରେ ରଖି ସାଲେପୁର ଜେଏମ୍‌ଏଫ୍‌ସି ୨୦୨୩ ସେପ୍ଟେମ୍ବର ୧୫ରେ ବିଧାୟକ ଜେନାଙ୍କ ନାମରେ ୩୦୨, ୫୦୬, ୧୦୨ ଦଫାରେ ମାମଲା ଚାଲୁ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେ ବିଧାୟକ ହୋଇଥିବାରୁ ଏହି ମାମଲାକୁ ସାଲେପୁରରୁ ଭୁବନେଶ୍ୱର ଆଡିସିନାଲ ଡିଷ୍ଟ୍ରିକ୍ଟ ସେକ୍ସନ ଜଜ୍ କମ୍ ସ୍ପେଶାଲ କୋର୍ଟକୁ ସ୍ଥାନାନ୍ତର କରିବା ପାଇଁ ଆଦେଶ ଦେଇଛନ୍ତି।

# ଲାଞ୍ଚନେଇ ଧରାପଡ଼ିଲେ ଏନ୍‌ଏସି କନିଷ୍ଠ ଯନ୍ତ୍ରୀ

ବୁଗୁଡ଼ା,୨।୧୧(କାଳି ଚରଣ ଦାଶ)

ଗଞ୍ଜାମ ଜିଲା ବୁଗୁଡ଼ା ଏନ୍‌ଏସିର କନିଷ୍ଠ ଯନ୍ତ୍ରୀ ସ୍ୱାଗତିକା ମହାନ୍ତି ଗୁରୁବାର ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଭିଜିଲାନ୍ସ ପକ୍ଷରୁ ତାଙ୍କ କାର୍ଯ୍ୟାଳୟ ଓ ବୁଗୁଡ଼ା ସୋମନାଥ ନଗରସ୍ଥିତ ଭଡାଘରେ ଚଢ଼ାଉ କରାଯାଇଛି।

ବୁଗୁଡ଼ା ଷୋଳମାଇଲି ମୁଖ୍ୟ ରାସ୍ତାରେ ରହୁଥିବା ବାହନ ଦାଶ ତାଙ୍କ ବାପାଙ୍କ ନାଁରେ ଥିବା ଘରର ପ୍ଲାନ ମଞ୍ଜୁର କରିବା ପାଇଁ ଗତ ୧୫ ତାରିଖରେ ଏନ୍‌ଏସି କାର୍ଯ୍ୟାଳୟକୁ ଯାଇ କନିଷ୍ଠ ଯନ୍ତ୍ରୀଙ୍କୁ ଭେଟିଥିଲେ। କନିଷ୍ଠ ଯନ୍ତ୍ରୀ ସ୍ୱାଗତିକା ଏଥିପାଇଁ ୪ ହଜାର ଟଙ୍କା ଦାବି କରିଥିଲେ। ଏଥିରେ ନିରାଶ ହୋଇ ବାହନ ୪ ଦିନ ତଳେ ବ୍ରହ୍ମପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଗୁରୁବାର ଭିଜିଲାନ୍ସ ଟିମ୍ ବୁଗୁଡ଼ାରେ ପହଞ୍ଚିଥିଲେ। ଅପରାହ୍ନ ପ୍ରାୟ ସାଢେ ୩ଟାରେ ବାହନ ଏନ୍‌ଏସି କାର୍ଯ୍ୟାଳୟକୁ ଯାଇ କନିଷ୍ଠ ଯନ୍ତ୍ରୀ ସ୍ୱାଗତିକାଙ୍କୁ ରଙ୍ଗବୋଳା ୪ ହଜାର ଟଙ୍କା ଦେଇଥିଲେ। ସ୍ୱାଗତିକା ଏହି ଟଙ୍କା


ସ୍ୱାଗତିକା ମହାନ୍ତି

ଧରିବା ମାତ୍ରେ ସାଦା ପୋଷାକରେ ଥିବା ମହିଳା ଭିଜିଲାନ୍ସ ଅଧିକାରୀ ତାଙ୍କୁ କାବୁ କରି ନେଇଥିଲେ। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସରେ ଏକ ମାମଲା (୨୧/୨୩) ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି। ସୂଚନାଯୋଗ୍ୟ, ସ୍ୱାଗତିକା ମାତ୍ର ୨ମାସ ତଳେ ବୁଗୁଡ଼ା ଏନ୍‌ଏସିର କନିଷ୍ଠ ଯନ୍ତ୍ରୀ ଭାବେ ନିଯୁକ୍ତ ହୋଇଥିଲେ। ସେ ପ୍ରତ୍ୟେକ କାମ ପାଇଁ ଲାଞ୍ଚ ଦାବି କରୁଥିଲେ ବୋଲି ଅଭିଯୋଗ ହୋଇ ଆସୁଥିଲା।

**ଡୁଆଝର ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା**

ଖଡ଼ିଆଲ,(ସୁଜିତ୍ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଡୁଆଝର ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବିଚାରକ ଭାବେ ଜିତେନ୍ଦ୍ରନାଥ ପଟ୍ଟନାୟକ, ମୀନା ଶାହ ଓ ଶିବ ପ୍ରକାଶ ଝା ଯୋଗଦେଇଥିବା ବେଳେ ବିଭୂତି ଭୂଷଣ ବିଶି ମଞ୍ଚ ପରିଚାଳନା କରିଥିଲେ। ନୃତ୍ୟ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସଭାପତି ବିକେଶ କୁମାର ସା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଉପସଭାପତି ଫେଜ ଖାଁ, କୋଷାଧ୍ୟକ୍ଷ ବିନୋଦ ମେହେର, ଅମୂଲ୍ୟ ବାରିକ, ଏନୁ ସତନାମି, ମିନିକେତନ ମେହେର ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଟ୍ରକ୍ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ଜଣେ ଗୁରୁତର

ନୂଆପଡ଼ା,୨।୧୧(ମକାରୁ ବେମାଲ)

ନୂଆପଡା ଜିଲା କୋମନା ଥାନା ଅନ୍ତର୍ଗତ ପଲସିପାଣି ପଞ୍ଚାୟତ ବାଞ୍ଜିବାହାଲ ଛକଠାରେ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ଟ୍ରକ୍ ଓ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ମୃତକ ହେଲେ ଖଡିଆଲ ଥାନା ଖୁଦପେଜ ପଞ୍ଚାୟତ ଖଇରପଦର ଗାଁର ମୋତିରାମ ଦୁରିଆ (୧୯)। ସାଙ୍ଗରେ ଥିବା ଅନ୍ୟ ଜଣେ ଜଗଦୀଶ ବାଗ (୧୯) ଗୁରୁତର ଅବସ୍ଥାରେ ରାୟପୁର ସ୍ଥାନାନ୍ତର ହୋଇଛନ୍ତି। ପ୍ରାପ୍ତ ସୂଚନା ମତେ ଗୁରୁବାର ସକାଳ ୯ଟାରେ ଖଇରପଦର ଗାଁରୁ ବାହାରି ନୂଆପଡା କିଛି କାମରେ ବାଇକ୍ (ନଂ. ଓଡି୧୫ଏଲ ୬୮୭୪)ରେ ୨ଜଣ ଯୁବକ ନୂଆପଡା ପଟେ ଆସୁଥିଲେ। ନୂଆପଡା ପଟୁ ଯାଉଥିବା ଟ୍ରକ୍ (ନଂ.ସିଜି୦୬ଜିଡି ୭୭୩୨) ସହବାଞ୍ଜିବାହାଲ ଛକଠାରେ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ବାଇକ ଆରୋହୀ ମୋତିରାମଙ୍କ ମୃତ୍ୟୁ ହୋଇଥିବା ବେଳେ ସାଙ୍ଗରେ ଥିବା ଜଗଦୀଶ ଗୁରୁତ ଆହତ ହୋଇଛନ୍ତି। ତରବୋଡ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ରାୟପୁର ସ୍ଥାନାନ୍ତର କରାଯାଇଛି। ମୃତଦେହ ପୋଲିସ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି କରି ଅଧିକ ତଦନ୍ତ କରାଯାଉଛି ବୋଲି ଫାଣ୍ଡି ଅଧିକାରୀ ରାମଲାଲ ଜୁରିଆ ସୂଚନା ଦେଇଛନ୍ତି।

### କେନାଲରେ ଭାସିଗଲେ ବୃଦ୍ଧା, ମିଳୁନି ପତ୍ତା

ଭବାନୀପାଟଣା,୨।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ଇନ୍ଦ୍ରାବତୀ ଡାହାଣ ମୁଖ୍ୟ କେନାଲକୁ ଶୌଚ ହେବା ପାଇଁ ଯାଇ ଗୁରୁବାର ଜଣେ ବୃଦ୍ଧ ଭାସି ଯାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଜୟପାଟଣା ଥାନା ଅନ୍ତର୍ଗତ ଘେଟୁଗୁଡ଼ାର ଯୋଗେନ୍ଦ୍ର ପାଣିଗ୍ରାହୀ (୭୦) ପୂର୍ବାହ୍ନରେ କେନାଲକୁ ଶୌଚ ହେବା ପାଇଁ ଯାଇଥିଲେ। କେନାଲରେ ତାଙ୍କ ଗୋଡ଼ ଖସି ଯିବାରୁ ସେ ପାଣି ସୁଅରେ ଭାସି ଯାଇଥିଲେ। ଜୟପାଟଣା ଅଗ୍ନିଶମ ବିଭାଗ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲା। କିନ୍ତୁ ପାଣିର ସୁଅ ପ୍ରଖର ଯୋଗୁ ସନ୍ଧ୍ୟା ପର୍ଯ୍ୟନ୍ତ ମଧ ଯୋଗୀନ୍ଦ୍ରଙ୍କୁ ଉଦ୍ଧାର କରାଯାଇପାରି ନାହିଁ। ଏହି ଅଞ୍ଚଳରେ ପ୍ରାୟ ବହୁ ସମୟରେ ଲୋକେ କେନାଲ ପାଣିରେ ଭାସି ଯାଉଥିବା ଘଟଣା ସାମ୍ନାକୁ ଆସୁଥିବା ବେଳେ ବିଭାଗୀୟ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ କେନାଲ ପାଣି ବନ୍ଦ କରିବା ପାଇଁ କୁହାଯାଇ ଥିବାବେଳେ ଦୀର୍ଘ ସମୟ ପର୍ଯ୍ୟନ୍ତ କେନାଲ ପାଇଁ ବନ୍ଦ ନ କରିଥିବା ଅଭିଯୋଗ ହୋଇଛି।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ସିନାପାଲି,୨।୧୧(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଚଟିଆଗୁଡ଼ାସ୍ଥିତ ବେଲାରାଣୀ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସୁପୁଚ୍ଛ ମୌଳି ପାଣିଗ୍ରାହୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବରିଷ୍ଠ ଶିକ୍ଷୟିତ୍ରୀ ପ୍ରଭାତ ନଳିନୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ମକରଧ୍ୱଜ ମାଝି, ଜଗଦିଶ ଖମାରୀ, ସମୀର ପାତ୍ର, ରାକେଶ ମିଶ୍ର, ସଥ୍ୟନାରାୟଣ ପାତ୍ର, ମହେଶ ତିୱାରୀ, ମହେନ୍ଦ୍ର କୁମାର ପତି, ତ୍ରିନାଥ ମେହେର, ବାମଦେବ ଦାସ, ଜଗନ୍ନାଥ ସେଠୀ, ହେରାମୱ ଭୋଇ, ସଥ୍ୟାନନ୍ଦ ପାତ୍ର, ପଙ୍କଜ ସା ପ୍ରମୁଖ ଯୋଗଦେଇଥିଲେ। ଅମୋଘ କୁମାର ପାତ୍ର, ମୁକ୍ତେଶ୍ୱର ପ୍ରଧାନ, ପ୍ରକାଶ ମେହେର, କୁମୁଦବନ୍ଧୁ ଯୋଷୀ, ଗିରିଶ ମାଝି, ତ୍ରିନାଥ ମଶ୍ରା ପ୍ରମୁଖ ବିଦାୟୀ ପ୍ରଧାନ ଶିକ୍ଷକଙ୍କ ସ୍ମୃତିଚାରଣ କରିଥିଲେ। ଏ ଅବସରରେ ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହ ସୁସ୍ଥ ଏବଂ ନିରାମୟ ଜୀବନର କାମନା କରିଥିଲେ। ପ୍ରାରମ୍ଭରେ ଗୌତମ ମେହେର ସ୍ୱାଗତ କରିଥିଲେ। ସଭାରେ ଧନଞ୍ଜୟ ପୁରୋହିତ ବେଦପାଠ କରିଥିଲେ ଓ ଗୋକୁଳ ଚନ୍ଦ୍ର ପରି ମାନପତ୍ର ପାଠ କରିଥିଲେ। ତନୁରାମ ନାୟକ ଧନ୍ୟବାଦ ଦେଇଥିଲେ।

# ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ଶପଥପାଠ



ଜିଲାପାଳ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।

**ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ**

**■ସଚେତନତା ମାଧମରେ ଲୋକଙ୍କୁ ସଚେତନତା**

ଭବାନୀପାଟଣା,୨।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲାସ୍ତରୀୟ ଦୁର୍ନୀତିନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଜିଲା ଦୁର୍ନୀତି ନିବାରଣ ବିଭାଗ ମିଳିତ ଆନୁକୁଲ୍ୟରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ, ଭବାନୀପାଟଣା ପୌରଧକ୍ଷା ସଂଯୁକ୍ତା ବେହେରା, ମୁଖ୍ୟବକ୍ତା ପ୍ରଗତି ମହାବିଦ୍ୟାଳୟ ଇଂଲିଶ ଅଧାପକ ବିଦ୍ୟା ସାଗର ମୁଣ୍ଡ ପ୍ରମୁଖ ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ଦିବସ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ଡିଏସପି ଭିଜିଲାନ୍ସ ପ୍ରଦିପ କୁମାର ଆଇନ୍ଦ ଓଡ଼ିଶାକୁ ଦୁର୍ନୀତିମୁକ୍ତ କରିବାରେ ବିଭାଗର ବିଭିନ୍ନ ପଦକ୍ଷେପ ଓ ସଚେତନତା ସୃଷ୍ଟି କରିବା ଉପରେ ବିଭିନ୍ନ ପଦକ୍ଷେପ ଉପରେ ବିବରଣୀ ପ୍ରଦାନ କରିଥିଲେ। ଜିଲାପାଳଙ୍କ ନେତୃତ୍ୱରେ ସମସ୍ତେ ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ଶପଥ ପାଠ କରିଥିଲେ। ସଭାରେ ସମସ୍ତ କର୍ମଚାରୀଙ୍କୁ ବୃତ୍ତିଗତ ଓ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା, ଆଇନ ଶାସନକୁ ଅନୁପାଳନ, ନିଜର ଦାୟିତ୍ୱ ସାଧୁତା ଓ ସ୍ୱଚ୍ଛତା ସହ ସମ୍ପାଦନା କରିବା, ଉତ୍କୋଚ ଗ୍ରହଣ ନ କରିବା, ଜନସାଧାରଣଙ୍କ ହିତ ପାଇଁ କାର୍ଯ୍ୟ କରିବାକୁ ମତ ପ୍ରକାଶ ପାଇଥିଲା। ଲାଞ୍ଚ ଦେଇ ଶୀଘ୍ର କାର୍ଯ୍ୟ କରିବାର ମାନସିକତାକୁ ପରିହାର କରିବା, ସରକାରଙ୍କ 'ମୋ ସରକାର' ବ୍ୟବସ୍ଥା, ଦୁର୍ନୀତି ବିଭାଗର କାର୍ଯ୍ୟ ଦକ୍ଷତା ପ୍ରଶଂସା କରି ସମସ୍ତେ ସ୍ୱଚ୍ଛତା ଓ ସାଧୁତାକୁ ଆୟୁଧ କଲେ ଦୁର୍ନୀତିମୁକ୍ତ ସମାଜ ଗଠନରେ ସହାୟକ ହୋଇପାରିବା ବୋଲି ଜିଲାପାଳ କହିଥିଲେ। ଏହି ଅବସରରେ ପୂର୍ବାହ୍ନରେ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତି, ଅଙ୍ଗନୱାଡ଼ି କର୍ମୀ, ନେହେରୁ ଯୁବ କେନ୍ଦ୍ରର ସଭ୍ୟ, ବିଭିନ୍ନ କଲେଜ ଛାତ୍ରୀଛାତ୍ର, କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଏନସିସି ଛାତ୍ର, ବିଭାଗୀୟ ଅଧିକାରୀଙ୍କ ଏକ ସଚେତନତା ଶୋଭାଯାତ୍ରା ଜିଲାପାଳ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରି ଲୋକଙ୍କୁ ଦୁର୍ନୀତି ନିବାରଣ ଉପରେ ସଚେତନତା ସୃଷ୍ଟି କରିଥିଲା ଓ ଡ଼ାକବାଜି ଯନ୍ତ୍ର ଦ୍ୱାରା ସ୍ଲୋଗାନ ଦିଆଯାଇଥିଲା। ସପ୍ତାହ ପାଳନ ଅବସରରେ ଗତ ୩୦।୧୦।୨୦୨୩ରେ ଜିଲାର ସମସ୍ତ ବ୍ଲକ, ତହସିଲ, ଜିଲା କାର୍ଯ୍ୟାଳୟରେ କର୍ମଚାରୀମାନେ ଶପଥ ପାଠ କରିଥିଲେ। ଗତ ୩୧ରେ କଲେଜ ଓ ହାଇସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। କଲେଜ ଓ ହାଇସ୍କୁଲସ୍ତର ବକ୍ତୃତାରେ ପ୍ରଥମ ହୋଇଥିବା କାନନ କିରଣ ଯୋଶୀ ଓ ପ୍ରତ୍ୟାଶା ବହିଦାର ବକ୍ତବ୍ୟ ପ୍ରଦାନ କରିଥିଲେ। ଡିଆଇପିଆରଓ ମନୋଜ ବେହେରା ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଡବ୍ଲୁଓ, ଡିଏସଡବ୍ଲୁଓ, ଯୁବ ସଂଯୋଜକ, ନେହେରୁ ଯୁବକେନ୍ଦ୍ର, ଜିଲା କ୍ରୀଡ଼ା ଅଧିକାରୀ, ଡିସିପିଓ, ଡିପିସି, ମିଶନ ଶକ୍ତି ବିଭାଗୀୟ ଅଧିକାରୀ, ଭିଜିଲାନ୍ସ ବିଭାଗ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ବ୍ଲକ ବିଜ୍ଞାନ ସାଧନ କେନ୍ଦ୍ର ସମ୍ପାଦକ ଉଦ୍‌ବୋଧନ ଦେଉଛନ୍ତି।

କର୍ଲାମୁଣ୍ଡା,୨।୧୧(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସାପଲହରା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାପଲହରା ସରପଞ୍ଚ ରାଜେଶରୀ ସେନାପତି, ସମ୍ମାନିତ ଅତିଥି ରୂପେ ସାପଲହରା ହାଇସ୍କୁଲ ପ୍ରଧାନ ଶିକ୍ଷକ ହରିଶ୍ଚନ୍ଦ୍ର ମାଝି, ହାଇସ୍କୁଲ ପରିଚାଳନା କମିଟି ସଭାପତି ଅବନୀ ପ୍ରସାଦ ସାହୁ, ତୁଣ୍ଡଲା ହାଇସ୍କୁଲ ପ୍ରଧାନ ଶିକ୍ଷକ ଯତିନ୍ଦ୍ର ପଧାନ, ବ୍ଲକ ବିଜ୍ଞାନ ସାଧନ କେନ୍ଦ୍ର ସଭାପତି ଲଳିତ ମୋହନ ସାହୁ, ସମ୍ପାଦକ ସଞ୍ଜୀବ କୁମାର ନାଗ, ରେଗଡା ଆଦର୍ଶ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଆଶିଷ କୁମାର ଭୋଇ ପ୍ରମୁଖ ଯୋଗଦେଇ ବିଜ୍ଞାନର ଆବଶ୍ୟକତା ଓ ଏଥିପାଇଁ ଆକୃଷ୍ଟ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଯୁଗଳ ନାଗ, ଶିକ୍ଷୟତ୍ରୀ ସୌଭାଗ୍ୟଲକ୍ଷ୍ମୀ ପାତ୍ର ତଥା ଶିକ୍ଷୟିତ୍ରୀ ଗୀତାଞ୍ଜଳି ବାଗ ମଞ୍ଚ ପରିଚାଳନା କରିଥିଲେ। ଯତୀନ୍ଦ୍ର ପଧାନ ଓ ସଞ୍ଜୀବ କୁମାର ନାଗ ସିନିୟର ଓ ଜୁନିୟର ଗ୍ରୁପର କୁଇଜ ପ୍ରତିଯୋଗିତା ପରିଚାଳନା କରିଥିଲେ। ଜୋରାଡୋବରା ହାଇସ୍କୁଲ ବିଜ୍ଞାନ ଶିକ୍ଷକ ସପନ ନାୟକ ଓ ତେରେସିଙ୍ଗା ହାଇସ୍କୁଲ ବିଜ୍ଞାନ ଶିକ୍ଷକ ଆଶିଷ କୁମାର ମଲ୍ଲିକ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତାରେ ଜୁନିୟରରେ ସ. ମାଲପଡା ହାଇସ୍କୁଲ ଛାତ୍ର ଶୁଭମ ସାହୁ ପ୍ରଥମ, ତେରେସିଙ୍ଗା ହାଇସ୍କୁଲ ଛାତ୍ରୀ ଡଲି ବଗର୍ତ୍ତି ଦ୍ୱିତୀୟ ଓ ସପଲହରା ହାଇସ୍କୁଲ ଛାତ୍ର ଚନ୍ଦନ ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ। ସିନିୟରରେ ରିଷିଡା ବାପୁଜି ହାଇସ୍କୁଲ ଛାତ୍ରୀ ବୈଷ୍ଣୋଦେବୀ ଭୋଇ ପ୍ରଥମ, ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲ କର୍ଲାମୁଣ୍ଡା ଛାତ୍ର ତୁମ୍ନେଶ୍ୱର ସାହୁ ଦ୍ୱିତୀୟ ଓ ରିଞ୍ଜା ଗ୍ରାମପଞ୍ଚାୟତ ହାଇସ୍କୁଲର ଛାତ୍ର ପ୍ରେମସାଗର ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଶିକ୍ଷକ ପ୍ରାଣବନ୍ଧୁ ନାଗ, ଦୁର୍ଯ୍ୟୋଧନ ପଧାନ, ବସନ୍ତ କୁମାର ତରିଆ ତଥା ଜଳନ୍ଧର ସାହୁ ସହଯୋଗ କରିଥିଲେ।

### ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ସମ୍ପର୍କିତ କର୍ମଶାଳା

ଲାଞ୍ଜିଗଡ଼,୨।୧୧(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁରସ୍ଥିତ ଉ.ପ୍ରା. ବିଦ୍ୟାଳୟରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ କର୍ମଶଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ନମିତାରାଣୀ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଈଶ୍ୱର ଚନ୍ଦ୍ର ବେହେରା ଯୋଗଦେଇ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଯୋଜନାର ସଫଳ କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଯୋଜନାକୁ ସଫଳ କରିବା ପାଇଁ ପର୍ଯ୍ୟାୟକ୍ରମେ ବ୍ଲକର ୫ଟି ସ୍ଥାନରେ ପ୍ରଧାନ ଶିକ୍ଷକ ଓ ଏଫଏଲଏନ ଶିକ୍ଷକମାନଙ୍କ କର୍ମଶାଳା ଆୟୋଜନ ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଯୋଜନା କରାଯାଇଛି। ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଜିଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ ମିଳିତ ଉଦ୍ୟମକୁ ଶିକ୍ଷକ ମହଲରେ ସ୍ୱାଗତ କରାଯାଇଛି। ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦ୍ରୋଣ ରଣା, ସୁଢ଼ଲଦେବ ମୁଣ୍ଡ ଓ ଭାରତ ଭୂଷଣ ସାହୁ ମାର୍ଗଦର୍ଶନ କରିଥିଲେ। ବ୍ଲକର ମନୋନୀତ ସମସ୍ତ ସାଧନକର୍ମୀ ଓ ସମସ୍ତ ସିଆରସିସି. କର୍ମଶାଳାରେ ଅଂଶ ଗ୍ରହଣ କରିଥିଲେ। ସିଆରସିସି ତପନ କୁମାର ଭୋଇ ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ।

## କେସିଙ୍ଗାରେ ଲକ୍ଷ୍ମୀ ବସ୍ ସେବା ଶୁଭାରମ୍ଭ


ବେଲଖଣ୍ଡି ପଞ୍ଚାୟତରୁ ନର୍ଲା ବିଧାୟକଙ୍କ ଦ୍ୱାରା ଲକ୍ଷ୍ମୀ ବସ ଶୁଭାରମ୍ଭ।

କେସିଙ୍ଗା,୨।୧୧(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲାରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଥିବା ବେଳେ ଗୁରୁବାରଠାରୁ କେସିଙ୍ଗା ବ୍ଲକରେ ଏହି ବସ୍ ଚଳାଚଳ ଆରମ୍ଭ ହୋଇଛି। କେସିଙ୍ଗା ବ୍ଲକରୁ ନର୍ଲା ବିଧାୟକ ଭୂପିନ୍ଦର ସିଂ ପତାକା ଦେଖାଇ ବେଲଖଣ୍ଡିରୁ ଲକ୍ଷ୍ମୀ ବସ ଶୁଭାରମ୍ଭ କରିଥିଲେ। ଗୋଟିଏ ବସ ଆମାଠ ଛକଦେଇ ହାତିଖୋଜ ପର୍ଯ୍ୟନ୍ତ ଯାଇଥିବା ବେଳେ ଅନ୍ୟ ବସ ବୋରିଆ କିକିଆ ହୋଇ ନାସିଗା ପର୍ଯ୍ୟନ୍ତ ଯାଇଥିବା ସୂଚନା ମିଳିଛି। ବାଲସି ଗ୍ରାମ ପଞ୍ଚାୟତରେ ଠିକ ଭାବେ ରାସ୍ତା ଚୟନ କରାଯାଇ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବାଲସି ଗ୍ରାମର ମଶାଣିବନ୍ଧ ଗ୍ରାମ ଦେଇ ବାଲସି, ରେଙ୍ଗାଲି, ଭମରମାଲ, ଶିରୋଲ, ତୁମେର ମୁଣ୍ଡା ଦେଇ କେସିଙ୍ଗା ସହରକୁ ସଂଯୋଗ କରିବାବାକୁ ଜନସାଧାରଣ ଦାବି ହେଉଛି। ଲକ୍ଷ୍ମୀ ବସ ଶୁଭାରମ୍ଭ ଉତ୍ସବରେ ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର, ବିଡିଓ ପଦ୍ମନାଭ ପୁରୋହିତ, ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ସିଂଜାପାଲି ସରପଞ୍ଚ ପ୍ରମୋଦ ଦାସ, ବେଲଖଣ୍ଡି ସରପଞ୍ଚ ସୁଶାନ୍ତ ବାଗ ଓ ମିଶନ ଶକ୍ତି ମା'ଭଉଣୀମାନେ ଉପସ୍ଥିତ ଥିଲେ।

## ୱେଷ୍ଟର୍ନ ଓଡ଼ିଶା ରେସିଡେନ୍ସିଆଲ ପବ୍ଲିକ ସ୍କୁଲର ପ୍ରତିଷ୍ଠା ଦିବସ

ଖଡ଼ିଆଲ,୨।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଲସ୍ଥିତ ୱେଷ୍ଟର୍ନ ଓଡିଶା ରେସିଡେନ୍ସିଆଲ ପବ୍ଲିକ ସ୍କୁଲ ଖରିଆରର ୨୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ କେ. ଭି. କଲେଜ ଇଂରାଜୀ କଣ୍ଠାବାଞ୍ଜି ମୁଖ୍ୟ ଡ଼. ଲୋହିତାକ୍ଷ ଯୋଷୀ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ସେକ୍ରେଟାରୀ ଶ୍ରୀମତୀ ସ୍ନିଗ୍ଧା ଘୋଷ ଓ ବିଦ୍ୟାଳୟ ପ୍ରିନ୍ସିପାଲ, ଅଧକ୍ଷା ସସ୍ମିତା ପଟ୍ଟନାୟକ ଯୋଗଦେଇଥିଲେ। ବିଦ୍ୟାଳୟ ପତାକା ଉତ୍ତୋଳନ ପରେ ତାଙ୍କ ବକ୍ତବ୍ୟରେ ମୁଖ୍ୟଅତିଥି ଡ଼. ଯୋଷୀ ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ, ନିଡର ମନୋଭାବ କିପରି ଭବିଷ୍ୟତରେ ତାଙ୍କୁ ଉତ୍ତମ ନାଗରିକ ଭାବେ ଗଢି ତୋଳିବ ତାହା ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ତଥା ଅଭିଭାବକମାନେ ଯୋଗଦେଇଥିଲେ। ଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ନୃତ୍ୟ ପ୍ରତିଯୋଗିତାର ବିଚାରକ ଭାବେ ଗଙ୍ଗାଧର ମହାଉତି, କିରଣ କୁମାର ବାରିକ ଓ କୁମାରୀ ବବିତା ଶବର ଯୋଗଦେଇଥିଲେ।

## ଜାନୁୟାରୀ ୪ରୁ ୱାଇଏମ୍‌ସି କପ୍ କ୍ରିକେଟ


ବୈଠକରେ ଉପସ୍ଥିତ କର୍ମକର୍ତ୍ତା ବୃନ୍ଦ।

ନୂଆପଡ଼ା,୨।୧୧(ମକାରୁ ବେମାଲ)

ନୂଆପଡ଼ା ମିନି ଷ୍ଟାଡିୟମ କ୍ଲବ ଗୃହରେ ୩୨ତମ ୱାଇଏମସି କପ୍ କ୍ରିକେଟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା କ୍ରିକେଟ ସଂଘ ସମ୍ପାଦକ ସରୋଜ କୁମାର ସାହୁଙ୍କ ଆହ୍ୱାନକ୍ରମେ ସଂଘ ସଭାପତି ପ୍ରକାଶ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଅମରେଶ ଚନ୍ଦ୍ର ଦାସଙ୍କୁ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ତପନ ବଗର୍ତ୍ତି ସମ୍ପାଦକ, ଉପସଭାପତି ରଞ୍ଜିତ ସୁନା ଓ କୋଷାଧ୍ୟକ୍ଷ ଭାବେ ଜିତୁ ହୋତାଙ୍କୁ ଚୟନ କରାଯାଇଛି। କର୍ମକର୍ତ୍ତା ଚୟନ ପରେ ୩୨ତମ ୱାଇଏମସି କପ କ୍ରିକେଟ ଉପରେ ଆଲୋଚନା କରାଯାଇଥିଲା। ଆସନ୍ତା ଜାନୁୟାରୀ ୪ରୁ ସର୍ବଭାରତୀୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିବେ। ଚାମ୍ପିୟନ ଦଳକୁ ୮୦ ହଜାର ସହ ଟ୍ରଫି ଓ ରନର୍ ଅଫ ଦଳକୁ ୫୦ ହଜାର ସହ ଟ୍ରଫି ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହା ବ୍ୟତିତ ମ୍ୟାନ ଅଫ ଦି ସିରିଜ ପାଇଁ ୧୦ ହଜାର, ପ୍ରତି ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ ପାଇଁ ୧ ହଜାର ଟଙ୍କା ରଖାଯାଇଛି। ସଞ୍ଜୟ ପଟ୍ଟନାୟକ, ସୀମାଞ୍ଚଳ ମହାପାତ୍ର, ପ୍ରୟାସ ସିଂ ଠାକୁର, ଶ୍ରୀରାମ ମିଶ୍ର, କିଶୋର ମହଲା, ଟିପୁ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

## ବୁଢ଼ାରଜା ଦେବଙ୍କ ଦଶରା ପର୍ବ ପାଇଁ ଚୂଡାନ୍ତ ପ୍ରସ୍ତୁତି ବୈଠକ

କୋକସରା,୨।୧୧(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣିର ଆରାଧ୍ୟ ଦେବତା ପ୍ରଭୁ ବୁଢାରଜା ଦେବଙ୍କ ଦଶରା ପର୍ବ ଆସନ୍ତା ଶନିବାର ପାଳିତ ହେବ। ଏ ନେଇ ଗୁରୁବାର ବୁଢ଼ାରଜା ଦଶରା ସୁପରିଚାଳନା ପାଇଁ ମନ୍ଦିର ପୂଜା କମିଟି ସହ ପୋଲିସ, ଜନପ୍ରତିନିଧି ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଚୂଡାନ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଧର୍ମଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ଧିରଜ କୁମାର ଚୋପଦାର, ଆମପାଣି ଥାନାଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ କେତନ ପାତ୍ର, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ପୂଜା କମିଟି ସଭାପତି କୁମୁଦ ଚନ୍ଦ୍ର ପୂଝାରୀ, ଉପ ସଭାପତି ତିଲୋତ୍ତମା ନାଏକ, ସାଧାରଣ ସମ୍ପାଦକ ନକୁଲ ବାଣୁଆ, କୋଷାଧ୍ୟକ୍ଷ ଜିତେନ୍ଦ୍ର ପଣ୍ଡା, ସାମାଜକ କର୍ମୀ ମନୋରଞ୍ଜନ ବାଣୁଆ, ସଦସ୍ୟ ବିଘ୍ନେଶ୍ୱର ନାଏକ, ମହେଶ୍ୱର ପଟେଲ, ରାଜ କିଶୋର ପୂଜାରୀ, ଗୋବିନ୍ଦ ମାଝି, ରହସ୍ୟ ନାଏକ ଉପସ୍ଥିତ ଥିଲେ। ଦଶରା ପୂର୍ବଦିନ ଶୁକ୍ରବାର ପୂଝାରୀଙ୍କ ଘରେ ଲାଠି ପୂଜନୋତ୍ସବ ହେବ। ଶନିବାର ସକାଳ ୭ରୁ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲାଯିବ। ପୂର୍ବାହ୍ନ ୧୦ଟାରେ ବୁଢାରଜାଙ୍କ ଲାଠିଯାତ୍ରା ଆରମ୍ଭ ହେବ ଲାଠି ବୁଢ଼ାରଜା ପୀଠରେ ପହଞ୍ଚିବା ପରେ ଅପରାହ୍ନ ୩ଟାରେ ଲାଖବିନ୍ଧା କାର୍ଯ୍ୟକ୍ରମ ହେବାର ସୂଚନା ରହିଛି।


ଅନୁଷ୍ଠିତ ବୈଠକରେ ଆଲୋଚନା କରାଯାଉଛି।

# ବିଶ୍ୱମୁଣ୍ଡ ବୁଢ଼ାରାଜାଙ୍କ ବାର୍ଷିକ ଯାତ୍ରା ଆରମ୍ଭ

ଲାଞ୍ଜିଗଡ଼,୨।୧୧(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ସୀମାନ୍ତ ପାହାଡ଼ପଦର ପଞ୍ଚାୟତସ୍ଥିତ ସାଡିଙ୍ଗ ଗୁମ୍ଫାଠାରେ ବିଶ୍ୱମୂଣ୍ଡ ବୁଢ଼ାରାଜାଙ୍କ ବାର୍ଷିକ ପର୍ବ ଗୁରୁବାର ଆରମ୍ଭ ହୋଇଯାଇଛି। ପ୍ରଥା ଅନୁଯାୟୀ ଚଳିତ କାର୍ତ୍ତିକ କୃଷ୍ଣପକ୍ଷ ଚତୁର୍ଥୀ ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ୩ ଦିନ ଧରି ସାଡିଙ୍ଗ ଗୁମ୍ଫାରେ ବିଷମୁଲ ବୁଢାରାଜାଙ୍କ ଏହି ପର୍ବ ପାଳିତ ହୋଇ ଷଷ୍ଠୀ ଦିନ ଶେଷ ହୋଇଥାଏ। ଯାତ୍ରାରେ ପ୍ରଥମ ଦିନରେ ୫ଟି ପଞ୍ଚାୟତର ବିଭିନ୍ନ ଗ୍ରାମର ଝିଅମାନେ କଳସରେ ନିକଟସ୍ଥ ନଦୀରୁ ପାଣି ଧରି ପାହାଡ଼ପଦର ପଞ୍ଚାୟତ ପରିକ୍ରମା କରି ଷମୂଳ ବୁଢ଼ାରାଜାଙ୍କ ପୀଠକୁ ଆସିଥିଲେ। ପୀଠରେ ପୂଜକ ଲୋକନାଥ ମାଝି ଓ ବୁଦ୍ଧୁ ନାଏକ ଦ୍ୱାରା ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ଶୁକ୍ଳ ଭୋଗ ଦିଆଯାଇଥିଲା। ଗୋଟିଏ ଲିଙ୍ଗରେ ନଡ଼ିଆ, କଦଳୀ, ଧୂପ, ଓ ମୁଆଁ ଆଦି ଶୁକ୍ଳ ଭୋଗରେ ପୂଜା କରାଯାଇଥିଲା। ମାନସିକ ଧାରିମାନେ ନଡ଼ିଆ ଭାଙ୍ଗି ପୂଜାର୍ଚ୍ଚନା କରିଥିଲେ। ବିଶ୍ୱମୁଣ୍ଡ ବୁଢାରଜାଙ୍କ ପାଖରେ ଯାହାବି ମାନସିକ କରାଯାଇଥାଏ ତାହା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ପୂଜାରେ ଲାଞ୍ଜିଗଡ଼ ବ୍ଲକ ଦୁର୍ଗମ ଅଞ୍ଚଳର ୫ଟି ପଞ୍ଚାୟତ ତଥା ପାହାଡ଼ ପଦର, ଲାଖବାହିଲି, ବିଜେପୁର, ମାଳିପୁବାଙ୍ଗ ଓ ବେନଗାଁର ଭକ୍ତଙ୍କୁ ଦେଖିବାକୁ ମିଳିଥିଲା। ପୂଜାରେ ଅତିଥି ଭାବେ କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଶିବାଜୀ ମାଝି, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ମାଝି, ଲାଞ୍ଜିଗଡ ମଣ୍ଡଳ ଭାଜପା ସଭାପତି ନିରଞ୍ଜନ ବିଭାର, ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ କମିଟି ସଭାପତି ବିଜୟ ନାଏକ, ବସନ୍ତପଡ଼ା ସରପଞ୍ଚ ତଥା କଂଗ୍ରେସ ନେତା ଚାଞ୍ଚେର ମାଝି, ସାମାଜକ କର୍ମୀ ରାଜେନ୍ଦ୍ର ମାଲି, ନରେନ୍ଦ୍ର ବେହେରାଙ୍କ ସମେତ ଜନପ୍ରତିନିଧିମାନେ ଯୋଗଦେଇଥିଲେ। ବିଶ୍ୱମୁଣ୍ଡ ବୁଢାରଜା ପୂଜା କମିଟି ସଭାପତି ଜଗଦୀଶ ବେନିଆଁଙ୍କ ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପାହାଡ଼ପଦର ସରପଞ୍ଚ ଲକ୍ଷ୍ମଣ ମାଝି, ପୂଜା କମିଟି ଉପସଭାପତି କୁମର ନାଏକ, କୋଷାଧକ୍ଷ ବଳଭଦ୍ର ସାହୁ, କମିଟି ଉପଦେଷ୍ଟା ବୈଦ୍ୟନାଥ ନାଏକ, ଜଗଦୀଶ ପୁଟା, ମଧୁସୂଦନ ନାଏକ, ମାଧବ ନାଏକ, ଉଗ୍ରେସନ ବାଗ, ଲିଙ୍ଗରାଜ ଦୁର୍ଗା, ପରମେଶ୍ୱର ନାଏକ, ବନମାଳୀ ମାଝିଙ୍କ ସମେତ କମିଟି ସଦସ୍ୟ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।


ବିଶ୍ୱମୁଣ୍ଡ ବୁଢ଼ାରାଜାଙ୍କ ବାର୍ଷିକ ପର୍ବ ଉପଲକ୍ଷେ କଳସ ଶୋଭାଯାତ୍ରା।

**ବିନିକା ସିଦ୍ଧାର୍ଥ କଲେଜରେ ରାଷ୍ଟ୍ରୀୟ ଏକତା ଦିବସ**

ବିନିକା,(ରାମ ଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜଠାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ରାଷ୍ଟ୍ରୀୟ ଏକତା ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଅଧ୍ୟକ୍ଷ ଧୀରେନ୍ଦ୍ର କୁମାର ନାୟକ ଯୋଗଦେଇ ଦେଶର ସଂହତି,ଏକତା, ଅଖଣ୍ଡତା ପାଇଁ ଛାତ୍ରୀଛାତ୍ର, ଅଧାପିକା ଅଧାପିକା ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ।

## ସଂକ୍ଷେପରେ

### ଚିକିତ୍ସା ଅବହେଳାରୁ ନବଜାତ ଶିଶୁ ମୃତ୍ୟୁ ଅଭିଯୋଗ

**ବରଗଡ଼,୨ା୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଚିକିତ୍ସାରେ ଅବହେଳା ଯୋଗୁ ଜଣେ ନବଜାତ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ବରଗଡ଼ ଜିଲା ଭେଡେନ ବ୍ଲକ ତାଳମେଣ୍ଡା ପଞ୍ଚାୟତ ପାତରପାଲି ଗ୍ରାମର ସୁରେନ୍ଦ୍ର ଖେତିଙ୍କ ସ୍ତ୍ରୀ ବୈଜୟନ୍ତୀଙ୍କ ପ୍ରସବ ବେଦନା ହେବାରୁ ତାଙ୍କୁ ବୁଧବାର ରାତି ୧୦ଟାରେ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲରେ ତେବେ ସେ ସମୟରେ କୌଣସି ଡାକ୍ତର ନ ଥିବା ଅଭିଯୋଗ ହୋଇଛି। ଗୁରୁବାର ସକାଳୁ ତାଙ୍କୁ ଘରୋଇ ହସ୍ପିଟାଲରେ ଚିକିତ୍ସା କରିବାକୁ ପରାମର୍ଶ ଦିଆଯାଇଥିବା ମୃତ ଶିଶୁର ପରିବାର ଲୋକେ କହିଛନ୍ତି। ଡାକ୍ତରଖାନାରୁ ଘରୋଇ ଡାକ୍ତରଖାନା ଅଭିମୁଖେ ବାହାରିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟ ଫାଟକ ପାଖରେ ହିଁ ନବଜାତ ଶିଶୁ ଅଧା ବାହାରି ଆସିଥିଲା ଏବଂ ସେହି ଅବସ୍ଥାରେ ତାଙ୍କୁ ପୁଣି ଜିଲା ମୁଖ୍ୟ ଡାକ୍ତରଖାନା ଲେବର ରୁମ୍‌କୁ ନିଆଯାଇଥିଲା। ମାତ୍ର ସେଠାରେ ନବଜାତ ଶିଶୁର ମୃତ୍ୟୁ ହୋଇଥିବା ମୃତ ଶିଶୁର ବାପା ସୁରେନ୍ଦ୍ର ଅଭିଯୋଗ କରିଛନ୍ତି। ଏ ନେଇ ତଦନ୍ତ କରି ବିହିତ ପଦକ୍ଷେପ ନିଆଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡା. ଡି. କେ. ଦତ୍ତ କହିଛନ୍ତି।

### ସୁବର୍ଣ୍ଣପୁର ଜିଲା କୁଲତା ସମାଜର ନୂତନ କର୍ମକର୍ତ୍ତା ଚୟନ

**ମୁରଲୀଧର ସଭାପତି, ରମେଶ ସମ୍ପାଦକ**

**ଅମରପାଲି,୨ା୧୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା କୁଲତା ସମାଜ ଦ୍ୱାରା ବୀରମହାରାଜପୁର ଉପଖଣ୍ଡ ଅନ୍ତର୍ଗତ ତେଲେଣ୍ଡା ରାମଚଣ୍ଡୀ ପୀଠରେ ବାର୍ଷିକ ମହାପୂଜା ଓ ମହାସଭା ଅବସରରେ ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ଏଥିରେ ମୁରଲୀଧର ବିଶାଳ ସଭାପତି, ହଜାରୁ ସା ଓ ବଙ୍ଗାଳୀ ବିଶାଳ ଉପସଭାପତି, ରମେଶ ପଧାନ ସମ୍ପାଦକ, ଘାସିରାମ ସାହୁ ସହସମ୍ପାଦକ, ବନମାଳୀ ପଧାନ କୋଷାଧ୍ୟକ୍ଷ ରହିଥିବା ଜଣାଯାଇଛି। ସଦାନନ୍ଦ ପଧାନ, ନାରାୟଣ ପଧାନ, ଗଜୀନ୍ଦ୍ର ପଧାନ, ସୁଦାମ ପଧାନ, ଲିଙ୍ଗ ପଧାନ, ସୁଜାତା ପଧାନ, ବିକ୍ରମ ସା, ଉମାକାନ୍ତ ପଧାନ, ଦର୍ଶନ ସାହୁ ପ୍ରମୁଖ ସଦସ୍ୟ ଥିବା ଜଣାପଡ଼ିଛି । ଏହି ଅବସରରେ ସମାଜର ଉନ୍ନତି, ସାଙ୍ଗଠନିକ ବିକାଶ ତଥା ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଆଲୋଚନା ହୋଇଥିଲା। ମହାପୂଜା ଅବସରରେ ସକାଳ ବେଳା ବେଜପାଲି ଗ୍ରାମବାସୀଙ୍କ ଦ୍ୱାରା ମହାନଦୀରୁ ଜଳ ଆଣି ରଣେଶ୍ୱର ବାବାଙ୍କ ମହାଜଳଶାୟୀ କରାଯାଇଥିଲା। ରାତିରେ ମହାପୂଜା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବେଜପାଲିର ରଘୁନାଥ ନାଟ୍ୟ କଳା ପରିଷଦ ଦ୍ୱାରା ନାଟକ 'ସୀତା ଚୋରି' ମଞ୍ଚସ୍ଥ ହୋଇଥିଲା। ମହାସଭାରେ ପୂର୍ବତନ ଜିଲା ସଭାପତି ପ୍ରଦ୍ୟୁମ୍ନ ସାହୁ ସଭାପତିତ୍ୱ କରିଥିଲେ। ସମ୍ପାଦକ କ୍ଷେତ୍ରବାସୀ ପଧାନ ସ୍ୱାଗତ ଭାଷଣ ଦେବା ସହ ଗତବର୍ଷର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ।

### ୧୪୦ କିଲୋ ଗଞ୍ଜେଇ ଜବତ, ଦୁଇ ଗିରଫ

**ବାଉଁଶୁଣୀ,୨ା୧୧(ଦେବାଶିଷ ନେପାକ)**

ବୁଧବାର ରାତିରେ ପୋଲିସ ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅଞ୍ଚଳରୁ ଏକ ନମ୍ବରବିହୀନ ଅଟୋରେ ଗଞ୍ଜେଇ ଚାଲାଣ ବେଳେ ଚଢାଉ କରି ୧୪୦ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ବାଉଁଶୁଣୀ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଛେଳିବାହାଲ ଛକ ନିକଟରେ ଏକ ନମ୍ବରବିହୀନ ଯାତ୍ରୀବାହୀ ଅଟୋ ଠିଆ ହୋଇଥିଲା। ସନ୍ଦେହରେ ଉକ୍ତ ଅଟୋ ଯାଞ୍ଚ କଲା ପରେ ସେଥିରୁ ଗଞ୍ଜେଇ ବାହାରିଥିଲା। ଗୁରୁବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କଲା ପରେ ୧୪୦ କିଲୋ ଗଞ୍ଜେଇ ଜବତ ହୋଇଥିବା ଜଣାଯାଇଛି। ଗଞ୍ଜେଇ ଚାଲାଣ ମାମଲାରେ ଦୁଇ ଜଣ ଯୁବକଙ୍କୁ ଗିରଫ କରାଯାଇଛି। ମାତ୍ର ଅଭିଯୁକ୍ତଙ୍କ ନାମ, ଠିକଣା କିମ୍ବା ଅନ୍ୟ କିଛି ସୂଚନା ବିଧିବଦ୍ଧ ଭାବରେ ପୋଲିସ ପ୍ରକାଶ କରିନାହିଁ । ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଏ. ବିଶ୍ୱାଳ କହିଛନ୍ତି ।

# ସୁବର୍ଣ୍ଣପୁରକୁ ୫୪ କୋଟି



ସୋନପୁର ବ୍ଲକ ସାଗରପାଲିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧିକାରୀ ଓ ଲୋକପ୍ରତିନିଧି ବୃନ୍ଦ।

**ଆମ ଓଡ଼ିଶା, ନବୀନ ଓଡିଶା**

■ସୋନପୁର, ବୀରମହାରାଜପୁର ନିର୍ବାଚନମଣ୍ଡଳୀରେ ୧ହଜାର ୪୧୯ଟି ଉନ୍ନୟନ ମୂଳକ ପ୍ରକଳ୍ପ

**ସୋନପୁର,୨ା୧୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାରେ ଗୁରୁବାର ଆମ ଓଡିଶା, ନବୀନ ଓଡିଶାର ଶୁଭାରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଆଭାସି ଯୋଗେ ଏହାର ଶୁଭାରମ୍ଭ କରିଛନ୍ତି । ଏଥିରେ ଜିଲାର ୬ଟି ବ୍ଲକର ୧୦୯ ପଞ୍ଚାୟତକୁ ୫୦ଲକ୍ଷ ଟଙ୍କା ଲେଖାଁଏ ପାଇବାର ବ୍ୟବସ୍ଥା ରହିଛି । ଜିଲାର ସୋନପୁର ଓ ବୀରମହାରାଜପୁର ନିର୍ବାଚନମଣ୍ଡଳୀରେ ୫୪କୋଟି ୫୦ଲକ୍ଷ ଟଙ୍କା ବ୍ୟୟରେ ୧ହଜାର ୪୧୯ଟି ଉନ୍ନୟନମୂଳକ ପ୍ରକଳ୍ପ ନିର୍ମାଣ କରାଯିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଛନ୍ତି, ନବୀନ ଓଡିଶାର ପରିଚୟ ନେଇ ରାଜ୍ୟର ପ୍ରତି ଗାଁ ବିକାଶ ମାର୍ଗରେ ଆଗକୁ ବଢିବ । ୫–ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଜିଲାର ବିନିକା ଆରଏମ୍‌ସି, ବୀରମହାରାଜପୁର ମିନି ଷ୍ଟାଡିୟମ, ଡୁଙ୍ଗୁରିପାଲି ବଡଫଟାମୁଣ୍ଡା ପଡିଆ, ସୋନପୁର ସାଗରପାଲି ହାଇସ୍କୁଲ ପଡିଆ, ତରଭା ଏଇଏସ କଲେଜ ପଡିଆ ଓ ଉଲୁଣ୍ଡା ହାଇସ୍କୁଲ ପଡିଆରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିପୁଳ ଜନସମାଗମ ହୋଇଥିଲା। ଡୁଙ୍ଗୁରିପାଲିରେ ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସମେତ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ, ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଜିଲା ପରିଷଦ ସଭ୍ୟ ଗଣେଷ ଭୋଇ, ମଞ୍ଜୁଶ୍ରୀ ମାଝୀ, ବିଡିଓ ରୋହିତ ଭୋଇ, ବ୍ଲକର ସରପଞ୍ଚ ଓ ସମିତି ସଭ୍ୟ ବୃନ୍ଦ ଉପସ୍ଥିତ ଥିଲେ । ସୋନପୁର ବ୍ଲକ ସାଗରପାଲିରେ ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲାପାଳ ବିମଳେନ୍ଦୁ ରାୟ, ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ, ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା, ଗୋପାଳ ବରେଇ, ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ବୃନ୍ଦ ଉପସ୍ଥିତ ଥିଲେ । ଏହି ବ୍ଲକର ୧୪ଟି ପଞ୍ଚାୟତ ପାଇଁ ମୋଟ ୭କୋଟି ଟଙ୍କା ମଞ୍ଜୁର ହୋଇଥିବା ଜଣାପଡିଛି। ତରଭାରେ ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ, ଉପାଧ୍ୟକ୍ଷ ଦ୍ୱାଦଶୀ କୁଅଁର, ବିଡିଓ ଅନିଲ କୁମାର କୁଲୁ, ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ବୃନ୍ଦ ଉପସ୍ଥିତ ଥିଲେ। ସେହିପରି ଉଲୁଣ୍ଡା, ବିନିକା ଓ ବୀରମହାରାଜପୁରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବୀରମହାରାଜପୁର ନିର୍ବାଚନମଣ୍ଡଳୀକୁ ୨୨କୋଟି ୫୦ଲକ୍ଷ



ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

**ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ**

**ଅମରପାଲି,୨ା୧୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଜରିଆରେ ବାର୍ତ୍ତା ଦେବା ସହିତ ଅଞ୍ଚଳର ବିକାଶରେ ସମସ୍ତେ ସାମିଲ ହୋଇ ଏହି ପ୍ରକଳ୍ପର ସୁରକ୍ଷା ଜନସାଧାରଣଙ୍କ ହାତରେ ରହିଛି ବୋଲି ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ୫–ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ସଂଯୋଜନା କରିଥିବା ବେଳେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସୁବର୍ଣ୍ଣପୁର ଜିଲାରେ ଉକ୍ତ ପ୍ରକଳ୍ପ ଦ୍ୱାରା ୫୪ କୋଟି ୫୦ଲକ୍ଷ ଟଙ୍କା ବିନିଯୋଗ ହେବ ବୋଲି ଜଣାଯାଇଛି। ଉକ୍ତ ପ୍ରକଳ୍ପ ଦ୍ୱାରା ମଠ, ମନ୍ଦିର, ମସ୍‌ଜିଦ, ଖେଳପଡିଆର ଉନ୍ନତିକରଣ କାର୍ଯ୍ୟ ତ୍ୱରାନ୍ୱିତ ହେବ। ବୀରମହାରାଜପୁର ନିର୍ବାଚନମଣ୍ଡଳୀ ପାଇଁ ସମୁଦାୟ ୨୨ କୋଟି ୫୦ଲକ୍ଷ ଟଙ୍କା ଅନୁଦାନ ମିଳିଥିବା ବେଳେ ବୀରମହାରାଜପୁର ବ୍ଲକରେ ୭ କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ଏହାଛଡା ବୀରମହାରାଜପୁର ମହାବିଦ୍ୟାଳୟ ଯୁକ୍ତ ୨ ଶ୍ରେଣୀ ପାଇଁ ୫୦ ଲକ୍ଷ ଏବଂ ଡିଗ୍ରୀ କଲେଜ ପାଇଁ ୫୦ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରାଯାଇଛି । ମହାନଦୀରେ ଦୁଇ ଦୁଇଟି ବ୍ୟାରେଜ ପାଇଁ ୧୯୫୦ କୋଟି ଟଙ୍କା ଖଇରମାଲ ବ୍ୟାରେଜ ଓ ଗୋଧନେଶ୍ୱର ବ୍ୟାରେଜ ପାଇଁ ମୁଖ୍ୟମନ୍ତ୍ରୀ ଅର୍ଥର ବ୍ୟବସ୍ଥା କରିଛନ୍ତି। ପାତାଳି ଶ୍ରୀକ୍ଷେତ୍ର ପାଇଁ ଡିପିଆର ପ୍ରସ୍ତୁତି କରାଯାଉଛି। ଡିପିଆର ପ୍ରସ୍ତୁତ ପରେ ପାତଳି ଶ୍ରୀକ୍ଷେତ୍ର ପାଇଁ ମୁଖ୍ୟ ମନ୍ତ୍ରୀ ଖୁବଶୀଘ୍ର ଅର୍ଥ ଘୋଷଣା କରିବେ ବୋଲି ୫–ଟି ଅଧ୍ୟକ୍ଷ ଭିଡିଓ କନଫରେନ୍ସ ଜରିଆରେ ପ୍ରକାଶ କରିଛନ୍ତି। ବୀରମହାରାଜପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବେହେରା, ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ୱୟମ୍ଭୁନାଥ ଖଣ୍ଡଗିରି, ରଞ୍ଜିତ କୁମାର ରଥ, ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲା ପରିଷଦ ସଦସ୍ୟା ଚନ୍ଦ୍ରକାନ୍ତି ଦନ୍ତା, ସରପଞ୍ଚ ସଂଘ ସଭାପତି ଶ୍ରୀୟା କର୍ମୀ, ବିଡ଼ିଓ ରଘୁନାଥ ପାଣିଗ୍ରାହୀ ସରପଞ୍ଚ, ସମିତିସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସମେତ ଜନସାଧାରଣ ସାମିଲ ହୋଇଥିଲେ ।

# ଚାଷୀ ପଞ୍ଜୀକରଣରେ ଅନିୟମିତତା

**ସୋନପୁର,୨ା୧୧(ମୃତ୍ୟୁଞ୍ଜୟ ଶତପଥୀ)**

■ରକ୍ସା ପାକ୍ସ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିଶ

■ଡିଆରସିଏସ୍‌ଙ୍କ ନିର୍ଦ୍ଦେଶକୁ ପ୍ୟାକ୍ସ ସଭାପତିଙ୍କ ଉପେକ୍ଷା

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ରକ୍ସା ପ୍ରାଥମିକ କୃଷି ସମବାୟ ସମିତି ଲିଃ(ପାକ୍ସ)ର ଭାରପ୍ରାପ୍ତ ସମ୍ପାଦକ ଗଜପତି ଭୋଇଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ ହୋଇଛି। ସେହିପରି ସୁରୁଖୁରୁରେ ଧାନ ସଂଗ୍ରହ ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ବଲାଙ୍ଗୀର ସମବାୟ ସମିତି ଉପନିବନ୍ଧକ(ଡିଆରସିଏସ୍) ଦମୟନ୍ତୀ ସିଂ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୫୯୨୩/ତା୨୦।୧୦।୨୦୨୩ରିଖ ଓ ୫୯୯୨/ତା୧।୧୧।୨୦୨୩ରିଖ ଅନୁସାରେ ରକ୍ସା ପାକ୍ସ ପରିଚାଳନା ପରିଷଦ ସଭାପତିଙ୍କୁ ଏ ସମ୍ପର୍କରେ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଡିଆରସିଏସ୍ ୨ ଥର ନିର୍ଦ୍ଦେଶ ଦେଇ ସାରିଥିଲେ ବି ପାକ୍ସ ସଭାପତି ପ୍ରେମରାଜ ଭୋଇ ସମ୍ପୃକ୍ତ ଭାରପ୍ରାପ୍ତ ସମ୍ପାଦକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ଅଭିଯୋଗ ହୋଇଛି। ଫଳରେ ସମ୍ପୃକ୍ତ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

୨୦୨୩–୨୪ ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣରେ ରକ୍ସା ପ୍ୟାକ୍ସରେ ବ୍ୟାପକ ଅନିୟମିତତା ହୋଇଥିଲା। ସନ୍ତୋଷ କୁମାର ନାୟକଙ୍କ ସମେତ ଅନ୍ୟ ଚାଷୀମାନେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାର ତଦନ୍ତ ପାଇଁ ଜିଲାପାଳ ରାୟ ଯୁଗ୍ମ ତଦନ୍ତ କମିଟି ଗଠନ କରିଥିଲେ। ଉଲୁଣ୍ଡା ତହସିଲଦାର ଦିଲିପ କୁମାର ମାଝି ଏହି କମିଟିର ମୁଖ୍ୟ ଥିଲେ। ଏହି ଯୁଗ୍ମ କମିଟିରେ ସୁବର୍ଣ୍ଣପୁରର ଅତିରିକ୍ତ ଯୋଗାଣ ଅଧିକାରୀ ଯୋଗେଶ୍ୱର ସାଏ, ବୀରମହାରାଜପୁରର ସହକାରୀ ଯୋଗାଣ ଅଧିକାରୀ ଲଳିତ ମୋହନ ପଟ୍ଟନାୟକ ଓ ବୀରମହାରାଜପୁର ସହକାରୀ ନିବନ୍ଧକ ପ୍ରେମାନନ୍ଦ ଦୀପ ଥିଲେ। ଏହି ଟିମ୍‌ର ତଦନ୍ତ ପରେ ଜଣାପଡିଥିଲା ଯେ ଚାଷୀ ପଞ୍ଜୀକରଣରେ ବ୍ୟାପକ ଅନିୟମିତତା ହୋଇଛି। ପଞ୍ଜୀକରଣ ସମୟରେ ସମିତି ଅଧୀନରେ ଥିବା ୮୨ ଜଣ ଚାଷୀଙ୍କ ଜମିର ପରିମାଣ କମ୍ ଦର୍ଶାଯାଇଥିଲା। ଧାନ ବିକ୍ରି ପାଇଁ ୮୨ ଜଣ ଚାଷୀଙ୍କ ୩୬୨ଟି ପ୍ଲଟର ମୋଟ ୧୦୩.୮୦୫ ଏକର ଜମି ରେଜିଷ୍ଟ୍ରେସନ ହୋଇ ନ ଥିବା ଜଣାପଡିଥିଲା। ପାକ୍ସର ଭାରପ୍ରାପ୍ତ ସମ୍ପାଦକ ଓ କର୍ମଚାରୀଙ୍କ ଅବହେଳାରୁ ଏପରି ହୋଇଥିବା ଯୁଗ୍ମ ତଦନ୍ତରୁ ସ୍ପଷ୍ଟ ହୋଇଥିଲା। ତଦନ୍ତ ରିପୋର୍ଟ ପାଇବା ପରେ ସମ୍ପୃକ୍ତ ପାକ୍ସ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁବର୍ଣ୍ଣପୁର ଜିଲାପାଳ ରାୟ ବଲାଙ୍ଗୀର ଡିଆରସିଏସ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ପ୍ୟାକ୍ସର ସେଲ୍‌ସମ୍ୟାନ୍ ଥିବା ବ୍ୟକ୍ତିଙ୍କୁ କିଛି ମାସ ପୂର୍ବରୁ ଭାରପ୍ରାପ୍ତ ସମ୍ପାଦକ ଦାୟିତ୍ୱ ଦିଆ ଯାଇଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଆଲୋଚନା ହେଉଛି। ଚାଷୀଙ୍କ ସ୍ୱାର୍ଥ ଓ ଧାନ କିଣାକୁ ବ୍ୟବସ୍ଥିତ କରିବା ପାଇଁ ପ୍ରଶାସନ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ରକ୍ସା, ହିଙ୍ଗମା, ଗୁରୁପଙ୍ଗା, ଖପରିପୁର, ବାଘଲପୁର, ଡୁଡୁପାଲି, ଶ୍ରୀପୁରା, ଭଜବଲପୁର, ପତ୍ରାପାଲି, ହିକୁଡି ଓ ବିଜେପୁର ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

# ଜିଲାସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା




ଯୋଗ ଦେଇଥିବା ଅତିଥି।

**ବାଉଁଶୁଣୀ,୨ା୧୧(ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ସମ୍ମାନିତ ଅତିଥି ଭାବେ ବିଜ୍ଞାନ ନିରୀକ୍ଷକ ଜୟନ୍ତ କୁମାର ପ୍ରଧାନ ଯୋଗ ଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ଅବଗତ କରାଇଥିଲେ। ଏହାପରେ ବିଜ୍ଞାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପର୍ଯ୍ୟବେକ୍ଷକ ଭାବେ ଘଣ୍ଟାପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୀତବାସ ପଣ୍ଡା ଯୋଗ ଦେଇଥିବା ବେଳେ ବରିଷ୍ଠ ବିଭାଗରେ ଜଜ୍ ଭାବେ ପ୍ରଫୁଲ୍ଲ କୁମାର ପ୍ରଧାନ ଓ ରମେଶ କୁମାର ସାମଲ ଏବଂ କନିଷ୍ଠ ବିଭାଗରେ ଶିକ୍ଷକ ବିଭୀଷଣ ନାଏକ ଓ ଶେଷଦେବ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। କନିଷ୍ଠ ବିଭାଗରେ ପ୍ରଥମ ଶ୍ରୀରାମ ପ୍ରଧାନ(ଲଇଗାଁ ପ୍ରାଥମିକ ବିଦ୍ୟାଳୟ) ଏବଂ ବରିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପୁଣ୍ୟତୋୟା ପ୍ରଧାନ(ସଂଗ୍ରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ)ଙ୍କୁ ଅତିଥିମାନେ ପ୍ରମାଣ ପତ୍ର ଦେଇ ପୁରସ୍କୃତ କରିଥିଲେ। ଶିକ୍ଷକ ଜିତେନ୍ଦ୍ର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଜିଲାର ୫୦ଟି ବିଦ୍ୟାଳୟର ୮୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

# ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା



ସଚେତନତା ରାଲି।

**ବୌଦ୍ଧ,୨ା୧୧(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ପ୍ରଶାସନ, ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ବୌଦ୍ଧ ଶାଖା ଓ ମିଶନଶକ୍ତିର ମିଳିତ ସହଯୋଗରେ ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରାରେ ମିଶନ ଶକ୍ତି ମା'ମାନେ ପ୍ଲାକାଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । ଶୋଭାଯାତ୍ରାରେ ଜିଲା ସମାଜ ମଙ୍ଗଳ ଅଧିକାରୀ ସୁବାସ ଚନ୍ଦ୍ର ସାମଲ, ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ଗୋପାଳ ଚରଣ ମଲିକ , ଡିପିସି ମିଶନଶକ୍ତି ରଶ୍ମି ରଞ୍ଜନ ସେଠୀ, ସିଡିପିଓ ଜ୍ୟୋତ୍ସ୍ନାରାଣୀ ପାଢୀ, ମିନତୀ ଦେଓ, ଭିଜିଲାନ୍ସ ଇନ୍ସପେକ୍ଟର ଜଗବନ୍ଧୁ ଅଙ୍ଗାରିଆ, ସୂଚନା ଓ ଲୋକ ସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ସାମିଲ ଥିଲେ ।

# ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ଅମରପାଲି,୨ା୧୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମିଲେଟ ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପରିସରରେ ବିଇଓ ଶାନ୍ତନୁ କୁମ୍ଭକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ କୁମାର ରଥ, ପ୍ରଫେସର ନୀଳାମ୍ବର ଶତପଥୀ, ଏବିଇଓ ବାରଣା ଡୁଙ୍ଗଡୁଙ୍ଗ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଦୁଇଟି ପୁସ୍ତକ ଉନ୍ମୋଚନ ହୋଇଥିଲା। ସ୍କୁଲସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ କୃତି ପ୍ରତିଯୋଗୀମାନେ ଆସନ୍ତା ୬ ତାରିଖରେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ସମସ୍ତ ଶିକ୍ଷକ, ବିଆରସି, ସିଆରସି ଯୋଗଦେଇ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ବିଚାରକ ଭାବେ କିଶୋର ହୋତା, ସୁରେଶ ପଣ୍ଡା, ରାମ ନାରାୟଣ ହୋତା ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ ସିଆରସିସି ଅକ୍ଷୟ ରାଏ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଭିମନ୍ୟୁ ବର୍ଗତି ମଞ୍ଚ ପରିଚାଳନା କରିଥିଲେ।



ମଞ୍ଚାସୀନ ଅତିଥି।

# 'ଶିଶୁମାନଙ୍କ ଦକ୍ଷତା ଓ ସୃଜନଶୀଳତାର ବିକାଶ କରେ ସୁରଭି'

**ଘଣ୍ଟାପଡ଼ା,୨ା୧୧(ପ୍ରଭାତ କୁମାର ସାହୁ)**



ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ।

**ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ସଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (କ) ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଏବଂ ମିଲେଟ୍ସ ପ୍ରତିଯୋଗିତା –୨୦୨୩ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନୋଜ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କଣ୍ଟାମାଳ ବିଧାୟକ ମହୀଧର ରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ସୁରଭି ଶିଶୁମାନଙ୍କ ଦକ୍ଷତା ଓ ସୃଜନଶୀଳତାର ବିକାଶ କରାଇଥାଏ ବୋଲି କହିଥିଲେ। ସୋନପୁର ମହାବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ମଦନ ସୁନ୍ଦର କ୍ଷେତି ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ବିଆରସି କଣ୍ଟାମାଳ ଦୁର୍ଗା ଚରଣ ପ୍ରଧାନ, ଏବିଇଓ ତ୍ରିନାଥ ପାଣି, ପ୍ରଶାନ୍ତ ରଣା, ଜିଲା ମିଳିତ ଶିକ୍ଷକ ସଂଘର ସଭାପତି ଶିଶିର ଖଟୁଆ ଯୋଗ ଦେଇଥିଲେ। ସୁରଭି କାର୍ଯ୍ୟକ୍ରମ ହେଉଛି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା। ସଙ୍ଗୀତ, ନୃତ୍ୟ, ସାଧାରଣ ଜ୍ଞାନ, ବକ୍ତୃତା, ଚିତ୍ରାଙ୍କନ, ଶ୍ରୁତଲିଖନ, ଗ୍ରୁପ ଡ୍ୟାନ୍ସ ସହ ଅନ୍ୟାନ୍ୟ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ବିକାଶକୁ ଗୁରୁତ୍ୱ ଦେଇ ସେମାନଙ୍କ ମଧ୍ୟରେ ରହିଥିବା ପ୍ରତିଭାକୁ ଆଗକୁ ଆଣିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଏହି ପ୍ରତିଯୋଗିତାରେ କଣ୍ଟାମାଳ ବ୍ଲକ ଶିକ୍ଷାସର୍କଲର ୨୨ଟି କ୍ଲଷ୍ଟରର ୪ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ଛାତ୍ରୀଛାତ୍ରମାନଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଛି। ସମସ୍ତ କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ବିଧାୟକ ରଣା ଓ ଅତିଥିମାନେ ପୁରସ୍କୃତ କରିଥିଲେ। ଏହାଛଡା ପଦୋନ୍ନତି ପାଇଥିବା ଲେବଲ–୧ ପ୍ରଧାନଶିକ୍ଷକମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା




## ସଂକ୍ଷେପରେ

### ତାଲା ଭାଙ୍ଗି ଲୁଟିନେଲେ ଆସବାବପତ୍ର

**ରାଉରକେଲା,୨।୧୧(ଦିନେଶ ମିଶ୍ର):** ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଖଟାଲ ବସ୍ତିରେ ତାଲା ଭାଙ୍ଗି ଜଣଙ୍କ ଘରୁ ଆସବାବପତ୍ର ଚୋରି ହୋଇଛି। ଗୋପବନ୍ଧୁପାଲି ଖଟାଲ ବସ୍ତିର ଗାଙ୍ଗୁ ପ୍ରସାଦ ଦୁଇ ଦିନ ତଳେ ଘରେ ଚାବି ପକାଇ ଗାଁକୁ ଯାଇଥିଲେ। ଘର ବନ୍ଦ ଥିବା ସୁଯୋଗରେ ବୁଧବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଘର ତାଲା ଭାଙ୍ଗି ଅଢେଇ ହଜାର ଟଙ୍କା ସାଙ୍ଗକୁ ଗୋଟିଏ ଏଲଇଡି ଟିଭି, ଚାର୍ଜର ଓ ଆସବାବପତ୍ର ଚୋରି କରିନେଇଛନ୍ତି। ସକାଳ ହେବାରୁ ପଡୋଶୀ ଏ ନେଇ ଗାଙ୍ଗୁଙ୍କୁ ଫୋନ ଯୋଗେ ଅବଗତ କରିଥିଲେ। ଏ ନେଇ ଗୋପବନ୍ଧୁପାଲି ଫାଣ୍ଡିରେ ଅଭିଯୋଗ ହୋଇଛି। ଗାଙ୍ଗୁ ଗାଁରୁ ରାଉରକେଲା ଫେରିବା ପରେ ପୋଲିସ ଘଟଣାର ତଦନ୍ତ କରିବ ବୋଲି ଜଣାପଡିଛି।

### ଅନୁଶ୍ରୀ ଦାଶଙ୍କୁ ତେଜସ୍ୱିନୀ ପୁରସ୍କାର

**ରାଉରକେଲା,୨।୧୧(ଦିନେଶ ମିଶ୍ର):** ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହୋଟେଲ ପରିସରରେ ମହିଳାଙ୍କ ପାଇଁ ଅର୍ଥନୈତିକ ଶିକ୍ଷାଦାନ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ କଳା ଭାରତ ସଂସ୍ଥାପକ ଉଷା ବାଜପେୟୀ, ଅଣ୍ଣା ସାହା, ଐଶ୍ୱର୍ଯ୍ୟା ବିଶ୍ୱାଳ, ସିନେ ତାରକା ଅନୁ ଚୌଧୁରୀ, ସେନରିଟା ଆଇଯାକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ଅଣ୍ଣା ସାହା ଠିକ ସମୟରେ ସଞ୍ଚୟ ଓ ଅର୍ଥର ଉପଯୋଗ କରି କିଭଳି ରୋଜଗାର କରିହେବ ସେ ନେଇ ମହିଳାମାନଙ୍କୁ ଅବଗତ କରିଥିଲେ। ଏହି ଅବସରରେ ମହିଳା ସଶକ୍ତୀକରଣ ପାଇଁ ରାଉରକେଲାର ଅନୁଶ୍ରୀ ଦାଶଙ୍କୁ ତେଜସ୍ୱିନୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ ଜିଲା ସହ ପଶ୍ଚିମ ଓଡିଶା ତଥା ରାଜ୍ୟ ବାହାରେ ତନୁଶ୍ରୀ ବିଭିନ୍ନ ଗ୍ରାମାଞ୍ଚଳରେ କାର୍ଯ୍ୟ କରି ମହିଳାଙ୍କୁ ସଚେତନ କରିଥିଲେ। ସୂଚନାଯୋଗ୍ୟ, ତନୁଶ୍ରୀ ପେଡ୍ ଓମ୍ୟାନ ଭାବେ କାର୍ଯ୍ୟ କରିବା ସହ ଶିଶୁ ଯୌନଶୋଷଣ ଉପରେ ମଧ୍ୟ କାର୍ଯ୍ୟ କରୁଥିବା ଜଣାପଡିଛି।

### ବନ୍ଧୁକ ମୁନରେ ଜନସେବା କେନ୍ଦ୍ରରୁ ଲୁଟ୍

**ରାଜଗାଙ୍ଗପୁର,୨।୧୧ (ଅଶୋକ ପାଣି):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ତଥା କାଂଶବାହାଲ ଫାଣ୍ଡି ଅଧିନସ୍ଥ ସାଗଜୋର ଗ୍ରାମରେ ଥିବା ଏକ ଜନସେବା କେନ୍ଦ୍ରରୁ ଗୁରୁବାର ବନ୍ଧୁକ ମୁନରେ ଦୁର୍ବୃତ୍ତମାନେ ଲୁଟ କରିଛନ୍ତି। ସୂଚନା ମୁତାବକ, ଦିନ ଦ୍ୱିପହର ସମୟରେ ୨ଟି ବାଇକ୍ ଯୋଗେ ୪ ଦୁର୍ବୃତ୍ତ ଜନସେବା କେନ୍ଦ୍ରରେ ପହଞ୍ଚି ବନ୍ଧୁକ ଦେଖାଇ ୩୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଲୁଟ କରି ଫେରାର ହୋଇଯାଇଛନ୍ତି। ରାଜଗାଙ୍ଗପୁର ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ, କାଂଶବାହାଲ ଫାଣ୍ଡି ଅଧିକାରୀ ବିଜୟ ଦାସ, ବିଜୟ କର ଓ ଅନ୍ୟ ପୋଲିସ ଅଧିକାରୀ ଘଟଣାର ଛାନଭିନ୍ନ ଜାରି ରଖିଛନ୍ତି।

# ଅଭିଯୁକ୍ତଙ୍କୁ ପଟାଙ୍ଗୀ ନେଲା ପୋଲିସ

### ଆରଏସ୍‌ପି କର୍ମଚାରୀ ପୁଅଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା

ରାଉରକେଲା,୨।୧୧(ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି) କର୍ମଚାରୀ ଗୌତମ ଘଡେଇଙ୍କ ଏକମାତ୍ର ପୁଅ ଶମ୍ଭୁନାଥ ଘଡେଇ(୨୭)ଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ପଟାଙ୍ଗୀ ପୋଲିସ ରାଉରକେଲାରେ ପହଞ୍ଚି ତଦନ୍ତ କରିଛି। ଗୁରୁବାର ସକାଳେ ପଟାଙ୍ଗୀ ଥାନାର ତଦନ୍ତକାରୀ ଅଧିକାରୀ ଚତୁର୍ଭୁଜ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ତଥା ପ୍ଲାଣ୍ଟସାଇଟ୍ ଥାନା ଗୋପବନ୍ଧୁପାଲି ଫାଣ୍ଡିର ଓଆଇସି ଏସ୍. କେ. ମିଶ୍ର ପ୍ରମୁଖ ମୃତକ ଶମ୍ଭୁନାଥଙ୍କ ଘରକୁ ଯାଇ ପଚରାଉଚୁରା କରିଥିଲେ। ସନ୍ଧ୍ୟାରେ ପଟାଙ୍ଗୀ ଥାନା ପୋଲିସ ଅଭିଯୁକ୍ତ ଟିମ୍ବର କଲୋନୀର ରାଜ ଦୀପକ ପ୍ରସାଦ(୨୪)ଙ୍କୁ ଧରି କୋରାପୁଟ ଅଭିମୁଖେ ଯାତ୍ରା କରିଥିଲା। ତେବେ ପଟାଙ୍ଗୀରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ହେବ ବୋଲି ପ୍ଲାଣ୍ଟସାଇଟ୍ ଥାନାଧିକାରୀ ଜ୍ୟୋତି


ଶମ୍ଭୁଙ୍କ ଘରେ ପଟାଙ୍ଗୀ ପୋଲିସ ଟିମ୍ ତଦନ୍ତ କରୁଛି ।

ପତି ସୂଚନା ଦେଇଛନ୍ତି। ଅପରପକ୍ଷେ ବୁଧବାର ପଟାଙ୍ଗୀ ହସ୍ପିଟାଲରେ ଶମ୍ଭୁଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଗୁରୁବାର ସକାଳେ ରାଉରକେଲା ଟିମ୍ବରକଲୋନୀ ଯୁଗନିର୍ମାଣ ସ୍କୁଲ ନିକଟସ୍ଥ ବାସଭବନରେ ପହଞ୍ଚିଥିଲା। କଲୋନୀବାସୀ ପ୍ଲାଣ୍ଟସାଇଟ୍ ଥାନାରେ ପହଞ୍ଚି ହତ୍ୟା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଏ

**ଶୋକାକୁଳ ପରିବେଶରେ ଶମ୍ଭୁଙ୍କ ଶେଷକୃତ୍ୟ ସମ୍ପନ୍ନ**

ନେଇ ପୋଲିସ ପ୍ରତିଶ୍ରୁତି ଦେବା ପରେ ଶୋକାକୁଳ ପରିବେଶରେ ଶମ୍ଭୁଙ୍କ ଅନ୍ତ୍ୟେଷ୍ଟିକ୍ରିୟା ବେଦବ୍ୟାସ ତ୍ରିବେଣୀ ସଙ୍ଗମରେ ସମ୍ପନ୍ନ ହୋଇଥିଲା।

ସୂଚନାଯୋଗ୍ୟ, ରାଉରକେଲା ଟିମ୍ବର କଲୋନିରେ ଶମ୍ଭୁନାଥଙ୍କ ଘର। ଗତ ସେପ୍ଟେମ୍ବର ୨୫ରେ ତାଙ୍କର ଜନ୍ମଦିନ ଥିଲା। ତାଙ୍କର କେତେଜଣ ସାଙ୍ଗ ଘରକୁ ଆସି ଜନ୍ମଦିନ ପାଳନ କରିଥିଲେ। ୨୬ ତାରିଖ ଭୋରରୁ ୩ଜଣ ସାଙ୍ଗ ଶମ୍ଭୁଙ୍କୁ କାରରେ ବୁଲିବାକୁ ଜୋରଜବରଦସ୍ତି ନେଇଯାଇଥିଲେ। ୨୭ ତାରିଖରୁ ତାଙ୍କ ମୋବାଇଲ୍ ଫୋନ୍ ସୁଇଚ୍ ଅଫ୍ ଥିଲା। ସାଙ୍ଗମାନଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଅନ୍ୟ ଉପାୟ ନ ପାଇ ପରିବାରବର୍ଗ ପ୍ଲାଣ୍ଟସାଇଟ୍ ଥାନାରେ ନିଖୋଜ ଏତଲା ଦେବାକୁ ଯାଇଥିଲେ। ହେଲେ ପୋଲିସ ଏହାକୁ ଗ୍ରହଣ ନ କରି ୨ ଦିନ ଅପେକ୍ଷା କରିବାକୁ କହିଥିଲା। ୩୦ ତାରିଖରେ ଶମ୍ଭୁଙ୍କ ମୃତଦେହ କୋରାପୁଟ୍ ପଟ୍ଟାଙ୍ଗୀରୁ ଜବତ ହୋଇଥିବା ପରିବାରବର୍ଗ ପୋଲିସଠାରୁ ସୂଚନା ପାଇଥିଲେ। ସାଙ୍ଗ ହତ୍ୟା କରିଥିବା ସନ୍ଦେହ କରି ପରିବାରବର୍ଗ ଏତଲା ଦେଇଥିଲେ ମଧ୍ୟ ତାକୁ ପୋଲିସ ଗ୍ରହଣ କରି ନ ଥିଲା। ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ କରିଥିଲା। କୋରାପୁଟ୍ ପଟ୍ଟାଙ୍ଗୀରୁ ମୃତଦେହ ଜବତ ହୋଇଥିବାରୁ ସେଠାରେ ହତ୍ୟା ମାମଲା ରୁଜୁ ହେବ ବୋଲି ପୋଲିସ କହି ପରିବାର ଲୋକଙ୍କୁ ଫେରାଇ ଦେଇଥିଲା। ଏ ନେଇ ପଟାଙ୍ଗୀ ଥାନାରେ ଅପମୃତ୍ୟୁ ମାମଲା (ନଂ.୧୩୭/୨୩) ରୁଜୁ ହୋଇଥିଲା। ଅନ୍ୟପକ୍ଷେ ମାମଲାର ମୁଖ୍ୟ ଅଭିଯୁକ୍ତ ରାଜଦୀପକ ଗତ ୩୦ ତାରିଖରେ ପ୍ଲାଣ୍ଟସାଇଟ୍ ଥାନାରେ ଆତ୍ମସମର୍ପଣ କରିଥିଲେ। ଯେଉଁ କାର୍‌ରେ ଶମ୍ଭୁ ଓ ଅନ୍ୟମାନେ ଯାଇଥିଲେ, ତାକୁ ଖୋଜାଚାଲିଛି ବୋଲି ସୂଚନା ମିଳିଛି। ଏଥିରେ ମୁଖ୍ୟ ଅଭିଯୁକ୍ତଙ୍କ ବ୍ୟତୀତ ଅନ୍ୟମାନଙ୍କୁ ପଚରାଉଚୁରା କରାଯାଉଛି। ତେବେ ମୃତକ ଓ ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ଆପରାଧିକ ମାମଲା ଥିବା ପୋଲିସ କହିଛି।

### ଆଜିଠୁ ଏନ୍‌ଆଇଟିରେ ଇନୋଭିଜନ ୨୦୨୩

ରାଉରକେଲା,୨।୧୧(ସଙ୍ଗୀତା ଜେନା)

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲାର ଷ୍ଟୁଡେଣ୍ଟ ଆକ୍ଟିଭିଟି ସେଣ୍ଟର(ସାକ୍)ର ଟେକ୍ନିକାଲ ସୋସାଇଟି ପକ୍ଷରୁ ନଭେମ୍ବର ୩ରୁ ୫ତାରିଖ ପର୍ଯ୍ୟନ୍ତ ଇନୋଭିଜନ୍-୨୦୨୩ ଅନୁଷ୍ଠିତ ହେବ। ଏହାକୁ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଉଦ୍‌ଘାଟନ କରିବେ। ଟେକ୍ନୋଲୋଜି ଆଧାରିତ ବିଷୟବସ୍ତୁ ଉପରେ କାର୍ଯ୍ୟକ୍ରମ ଟେକ୍ନୋପିଆ ଉପସ୍ଥାପନ କରାଯିବ। ଅତ୍ୟାଧୁନିକ ଜ୍ଞାନକୌଶଳ ଓ ବିଜ୍ଞାନଭିତ୍ତିକ ସାମଗ୍ରୀ ପ୍ରଦର୍ଶନ ସହ ଦେଶର କୋଣ ଅନୁକୋଣରୁ ପ୍ରାୟ ୨ହଜାର ସଦସ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଏମ୍‌ଡି ଡୁକାଟ ଭାରତ ବିପୁଳ ଚନ୍ଦ୍ର, ଅନ୍ତରୀକ୍ଷ ଟିଭି ପ୍ରତିଷ୍ଠାତା ବବିନିମୟା ମୁକୁଳ ଅଗ୍ରୱାଲ, ୟୁଟ୍ୟୁବର ତରୁଣ ନାୟକଙ୍କ ଭଳି ବ୍ୟକ୍ତି ଛାତ୍ରୀଛାତ୍ରଙ୍କ ମନୋରଞ୍ଜନ କରିବା ସହ ସେଲିବ୍ରିଟି ବିଶ୍ୱଜିତ ସରକାର ମଧ୍ୟ ଯୋଗ ଦେବେ ବୋଲି ଏନ୍‌ଆଇଟି ପକ୍ଷରୁ ସୂଚନା ମିଳିଛି।



୨୬ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟ ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ପିଆଜ ଦରବୃଦ୍ଧିକୁ ମହିଳା କଂଗ୍ରେସର ବିରୋଧ

ରାଉରକେଲା,୨।୧୧(ସଙ୍ଗୀତା ଜେନା)

ପିଆଜ ଦର ବୃଦ୍ଧିକୁ ନେଇ ଗୁରୁବାର ମହିଳା କଂଗ୍ରେସ ପକ୍ଷରୁ ଅଭିନବ ବିରୋଧ ପ୍ରଦର୍ଶନ କରାଯାଇଛି। କଂଗ୍ରେସ ମହିଳା ସଭାନେତ୍ରୀ ନିରୁପମା ବଳିଆରସିଂଙ୍କ ନେତୃତ୍ୱରେ କର୍ମୀମାନେ ଏସ୍‌ଟିଆଇ ଛକରେ ପିଆଜ କେଜି ପିଛା ୩୦ ଟଙ୍କାରେ ଲୋକଙ୍କୁ ବିକ୍ରି କରିଥିଲେ। କଂଗ୍ରେସ ସରକାର ଆସିଲେ ପିଆଜ ଶସ୍ତା ଦରରେ ବିକ୍ରି ହେବ ବୋଲି ମହିଳା କଂଗ୍ରେସ କର୍ମୀମାନେ କହିଥିଲେ। କାର୍ଯ୍ୟକ୍ରମରେ ଜନାର୍ଦ୍ଦନ ଦେହୁରୀ ମୁଖ୍ୟ ଅତିଥି, ପିସିସି ସାଧାରଣ ସମ୍ପାଦକ ପ୍ରବୋଧ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଉରକେଲା ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ବାରିକ, ଶିବୁ ଦୀପ୍, ରାଜ୍ୟ ସଂଖ୍ୟାଲଘୁ ସେଲ୍‌ର ସଦ୍ଦାବ ଅହମ୍ମଦ, ବାସୁଦେବ ବାନାର୍ଜୀ, ବରିଷ୍ଠ ନେତା ଗଣେଶ ପ୍ରଧାନ, କଲ୍ୟାଣୀ ପୂର୍ତ୍ତି, ସରସ୍ୱତୀ ଭୂମିଜ, ସବିର ହୁସେନ୍, ଗୋପାଳ ଦାସ, କୀର୍ତ୍ତନ ଦାସ, ସୁଶାନ୍ତ ବେହେରା, ପ୍ରତିମା ପାଣିଗ୍ରାହୀ, ଲକ୍ଷ୍ମୀ ମୁଦୁଲି, ରୀନା ଦାସ, ମଞ୍ଜୁଲତା ଘଣ୍ଟିଆଳ, ସେବା ପାଲ୍‌ଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।


କଂଗ୍ରେସ କର୍ମୀମାନେ ଏସ୍‌ଟିଆଇ ଛକରେ ପିଆଜ ବିକ୍ରି କରୁଛନ୍ତି।

# ମନ ମୋହିଲା ଲୋକନୃତ୍ୟ

### ୨୬ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟ ଉତ୍ସବ

ରାଉରକେଲା,୨।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଭଞ୍ଜ ଭବନ ପ୍ରଦର୍ଶନୀ ପଡିଆ ମୁକ୍ତାକାଶ ରଙ୍ଗମଞ୍ଚରେ ବେଦବ୍ୟାସ ନୃତ୍ୟ ସଙ୍ଗୀତ ଉତ୍ସବ-୨୦୨୩ ବୁଧବାର ସନ୍ଧ୍ୟାରେ ଶୁଭାରମ୍ଭ ହୋଇଛି। ବେଦବ୍ୟାସ ଭଞ୍ଜ କଳାକେନ୍ଦ୍ର ଆନୁକୂଲ୍ୟରେ ଭଞ୍ଜ ସାଂସ୍କୃତିକ ନ୍ୟାସ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରମ ଓ ଇଏସଆଇ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ତାଙ୍କର ଅଭିଭାଷଣରେ ଶାସ୍ତ୍ରୀୟ ସଙ୍ଗୀତ ହେଉଛି ଜାତୀୟତାର ବାର୍ତ୍ତାବହ। ଏହା ରାଷ୍ଟ୍ରୀୟ ସଂସ୍କୃତି ଓ ସଭ୍ୟତାର ଶିଖର ଧ୍ୱଜାକୁ ସର୍ବଦା ଗୌରବାନ୍ୱିତ କରିଆସୁଛି କହିଥିଲେ। ଏହାପରେ ଓଡିଶୀ ନୃତ୍ୟ ନାଟିକା ଭଞ୍ଜ କଳା କେନ୍ଦ୍ରର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ପରେ ମୟୁରଭଞ୍ଜର ଝାନୋ ମୁର୍ମୁ ଓ ସାଥୀଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅନ୍ତିମ ପର୍ଯ୍ୟାୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛତିଶଗଡର କେଶବ ଯାଦବ ଓ ସାଥୀଙ୍କ ଦ୍ୱାରା ଛତିଶଗଡି ଲୋକନୃତ୍ୟ ପରିବେଷଣ ହୋଇଥିଲା। ଭଞ୍ଜ କଳାକେନ୍ଦ୍ରର ଉପଦେଷ୍ଟା ଅସୀମ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଭଞ୍ଜ ସାଂସ୍କୃତିକ ନ୍ୟାସର ଅଧ୍ୟକ୍ଷ ତଥା ଆରଏସପି କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ରଙ୍କ ମାର୍ଗଦର୍ଶନରେ ଭଞ୍ଜ କଳା କେନ୍ଦ୍ରର ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି ଆଲୋକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶଶାଙ୍କ ଶେଖର ପଟ୍ଟନାୟକ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଭଞ୍ଜ ସାଂସ୍କୃତିକ ନ୍ୟାସର ସାଧାରଣ ସମ୍ପାଦକ ଜୀବନ ବଲ୍ଲଭ ପଟ୍ଟନାୟକ, ଭଞ୍ଜ କଳାକେନ୍ଦ୍ରର ଉପଦେଷ୍ଟା ଅମର ବେହେରା, ବିବେକାନନ୍ଦ ପରିଡା, ଜ୍ୟୋତିର୍ମୟ ଆଚାର୍ଯ୍ୟ, ପଞ୍ଚାନନ ମଲ୍ଲିକ, ସୁବ୍ରତ ଶତପଥି, ଗଜେନ୍ଦ୍ର ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ଚିତ୍ତାକର୍ଷକ ଶାସ୍ତ୍ରୀୟ ଓ ଲୋକ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଛି। ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭଞ୍ଜ କଳା କେନ୍ଦ୍ର ସଭାପତି ଶୁଭ ଶଙ୍କର ରାୟଚୌଧୁରୀ ସ୍ୱାଗତ ଅଭିଭାଷଣ, ଭଞ୍ଜ କଳା କେନ୍ଦ୍ର ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ଏବଂ ଉପସଭାପତି ଆଲୋକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଆର୍‌ଏସ୍‌ପି ଲୋକସମ୍ପର୍କ ବିଭାଗର ଅଧିକାରୀ ଶଶାଙ୍କ ପଟ୍ଟନାୟକ ଏବଂ ସୁଶ୍ରୀ କୋଏନା ଦସ୍ତିଦାର ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଭଞ୍ଜ କଳାକେନ୍ଦ୍ରର କଳାକାର ମାନଙ୍କ ଦ୍ୱାରା ଗୁରୁ, ଡକ୍ଟର ଅନିଲ କୁମାର ଦତ୍ତଙ୍କ ନିର୍ଦ୍ଦେଶନାରେ ଗିଟାର ବାଦନ ପରିବେଶକୁ ଆହ୍ଲାଦିତ କରିଥିଲା। ଏହାପରେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କଥକ ଶାସ୍ତ୍ରୀୟ ନୃତ୍ୟ ଗୁରୁ ଅସିମ ଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଏବଂ ଉପାସନା ନୃତ୍ୟ କେନ୍ଦ୍ରର ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ମନୋରମ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା। ପରେ ରଘୁରାଜପୁରର କଳାକାରମାନେ ଲୋକପ୍ରିୟ ଗୋଟିପୁଅ ଓ ପଦ୍ମପୁରର ରାଜେଶ କୁମାର ଗୁର୍ଲା ଏବଂ ତାଙ୍କ ଦଳ ଦାରା ପଶ୍ଚିମ ଓଡିଶାର ଲୋକନୃତ୍ୟ ପରିବେଷଣ କରାଯାଇଥିଲା।

### ସିଡିଆର୍ ରିପୋର୍ଟ ଆଧାରରେ ତଦନ୍ତ ଜାରି

**ସହକାରୀ ଜିଲାପାଳ ମୃତ୍ୟୁ ମାମଲା**

ରାଉରକେଲା,୨।୧୧(ସଙ୍ଗୀତା ଜେନା)

ରାଉରକେଲା ସହକାରୀ ଜିଲାପାଳ ସୁସ୍ମିତା ମିଞ୍ଜଙ୍କ ମୃତ୍ୟୁ ଘଟଣାକୁ ୨ମାସ ବିତିଛି। ଏହାର ତଦନ୍ତ ଜାରି ରହିଛି। ସିସିଟିଭି ଫୁଟେଜ୍ ତନ୍ନ ତନ୍ନ କରି ଖୋଜାଯିବା ପରେ ସିଡିଆର୍ (କଲ୍ ଡିଟେଲ୍ସ ରିପୋର୍ଟ) ଆଧାରରେ ତଦନ୍ତ ଜାରି ରହିଛି। ପୋଲିସ ବିଭିନ୍ନ ସ୍ଥାନରେ ତନାଘନା କରୁଛି। ସେହିପରି ମିଞ୍ଜଙ୍କ ଭିସେରା ରିପୋର୍ଟ ଆସିଯାଇଛି ବୋଲି ଉକ୍ତ ମାମଲାର ତଦନ୍ତକାରୀ ଅଧିକାରିଣୀ ଡିଏସ୍‌ପି ବନିତା ମାଝୀ ସୂଚନା ଦେଇଛନ୍ତି। ଏହା ସହ କିଛି ଟେକ୍ନିକାଲ ତଥ୍ୟକୁ ମଧ୍ୟ ଯାଞ୍ଚ ପରଖାଯାଉଛି। ତଦନ୍ତ ପ୍ରକ୍ରିୟା ଶେଷ ହେବା ପାଇଁ ଆହୁରି ସମୟ ଲାଗିବ ବୋଲି ଡିଏସ୍‌ପି ମାଝୀ କହିଛନ୍ତି। ସୂଚନାଯୋଗ୍ୟ, ରାଉରକେଲା ସହକାରୀ ଜିଲାପାଳ ମିଞ୍ଜଙ୍କ ମୃତଦେହ ଆର୍‌ଏସ୍‌ପି ସାନସୋରୀ ପାର୍କ ସ୍ଥିତ ଜଳାଶୟରୁ ଉଦ୍ଧାର କରାଯାଇଥିଲା। ତେବେ ପରିବାରବର୍ଗ ଓ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଏହା ଏକ ହତ୍ୟା ଘଟଣା ଏବଂ ସିବିଆଇ ତଦନ୍ତ କରାଯାଉ ବୋଲି ଦାବି କରାଯାଇଥିଲା।

### ଶାନ୍ତି ପ୍ରତିଷ୍ଠା ଦାବିରେ ସିଆଇଟିୟୁର ବିକ୍ଷୋଭ

ରାଉରକେଲା,୨।୧୧(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୨ ସ୍ଥିତ ଘରୋଇ ବସ୍‌ଷ୍ଟାଣ୍ଡ ଛକରେ ସିଆଇଟିୟୁ ପକ୍ଷରୁ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭରେ ଅଖିଳ ଭାରତ ଶାନ୍ତି ସଂହତି ସଙ୍ଗଠନ, କୃଷକ ସଭା, କ୍ଷେତ ମଜଦୁର ୟୁନିୟନ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି, ଗଣତାନ୍ତ୍ରିକ ଯୁବ ଫେଡେରେଶନ ଓ ଭାରତର ଛାତ୍ର ଫେଡେରେଶନ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ବିକ୍ଷୋଭରେ ସିଆଇଟିୟୁର ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ଯୋଗଦେଇ କହିଥିଲେ, ହମାସ ଆକ୍ରମଣ ନାମରେ ଇସ୍ରାଏଲ ଯେପରି ପାଲେଷ୍ଟାଇନ ଉପରେ ଅମାନବୀୟ ଆକ୍ରମଣ କରିଚାଲିଛି ତାକୁ ବିଶ୍ୱର ପ୍ରାୟ ସମସ୍ତ ଦେଶ ବିରୋଧ କରୁଛନ୍ତି। ଜାତିସଂଘ ତୁରନ୍ତ ଯୁଦ୍ଧ ବନ୍ଦ କରି ଶାନ୍ତି ଫେରାଇ ଆଣିବାକୁ ଅନୁରୋଧ କରିଛି। ଏହି ଯୁଦ୍ଧ ଯୋଗୁ ଉଭୟ ଦେଶର ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ସାଧାରଣ ଜନତା, ଶିଶୁ, ମହିଳା ମୃତ୍ୟୁବରଣ କଲେଣି। ଗାଜାର ହଜାର ହଜାର ଲୋକ ଖାଦ୍ୟ, ଜଳ, ଔଷଧ, ଅଭାବରୁ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଯାହା ସମଗ୍ର ବିଶ୍ୱ ପାଇଁ ଦୁଃଖଦ ପରିସ୍ଥିତି ସୃଷ୍ଟି ହୋଇଛି। ଇସ୍ରାଏଲର ଏପରି ଅମାନୁଷିକ ଯୁଦ୍ଧଖୋର ନୀତିକୁ ସଙ୍ଗଠନ ପକ୍ଷରୁ ତୀବ୍ର ନିନ୍ଦା କରିବା ସହ ତୁରନ୍ତ ଯୁଦ୍ଧ ବନ୍ଦ କରି ଶାନ୍ତି ଫେରାଇ ଆଣିବାକୁ ଉପାଧ୍ୟକ୍ଷ ମହାନ୍ତି ଆହ୍ୱାନ ଦେଇଛନ୍ତି। ବିକ୍ଷୋଭରେ ସିଆଇଟିୟୁର ଜିଲା ସାଧାରଣ ସମ୍ପାଦକ ବିମାନ ମାଇତି, ପ୍ରମୋଦ ସାମାଲ, ଜାହାଙ୍ଗୀର ଅଲ୍ଲୀ, ବସନ୍ତ ନାୟକ, ରାଜକିଶୋର ପ୍ରଧାନ, ପ୍ରଭାତ ମହାନ୍ତି, ବି. ପି. ମହାପାତ୍ର, ସୁରେନ୍ଦ୍ର ମହାନ୍ତି, ଅରୁଣ ମହାରଣା, ଅଶୋକ ମିଶ୍ର, ପ୍ରଦୋଷ ପରିଡା, ଚନ୍ଦ୍ରଭାନୁ ଦାସ, ଅଜୟ ଶର୍ମା, ବିଶ୍ୱଜିତ ମାଝୀ, ବାସୁଦେବ ସାହୁ, ଜଗବନ୍ଧୁ ରାଉତ, ତାଜମୁନ ନେହାର, ସୁମିତ୍ରା ରଜକ, ବସନ୍ତ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।



ସିଆଇଟିୟୁ ପକ୍ଷରୁ ବସ୍‌ଷ୍ଟାଣ୍ଡ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ମୁକ୍ତମଞ୍ଚ ନାଟ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ରାଉରକେଲା,୨।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ପଦ୍ମବର୍ଣ୍ଣା ସାଂସ୍କୃତିକ ସଙ୍ଗଠନ ଆନୁକୂଲ୍ୟରେ ସେକ୍ଟର-୬ ସ୍ଥିତ ଏଚ୍-କ୍ଲବ ଦୁର୍ଗାପୂଜା ପଡିଆରେ ଚାଲିଥିବା ରାତ୍ରିକାଳୀନ ମୁକ୍ତମଞ୍ଚ ନାଟ୍ୟ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି, ସଞ୍ଜୟ କୁମାର ରାଉତ, ପ୍ରଶାନ୍ତ ସେଠୀ, ଆର୍ତ୍ତରଞ୍ଜନ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସତ୍ୟାନନ୍ଦ ବେହେରା, ସୁଜ୍ଞାନୀ ରାୟ, ବିପ୍ଳବ ରଞ୍ଜନ ଦାଶ, ଅଭୟ ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହୀରାଲାଲ ମହାପାତ୍ର ସ୍ୱାଗତ ଭାଷଣ, ଅଶୋକ ବଳ ମଞ୍ଚ ସଂଯୋଜନା ଏବଂ ସାଧାରଣ ସମ୍ପାଦକ ବ୍ୟାସଦେବ ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ତିମ ରଜନୀରେ ସେକ୍ଟର-୨ ଶ୍ରୀ କଳା ନିକେତନ ନାଟ୍ୟ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା 'ତୋ ନାଁରେ ମୋ ନାଁକୁ ଦେଇଛି ଯୋଡି' ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ଗଣେଶ



ଉଦ୍‌ଯାପନୀ ସନ୍ଧ୍ୟାରେ ଉପସ୍ଥିତ ଅତିଥିଗଣ।

ରାଉତଙ୍କ ରଚିତ ଓ ଅଭିରାମ ପ୍ରଧାନଙ୍କ ନିର୍ଦ୍ଦେଶିତ ନାଟକରେ ଅରୁଣ ସାହୁ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ନାଟକଟି ତ୍ୟାଗ ଓ ଉତ୍ସର୍ଗୀକୃତ ବ୍ୟକ୍ତିଙ୍କ ଜୀବନ ସଂଗ୍ରାମ ଉପରେ ଆଧାରିତ ଥିଲା। ନାଟକରେ ଅନ୍ତର୍ଯାମୀ ପରିଡା, ଦେବବ୍ରତ ପରିଡା, ଅଭିରାମ ପ୍ରଧାନ, ସମ୍ପିତ ସ୍ୱାଇଁ, ପ୍ରକାଶ ସାମଲ, ପାର୍ଥ ସାରଥି ନାୟକ, ବିଜୟଲକ୍ଷ୍ମୀ ପାଣି, କୁନି ପଣ୍ଡା, ରଜନୀ ନାହାକ, ପ୍ରତିମା ଶତପଥୀଙ୍କ ଚିତ୍ତାକର୍ଷକ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଦ୍ୱିତୀୟ ରଜନୀରେ ନାଟକ 'ଆସିଛି ଏକା ଯିବି ମୁଁ ଏକା' ମଞ୍ଚସ୍ଥ ହୋଇଛି। ଅଜିତ କୁମାର ସେନାପତିଙ୍କ ରଚିତ ଏବଂ ଗଙ୍ଗାଧର ରାଉତ ଓ ପ୍ରଶାନ୍ତ ପରିଡାଙ୍କ ନିର୍ଦ୍ଦେଶିତ ଏହି ନାଟକରେ ସଙ୍ଗୀତ ଦେଇଥିଲେ ସୁବାଷ କୁମାର ରାଉତ। ଏହି ନାଟକ ସମାଜରେ ବୃଦ୍ଧ ମା'ବାପାଙ୍କ ଉପରେ ସନ୍ତାନସନ୍ତତି କରୁଥିବା ଅତ୍ୟାଚାର ଉପରେ ଆଧାରିତ ଥିଲା। ନାଟକରେ କଳାକାର ବାପି ପଲେଇ, ବିଶ୍ୱଜିତ ବେହେରା, ଲକ୍ଷ୍ମୀକାନ୍ତ ସାହୁ, ସମ୍ପିତ ରାଉତ, ଗଙ୍ଗାଧର ରାଉତ, ନବକିଶୋର, ଅଭିଲାଷ ସାହୁ, ମୁଲତା ପ୍ରଧାନ, କାଦମ୍ବିନୀ ନାୟକ, ଅନୁପମା ଦାଶ ଓ ସସ୍ମିତା ମଲ୍ଲିକ ଅଭିନୟ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ଓ ସମ୍ମାନୀତ ଅତିଥି ଭାବେ ଚ୍ୟାମ୍ବର ଅଫ୍ କମର୍ସ ସଭାପତି ସୁନୀଲ କୟଲ, ଶଙ୍କର ଜେନା, ଗୌତମ ବାଡା ଏବଂ ସତ୍ୟାନନ୍ଦ ବେହେରା ଯୋଗ ଦେଇଥିଲେ।

## ସଂକ୍ଷେପରେ

### ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ନାକଟିଦେଉଳ, ୨।୧୧ (ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ପରିସରରେ ପ୍ରଜ୍ଞାନ ମିଶନ ତରଫରୁ ବ୍ଲକସ୍ତରୀୟ ଶ୍ରୀମଦ୍ ଭଗବତ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ୨୬ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଚାରକ ଭାବରେ ଭଗବତ ଗୀତା ବିଶାରଦ ଅବଧୂତ ବିଶାଳ, ଅଧ୍ୟାପକ ଶେଷଦେବ ବିଶାଳ ଓ ଅଧ୍ୟାପକ ଭଜମୋହନ ପ୍ରଧାନ ଯୋଗ ଦେଇଥିଲେ। ସଭା ପରିଚାଳନା କରିଥିଲେ ଅଧ୍ୟକ୍ଷ ସୁଧୀର କୁମାର ସାହୁ ଓ ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ। ପ୍ରତିଯୋଗିତାରେ (କ) ବିଭାଗରେ ସରସ୍ୱତୀ ଶିଶୁମନ୍ଦିରର ଦେବଶ୍ରୀ ଦାସ ପ୍ରଥମ, ସଙ୍ଗୀତା ପ୍ରଧାନ ଦ୍ୱିତୀୟ, ପ୍ରିତମ ମେହେର ତୃତୀୟ ସ୍ଥାନ ଅଧିକାର କରିଥିଲେ। (ଖ) ବିଭାଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପେଣ୍ଠବାହାଳର ଯଶିତା ବିଶାଳ ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟ ସରାପାଲିର ଶ୍ରେୟା ବେହେରା ଦ୍ୱିତୀୟ ଓ ଯମୁନା କର୍ମୀ ତୃତୀୟ ହୋଇଥିଲେ। (ଗ) ବିଭାଗରେ ସରକାରୀ ଉଚ୍ଚ ବିଦ୍ୟାଳୟ ସରାପାଲିର ଆୟୁଶି ପ୍ରଧାନ ପ୍ରଥମ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପେଣ୍ଠବାହାଳର ସ୍ମୃତିଶିଖା ସାହୁ ଦ୍ୱିତୀୟ ଓ ସରକାରୀ ଉଚ୍ଚବିଦ୍ୟାଳୟ ସରାପାଲିର ସୋନାଲି ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। (ଘ) ବିଭାଗରେ ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ଝାନ୍‌ସୀ ରାଣୀ ସାହୁ ପ୍ରଥମ, ତେଜସ୍ୱିତା ସାହୁ ଦ୍ୱିତୀୟ ଓ ଶୁଭଜିତ ଦେହୁରି ତୃତୀୟ ହୋଇଥିଲେ। ଏହି କାର୍ଯ୍ୟକ୍ରମର ବ୍ଲକ ସଂଯୋଜକ ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଓ ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା ଧନ୍ୟବାଦ ଦେଇଥିଲେ।

### ବାର୍‌ହା ଉପଦ୍ରବ: ଧାନଫସଲ ନଷ୍ଟ



କୁଚିଣ୍ଡା, ୨।୧୧ (ବିରଞ୍ଚି ଦର୍ଵା)

ବାମରା ଅଞ୍ଚଳରେ ଜଙ୍ଗଲୀ ବାର୍‌ହାଙ୍କ ଉପଦ୍ରବ ଦେଖାଯାଇଛି। ରଙ୍ଗିଆଟିକିରା ପଞ୍ଚାୟତ ସାଧପଡ଼ା ଅଞ୍ଚଳରେ ଏକ ୧୨/୧୩ ଟିକିଆ ବାର୍‌ହା ପଲ ଲଇକେରା ବ୍ଲକ ଝରିଆବାହାଲ ଅଞ୍ଚଳରୁ ପଶିଆସି ପାଚିଲା ଧାନ ଫସଲ ନଷ୍ଟ କରୁଛନ୍ତି। ବାର୍‌ହା କ୍ଷେତ ଭିତରକୁ ପଶି ଧାନ ଖାଇବା ସହ ଦଳିଚକଟି ନଷ୍ଟ କରି ଦେଇଛନ୍ତି। ଫଳରେ ସାଧପଡ଼ା ଗ୍ରାମର ସୁବର୍ଣ୍ଣ ମାଝି, ଧନେଶ୍ୱର ମାଝି, ସନାତନ ବାଘ ଓ ଗୋକୁଲ ଛତ୍ରିଆଙ୍କ ଧାନ ଫସଲ ନଷ୍ଟ ହୋଇଯାଇଥିବା ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଅମଳ ଅପେକ୍ଷାରେ ଥିବା ଧାନ କିଆରିରେ ବାର୍‌ହା ପଲ ପଶି ଏଭଳି ଉତ୍ପାତ କରୁଥିବାରୁ ସେମାନେ ଚିନ୍ତାରେ ପଡିଥିବା କହିଛନ୍ତି। ଅଭିଯୋଗ ପରେ ଗୋବିନ୍ଦପୁର ଫରେଷ୍ଟର ଶାଳ ନାୟକ କ୍ଷତିଗ୍ରସ୍ତ ଚାଷୀଙ୍କ ଧାନବିଲ ପରିଦର୍ଶନ କରି ଫେରିଛନ୍ତି। ନିୟମ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ବୋଲି ସେ କହିଛନ୍ତି।

# ୧୮, ୧୯ରେ ପଶ୍ଚିମ ଓଡ଼ିଶା ଦୁଗ୍ଧ ଉତ୍ପାଦକ ସମ୍ମିଳନୀ



ଦୁଗ୍ଧ ଉତ୍ପାଦନ ସମ୍ମିଳନୀ ଲୋଗୋ ଓ ମାସ୍କଟ୍ ଉନ୍ମୋଚନ ଅବସରରେ ଅତିଥିମାନେ।

- ସାମିଲ ହେବେ ୧୦ ଜିଲାର ୫ହଜାର ଦୁଗ୍ଧଚାଷୀ
- ମାସ୍କଟ୍, ଲୋଗୋ ଉନ୍ମୋଚିତ
- ସଚେତନତା ରଥର ଶୁଭାରମ୍ଭ

ସମ୍ବଲପୁର, ୨।୧୧ (ବି.ଶଙ୍କର)

ପଶ୍ଚିମ ଓଡ଼ିଶା ଦୁଗ୍ଧ ଉତ୍ପାଦକ ସମ୍ମିଳନୀ ଆସନ୍ତା ୧୮ ଓ ୧୯ ତାରିଖରେ ସମ୍ବଲପୁର ଅଇଁଠାପାଲି ପିଏଚ୍‌ଡି ପଡ଼ିଆଠାରେ ଅନୁଷ୍ଠିତ ହେବ। ଜିଲା ପ୍ରଶାସନ ଓ ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ (ସାମୁଲ) ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ସମ୍ମିଳନୀ ସକାଶେ ପ୍ରସ୍ତୁତି ଚାଲିଛି। ତପସ୍ୱିନୀ ପ୍ରେକ୍ଷାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଅନନ୍ୟା ଦାସ ଏହି ସୂଚନା ଦେଇଛନ୍ତି।

ସେ ଆହୁରି କହିଛନ୍ତି, ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଏହା ଏକ ଅନନ୍ୟ ପଦକ୍ଷେପ। ଦୁଗ୍ଧ ଉତ୍ପାଦନ ନିମନ୍ତେ ପ୍ରୋତ୍ସାହନ ପାଇଁ ଏକ ନକ୍ସା ପ୍ରସ୍ତୁତ କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ। ନିଜ ଜ୍ଞାନକୌଶଳର ଆଦାନପ୍ରଦାନ ମାଧ୍ୟମରେ ନୂତନ ସହାଭାଗିତା ସୃଷ୍ଟି କରିବା ପାଇଁ ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିବ। ଏଥିରେ ଜାତୀୟ ଗୋପାଳନ ବିକାଶ ପରିଷଦ, ଜାତୀୟ ଗୋପାଳନ ଗବେଷଣା ପ୍ରତିଷ୍ଠାନ, ଭାରତୀୟ ପ୍ରାଣୀଧନ ଗବେଷଣା ପ୍ରତିଷ୍ଠାନ, କେନ୍ଦ୍ରୀୟ ପ୍ରାଣୀଧନ ପ୍ରଜନନ ଫାର୍ମ, ଇପିକଲ, ଭାରତୀୟ କୃଷି ଗବେଷଣା ପରିଷଦ, ଜାତୀୟ ଦକ୍ଷତା ବିକାଶ ପରିଷଦ ପ୍ରଭୃତିର ପ୍ରତିନିଧି ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏଥିସହ ରାଜ୍ୟର ବିଭିନ୍ନ ଦୁଗ୍ଧ ସଂଘ, ଦୁଗ୍ଧ ସମବାୟ ସମିତି ଓ ୧୦ ଜିଲାର ୫ହଜାରରୁ ଊର୍ଦ୍ଧ୍ୱ ଦୁଗ୍ଧଚାଷୀ ଯୋଗଦେବା ନିମନ୍ତେ ପ୍ରୟାସ କରାଯାଉଛି। ସରକାରୀ ଯୋଜନା ଓ ଆଧୁନିକ ଜ୍ଞାନକୌଶଳ ଦ୍ୱାରା କିଭଳି ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ବିକାଶ କରାଯିବ ତାହା ସମ୍ମିଳନୀରେ ଆଲୋଚନା କରାଯିବ। ବିଗତ ୩ବର୍ଷ ମଧ୍ୟରେ ୪୦ହଜାରରୁ ଊର୍ଦ୍ଧ୍ୱ ଦୁଗ୍ଧ ଉତ୍ପାଦନକାରୀ ନିଜକୁ ସାମୁଲ ସହିତ ପଞ୍ଜୀକରଣ କରିଛନ୍ତି। ଏହି ସମ୍ମିଳନୀ ମାଧ୍ୟମରେ ଆଗାମୀ ଦିନରେ ୫୦ ହଜାରରୁ ଅଧିକ ଦୁଗ୍ଧ ଉତ୍ପାଦନକାରୀଙ୍କୁ ଯୋଡିବା ପାଇଁ ପ୍ରୟାସ କରାଯିବ ବୋଲି ଜିଲାପାଳ କହିଛନ୍ତି। ଏହି ଅବସରରେ ମାସ୍କଟ୍, ଲୋଗୋ, ଥିମ୍ ଗୀତ ଉନ୍ମୋଚିତ ହୋଇଥିଲା। ଏଥିସହ ଗୋପାଳନ ସଚେତନତା ରଥକୁ ଜିଲାପାଳ ଓ ମହିଳା ଦୁଗ୍ଧଚାଷୀମାନେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ, ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ଡିଆର୍‌ଡିଏ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ସାମୁଲ ଜିଏମ୍ ଡା. ସରୋଜ କୁମାର ସାହୁ ଉପସ୍ଥିତ ଥିଲେ।

# ୧୦ରୁ ଧାନମଣ୍ଡି ଖୋଲିବା ଦାବି


ଦାବିପତ୍ର ଦେବାକୁ ଆସିଥିବା ଚାଷୀ ସଙ୍ଗଠନ କର୍ମକର୍ତ୍ତା।

କୁଚିଣ୍ଡା, ୨।୧୧ (ବିରଞ୍ଚି ଦର୍ଵା)

କୁଚିଣ୍ଡା ଉପଖଣ୍ଡରେ ଚଳିତ ଖରିଫ ଋତୁରେ ଭଲ ବର୍ଷା ହୋଇଥିବାରୁ ଭଲ ଧାନ ଫସଲ ହୋଇଛି। ବର୍ତ୍ତମାନ ଧାନ ଅମଳ ଆରମ୍ଭ ହୋଇଯାଇଥିବା ବେଳେ ଆଗାମୀ ୧୦/୧୫ଦିନ ମଧ୍ୟରେ ଚାଷୀଙ୍କ ଅଧିକାଂଶ ଧାନ ଅମଳ ସରିଯିବ। ଚାଷୀ ଏବେ ପରିବାର ଖର୍ଚ୍ଚ ତୁଲାଇବାକୁ ସ୍ଥାନୀୟ ବେପାରୀ ଓ ଦୋକାନୀଙ୍କୁ କେଜି ପ୍ରତି ୧୩/୧୪ ଟଙ୍କାରେ ଧାନ ବିକ୍ରି କରୁଛି। ଧାନ ମଣ୍ଡି ଖୋଲିବା ବିଳମ୍ବ ହେଉଥିବାରୁ ଚାଷୀକୁଳ ଏଭଳି ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଚାଷୀମାନଙ୍କ ବୃହତ୍ତର ସାର୍ଥ ଦୃଷ୍ଟିରୁ ଚଳିତ ମାସ ୧୦ତାରିଖ ସୁଦ୍ଧା ଉପଖଣ୍ଡର ଧାନ ମଣ୍ଡି ଖୋଲିବାକୁ ଚାଷୀ ସଂଗଠନ ଦାବି କରିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର କୁଚିଣ୍ଡା ବ୍ଲକ କୃଷକ ସଂଗଠନ ପକ୍ଷରୁ କୁଚିଣ୍ଡା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କୃଷକ ସଂଗଠନ ସମ୍ପାଦକ ଜୟନ୍ତ ପ୍ରଧାନଙ୍କ ନେତୃତ୍ୱରେ ଜିଲାପରିଷଦ ସଭ୍ୟ ଅଜିତ କୁମାର ମହାପାତ୍ର, ପିଙ୍କୁ ପାଣି, ଦୀନେଶ ପ୍ରସାଦ ହଂସ, ପ୍ରମୋଦ ଛୁରିଆ, ଓମ୍‌ପ୍ରକାଶ ପଟେଲ ପ୍ରମୁଖ ଉପଜିଲାପାଳ ବିଭୁତି ଭୂଷଣ ନାୟକଙ୍କ ସହ ଆଲୋଚନା କରିଛନ୍ତି।

# ଠେମରା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ପ୍ରଶାସନିକ ଅଧିକାରୀ


ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି ପ୍ରଶାସନିକ ଅଧିକାରୀ।

ସମ୍ବଲପୁର, ୨।୧୧ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଠେମରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ନୀଳାମ୍ବର ମହାନନ୍ଦ ପରିଦର୍ଶନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତର, ନର୍ସ ଓ ବିଭିନ୍ନ ବିଭାଗର କର୍ମଚାରୀ ଠିକ୍ ସମୟରେ ଆସି ନିଜର କାର୍ଯ୍ୟ କରୁଛନ୍ତି ନା ନାହିଁ ସେ ନେଇ ସେ ତଦାରଖ କରିଥିଲେ। ପରିଦର୍ଶନ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ରଞ୍ଜନ ପଟେଲ, କର୍ମଚାରୀ ଓ ଚିକିତ୍ସା ପାଇଁ ଆସିଥିବା ରୋଗୀ ପରିଜନଙ୍କ ସହ ଆଲୋଚନା କରିଥିଲେ। ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ମାଗଣା ଔଷଧ ରୋଗୀମାନଙ୍କୁ ମିଳିପାରୁଛି ନା ନାହିଁ ତାହା ପଚାରି ବୁଝିଥିଲେ।

# ଏମ୍‌ସିଏଲ୍ ମୁଖ୍ୟାଳୟରେ ପ୍ରଦର୍ଶନୀ ଷ୍ଟଲ ଉଦ୍‌ଘାଟିତ

ସମ୍ବଲପୁର, ୨।୧୧ (ବି.ଶଙ୍କର)


ଅତିଥିମାନେ ପ୍ରଦର୍ଶନୀ ଉଦ୍‌ଘାଟନ କରୁଛନ୍ତି।

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ମୁଖ୍ୟାଳୟଠାରେ ଭିଜିଲାନ୍ସ ସଚେତନତା ସପ୍ତାହ ଉପଲକ୍ଷେ ପ୍ରଦର୍ଶନୀ ଷ୍ଟଲ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ହସ୍ତତନ୍ତ ଓ ଖାଦ୍ୟପଦାର୍ଥକୁ ପ୍ରୋତ୍ସାହିତ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ସହାୟତା କରିବ ଲକ୍ଷ୍ୟ ନେଇ ଏହା କରାଯାଇଛି । ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ଭାରପ୍ରାପ୍ତ) କେଶବ ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଷ୍ଟଲକୁ ଶୁଭାରମ୍ଭ କରିଥିଲେ। ମୁଖ୍ୟ ଭିଜିଲାନ୍ସ ଅଧିକାରୀ ପି.କେ. ପଟେଲ, ନିର୍ଦ୍ଦେଶକ (ଅର୍ଥ) ଏ.କେ. ବେହୁରା, ନିର୍ଦ୍ଦେଶକ (ଟେକ/ପ୍ରୋଜେକ୍ଟ) ଏ.ଏସ୍. ବାପଟ ଉପସ୍ଥିତ ଥିଲେ। ସମ୍ବଲପୁର ମୁଦିପଡା ଜୟ ମା' ଲକ୍ଷ୍ମୀ ଗୋଷ୍ଠୀ, ନନ୍ଦପଡା ବାଲୁଙ୍କେଶ୍ୱର ବାବା ଗ୍ରୁପ, ବୃନ୍ଦାବତୀ ଗ୍ରୁପ , ରାଧାରାଣୀ ଗ୍ରୁପ, ମାତୃଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଷ୍ଟଲରେ ଖାଦ୍ୟ ପଦାର୍ଥ ଓ ହସ୍ତତନ୍ତ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା ।

# ଗ୍ୟାରେଜରେ କାର୍ ଜଳିଗଲା

କୁଚିଣ୍ଡା, ୨।୧୧ (ବିରଞ୍ଚି ଦର୍ଵା)

ବାମରା ଗରିଆମାଲ ମୁଖ୍ୟ ରାସ୍ତାରେ ଥିବା ଗ୍ୟାରେଜ୍‌ରେ ମରାମତି ପାଇଁ ଥିବା ଏକ କାର୍‌ରେ ମଙ୍ଗଳବାର ରାତିରେ ନିଆଁ ଲାଗି ପୋଡିଯାଇଥିଲା। ଏ ନେଇ ଗ୍ୟାରେଜ ମାଲିକ ସଞ୍ଜୟ ରାୟ ବୁଧବାର ଗୋବିନ୍ଦପୁର ଥାନାରେ ରିପୋର୍ଟ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବାମରା (ପଣ୍ଡରିପଥର) ଗ୍ରାମର ସଞ୍ଜୟ ରାୟ ଏକ ଗ୍ୟାରେଜ କରିଛନ୍ତି । ବାମରା ବ୍ଲକ ମହୁଲଡିହି ଗ୍ରାମର ଓକିଲ କୁବେର ମାଝି ତାଙ୍କର ଟାଟା ଇଣ୍ଡିକା ଭିଷ୍ଟା (ଓଡି୧୯ଏ-୫୯୭୩)କୁ ଗ୍ୟାରେଜରେ ମରାମତି ପାଇଁ ଦେଇଥିଲେ।

# ରାସ୍ତା ମରାମତି କଲେ ଯୁବକ ସଂଘ ସଭ୍ୟ

ନାକଟିଦେଉଳ, ୨।୧୧ (ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ବ୍ଲକ ବଳମ ପଞ୍ଚାୟତ ଅନ୍ତର୍ଗତ ମହୁକୁଦ ଗ୍ରାମ ମଙ୍ଗଳ ଯୁବକ ସଂଘ ସଭ୍ୟମାନେ ବଲାସିଂହା ଗ୍ରାମକୁ ସଂଯୋଗ କରୁଥିବା ପଞ୍ଚାୟତ ରାସ୍ତା ଶ୍ରମଦାନ କରି ମରାମତି କରିଛନ୍ତି। ଜମିରେ ଧାନଚାଷ କରାଯାଇଥିବାରୁ ସଭ୍ୟମାନେ ଏକ କିଲୋମିଟର ଦୂରରୁ ମାଟିଆଣି ରାସ୍ତାରେ ପକାଉଛନ୍ତି। ଏମାନେ ପୁଣି ସନ୍ଧ୍ୟାରେ ବାହାରି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ହାତୀ ଉପଦ୍ରବରୁ ଧାନଚାଷକୁ ରକ୍ଷା କରୁଛନ୍ତି । ଏହି କାର୍ଯ୍ୟରେ ଯୁବକ ସଂଘର ସୁଭାଷ ଚନ୍ଦ୍ର ନାୟକ, ସୁଶିଳ ବିଶ୍ୱାଳ, ସୁଶାନ୍ତ ସାହୁ, ସୁଜିତ ସାହୁ, ଶ୍ରବଣ ଧଳ, ପ୍ରମୋଦ ଧଳ, ସନ୍ତୋଷ ବେହେରା ଓ ଜିତେନ୍ଦ୍ର ସାହୁ ପ୍ରମୁଖ ସଭ୍ୟ ସାମିଲ ହୋଇଥିଲେ।



# ମୋବାଇଲ ନେଟ୍‌ୱର୍କରେ ବାଧା ଅଭିଯୋଗ

ସମ୍ବଲପୁର, ୨।୧୧ (ଭବାନୀ ଶଙ୍କର ଭୋଇ)

ବିଏସ୍‌ଏନ୍‌ଏଲ୍‌ର ଟାୱାର ସଂଖ୍ୟା ଅଧିକ ଥିବା ସତ୍ତ୍ୱେ ମୋବାଇଲ ନେଟ୍‌ୱର୍କରେ ବାଧା ସୃଷ୍ଟି ହେଉଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଥିବା ନେଇ ଭାଜପାର ବରିଷ୍ଠ ନେତା ଗୋବିନ୍ଦ ଅଗ୍ରୱାଲ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି। ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ସମାଧାନ ନ ହେବା ଦୁଃଖଦାୟକ ଘଟଣା ବୋଲି ସେ କହିଛନ୍ତି। ସମ୍ବଲପୁରଠାରୁ ଆରମ୍ଭ କରି ରେଢାଖୋଲ ପର୍ଯ୍ୟନ୍ତ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଅଧିକାଂଶ ସମୟରେ ନେଟୱର୍କ କାମ ଦେଉ ନାହିଁ । ଲୋକେ ମୋବାଇଲରେ କଥା ହେଉଥିବା ସମୟରେ ବାରମ୍ବାର ନେଟୱର୍କ କଟିଯାଉଥିବାରୁ ଗ୍ରାହାକମାନେ ହଇରାଣ ହେଉଛନ୍ତି। ଏ ନେଇ ସେ ବିଏସ୍‌ଏନ୍‌ଏଲ୍‌ର ଜିଏମ୍‌ଙ୍କୁ ଭେଟି ସମସ୍ୟା ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଥିବା କହିଛନ୍ତି। ଆଲୋଚନା ସମୟରେ ପ୍ରଦୀପ ସୁପକାର, ସୁନିଲ ନନ୍ଦ, ଆଶୋକ ସାହୁ, ସୁବାସ ମହାପାତ୍ର, ରମଣୀ ରଞ୍ଜନ ହୋତା, ଉପେନ୍ଦ୍ର ଝା, ମୁକେଶ ପଟ୍ଟନାୟକ, ହରି ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିବା ନେଇ ପ୍ରେସ୍ ବିବୃତି ଜରିଆରେ ଗୋବିନ୍ଦ ଜଣାଇଛନ୍ତି।

# ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ: ଜିମଖାନା ବିଜୟୀ


ଫୁଟ୍‌ବଲ ଟୁର୍ନାମେଣ୍ଟରେ ଅତିଥି ଓ ଖେଳାଳିମାନେ।

ସମ୍ବଲପୁର, ୨।୧୧ (ବି.ଶଙ୍କର)

ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ଆୟୋଜିତ ଜିଲାସ୍ତରୀୟ ଡାକ୍ତର ସନାତନ ବେହେରା ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚରେ ଜିମଖାନା ବିଜୟୀ ହୋଇ ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନିତ ହୋଇଛି। ରେଲବାଇ ଷ୍ଟାଡିୟମଠାରେ ପ୍ରଥମ ମ୍ୟାଚ ହୀରାକୁଦ କ୍ରୀଡା ସଂଘ ବନାମ ଇଷ୍ଟ କୋଷ୍ଟ ରେଲୱେ ମଧ୍ୟରେ ହୋଇଥିଲା। ସଂଘର୍ଷ ପୂର୍ଣ୍ଣ ହୋଇଥିବା ମ୍ୟାଚ ୨-୨ ଗୋଲରେ ଅମିମାଂଶିତ ରହିଥିଲା। ଦ୍ୱିତୀୟ ମ୍ୟାଚ ସମ୍ବଲପୁର ଜିମଖାନ ବନାମ କୁଚିଣ୍ଡା ଦଳ ମଧ୍ୟରେ ହୋଇଥିଲା। ଏଥିରେ ଜିମଖାନା ୧୧-୦ରେ ଏକତରଫା ବିଜୟୀ ହୋଇଥିଲା। ସୁବାସ ରାଉତ, ବଳରାମ ମଟାରି, ପରେଶ ଭୋଇ, ରାଜାରାମ ଓରାମ, ଦେବାନନ୍ଦ ମିର୍ଦ୍ଧା ଓ ପରେଶ ମିର୍ଦ୍ଧା ମ୍ୟାଚକୁ ପରିଚାଳନା କରିଥିଲେ। ଜିଲା କ୍ରୀଡା ସଂଘ ଫୁଟ୍‌ବଲ ସମ୍ପାଦକ ଅବଦୁଲ ଗଫାରଙ୍କ ପରିଚାଳନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ କୋର୍ଡିନେଟର ଭୁପେଶ ମୁଣ, କୋଚିଂ ଡିପୋ ଅଧିକାରୀ ଆଦିତ୍ୟ ସେଠୀ, ସମ୍ବଲପୁର ମେହେର ଆସୋସିଏଶନ ସମ୍ପାଦକ ବିରଜା ଶଙ୍କର ହୋତା, କୃଷ୍ଣଚନ୍ଦ୍ର ଶତପଥି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।

# ଗ୍ୟାରେଜରେ ଅଗ୍ନିକାଣ୍ଡ: ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ

ରେଙ୍ଗାଲି, ୨।୧୧ (ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ କମଳ ଛକରେ ଥିବା ଏକ ବାଇକ୍ ଗ୍ୟାରେଜ୍‌ରେ ଗୁରୁବାର ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ସୂଚନା ଅନୁସାରେ ସକାଳ ୮ଟା ସମୟରେ କମଳ ଛକରେ ଥିବା ଦୁଷ୍ମନ୍ତ ଗ୍ୟାରେଜ୍‌ରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଖବର ପାଇ ରେଙ୍ଗାଲି ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ। କିନ୍ତୁ ସେତେବେଳକୁ ଗ୍ୟାରେଜ୍‌ରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ସହ ଗ୍ୟାରେଜ ମାଲିକଙ୍କ ମାରୁତି ଭ୍ୟାନ ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି।


ଗ୍ୟାରେଜରେ ନିଆଁ ଲାଗିଛି।

# ବିଜୁ ପ୍ରିମିୟର ଲିଗ୍ ପାଇଁ ପ୍ରସ୍ତୁତି ବୈଠକ

ସମ୍ବଲପୁର, ୨।୧୧ (ଭବାନୀ ଶଙ୍କର ଭୋଇ)

ଜିଲାରେ ରହିଥିବା ପ୍ରତିଭାବାନ ଫୁଟ୍‌ବଲ ଓ କ୍ରିକେଟ ଖେଳାଳିଙ୍କୁ ଚିହ୍ନଟ କରି ସେମାନଙ୍କୁ ରାଜ୍ୟସ୍ତରରେ ସୁଯୋଗ ଦେବା ପାଇଁ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ଆରମ୍ଭ ହେବାକୁ ଯାଉଛି ବିଜୁ ପ୍ରିମିୟମ ଲିଗ। ଆସନ୍ତା ନଭେମ୍ବର ତୃତୀୟ ସପ୍ତାହରୁ ଏହି ପ୍ରତିଯୋଗିତା ଜିଲାର ସମସ୍ତ ଜିଲାପରିଷଦ ଜୋନରେ ଆରମ୍ଭ ହେବ ବୋଲି ବିଜୁ ଯୁବ ଛାତ୍ର ଜନତା ଦଳ ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର ସୂଚନା ଦେଇଛନ୍ତି। ଏଥିରେ ଜିଲାର ସମସ୍ତ ଜିଲାପରିଷଦ ଜୋନ, ଏନ୍‌ଏସି ଓ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ରହିଥିବା ଫୁଟ୍‌ବଲ ଏବଂ କ୍ରିକେଟ ଟିମ୍ ଅଂଶଗ୍ରହଣ କରିବେ। ଏଥିପାଇଁ ଗୁରୁବାର ଯୁଯୁମୁରା ବ୍ଲକ କବରାପାଲି ପଞ୍ଚାୟତର ନିଲଡୁଙ୍ଗୁରୀଠାରେ ପ୍ରସ୍ତୁତି ବୈଠକ କରାଯାଇ ଅଞ୍ଚଳର ଖେଳାଳିମାନଙ୍କୁ ପ୍ରତିଯୋଗିତାରେ ସାମିଲ ହେବା ପାଇଁ ଅନୁରୋଧ କରାଯାଇଥିଲା । ପଞ୍ଚାୟତ ସ୍ତରରୁ ମହାନଗର ପର୍ଯ୍ୟନ୍ତ ଜିଲାରେ ଲୁକ୍କାୟିତ କ୍ରୀଡା ପ୍ରତିଭା ଚିହ୍ନଟ କରିବା ଏହି ପ୍ରତିଯୋଗିତାର ଲକ୍ଷ୍ୟ ବୋଲି ସେ କହିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ ଅଧ୍ୟକ୍ଷ ତଥା ବିଜେଡି ସମ୍ବଲପୁର ପର୍ଯ୍ୟବେକ୍ଷକ ପ୍ରବଣ ପ୍ରକାଶ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହେବ ବୋଲି ମହାପାତ୍ର ସୂଚନା ଦେଇଛନ୍ତି।


ନିଲଡୁଙ୍ଗରୀଠାରେ ବିଜୁ ପ୍ରିମିୟର ଲିଗ ପାଇଁ ପ୍ରସ୍ତୁତି ବୈଠକ।

# କୁଷ୍ଠାଶ୍ରମ ସମସ୍ୟା ଦୂରୀକରଣ ପାଇଁ ପଦକ୍ଷେପ

ସମ୍ବଲପୁର, ୨।୧୧ (ପ୍ରମୋଦ ବହିଦାର)


ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

ଯୁଯୁମୁରା ବ୍ଲକ ହାତୀବାରୀ କୁଷ୍ଠାଶ୍ରମର ଅନ୍ତେବାସୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଦୂରୀକରଣ ପାଇଁ ଗୁରୁବାର ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ହିନ୍ଦ୍ କୁଷ୍ଠ ନିବାରଣ ସଂଘ ଆନୁକୂଲ୍ୟରେ ବୈଠକ ଆୟୋଜିତ ହୋଇଥିଲା। କୁଷ୍ଠାଶ୍ରମରେ ଥିବା ହେଲ୍‌ଥହୋମ୍‌ରେ ଆଶ୍ରିତ ରୋଗୀଙ୍କ ଚିକିତ୍ସା ସହ ଅନ୍ୟାନ୍ୟ ସହାୟତା, ହେଲ୍‌ଥହୋମ୍‌ର ଠିକ୍ ପରିଚାଳନା, ଅନ୍ତେବାସୀଙ୍କ ନିମନ୍ତେ ଆବଶ୍ୟକୀୟ ଶଯ୍ୟା, ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନର ଉପଯୁକ୍ତ ପରିଚାଳନା, ଅନ୍ତେବାସୀଙ୍କୁ ସ୍ୱତନ୍ତ୍ର ଜୋତା ଓ ଅନ୍ୟାନ୍ୟ ଉପକରଣ ଯୋଗାଇବା, ଚିକିତ୍ସା ପାଇଁ ଉପଯୁକ୍ତ ଭେଷଜ ଚିକିତ୍ସକ ବ୍ୟବସ୍ଥା, ସହଯୋଗ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ କ୍ଷମତା ପ୍ରଦାନ, ଅନ୍ତେବାସୀଙ୍କ ସନ୍ତାନଙ୍କୁ ଛାତ୍ରବୃତ୍ତି ବ୍ୟବସ୍ଥା ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହାସହିତ ଏସ୍‌ଏସ୍‌ଏପିଡ଼ି ବିଭାଗ ପକ୍ଷରୁ ଆବଶ୍ୟକତା ଅନୁସାରେ ଅନୁଦାନ ମଞ୍ଜୁର ନେଇ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ପୂର୍ଣ୍ଣଚନ୍ଦ୍ର ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର କୁମାର ମହାନନ୍ଦ, ଡିଆରଡିଓ ରବୀନ୍ଦ୍ର ଶତପଥୀ, ଅନୁବିଭାଗୀୟ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ସବିତା



@ ସୁନୀଲ



@ ଜୟଶ୍ରୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପଲସାଗୋରା ମୁରାସୁର ଦରବାରର ଚତୁର୍ଥ ସନ୍ଧ୍ୟା

**ଘଣ୍ଟାପଡ଼ା,୨।୧୧(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ପଲସାଗୋରା ସ୍ୱସ୍ତିକ କ୍ଲବ ଦ୍ୱାରା ଗଜଲକ୍ଷ୍ମୀ ପୂଜା ଅବସରରେ ସ୍ଥାନୀୟ ମକରପଡିଆଠାରେ ବୁଧବାର ଆୟୋଜିତ ମୁରାସୁର ଦରବାରର ଚତୁର୍ଥ ସନ୍ଧ୍ୟାରେ ରାଜଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଏହି ଅବସରରେ ଏମ୍‌ପି ଷଡ଼ଙ୍ଗୀଙ୍କ ଆତିଥେୟତାକୁ ନେଇ ମହାପ୍ରତାପୀ ମୁରାସୁର ଆତ୍ମବିଭୋର ହୋଇଥିଲେ। ଏପରି କି ଏମ୍‌ପି ଅପରାଜିତାଙ୍କ ଅଭିଭାଷଣ ଶୁଣିବା ପାଇଁ ମକରପଡିଆରେ ଭିଡ ଜମିଥିଲା। ଦୈତ୍ୟରାଜ ମୁରାସୁରଙ୍କ ରାଜ ଦରବାରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି, ପୂର୍ବତନ କଣ୍ଟାମାଳ ବିଧାୟକ ପ୍ରାର୍ଥୀ କହ୍ନେଇ ଚରଣ ଡାଙ୍ଗ, ୪ ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ୨ ନମ୍ବର ଜୋନର ଜିଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ସାମାଜିକ କର୍ମୀ ଶୀତିକଣ୍ଠ ମିଶ୍ର, ବରଗାଁ ସରପଞ୍ଚ ପିନାକ ରଣା, ପଞ୍ଚାନନ ସାହୁ, ଦିବ୍ୟ ଶଙ୍କର ରାଉତ ରାଜ ଅତିଥି ଭାବେ ଯୋଗଦେଇ ଦରବାରର ଆୟୋଜନ, କଳା ସଂସ୍କୃତି ଓ କାର୍ଯ୍ୟକ୍ରମ ପରିଚାଳନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଚ୍ୟୁତ ଖମାରୀ ଅତିଥି ପରିଚୟ ସହ ସଭା ପରିଚାଳନା କରିଥିଲେ। ମୁରାସୁରଙ୍କ ଆଦେଶ କ୍ରମେ ରାଜଅତିଥିମାନଙ୍କ ମନୋରଞ୍ଜନ ପାଇଁ ନୃତ୍ୟ ଗୀତର ଆୟୋଜନ କରାଯାଇଥିଲା। ନାଟ୍ୟାଭିନୟ ମାଧ୍ୟମରେ ମଞ୍ଚରେ ରଙ୍ଗସଭା ଆୟୋଜନ ପାଇଁ ମୁରାସୁରଙ୍କୁ ନାରଦଙ୍କ ପରାମର୍ଶ, ରଙ୍ଗସଭା ଆୟୋଜନ, ଭଗବତୀ ଭିକ୍ଷା, ରାଜାମାନଙ୍କୁ ଯୁଦ୍ଧରୁ ନିବୃତ୍ତ ରହିବା ପାଇଁ ମୁରାସୁରଙ୍କ ପରାମର୍ଶ ଆଦି ମଞ୍ଚସ୍ଥ ହୋଇଥିଲା। ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର କଂସ ଭୂମିକାରେ ଅଭିନୟ କରୁଥିବା ହୃଷିକେଶ ଭୋଇଙ୍କ ମୁରାସୁର ଭୂମିକାକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ। ଆଖପାଖ ଗାଁଗୁଡିକରୁ ଆସିଥିବା ଲୋକେ ନାଟକ ମୁରାସୁର ଦରବାର ଓ ନୃତ୍ୟ ଗୀତ ଦେଖିବା ସହ ମୀନାବଜାର ବୁଲିବା, ଗୁପଚୁପ, ଚାଟ, ଫାଷ୍ଟ ଫୁଡ ଖାଇବା ଓ ଦୋଳି ଖେଳିବାର ମଜା ଉଠାଇଥିଲେ।



ନାଟକ ମୁରାସୁର ଦରବାରରେ ଯୋଗ ଦେଇଥିବା ଅତିଥି।

### ଆତିଥେୟତାରେ ମୁରାସୁର ଆତ୍ମବିଭୋର

# ଦୁର୍ନୀତି ନିବାରଣ ସଚେତନତା ସଭା

**ବାଉଁଶୁଣୀ, ୨।୧୧(ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବାଉଁଶୁଣୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଦୁର୍ନୀତି ନିବାରଣ ବୌଦ୍ଧ ଶାଖା ପକ୍ଷରୁ ଦୁର୍ନୀତି ନିବାରଣ ସମ୍ପର୍କିତ ସଚେତନତା ସଭା ଓ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସରପଞ୍ଚ ଅଇଁଠୁ ମହାଲିକ, ପିଓ ପ୍ରହଲ୍ଲାଦ ଭୋଇ, ଭିଜିଲାନ୍ସ ବୌଦ୍ଧ ଶାଖାର ଷ୍ଟାଫ ମକରଧ୍ୱଜ ଦିଶ୍ରୀ ଯୋଗଦେଇ ସଚେତନତା ସପ୍ତାହ ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ସ୍ୱାଗତ ଭାଷଣ ଦେବା ସହ ସଚେତନତା ସପ୍ତାହ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରି ସମସ୍ତଙ୍କୁ ଦୁର୍ନୀତି ନିବାରଣ ପାଇଁ ଶପଥ ପାଠ କରାଇ ଥିଲେ। ଶେଷରେ ବ୍ଲକ କଳା ସଂସ୍କୃତି ସଂଘର ଉପ ସଭାପତି ସ୍ୱାଧୀନ କୁମାର ପରିଡା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ।

# ବରୁଣପୁରରେ ଲାଖବିନ୍ଧା ସ୍ୱୟମ୍ବର ସଭା

### ମୁରାସୁର ଦରବାରର ପଞ୍ଚମ ସନ୍ଧ୍ୟା

**ଅମରପାଲି,୨।୧୧(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଠିଠାରେ ୪୧ତମ ଗଜଲକ୍ଷ୍ମୀ ପୂଜା ମହୋତ୍ସବ ଚାଲିଛି । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ପ୍ରତ୍ୟହ ସନ୍ଧ୍ୟାରେ ପରିବେଷଣ ହେଉଛି ମୁରାସୁର ଦରବାର। ଗୁରୁବାର ଥିଲା ମୁରାସୁର ଦରବାରର ପଞ୍ଚମ ସନ୍ଧ୍ୟା । ପ୍ରତି ସନ୍ଧ୍ୟା ଭଳି ଏକ ଶୋଭା ଯାତ୍ରାରେ ନିଜ ପାତ୍ରମନ୍ତ୍ରୀଙ୍କ ସହିତ ନଗର ପରିକ୍ରମା କରି ମଞ୍ଚରେ ପହଞ୍ଚିଲେ ମହାରାଜ ମୁରାସୁର। ମୁରାସୁର ଦରବାରର ପଞ୍ଚମ ସନ୍ଧ୍ୟାରେ ନାଟ୍ୟାଭିକ୍ରମରେ ବରୁଣପୁରରେ ଲାଖ ବିନ୍ଧା ସ୍ୱୟମ୍ବର ସଭା ଆୟୋଜନ, ବରୁଣ ପୁରେ ତିନି ପୁର ର ରାଜାଙ୍କ ଆଗମନ ଓ ଲାଖ ବିନ୍ଧାରେ ସମସ୍ତେ ପରାସ୍ତ, ବରୁଣ ରାଜାଙ୍କ ବିଷ୍ଣୁ ଙ୍କୁ ପ୍ରାର୍ଥନା, ବିଷ୍ଣୁଙ୍କ ପ୍ରବେଶ ଓ ଲାଖ ବିନ୍ଧି ଲକ୍ଷ୍ମୀ ଙ୍କୁ ବିବାହ ଆଦି ପରିବେଷଣ ହୋଇଥିଲା। ଏହି ଅବସରରେ ପୂଜା କମିଟିର ସଭାପତି ଲବ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ରାଜସଭାରେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ସାଂସ୍କୃତିକ ସଭାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ, ରବୀନ୍ଦ୍ର ହୋତା, ପୀତାମ୍ବର ସାହୁ, ନମିତା ହୋତା, ସମିତିସଭ୍ୟ ଅରବିନ୍ଦ ବାରିକ, ପ୍ରଶାନ୍ତ ବାବୁ ପ୍ରମୁଖ ରାଜଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଧର ଖୁର୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ।




**TPCODL**

**TP CENTRAL ODISHA**
DISTRIBUTION LIMITED
(A Joint Venture of Tata Power and Government of Odisha)
1st Floor, Anuj Building, Plot No.: 29, Satya Nagar, Bhubaneswar, Odisha - 751007

**NOTICE INVITING TENDER**
NIT No: TPCODL/P&S/NIT/23-24/22

Bids are invited from eligible Bidders for the following tenders of TPCODL:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/1000000471/23-24 | SITC of LT ACB Panels 1600A & 4000A and Bus duct of 4000A at Bhubaneswar,Odisha. |
| 2 | TPCODL/P&S/1000000469/23-24 | Two years Rate contract for RCC DT fencing Elephant Corridor. |
| 3 | TPCODL/P&S/1000000470/23-24 | Two Years Rate contract for Civil works in Store yard Development across TPCODL. |
| 4 | TPCODL/P&S/1000000472/23-24 | Three Years Rate contract for Calibration of Testing Equipment in MTL. |
| 5 | TPCODL/P&S/1000000466/23-24 | Two Years Rate Contract for Establishment of OFC Network in OPTCL HUB Location |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPCODL website **https://www.tpcentralodisha.com**. All tenders will be available on TPCODL website w.e.f. From **Dtd.03.11.2023.** Future communication / corrigendum to tender documents, if any, shall be available on TPCODL website.



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2023048, ତା.20.10.2023ରିଖ

**କାର୍ଯ୍ୟର ନାମ :** ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ଲାଇନ୍ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭଦ୍ରକ-କଖପୁରା ଷ୍ଟେସନ ମଧ୍ୟରେ ବିଭିନ୍ନ ଲେଭେଲ କ୍ରସିଙ୍ଗଗୁଡ଼ିକରେ ରବରଯୁକ୍ତ ସରଫେସ୍ ପ୍ୟାଡ ବ୍ୟବସ୍ଥା ଦ୍ୱାରା ସଡ଼କ ପୃଷ୍ଠଭାଗର ଉନ୍ନୟନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 270.46 ଲକ୍ଷ, **EMD :** ₹ 2,85,200/-, କାର୍ଯ୍ୟ ଶେଷ ହେବା ଅବଧି : 06 (ଛ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.13.11.2023ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରେ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-82/CG/23-24


# ଶିଶୁ ସୁରକ୍ଷା ଆଇନ ଉପରେ କର୍ମଶାଳା

**ବୌଦ୍ଧ,୨।୧୧ (ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ମିଶନ ଶକ୍ତି ଗୃହଠାରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଲିଙ୍ଗଗତ ବୈଷମ୍ୟ , ବାଲ୍ୟବିବାହ, ଶିଶୁମାନଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଆଇନ ତଥା ଶିଶୁ ଅଧିକାର ଓ ବେଟି ବଚାଓ ବେଟି ପଢାଓ ଯୋଜନା ଉପରେ ଏକ ଦିବସୀୟ କର୍ମଶାଳା ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ମୁଖ୍ୟଅତିଥି ଭାବେ ସୁରକ୍ଷା ଅଧିକାରୀ ସୁଶାନ୍ତ ଭୋଇ ଯୋଗଦେଇ କନ୍ୟା ସନ୍ତାନର ସ୍ୱାସ୍ଥ୍ୟ, ପୁଷ୍ଟି ନିରାପତ୍ତା, ଶିଶୁମାନେ ବିଦ୍ୟାଳୟକୁ ଯିବା ଓ ଉପସ୍ଥାନ ହାର ବଢାଇବା ଓ କନ୍ୟା ସନ୍ତାନର ଗୁରୁତ୍ୱ ସମ୍ପର୍କରେ ସଚେତନ କରିବା ନେଇ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ହରଭଙ୍ଗା ଶିଶୁ ବିକାଶ ପ୍ରକଳ୍ପର କ୍ଷେତ୍ର ପରିଦର୍ଶିକା ସୌଦାମିନୀ ପଣ୍ଡା ଯୋଗଦେଇ ବାଲ୍ୟ ବିବାହ ନିରୋଧ ଆଇନ ୨୦୦୬ ଉପରେ ଆଲୋକପାତ କରିଥିଲେ । ବାଲ୍ୟ ବିବାହ ପରାମର୍ଶଦାତ୍ରୀ ପ୍ରବିଜ୍ଞା ଦାଶ ଯୋଗଦେଇ ବାଲ୍ୟ ବିବାହ ନିରାକରଣ ପାଇଁ ଜିଲା ଆକ୍ସନ ପ୍ଲାନ ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ହରଭଙ୍ଗା ବ୍ଲକ ର ସମସ୍ତ ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଅଂଶଗ୍ରହଣ କରିଥିଲେ । ଜିଲା ଶିଶୁ ସୁରକ୍ଷା ୟୁନିଟର ପରାମର୍ଶଦାତା ବସନ୍ତ ଦିଶିରି କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଚିତ୍ରସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।


**TPCODL**
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨

**ବିଶେଷ ସୂଚନା**

ପ୍ରୋଜେକ୍ଟ ଓ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ଆର୍ଯ୍ୟ ବିହାର, ନିଳାଦ୍ରୀ ବିହାର ଜିଏ, ଚନ୍ଦ୍ରଶେଖରପୁର ସେକ୍ଟର - ୧, ୨, ୩ ଏବଂ ୫ ଅଞ୍ଚଳରେ ସକାଳ ୯ ଘଟିକାରୁ ଅପରାହ୍ଣ ୩ ଘଟିକା ପର୍ଯ୍ୟନ୍ତ ଏବଂ ଅଟଳା, ଶିବଶକ୍ତି ନଗର ଓ ବଂଶୀ ବିହାର ଅଞ୍ଚଳରେ ସକାଳ ୮ ଘଟିକାରୁ ଅପରାହ୍ଣ ୨ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।

ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍



**FORM NO. 14**
[See Regulation 33(2)]
**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA, Cuttack-753014
**DEMAND NOTICE**
NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961

RC/39/2022 06.10.2023

**PUNJAB NATIONAL BANK**
Versus
**M/S SAMANTA MARINE UDYOG AND ANOTHER**

To,
**(CD 2) M/s. Samanta Marine Udyog,** Through S.V. Samanta, S/o- Sri Vaman Rao Samant, Prop. of M/s. Samanta Marine Udyog, At: 43 Swatantrapath, Opp. Canara Bank, Vasco-da-Gama, Goa.
**(CD 3) Sri S.V. Samanta,** S/o- Sri Vaman Rao Samant, At: 43 Swatantrapath, Opp. Canara Bank, Vasco-da-Gama, Goa.

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL CUTTACK in TA/214/2001 an amount of **Rs.16,05,828.20 (Rupees Sixteen Lakhs Forty Five Thousands Eight Hundred Twenty Eight & Paise Twenty Only)** along with pendentellite and future interest @ 12.5% Compound Interest Quarterly w.e.f. **18.02.1998** till realization and costs of Rs. NIL has become due against you (Jointly and severally/Fully/Limited).

2. You are hereby directed to pay the above sum within **15 days** of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **17.11.2023** at **10.30 a.m.** for further proceedings.
5. In addition to the sum aforesaid, you will also be liable to pay:
   (a) Such interests as is payable for the period commencing immediately after this notice of the certificate/execution proceedings.
   (b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date: **06.10.2023.**

Sd/- Recovery Officer
DEBTS RECOVERY TRIBUNAL, CUTTACK



Your classified advertisement published in Dharitri will be listed free in Dharitri online edition : **www.dharitri.com**



**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, देवघर**

**ई–प्रोक्योरमेंट सूचना (1st Call)**

e- Tender Reference No. - RCD/DEOGHAR/2194/2023-24 (1st Call)
दिनांक – 01.11.2023

| | | |
|---|---|---|
| 1. | कार्य का नाम | रोशन मोड़ से मधुपुर बाईपास पथ (कुल लम्बाई–3.025 कि0मी0) का राईडिंग क्वालिटी में सुधार (Improvement of Riding Quality) कार्य। |
| 2. | प्राक्कलित राशि (रुपये में) | रुपये 2,52,64,105/- (दो करोड़ बावन लाख चौसठ हजार एक सौ पाँच रुपये मात्र)। |
| 3. | कार्य समाप्ति की अवधि | 01 (एक) माह। |
| 4. | निविदा प्राप्ति की अंतिम तिथि एवं समय | 04.12.2023 (12:00 बजे दिन तक) |
| 5. | वेबसाईट पर निविदा प्रकाशित होने की तिथि एवं समय | 14.11.2023 (10:30 बजे पूर्वाह्न) |
| 6 | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, देवघर। |
| 7 | प्रोक्युरमेंट अधिकारी का सम्पर्क नम्बर | 06432-299919 |
| 8. | ई–प्रोक्युरमेंट सेल का हेल्पलाईन नम्बर | 0651–2401010 |

नोट –
निविदा की राशि घट–बढ़ सकती है।
अतिरिक्त जानकारी के लिए वेबसाईट http://jharkhandtenders.gov.in पर देखें।

कार्यपालक अभियंता,
PR 310452 Road(23-24)#D पथ निर्माण विभाग, पथ प्रमण्डल, देवघर



**OFFICE OF THE PRINCIPAL**
**CREW TRAINING INSTITUTE, CHANDBALI, DIST.- BHADRAK**
PIN - 756133, Email: ctiportsiwt@rediffmail.com

**ADVERTISEMENT FOR ADMISSION**

No. JJ-31: Applications in prescribed form are invited from intending experienced candidates having requisite qualification and experience for admision into 3 (Three) months Refreshers Course as per prescribed syllabus of Government conducted by Crew Training Institute, Chandabali, Dist.- Bhadrak from Dt.01.01.2024 to Dt.31.03.2024. The course is meant for preparing the candidates to serve as crews of Inland Mechanically propelled vessels, Fishing Trawlers, Sea going Vessels, Harbour Crafts, Tourist boats etc. with more proficiency.

**ELIGIBILITY:**

| | |
|---|---|
| **01. Age** | : Not less than 21 years and not more than 47 years as on Dt.01.01.2024 |
| **02. Educational Qualification** | : H.S.C. Pass from Board of Secondary Education, Odisha or equivalent. Candidate must be able to read & write Odia & English. |
| **03. Experience** | : Candidates must have minimum 3 (Three) years of experience as crew of Inland Mechanically propelled Vessels of 40 B.H.P. in any public sector/ reputed private sector Organization/ Registered Co-operative societies. |
| **04. Physical Fitness** | : The candidates should be physically fit to perform the type of work assigned by the authority of the Institute under any condition. A medical fitness certificate from a Medical Officer not below the rank of an Assistant Surgeon should be submitted with the application for admission. |

The form and prospectus for admission shall be available from the office of the "Principal, Crew Training Institute, Chandabali, Dist.- Bhadrak" on payment of Rs.50/- (Rupees Fifty) only by Cash, Money Order from Dt.15.11.2023 to Dt.05.12.2023 upto 5 P.M. on all working days. The application forms complete in all respect should reach the undersigned on or before Dt.12.12.2023 upto 5 P.M. The application forms should be submitted in an envelope addressed to "Principal, Crew Training Institute, Chandabali, Dist.- Bhadrak".
The application of in-service candidates should be submitted through proper Channel/Competent authority.

Sd./- Principal, Crew Training Institute
OIPR-02007/11/0001/2324 Chandbali, Dist.- Bhadrak



**ODISHA COAL AND POWER LTD.**
OCPL Odisha Coal and Power Limited
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar, Odisha – 751023, Ph. No: 0674-2300654 / 0674-2300664

**NOTICE FOR LEASING OUT THE OFFICE SPACE AND GUEST HOUSE AT HEMGIR, SUNDERGARH**

**Ref.: EA/12/23** **Date: 03.11.2023**

Odisha Coal and Power Ltd(OCPL), a State PSU of Odisha wishes to lease its semi furnished office space and Guest house at Hemgir town, Sundergarh on long term lease basis through E-auction via MSTC auction portal on 17th November 2023:
**(https://www.mstcecommerce.com/auctionhome/ocpl/index.jsp)**
The office and guest house are located at the prime area, on the main road of Hemgir town.Interested Agencies/ Industries are invited to register themselves on MSTC website as a buyer on or before 16th November 2023. The Terms & Conditions are available on MSTC website. For any assistance the following officials of MSTC may be contacted:
**Mr. Mahesh Ramavath, Dy. Manager & Mr. TDMV Satya Sai, Branch Manager**
**Mail id : rmahesh@mstcindia.co.in, tsatyasai@mstcindia.co.in**
**Mobile No. : +91-8801281004, 0674-2544199/2950091**

**Sd./- Sr. General Manager (Commercial)**



**झारखण्ड राज्य ग्रामीण पथ विकास प्राधिकरण (JSRRDA)**
एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड
अति अल्पकालीन ई–पुनर्निविदा आमंत्रण सूचना (2nd Call)
**PR No-304439 dated-11.08.2023**

अति अल्पकालीन ई–पुनर्निविदा संख्या:- **125 /2023-24** दिनांक :- 01.11.2023

मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशन संख्या/पैकेज संख्या | प्रखण्ड का नाम | | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | | 4 | 5 | 6 | 7 |
| 1 | JH-M-CHA-01/2023-24 | ईटखोरी | 1 | नगवाँ से राजबर तक पथ का विशेष मरम्मति कार्य। (लं० – 2.200 कि०मी०) | 1437.771 | चौदह करोड़ सैतीस लाख सतहत्तर हजार एक सौ रू० मात्र | 09 महीना |
| | | ईटखोरी | 2 | बभन्डीह से मंदायिन तक पथ का विशेष मरम्मति कार्य। (लं० – 9.000 कि०मी०) | | | |
| | | मयूरहंड | 3 | अलगडीहा से पेटादीरी तक पथ का विशेष मरम्मति कार्य। (लं० – 12.700 कि०मी०) | | | |
| | | मयूरहंड | 4 | पी०एम०जी०एस०वाई० रोड परोरिया से बेला तक पथ का विशेष मरम्मति कार्य। (लं० – 2.200 कि०मी०) | | | |
| | | मयूरहंड | 5 | नवादा पंचायत भवन से नचीरा, नरचाकला भाया नरचाखूर्द तक पथ का विशेष मरम्मति कार्य। (लं० – 2.890 कि०मी०) | | | |
| 2 | JH-M-CHA-02/2023-24 | सिमरिया | 1 | चटीक (जबड़ा) से केन्दु (भवानी माता) तक पथ का विशेष मरम्मति कार्य। (लं० – 7.100 कि०मी०) | 1474.729 | चौदह करोड़ चौहत्तर लाख बहत्तर हजार नौ सौ रू० मात्र | 09 महीना |
| | | सिमरिया | 2 | पंचमोड़ (लेपो मोड़) से तपसा तक पथ का विशेष मरम्मति कार्य। (लं० – 11.400 कि०मी०) | | | |
| | | सिमरिया | 3 | बिरहु से चोपे (अनगड़ा चौक) तक पथ का विशेष मरम्मति कार्य। (लं० – 4.200 कि०मी०) | | | |
| | | टण्डवा | 4 | बुकरू से पदमपुर तक पथ का विशेष मरम्मति कार्य। (लं० – 7.300 कि०मी०) | | | |

2. वेबसाईट मे निविदा प्रकाशन की तिथि:–03.11.2023
3. ई–निविदा प्राप्ति की अंतिम तिथि एवं समय:– 09.11.2023 अपराह्न 5.00 बजे तक।
5. निविदा खोलने की तिथि एवं समय:–10.11.2023 .अपराह्न 3.30 बजे।
6. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड।
7. ई–निविदा प्रकोष्ठ का दूरभाष सं०– ............................

विस्तृत जानकारी के लिए वेबसाईट **jharkhandtenders.gov.in** मे देखा जा सकता है।

मुख्य अभियंता
PR 310453 Rural Work Department(23-24)D जे०एस०आर०आर०डी०ए०, राँची।

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୩ ନଭେମ୍ବର, ୨୦୨୩



## ସଂକ୍ଷେପରେ

### ଶ୍ରବଣ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ

- ଜିଲା ଆଥଲେଟିକ ଚାମ୍ପିୟନଶିପ୍‌ରେ ହରିହର ନୋଡାଲ ହାଇସ୍କୁଲର ସଫଳତା
- ୧୪ ବର୍ଷରୁ କମ୍ ବର୍ଗ ୬ ଶହ ମିଟର ଦୌଡ଼ରେ ବର୍ଷା ବାଗ ଦ୍ୱିତୀୟ



କ୍ରୀଡ଼ା ଶିକ୍ଷକଙ୍କ ସହ ବର୍ଷା ବାଗ ଓ ଶ୍ରବଣ ବରଗ୍ରି ।

ଲୋଇସିଂହା, ୨।୧୧ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲାସ୍ତରୀୟ ଆଥଲେଟିକ ଚାମ୍ପିୟନଶିପ୍-୨୩ରେ ଲୋଇସିଂହା ବ୍ଲକ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲର ଦୁଇଜଣ ଛାତ୍ର କୃତିତ୍ୱ ହାସଲ କରିଛନ୍ତି। ଦୌଡ଼ ପ୍ରତିଯୋଗିତାରେ ବିଦ୍ୟାଳୟର ଶ୍ରବଣ ବରଗ୍ରି ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗୀତାକୁ ମନୋନୀତ ହୋଇଛନ୍ତି। ଛାତ୍ରୀ ବର୍ଷା ବାଗ ଦ୍ୱିତୀୟ ସ୍ଥାନରେ ରହି ସ୍କୁଲର ଗୌରବ ବଢାଇଛନ୍ତି। ଉଭୟଙ୍କ ସଫଳତା ପାଇଁ ଛାତ୍ରୀଛାତ୍ର ଏବଂ ଶିକ୍ଷକ ମହଲରେ ଖୁସିର ଲହରି ଖେଳିଯାଇଛି। ଜିଲାସ୍ତରୀୟ ଆଥଲେଟିକ ଚାମ୍ପିୟନଶିପ ଡୁଡୁରା ହାଇସ୍କୁଲ ପଡିଆରେ ଗତ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲର ଶ୍ରବଣ ବରଗ୍ରି ୧୭ବର୍ଷରୁ କମ ବର୍ଗରେ ୧୫ ଶହ ମିଟର ଦୌଡରେ ପ୍ରଥମ ହୋଇଛନ୍ତି। ସେହିପରି ବିଦ୍ୟାଳୟର ବର୍ଷା ବାଗ ୧୪ ବର୍ଷରୁ କମ୍‌ବର୍ଗ ୬ ଶହ ମିଟର ଦୌଡରେ ଦ୍ୱିତୀୟ ହୋଇଛନ୍ତି। ବର୍ଷା ୨୦୨୨ -ଆଥଲେଟ ଚାମ୍ପିୟନଶିପ୍‌ରେ ୧୫ ଶହ ଓ ୩ ହଜାର ମିଟର ଦୌଡରେ ଭାଗ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ବୋଲି ବିଦ୍ୟାଳୟ କ୍ରୀଡା ଶିକ୍ଷକ କରୁଣାକର କର୍ତ୍ତି କହିଛନ୍ତି। କୃତିତ୍ୱ ହାସଲ କରିଥିବା ଉଭୟ ଛାତ୍ରୀ ଏବଂ ଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଶୋକ କୁମାର ତ୍ରିପାଠୀ ।

# ଅଙ୍କିତ ସିନିୟର, ସ୍ୱର୍ଣ୍ଣଆଭା ଜୁନିୟରରେ ପ୍ରଥମ

ବଲାଙ୍ଗୀର, ୨।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ମନୋହରପୁର ପୋଲିସ ହାଇସ୍କୁଲ ପରିସରରେ ଗୁରୁବାର ଜିଲାସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ୧୪ଟି ବ୍ଲକର ୨୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସିନିୟର ବର୍ଗରେ ଅଙ୍କିତ ମିଶ୍ର ପ୍ରଥମ, ଶ୍ରୁତି ପ୍ରଧାନ ଦ୍ୱିତୀୟ ଏବଂ ହିମାଂଶୁ ମେହେର ତୃତୀୟ ସ୍ଥାନ ହାସଲ କରିଥିଲେ। ଜୁନିୟର ବର୍ଗରେ ସ୍ୱର୍ଣ୍ଣଆଭା ମିଶ୍ର ପ୍ରଥମ, ଶୁଭମ ପ୍ରଧାନ ଦ୍ୱିତୀୟ, ରାଘବ ଟିକେମାଲିଆ ତୃତୀୟ ସ୍ଥାନ ହାସଲ କରିଥିଲେ। ଜିଲାସ୍ତରୀୟ ପ୍ରତିଯୋଗିତାରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ କେବଳ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଅଂଶଗ୍ରହଣ ପାଇଁ ଯିବେ। ଅପରାହ୍ନରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିରାଟ କେଶରୀ ପ୍ରଧାନଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରା ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ରାଜେଶ ମିଶ୍ର ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଶିବଚରଣ ତ୍ରିପାଠୀ ଯୋଗଦେଇ ବିଜ୍ଞାନର ଆବଶ୍ୟକତା ଉପରେ ପ୍ରତିଯୋଗୀଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ରାମଗୋପାଳ ଖମାରୀ ଶର୍ମା, ଜୟକୃଷ୍ଣ ନାଏକ, ଅନୀଲ ନନ୍ଦ, ଅଶ୍ୱିନୀ ଷଡଙ୍ଗୀ, କରୁଣା ସାଏ ଏବଂ ପୋଲିସ ହାଇସ୍କୁଲର ସମସ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।



କୃତୀ ପ୍ରତିଯୋଗୀଙ୍କ ସହ ମୁଖ୍ୟଅତିଥି ଓ ଅନ୍ୟମାନେ ।

**ଜିଲାସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା**

# ନାବାଳିକାଙ୍କୁ ଅପହରଣ, ବଳାତ୍କାର ଅଭିଯୋଗ

ଲୋଇସିଂହା, ୨।୧୧ (ସୁଶାନ୍ତ ବାରିକ)

**ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ**



ଗିରଫ ପ୍ରେମରାଜ ନାଗ ।

ନାବାଳିକା ଅପହରଣ ଓ ବଳାତ୍କାର ମାମଲାରେ ଜଣେ ବିବାହିତ ଯୁବକଙ୍କୁ ବୁଧବାର ବଲାଙ୍ଗୀର ଜିଲା ଆଗଲପୁର ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଲୋଇସିଂହା ଥାନା ରାମସିଂହା ଗ୍ରାମର ପ୍ରେମରାଜ ନାଗ । ଗୁରୁବାର ପୀଡ଼ିତା ଏବଂ ଅଭିଯୁକ୍ତଙ୍କର ଆଗଲପୁର ଡାକ୍ତରଖାନାରେ ଡାକ୍ତରୀମାଇନା କରାଯାଇଛି । ଏହାପରେ ଅଭିଯୁକ୍ତଙ୍କୁ ବଲାଙ୍ଗୀର ପୋକ୍‌ସୋ କୋର୍ଟରେ ହଜାର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୋଲିସ । ଏନେଇ ଥାନାରେ ଏକ ମାମଲା(୧୯୭/୨୩)ରେ ଏକ ମାମଲା ରୁଜୁ ହୋଇଛି ବୋଲି ଆଇଆଇସି ବାସୁଦେବ ଭୋଇ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଆଗଲପୁର ଥାନା ଅନ୍ତର୍ଗତ ବନ୍ଧପାଲି ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ପ୍ରେମରାଜ ଗତ ଅକ୍ଟୋବର ୧୯ ତାରିଖରେ ଅପହରଣ କରି ବିଶାଖାପାଟଣା ବିଜୟନଗରମ ନେଇଯାଇଥିଲେ । ଅଭିଯୁକ୍ତ ସେଠାରୁ ନାବାଳିକାଙ୍କୁ ଧରି ଗାଁକୁ ଆସୁଥିବା ନେଇ ଆଗଲପୁର ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା । ଲୋଇସିଂହା ଥାନା ଫାସଡରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ପ୍ରେମରାଜଙ୍କୁ ବୁଧବାର ପୋଲିସ ଗିରଫ କରିଥିଲା । ନାବାଳିକାଙ୍କ ବାପା ଅପହରଣ ନେଇ ଆଗଲପୁର ଥାନାରେ ଏତାଲ ଦେଇଥିଲେ। ପରେ ନାବାଳିକାଙ୍କ ବୟାନକୁ ଆଧାର କରି ପୋଲିସ ଅପହରଣ ଓ ବଳାତ୍କାର ମାମଲା ରୁଜୁ କରିଛି । ସୂଚନାଯୋଗ୍ୟ ଯେ ଅଭିଯୁକ୍ତ ବିବାହିତ ଏବଂ ତାଙ୍କର ଦୁଇ ସନ୍ତାନ ଅଛନ୍ତି।

# ବେଲପଡ଼ାରେ ଓଡ଼ିଆ ଅପେରାକୁ ବିରୋଧ



କୋସଳବାଦୀମାନେ ଅପେରା ଗେଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବେଲପଡା, ୨।୧୧ (ମନୋଜ କୁମାର ମିଶ୍ର)

- ଷ୍ଟେଜ୍‌କୁ ଚଢ଼ି ଜୟ କୋସଲ ନାରା
- ପୋଷ୍ଟର ଚିରିଲେ

ଅଭିନେତା ମନୋଜ ମିଶ୍ରଙ୍କୁ ଓଡ଼ିଶା ପ୍ରଯୋଜକ ସଂଘର ଦୁଇବର୍ଷୀୟ ବାସନ୍ଦକୁ ପଶ୍ଚିମାଞ୍ଚଳର ବିଭିନ୍ନ ଅଞ୍ଚଳରେ ତୀବ୍ର ବିରୋଧ କରାଯାଉଛି। ବଲାଙ୍ଗୀର ଜିଲା ବେଲପଡା ବ୍ଲକ ନୁନହାଡ଼ ଗଜଲକ୍ଷୀ ପୂଜା ଅବସରରେ ଆୟୋଜିତ ଅପେରା କାର୍ଯ୍ୟକ୍ରମରେ ଏହି ଘଟଣାକୁ ନେଇ ବାଦବିବାଦ ସୃଷ୍ଟି ହୋଇଛି। ପୂଜାର ଶେଷରାତିରେ ରାଜଧାନୀ ନାଟ୍ୟସଂସ୍ଥା ଅପେରା ପ୍ରଦର୍ଶନ କରୁଥିବାବେଳେ ଜଣେ ଦର୍ଶକ ପ୍ରବଳ ବିରୋଧ କରିଥିଲେ। ଷ୍ଟେଜ୍‌କୁ ଚଢି ଜଣେ ଅଭିନେତାଙ୍କୁ ଜୟ କୋସଲ କହିବାକୁ କହିଥିଲେ। ହେଲେ ଅଭିନେତା ଜଣକ ଜୟ କୋସଲ କ'ଣ ଜାଣିନି, ଜୟ ଜଗନ୍ନାଥ ବୋଲି କହିଥିଲେ। ଏହାପରେ ସ୍ଥାନୀୟ କୋସଲ ପ୍ରେମୀମାନେ ଷ୍ଟେଜ୍‌କୁ ଚଢ଼ି ଜୟ କୋସଲ ନାରା ଦେଇଥିଲେ। ଅଧିକ କ୍ରୋଧିତ ହୋଇ ଅପେରା ଗେଟ ସମ୍ମୁଖରେ ଲାଗିଥିବା ପୋଷ୍ଟର ସବୁକୁ ଚିରିଥିଲେ। ଓଡ଼ିଆ ଅପେରା କୋସଲାଞ୍ଚଳରେ ଚଳିବ ନାହିଁ ବୋଲି ନାରାବାଜି କରିଥିଲେ। ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଅନୁଭବ ମହାନ୍ତିଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଶେଷରେ ଗଜଲକ୍ଷୀ ପୂଜା କମିଟି ସଦସ୍ୟ କୋସଲ କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଅପେରାର ସେହି ଅଭିନେତା ଜଣକ ଷ୍ଟେଜକୁ ଆସି ଜୟ କୋସଲ କହିବା ପରେ ଅପେରା ଯଥାରୀତି ଚାଲିଥିଲା। ଏଥିପୂର୍ବରୁ ବେଲପଡା ବ୍ଲକ ଜଲିଆ ଗ୍ରାମର ମହିଳାମାନେ ଅଭିନେତା ମନୋଜ ମିଶ୍ରଙ୍କ ସପକ୍ଷରେ ସ୍ଲୋଗାନମାନ ଦେବା ସହ ଅନୁଭବଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଯୁବା ଗ୍ରାମରେ ମନ୍ତ୍ରୀ ରୀତା ସାହୁଙ୍କ ଫଟୋଚିତ୍ରକୁ କେତେଜଣ ମହିଳା ଚିରିବା ସହ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କୁ ଜନନାୟକର ଆଖ୍ୟା ଦେଇଥିଲେ।

# ୫ଦାଦନ ଶ୍ରମିକ ଉଦ୍ଧାର, ମଧ୍ୟସ୍ଥ ଗିରଫ

ଖପ୍ରାଖୋଲ, ୨।୧୧ (ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ରାତ୍ରି ପାଟ୍ରୋଲିଙ୍ଗ ବେଳେ ବେଆଇନ ଭାବେ ଚାଲାଣ ହେଉଥିବା ୫ଜଣ ଦାଦନ ଶ୍ରମିକ ସହ ୪ଶିଶୁ ଉଦ୍ଧାର କରିଛି। ଚାଲାଣ କରୁଥିବା ମଧ୍ୟସ୍ଥିଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ମଧ୍ୟସ୍ଥି ବରଗଡ଼ ଜିଲା ପାଇକମାଳ ଥାନା ଖଲାବାହାଲ ଗାଁର ଯାଦବ ବରିହା (୩୮) ବୋଲି ପୋଲିସ ସୂଚନା ଦେଇଛି। ସୂଚନା ଅନୁସାରେ ପୋଲିସ ପାଟ୍ରୋଲଂ କଲାବେଳେ ହରିଶଙ୍କର ଛକ ନିକଟରେ ଏକ ଅଟୋକୁ ଅଟକାଇଥିଲା। ପଚରାଉଚରା ବେଳେ ସେଥିରେ ବସିଥିବା ୩ ପୁରୁଷ, ୨ମହିଳାଙ୍କ ସହ ୪ଜଣ ଶିଶୁଙ୍କୁ ତେଲଙ୍ଗାନାର ଇଟାଭାଟିକୁ ପଠା ଯାଉଥିବା ଜଣା ପଡିଥିଲା। ଉଦ୍ଧାର ଶ୍ରମିକମାନଙ୍କୁ ସେମାନଙ୍କ ନିଜ ଗାଁ ଲରମ୍ଭା ଥାନା ଭଟଲି ଗାଁକୁ ପଠାଇ ଦିଆଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୨୧୫/୨୩)ରୁଜୁ ହୋଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି।

# ୧୩୭ ଖଣ୍ଡ କେନ୍ଦୁଗଣ୍ଡି ଜବତ, ଅଭିଯୁକ୍ତ ଫେରାର

କଣ୍ଟାବାଞ୍ଜି, ୨।୧୧ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବନବିଭାଗ ନୁନହାଡ-ତୁରେକେଲା ପିଡବ୍ଲୁଡି ରାସ୍ତାର ଭରୁଆପାଲି ପଲସାପଡା ନିକଟ ରାସ୍ତାପାର୍ଶ୍ୱ ଜଙ୍ଗଲିଆ ଅଞ୍ଚଳରୁ ବୁଧବାର ରାତିରେ ଚଢାଉ କରି ୧୩୭ଖଣ୍ଡ କେନ୍ଦୁଗଣ୍ଡି ଜବତ କରିଛି। ଏ ନେଇ ଏକ ମାମଲା(୫/୨୩)ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି। କଣ୍ଟାବାଞ୍ଜି ରେଞ୍ଜ ଅଧିକାରୀ ଶ୍ରଦ୍ଧାଦେବ ବଡମାଲିଙ୍କ ନେତୃତ୍ୱରେ ବୁଧବାର ରାତିରେ ପାଟ୍ରୋଲିଂ ଚାଲିଥିବା ବେଳେ ଭରୁଆପାଲି ପଲସାପଡା ନିକଟରେ କେନ୍ଦୁଗଣ୍ଡି କଟା ହେଇ ଚାଲାଣ ଉଦ୍ଦେଶ୍ୟରେ ରଖାଯାଇ ଥିବା ଖବର ମିଳିଥିଲା। ରେଞ୍ଜ ଅଧିକାରୀ ବଡମାଲି, ଲର୍କି ଫରେଷ୍ଟର ସୁନିଲ ଛତ୍ରିଆ, ଢୋଲମାନ୍ଦଲ ଫରେଷ୍ଟର କିର୍ତ୍ତିଚନ୍ଦ୍ର ସୁଆର ଓ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉକ୍ତ କେନ୍ଦୁଗଣ୍ଡି ସବୁକୁ ଜବତ କରି ରେଞ୍ଜ ଅଫିସ ଆଣିଥିଲେ। ଚଢାଉ ପୂର୍ବରୁ ଅଭିଯୁକ୍ତମାନେ ଫେରାର ହୋଇ ଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

# ଅଙ୍କିତ ସାହୁ ଯୁବ କଂଗ୍ରେସ ରାଷ୍ଟ୍ରୀୟ ମିଡିଆ ପେନାଲିଷ୍ଟ



ଛାତ୍ରନେତା ଅଙ୍କିତ ସାହୁ

ବଲାଙ୍ଗୀର, ୨।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଛାତ୍ର କଂଗ୍ରେସ ପୂର୍ବତନ ସଭାପତି ଅଙ୍କିତ ସାହୁ ଯୁବ କଂଗ୍ରେସ ଇଣ୍ଡିଆ ରାଷ୍ଟ୍ରୀୟ ମିଡିଆ ପେନାଲିଷ୍ଟ ଭାବେ ମନୋନୀତ ହୋଇଛନ୍ତି। ଜଣେ ସୁବକ୍ତା, ପ୍ରତିଭାବାନ୍ ଛାତ୍ର ଏବଂ ସୁସଙ୍ଗଠକ ଭାବେ ଅଙ୍କିତ ଜାତୀୟସ୍ତରରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ରାଜ୍ୟ ତଥା ଜାତୀୟ ରାଜନୀତି, ରାଜନୈତିକ ବିଶ୍ଳେଷଣ ଏବଂ ସାମାଜିକ ସ୍ଥିତି ଆକଳନ କରି ସେ ସ୍ୱତନ୍ତ୍ର ଢ଼ଙ୍ଗରେ ବକ୍ତବ୍ୟ ଉପସ୍ଥାପନ କରି ବରିଷ୍ଠ ନେତାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଭିନ୍ନ ସମୟରେ ସେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ, ଆୟୁର୍ବେଦିକ କଲେଜ, ସରକାରୀ ମହାବିଦ୍ୟାଳୟ, ବଲାଙ୍ଗୀର ବିଇଡି କଲେଜ ଭଳି ବିଭିନ୍ନ ଶିକ୍ଷାନୁଷ୍ଠାନରେ ଥିବା ଛାତ୍ର ସମସ୍ୟାକୁ ନେଇ ରାଜ୍ୟସ୍ତରରେ ଉପସ୍ଥାପନ କରିଥିଲେ। ୟଙ୍ଗ୍ ଇଣ୍ଡିଆ କେ ବୋଲ୍ କାର୍ଯ୍ୟକ୍ରମର ତୃତୀୟ ସଂସ୍କରଣରେ ସେ ବେକାରୀ ସମସ୍ୟା ବିଷୟରେ ବକ୍ତବ୍ୟ ରଖି ରାଜ୍ୟର ଅନେକ ଯୁବନେତାଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଅକ୍ତିଆର କରିଥିଲେ। ସର୍ବଭାରତୀୟ ଯୁବ କଂଗ୍ରେସ ଇଣ୍ଡିଆ ପେନାଲିଷ୍ଟରେ ତାଙ୍କ ନାମ ସ୍ଥାନୀୟ ହେବା ସହ ତାଙ୍କୁ ଛତିଶଗଡ ରାଜ୍ୟ ସହପ୍ରଭାରୀ ଭାବେ ମନୋନୀତ କରାଯାଇଛି। ଏଥିପାଇଁ ସାହୁ ଅଖିଳ ଭାରତୀୟ କଂଗ୍ରେସ କମିଟି ପୂର୍ବତନ ସଭାପତି ରାହୁଲ ଗାନ୍ଧୀ, ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ ବିଭି, ପ୍ରଭାରୀ କୃଷ୍ଣା ଅଲ୍ଲାବାରୁ, ବିଧାୟକ ନରସିଂହ ମିଶ୍ର, ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ଏବଂ ରାଷ୍ଟ୍ରୀୟ ମିଡିଆ ପେନାଲିଷ୍ଟ ଅମନ ଦୁବେଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ସେ କେବଳ ଜିଲା ନୁହେଁ ରାଜ୍ୟ ଏବଂ ଜାତୀୟ ସ୍ତରରେ ଯୁବକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାକୁ ନେଇ ଲଢେଇ ଜାରି ରଖିବେ ବୋଲି କହିଛନ୍ତି ।

# ଜୁରିଆ ଲକ୍ଷ୍ମୀପୂଜା ପାଇଁ ଜଳନ୍ଧର ବରଣ

ଖପ୍ରାଖୋଲ, ୨।୧୧ (ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ପଞ୍ଚାୟତ ଅନ୍ତର୍ଗତ ଜୁରିଆ ଗ୍ରାମରେ ଲକ୍ଷ୍ମୀପୂଜା ପାଇଁ ଜଳନ୍ଧର ବରଣ କରାଯାଇଛି। ଚଳିତବର୍ଷ ବରଗଡ଼ ଜିଲା ଗାଇସିଲେଟ ବ୍ଲକ କଟାବାହାଲ ଗ୍ରାମର ଯୁବ କଳାକାର ଭାସ୍କର ସାହୁଙ୍କୁ ଜଳନ୍ଧର ଦରବାର ପାଇଁ ଜଳନ୍ଧର ଭୂମିକାରେ ଅଭିନୟ କରିବା ପାଇଁ ବରଣ କରାଯାଇଥିଲା। ତାଙ୍କ ସହ ମନ୍ତ୍ରୀ ଭୂମିକାରେ ଅଭିନୟ କରୁଥିବା ଗଜାନନ ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ କମିଟି ସଭାପତି ପ୍ରମୋଦ ମେହେର, ସମ୍ପାଦକ ଭାରତ ନାଏକ, ସଦସ୍ୟ ଚିନ୍ମୟ ମେହେର, ମୁନା ମେହେର, ସୁଶିଲ ମେହେର, ଶେଖର ମେହେର, ରାହୁଲ ମେହେର ଉପସ୍ଥିତ ଥିଲେ। ପୂର୍ବରୁ ଯୁବ କଳାକାର ଭାସ୍କର ସାହୁ ମହାରାଜ ଭୂମିକାରେ ୨୦୧୫ରୁ ବିଭିନ୍ନ ସ୍ଥାନରେ ଅଭିନୟ କରିଥିବା ବେଳେ ଏ ବର୍ଷ ଯୁରିଆ ଲକ୍ଷ୍ମୀ ପୂଜା ବେଶ ଜମିବ ବୋଲି ଆୟୋଜକ କମିଟି ଆଶାବ୍ୟକ୍ତ କରିଛନ୍ତି। ଆଗାମୀ ଡ଼ିସେମ୍ବର ୪ତାରିଖରୁ ମହାଲକ୍ଷ୍ମୀ ପୂଜା କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ଜଳନ୍ଧର ଦରବାର ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ ହୋଇଛି।



ଜଳନ୍ଧର କଳାକାରଙ୍କୁ ଆୟୋଜକମାନେ ବରଣ କରୁଛନ୍ତି।

# ଏମ୍‌କେଏଫ୍ଏ ଫୁଟବଲ: କ୍ୱାର୍ଟର ଫାଇନାଲରେ ଗେର୍ଡି ଦଳ

ଲୋଇସିଂହା, ୨।୧୧ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶମେଲ କଲୋନୀ ବିଆର ଆମ୍ବେଡକର ଖେଳପଡିଆରେ ପଞ୍ଚଦିବସୀୟ ଏମକେଏଫଏ ଫୁଟବଲ ଟୁର୍ନାମେଣ୍ଟ ଗୁରବାର ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମ ଦିବସରେ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ୨-୦ ଗୋଲରେ ଗେର୍ଡିକୁ ହରାଇ ବୁରୋଭାଡି କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ ଡଙ୍ଗାଘାଟ ଓ ବୁରୋଭାଡି ମଧ୍ୟରେ ହୋଇଥିଲା । ଏଥିରେ ବୁରୋଭାଡି ବିଜୟୀ ହୋଇଥିଲା । ଗେର୍ଡି ଓ ସାରେସପିଟା ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଗେର୍ଡି ବିଜୟୀ ହୋଇଥିଲା। ଆସନ୍ତା ୬ ତାରିଖରେ ଫାଇନାଲ ଖେଳ ଅନୁଷ୍ଠିତ ହେବ। ଲକପତି ପୁଟେଲ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

# ଜିଲା ସଂକୀର୍ତ୍ତନ୍ୟ ମହାମେଳି ବୈଠକ



ଜିଲା ସଂକୀର୍ତ୍ତନ୍ୟ ମହାମେଳି ବୈଠକରେ ଉପସ୍ଥିତ ସଦସ୍ୟ।

ବଲାଙ୍ଗୀର, ୨।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଇନ୍ଦିରନଗରର ରାଧାକୃଷ୍ଣ ମନ୍ଦିରର ପ୍ରହରୀ ମଣ୍ଡପରେ ଜିଲା ସଂକୀର୍ତ୍ତନ୍ୟ ମହାମେଳିର ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ସଭାପତି ଜିତେନ୍ଦ୍ର କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଜଗନ୍ନାଥ ସଂସ୍କୃତିକୁ ଗ୍ରାମାଞ୍ଚଳରେ ପହଞ୍ଚାଇବା ଓ ଗାଁରେ ନିଶାମୁକ୍ତ ଅଭିଯାନ କରିବା ପାଇଁ ହରିନାମ ସଂକୀର୍ତ୍ତନ୍ୟର ଉଦ୍ଦେଶ୍ୟ ବୋଲି ଆଲୋଚନା ହୋଇଥିଲା । ପ୍ରତ୍ୟେକ ସଂକୀର୍ତ୍ତନ୍ୟ ଦଳକୁ କଳା ଓ ସଂସ୍କୃତିରେ ପଞ୍ଜୀକୃତ କରିବା ପାଇଁ ସିଦ୍ଧାନ୍ତ କରାଗଲା । ଏହି ବୈଠକରେ ବିଭିନ୍ନ ବ୍ଲକ ମହାମେଳିର ପୁଇଁତଳା ବ୍ଲକ ସଭାପତି ବନବିହାରୀ ପଟେଲ, ଜରାସିଂହା ବ୍ଲକ ସଭାପତି ସୁଦାମ ବାଗ, ଲୋଇସିଂହା ସଭାପତି ଉଜଳ ପଟେଲ, ଗୁଡଭେଲା ବିରଞ୍ଚି ମହାପାତ୍ର, ସଇଁତଳା ସଭାପତି ଗଦାଧର ଦଣ୍ଡସେନା, ମୁରିବାହାଲ ସଭାପତି ମାର୍କଣ୍ଡ ବାଗ, ପାଟଣାଗଡ ସଭାପତି ନରେନ୍ଦ୍ର ବାରିକ, ବଲାଙ୍ଗୀର ସଭାପତି ଚିନ୍ତାମଣି ମହାକୁର, ବଙ୍ଗୋମୁଣ୍ଡା ସଭାପତି ସହଦେବ ପଣ୍ଡା, ତୁରେକେଲା ସଭାପତି ବିଭୀଷଣ ପୁଝାରୀ, ଟିଟିଲାଗଡ ସମ୍ପାଦକ ପ୍ରଭଞ୍ଜନ ମାଝି ଉପସ୍ଥିତ ଥିଲେ । ଶେଷରେ ଉପଦେଷ୍ଟା ଭରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ରାଧାକୃଷ୍ଣ ମନ୍ଦିରର କର୍ମକର୍ତ୍ତା ସହଯୋଗ କରିଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବଲାଙ୍ଗୀର, ୨।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁତଳା ବ୍ଲକ ରାକ୍ସିମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର କଳା ଶିକ୍ଷକ ସନ୍ତୋଷ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଷ୍ଟା ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷା କର୍ମଚାରୀ, ତଥା ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ସଭାରେ ଅବସର ଗ୍ରହଣ କରିଥିବା ଶିକ୍ଷକ ସାହୁଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ସଭାରେ ଅବସର ଗ୍ରହଣ କରିଥିବା ଶିକ୍ଷକ ସାହୁଙ୍କ ଶିକ୍ଷକତା, ଶୃଙ୍ଖଳା ଏବଂ ସ୍କୁଲରେ ଗଠନମୂଳକ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ପୁରାତନ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଯୋଗ ଦେଇଥିଲେ। ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭାକୁ ଶିକ୍ଷକ ମାଧବ ପଧାନ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମାମୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ରାକ୍ସିମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭା।

# ମେଗା ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା ନେଇ ସମୀକ୍ଷା

ଟିଟିଲାଗଡ଼, ୨।୧୧ (ଶରତ ମିଶ୍ର)

ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନରେ ମେଗା ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା ନେଇ ଗୁରୁବାର ଟିଟିଲାଗଡ ବ୍ଲକ ସଭାଗୃହରେ ସମୀକ୍ଷା କରିଥିଲେ। ଜଳସମ୍ପଦ ବିଭାଗ ଓ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଉଚ୍ଚ ଅଧିକାରୀଙ୍କ ସହ ଅନୁଷ୍ଠିତ ବୈଠକରେ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର ୭ଟି ସମେତ ଜିଲାର ୧୩ଟି ମେଗା ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା ନେଇ ନଦୀଗୁଡିକରେ ଜଳଉତ୍ସ ସୁନିଶ୍ଚିତ କରିବାକୁ ଜଳସମ୍ପଦ ଏବଂ ଗ୍ରାମ୍ୟ ଜଳଯୋଗାଣ ବିଭାଗ ମିଶି କାର୍ଯ୍ୟ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀରେ ଜଳସେଚନ ବ୍ୟବସ୍ଥା ନେଇ ତିନୋଟି ବ୍ୟାରେଜ ନିର୍ମାଣ ପ୍ରସ୍ତାବ ମଞ୍ଜୁର ହୋଇଛି। ସେହିପରି ଟିଟିଲାଗଡ଼ ପୌର ପରିଷଦର ବିଭିନ୍ନ ୱାର୍ଡରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ନେଇ ମନ୍ତ୍ରୀ ସାହୁ ଅସନ୍ତୋଷ ପ୍ରକାଶ କରିଥିଲେ। ପୌର ପରିଷଦ ପରିମଳ ବ୍ୟବସ୍ଥା ଘରୋଇ ଠିକାଦାର ହାତରେ ରହିଛି। ଏନେଇ ମନ୍ତ୍ରୀ ଠିକାଦାର ଏବଂ ପୌର ପରିମଳ ଅଧିକାରୀଙ୍କୁ ତାଗିଦ କରି ପରିମଳ ଅବସ୍ଥା ନ ସୁଧୁରିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାଇ ଦେଇଥିଲେ। ବୈଠକରେ ମୁଖ୍ୟଯନ୍ତ୍ରୀ ତଥା ବେସିନ ମ୍ୟାନେଜର, ତେଲ ବେସିନ, ଏସଇ ଜଳସମ୍ପଦ ବିଭାଗ ଗୋବର୍ଦ୍ଧନ ନାୟକ, ବଲାଙ୍ଗୀର ଗ୍ରାମ୍ୟ ଜଳଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ରୌପ୍ୟରଞ୍ଜନ ବେହେରା ଉପସ୍ଥିତ ଥିଲେ। ଉପଜିଲାପାଳ ଦୟାମୟ ପାଢ଼ି, ବିଡ଼ିଓ ତଥା ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ସୁଶାନ୍ତ ରଣା, ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ ଜାଲ, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାୟକ, ଜିଲା ପରିଷଦ ସଭ୍ୟା ଗୀତା ବିଶି, କାଉନସିଲର ଗୋପାଳକୃଷ୍ଣ ବେହେରା, ମାନସ ସାହୁ, ସୁନିତା ଦାଶ, ଚନ୍ଦ୍ରକାନ୍ତି ନାଗ, ସାବିତ୍ରୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।



ମନ୍ତ୍ରୀ ଟୁକୁନୀ ସାହୁ ଅଧିକାରୀଙ୍କ ସହ ଉନ୍ନୟନ କାମର ସମୀକ୍ଷା କରୁଛନ୍ତି।

**ପୌର ପରିଷଦ ପରିମଳ ବ୍ୟବସ୍ଥା ସୁଧାରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩ ନଭେମ୍ବର ୨୦୨୩



## ସଂକ୍ଷେପରେ

### ବାରିକ ସମାଜର ନୂଆଁଖାଇ ଭେଟ୍‌ଘାଟ୍

**ପାଇକମାଳ,୨।୧୧(ବଡ଼ ଶତପଥୀ):** ବରଗଡ ଜିଲା ପାଇକମାଳ ବ୍ଲକ ବାରିକ ସମାଜର ନୂଆଁଖାଇ ଭେଟ୍‌ଘାଟ୍ ଗୁରୁବାର ନୃସିଂହନାଥ ଆୟୋସିଏଲ ଅତିଥି ଭବନରେ ଅନୁଷ୍ଠିତ ହୋଇଯାଇଛି। ରଞ୍ଜିତ ପଷାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମପୁର ବିଧାୟକ ବର୍ଷା ସିଂ ବରିହା ମୁଖ୍ୟଅତିଥି, ପାଇକମାଳ ବ୍ଲକ ବିଧାୟକ ପ୍ରତିନିଧି ହୃଦାନନ୍ଦ ବାରିକ, ରଙ୍କମଣୀ ବାରିକ, ରମେଶ ବାରିକ, ଗୋଲକ ବିହାରୀ ବାରିକ, ଅବନୀ ବାରିକ, ଇଶ୍ୱର ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାରିକ ସମାଜର ନୂତନ ନିୟାମବଳୀ ଦ୍ୱିତୀୟଭାଗ ପୁସ୍ତକ ଉନ୍ମୋଚନ କରିବା ସହ ସମାଜର ଉନ୍ନତି ପାଇଁ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ ବିଧାୟିକା ବରିହାଙ୍କୁ ବାରିକ ସମାଜ ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବଲ୍ଲଭ ବାରିକ ଉଦ୍ଦେଶ୍ୟ ଜ୍ଞାପନ ଓ ପଙ୍କଜ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପାଇକମାଳ ବ୍ଲକ୍‌ର ଶତାଧିକ ମହିଳାପୁରୁଷ ଯୋଗ ଦେଇଥିଲେ।

### ପ୍ୟାରୀମୋହନ ନାଏକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ପଦ୍ମପୁର,୨।୧୧ (ପ୍ରଦୀପ୍ତ ଦାଶ):** ପଦ୍ମପୁର ବ୍ଲକ ଅଧୀନ ଜମଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ୍ମମୃତ୍ୟୁ ପଞ୍ଜୀକରଣ ସହାୟକ ପ୍ୟାରୀମୋହନ ନାଏକଙ୍କୁ ଗୁରୁବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଡାକ୍ତର ଲୋକପାଳ ଭୋଇଙ୍କ ଦ୍ୱାରା ଅନୁଷ୍ଠିତ ସଭାରେ ଜମଲା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଆଦିତ୍ୟ ଭୋଇ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶିବ ପ୍ରସାଦ ବେହେରା, ସ୍ୱାସ୍ଥ୍ୟ ପରିଦର୍ଶକ ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ନାଏକଙ୍କ ସରଳ, ନିରାଡମ୍ବର ବ୍ୟକ୍ତିତ୍ୱ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ନାଏକଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ତୁଳସୀ ମହଲା, ମହେଶ୍ୱର ପଟ୍ଟନାୟକ, ସଞ୍ଜୟ ବଡେଇ, ସୁଧୀର ମେହର, ଦୀପକ ସାହୁ, ମାନସୀ ଦାଶ, ସରୋଜ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ସଭା, ପ୍ରତିଯୋଗିତାରେ ଦୁର୍ନୀତି ନିବାରଣ ସଚେତନତା

**ବରପାଲି,୨।୧୧(ଚିତ୍ତରଞ୍ଜନ ସାହୁ):** ବରପାଲି ମହାବିଦ୍ୟାଳୟ ପରିସରରେ ଏନ୍‌ଏସ୍‌ଏସ୍ ୟୁନିଟ ଆନୁକୂଲ୍ୟରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଜୟନ୍ତୀ ଦାଶଙ୍କ ସଭାପତିତ୍ୱ ଓ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଭକ୍ତବନ୍ଧୁ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଦେଶକୁ ଦୁର୍ନୀତି ଓ ଭ୍ରଷ୍ଟାଚାର ମୁକ୍ତ କରିବାରେ ଛାତ୍ରୀଛାତ୍ରଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଇଂରାଜୀ ବିଭାଗ ମୁଖ୍ୟ ସୁଶୀଲ କୁମାର ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଚ୍ଚ ମାନବିକ ମୂଲ୍ୟବୋଧ ଦ୍ୱାରା ଦୁର୍ନୀତି ନିବାରଣ କରାଯାଇପାରିବ ବୋଲି ବକ୍ତବ୍ୟ ରଖିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଭକ୍ତବନ୍ଧୁ ପ୍ରଧାନ ଛାତ୍ରୀଛାତ୍ର ଓ କର୍ମଚାରୀମାନଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ। ପ୍ରାରମ୍ଭରେ ଛାତ୍ରୀ ବିନୋଦିନୀ ସାହୁ, ସନ୍ଧ୍ୟା ହରିପାଲ ଓ ଶୁଭଶ୍ରୀ ବାଗଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟରେ ଶତାଧିକ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ ଅଣ ଶିକ୍ଷକ କର୍ମଚାରୀ ଯୋଗ ଦେଇଥିଲେ। ଅଧ୍ୟାପକ ଧୀରୋଜ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

**ପଦ୍ମପୁର,(ପ୍ରଦୀପ୍ତ ଦାଶ):** ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଡକ୍ଟର ସରୋଜ କୁମାର ନାଏକଙ୍କ ସଂଯୋଜନାରେ ଏକ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଡକ୍ଟର ଭକ୍ତପୂରଣ ସାହୁ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଅଶୋକ କୁମାର ବହିଦାର ବିଚାରକ ଭାବେ ଯୋଗଦାନ କରିଥିଲେ। ତର୍କ ପ୍ରତିଯୋଗିତାରେ କଲ୍ୟାଣୀ ସାହୁ, ଶୁଭଶ୍ରୀ ପାତ୍ର, କିରଣ ବାଗ, କୁଇଜ ପ୍ରତିଯୋଗିତାରେ କଲ୍ୟାଣୀ ସାହୁ, ଦିବ୍ୟଶ୍ରୀ ସାହୁ, ଶ୍ରୁତି ମହାନ୍ତି ପ୍ରମୁଖ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।

# ୮୦ଲକ୍ଷ ଠକେଇ ଅଭିଯୋଗ, ଅଭିଯୁକ୍ତ ଗିରଫ

**ବରଗଡ଼,୨।୧୧(ପ୍ରେମାନନ୍ଦ ଖମାରୀ)**



ଗିରଫ ଅଭିଯୁକ୍ତ ସୁନିଲ ଅଗ୍ରୱାଲ ।

- ଅଭିଯୁକ୍ତଙ୍କ ସ୍ତ୍ରୀ ଦେଇଥିଲେ ଅପହରଣ ଏତଲା
- ଅପହରଣ ନାଟକ ରଚାଯାଇଥିବା କହିଲା ପୋଲିସ
- ମିଲର୍ସଙ୍କ ଏତଲାରେ ଗିରଫ ହେଲେ ଅଭିଯୁକ୍ତ
- ଘଟଣା ପଛରେ କ୍ରିକେଟ ବେଟିଂ ନେଇ ତନାଘନା

ବରଗଡ଼ ସଦର ଥାନା ପୋଲିସ ୮୦ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଅଞ୍ଚଳର ସୁନିଲ ଅଗ୍ରୱାଲ। ସେ ବରଗଡ଼ ସହରରେ ଏକ ଭଡ଼ାଘରେ ରହୁଥିଲେ। ଜଣେ ମିଲର୍ସଙ୍କ ଏତଲାକୁ ଭିତ୍ତି କରି ପୋଲିସ ତାଙ୍କ ବିରୋଧରେ ବରଗଡ଼ ସଦର ଥାନାରେ ଦଫା ୪୦୭, ୪୨୦ ଆଇପିସିରେ ଏକ ମାମଲା (ନଂ.୩୩୪/୨୩) ରୁଜୁ କରିଛି। ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଅନ୍ୟପଟେ ତାଙ୍କ ସ୍ୱାମୀଙ୍କୁ ଷଡ଼ଯନ୍ତ୍ର କରି ଫସାଇ ଦିଆଯାଇଛି ବୋଲି ଅଭିଯୁକ୍ତଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନା ଗଣମାଧ୍ୟମ ଆଗରେ କହିଛନ୍ତି। ତାଙ୍କ ସ୍ୱାମୀଙ୍କୁ କିଛି ଲୋକ ଅପହରଣ କରିନେଇଥିବା ସେ ପୂର୍ବରୁ ପୋଲିସରେ ଏତଲା ଦେଇଥିଲେ। ମାତ୍ର ଏତଲାରେ ସେ ଯେଉଁମାନଙ୍କ ନାମ ଦେଇଥିଲେ, ସେମାନଙ୍କ ବିରୋଧରେ ପୋଲିସ କିଛି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ଜ୍ୟୋତ୍ସ୍ନା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି କହିଛନ୍ତି, ଅଭିଯୁକ୍ତ ଜଣଙ୍କ ଖୁଦ ବିକ୍ରି ବାବଦକୁ କଣ୍ଟାବାଞ୍ଜିର ଜଣେ ବ୍ୟବସାୟୀଙ୍କଠାରୁ ୮୦ରୁ ୯୦ଲକ୍ଷ ଟଙ୍କା ନେଇଥିଲେ। ମାତ୍ର ଖୁଦ ଦେଇଥିବା ସମ୍ପୃକ୍ତ ରାଇସ୍ ମିଲ ମାଲିକଙ୍କୁ ଟଙ୍କା ଦେବା ବଦଳରେ କ୍ରିକେଟ ବେଟିଂରେ ସେହି ଟଙ୍କା ହାରିଯାଇ ନିଜେ ଅପହରଣ ନାଟକ ରଚିଥିଲେ ବୋଲି ତଦନ୍ତରୁ ଜଣାପଡ଼ିଥିବା ଅତିରିକ୍ତ ଏସ୍‌ପି କହିଛନ୍ତି ।

ବରଗଡ଼ ଏସ୍‌ଡ଼ିପିଓ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମହାନ୍ତି ଆହୁରି ସୂଚନା ଦେଇ କହିଛନ୍ତି, ଅଭିଯୁକ୍ତ ସୁନିଲଙ୍କୁ ଗତ ସେପ୍ଟେମ୍ବର ୨୫ରୁ ଅପହରଣ କରି ନିଆଯାଇଥିବା ତାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନା ସେପ୍ଟେମ୍ବର ୨୯ତାରିଖରେ ଅଭିଯୋଗ କରିଥିଲେ। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଏସ୍‌ପି ପି.ଏସ ମୀନାଙ୍କ ନିର୍ଦ୍ଦେଶ କ୍ରମେ ୩ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଥିଲା ଏବଂ ରାୟପୁରରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ଅଭିଯୁକ୍ତ ଜଣଙ୍କ ବରଗଡ଼, ବଲାଙ୍ଗୀର ଏବଂ ସମ୍ବଲପୁରର ୯ ମିଲର୍ସଙ୍କଠାରୁ ଖୁଦ ସଂଗ୍ରହ କରି କଣ୍ଟାବାଞ୍ଜିର ଉକ୍ତ ବ୍ୟବସାୟୀଙ୍କୁ ଯୋଗାଣ କରୁଥିଲେ। କଣ୍ଟାବାଞ୍ଜିର ବ୍ୟବସାୟୀ ଖୁଦ ବାବଦକୁ ଦେଉଥିବା ଟଙ୍କାକୁ ସେ ମିଲର୍ସଙ୍କୁ ପ୍ରଦାନ କରି କମିଶନ ପାଉଥିଲେ। ମାତ୍ର ସେପ୍ଟେମ୍ବର ମାସରେ ଖୁଦ ବିକ୍ରି ବାବଦକୁ ପାଇଥିବା ସମୁଦାୟ ଟଙ୍କା ସେ ମିଲର୍ସଙ୍କୁ ନ ଦେଇ ତାହା କ୍ରିକେଟ ବେଟିଂରେ ହାରିଯାଇ ଅପହରଣ ନାଟକ କରିଥିଲେ। ତେବେ ଏଥିରେ ଆଉ କାହାର ସମ୍ପୃକ୍ତି ରହିଛି ଏବଂ କ୍ରିକେଟ ବେଟିଂରେ ଆଉ କେଉଁମାନେ ସମ୍ପୃକ୍ତ ରହିଛନ୍ତି, ତାକୁ ନେଇ ଅଧିକ ତଦନ୍ତ ଚାଲିଛି ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ବରଗଡ଼ ଏସ୍‌ଡ଼ିପିଓ ପଦାରବିନ୍ଦ ତ୍ରିପାଠୀ ଉପସ୍ଥିତ ଥିଲେ।

## କୁମ୍ଭାରୀରେ ଗଜଲକ୍ଷ୍ମୀ ପୂଜା, ଭସାଣି ଉତ୍ସବ

**ବରପାଲି,୨।୧୧(ଚିତ୍ତରଞ୍ଜନ ସାହୁ)**

ବରପାଲି କୁମ୍ଭାରୀ ଗ୍ରାମ ଲକ୍ଷ୍ମୀନଗର ପଡ଼ାରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗତ ୨୮ ତାରିଖରୁ ଆରମ୍ଭ ହୋଇଥିବା ଏହି ପୂଜାର ପ୍ରଥମ ସନ୍ଧ୍ୟାରେ ଭାଗବତ ପୁରାଣ ପାଠ, ଦ୍ୱିତୀୟ ଦିନରେ କବି ସମ୍ମିଳନୀ ହୋଇଥିଲା। ଏଥିରେ ଶବ୍ଦନୃତ୍ୟ ଗୁରୁ ଭାଗବତ ପଧାନ କବିମାନଙ୍କୁ ସମ୍ମାନିତ କରିଥିଲେ। ତୃତୀୟ ଦିନରେ ବିଶିଷ୍ଟ ବ୍ୟକ୍ତିତ୍ୱ ଶିବାନନ୍ଦ ନାୟକ, ସଚିନ ମହାପାତ୍ର, ଶିବୁ ସାର, କମିଟି ମୁଖ୍ୟ ବିକାଶ ସାହୁ, ରମେଶ ମାଝୀଙ୍କୁ ସମ୍ମାନିତ କରାଯାଇଥିଲା। ଚତୁର୍ଥ ଦିନରେ ମା'ଙ୍କ ଭସାଣି ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସଭାପତି ରାଜୁ ସାହୁ, ସମ୍ପାଦକ ସୁନିଲ ଭୋଇ, ଯଜ୍ଞ କର୍ତ୍ତା ପ୍ରତାପ ସାହୁ ଓ ତାଙ୍କ ସ୍ତ୍ରୀ ସରସ୍ୱତୀ ସାହୁ, ଗ୍ରାମର ଚିନ୍ମୟ ପଧାନ, ବିଶ୍ୱ ପଟେଲ, ଗଣେଶ ସାହୁ, ବବୁଲୁ ପଟେଲ ଏବଂ ପଡାବାସୀ ସହଯୋଗ କରିଥିଲେ।

# ଚିନିକଳ ପୁନରୁଦ୍ଧାର ଦାବି ଜୋର୍ ଧରିଲା




ଚିନିକଳ ପୁନରୁଦ୍ଧାର ଦାବିରେ ଜିଲାପାଳଙ୍କ ପାଖକୁ ଯାଉଛନ୍ତି।

**ବରଗଡ଼,୨।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସମବାୟ ଚିନିକଳ ବନ୍ଦ ଘୋଷଣା ପରେ ଜିଲାରେ ଅସନ୍ତୋଷ ତେଜିବାରେ ଲାଗିଛି। ଏହି କ୍ରମରେ ଗୁରୁବାର ରାଷ୍ଟ୍ରୀୟ ମଜଦୁର କଂଗ୍ରେସ(ଆଇଏନ୍‌ଟିୟୁସି) ବରଗଡ଼ ଜିଲା ଶାଖା ପକ୍ଷରୁ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ବରଗଡ଼ ଜିଲା କୃଷିଭିତ୍ତିକ ଶିଳ୍ପ ଏବଂ ସମବାୟ ଆନ୍ଦୋଳନର ପ୍ରତୀକ। ମାତ୍ର ଏଠାରେ ଥିବା ଚିନିକଳକୁ ରାଜ୍ୟ ସରକାର ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ଆଇଏନ୍‌ଟିୟୁସି ଦୃଢ଼ ବିରୋଧ କରୁଛି। ଉକ୍ତ ଚିନିକଳ ଏକ ଲାଭକାରୀ ସଂସ୍ଥା ବୋଲି ପୂର୍ବରୁ ନ୍ୟାଶନାଲ ସୁଗାର ଇନ୍‌ଷ୍ଟିଚ୍ୟୁଟ୍ (ଏନ୍‌ଏସ୍‌ଆଇ) ରିପୋର୍ଟ ଦେଇଥିଲା। ଏହାସତ୍ତ୍ୱେ ଚିନିକଳକୁ ପୁନରୁଦ୍ଧାର କରିବା ବଦଳରେ ବନ୍ଦ କରିଦେବା ଦୁର୍ଭାଗ୍ୟଜନକ ବୋଲି ଆଇଏନ୍‌ଟିୟୁସିର ଜିଲା ସଭାପତି ବ୍ରହ୍ମା ମହାକୁଡ଼ କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ବରଗଡ଼ ସମବାୟ ଚିନିକଳକୁ ୧୧କୋଟି ଟଙ୍କାର ପ୍ୟାକେଜ ଦେବାକୁ ଘୋଷଣା କରିଥିଲେ। ମାତ୍ର ତାହା ମିଳିବା ତ ଦୂରର କଥା, ଚିନିକଳରେ କାର୍ଯ୍ୟରତ ୩୧୪ କର୍ମଚାରୀଙ୍କୁ ୭୨ମାସର ଦରମା ମଧ୍ୟ ଦିଆଯାଇନାହିଁ ଏବଂ ସେମାନଙ୍କୁ ହଟାଇ ଦିଆଯାଇଛି ବୋଲି ଆଇଏନ୍‌ଟିୟୁସି ଅଭିଯୋଗ କରିଛି। ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ୧୧କୋଟି ଟଙ୍କା ଚିନିକଳକୁ ପ୍ରଦାନ, କର୍ମଚାରୀଙ୍କୁ ସମସ୍ତ ବକେୟା ଦରମା ପ୍ରଦାନ ସହିତ ଚିନିକଳ ପୁନରୁଦ୍ଧାର କରିବାକୁ ଆଇଏନ୍‌ଟିୟୁସି ଦାବି କରିଛି। ଆଇଏନ୍‌ଟିୟୁସି ଜିଲା ସଭାପତି ମହାକୁଡ଼ଙ୍କ ସମେତ ଆଶିଷ ବେହେରା, ଶମ୍ଭୁ ନାରାୟଣ ଜେନା, ଅନିଲ ଆଚାର୍ଯ୍ୟ, ଆଜାଦ ପତି ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଯାଞ୍ଚ ବେଳେ ବାଇକ୍ ଧକ୍କାଦେଲା, କନଷ୍ଟେବଲ ଆହତ

**ଭେଡ଼େନ,୨।୧୧(ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ଥାନା ପୋଲିସ ପକ୍ଷରୁ ଗୁରୁବାର ଗାଡ଼ିମୋଟର ଯାଞ୍ଚ କରାଯାଉଥିବା ବେଳେ ଜଣେ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ସେ ହେଲେ କନଷ୍ଟେବଲ ଗୋବିନ୍ଦ ସାହୁ। ସେ ଏକ ବାଇକ୍‌କୁ ଅଟକାଇବାକୁ ଚେଷ୍ଟା କରୁଥିଲେ। ମାତ୍ର ବାଇକ୍ ଆରୋହୀ ତାଙ୍କୁ ଜୋର୍‌ରେ ଧକ୍କା ଦେବାରୁ ତାଙ୍କ ବାମ ହାତ ଭାଙ୍ଗି ଯାଇଛି। ପୋଲିସ ବାଇକକୁ ଜବତ କରିବା ସହ ଚାଳକ ସୋନପୁର ଜିଲା ବୀରମହାରାଜପୁର ଥାନା ଖୁଣ୍ଟୁଲାପାଲି ଗ୍ରାମର ସୁଦର୍ଶନ ରାଜହଂସକୁ ଅଟକ ରଖି ପଚରାଉଚୁରା କରୁଛି। ଏ ନେଇ ଭେଡ଼େନ ଥାନାରେ ଏକ ମାମଲା (ନଂ.୩୦୯/୨୩) ରୁଜୁ ହୋଇଛି। ପ୍ରକାଶ ଯେ, ଭେଡ଼େନ ଥାନା ଏସ୍‌ଆଇ ଦୟାନିଧି ପାତ୍ରଙ୍କ ନେତୃତ୍ୱରେ ପୋଲିସ ଟିମ୍ ଗଣ୍ଡତୁରୁମ ଜିରା ନଦୀ ପୋଲ ନିକଟରେ ଗାଡ଼ିମୋଟର ଯାଞ୍ଚ କରୁଥିଲେ। ଏହି ସମୟରେ ବିନିକା ପଟରୁ ଏକ ବାଇକ୍ (ନଂ.ଓଡ଼ି୧୫ଭି/୨୪୧୧) ଦ୍ରୁତବେଗରେ ଆସୁଥିଲା। ଏହା ଦେଖି ରାସ୍ତା କଡ଼ରେ ଛିଡ଼ା ହୋଇଥିବା ପୋଲିସ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା। ମାତ୍ର ବାଇକ୍ ଆରୋହୀ କନଷ୍ଟେବଲ ସାହୁଙ୍କୁ ଜୋର୍‌ରେ ଧକ୍କା ଦେଇ ଫେରାର୍ ହେବାକୁ ଚେଷ୍ଟା କରିଥିଲା। ପୋଲିସ ତାଙ୍କୁ ଗୋଡ଼ାଇ ଧରିଥିଲା। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି ।

## ବର୍ଷେ ବିତିଲା, କାରଣ ଜଣାପଡ଼ିଲାନି

**ଜାଣ୍ଡୋଲ ଗଣହତ୍ୟା ଘଟଣା**

**ଭେଡ଼େନ,୨।୧୧(ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ଥାନା ଜାଣ୍ଡୋଲ (କନ୍ଧପଡ଼ା)ରେ ବହୁଚର୍ଚ୍ଚିତ ଗଣହତ୍ୟା ଘଟଣାକୁ ଇତିମଧ୍ୟରେ ବର୍ଷେ ପୂରିଛି। ତଥାପି ଘଟଣା ଉପରୁ ପୋଲିସ ପ୍ରଶାସନ ପରଦା ଉଠାଇବାରେ ବିଫଳ ହୋଇଛି। ଦିନ ଗଡ଼ି ଚାଲିଥିଲେ ମଧ୍ୟ ସେହି ଲୋମହର୍ଷଣ ଘଟଣାଟି ଜନମାନସରୁ ଲିଭିପାରୁନାହିଁ।

ସୂଚନାଯୋଗ୍ୟ, ଗତ ବର୍ଷ ଅକ୍ଟୋବର ୩୦ ତାରିଖରେ ଜାଣ୍ଡୋଲ ଗ୍ରାମର ଶେଷଦେବ ମେହେରଙ୍କ ବନ୍ଦ ଘରୁ ପରିବାରର ୪ଜଣଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଥିଲା। ମୃତକମାନେ ହେଲେ ଗୃହକର୍ତ୍ତା ଶେଷଦେବ, ସ୍ତ୍ରୀ କ୍ଷୀରେଶ୍ୱରୀ, ପୁଅ ଅରବିନ୍ଦ ଏବଂ ଝିଅ ଶିବାନୀ। ପୋଲିସ ଏହି ଘଟଣାର ଖିଅ ଖୋଜୁଥିବା ବେଳେ କାହିଁକି ଏବଂ କେଉଁ ପରିସ୍ଥିତିରେ ସେମାନଙ୍କ ମୃତ୍ୟୁ ହେଲା ତାର କାରଣ ଏବେ ଲୋକଲୋଚନକୁ ଆସିପାରିନାହିଁ। ପରିବାରର ମା' ବାପା ଓ ଭଉଣୀଙ୍କୁ ହତ୍ୟା କରିବା ପରେ ପୁଅ ଆତ୍ମହତ୍ୟା କରିଥିବା ନେଇ ସେତେବେଳେ ସାଧାରଣରେ ଆଲୋଚନା ହୋଇଥିଲା। କିନ୍ତୁ ଘଟଣାର ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ତାହା ଅନ୍ୟ ଦିଗକୁ ସୂଚାଉଥିଲା। ଆତ୍ମହତ୍ୟା ନୁହେଁ,ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ଏବଂ ଏଥିରେ ବାହାର ଲୋକଙ୍କ ହାତ ଥିବା ସନ୍ଦେହ ହୋଇଥିଲା। ୪ ମୃତଦେହରେ କ୍ଷତ ଚିହ୍ନ ରହିଥିଲା। ଶେଷଦେବ, ସ୍ତ୍ରୀ ଏବଂ ଝିଅଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ପୁଅର ଝୁଲନ୍ତା ମୃତଦେହ ମିଳିଥିଲା। ଅରବିନ୍ଦ ଅନ୍ୟ ୩ ଜଣଙ୍କୁ ହତ୍ୟାକରି ନିଜେ ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଥିବା କୁହାଯାଉଥିଲା। ମାତ୍ର ଚଟାଣରେ ରକ୍ତଛିଟା ପଡ଼ିଥିବାରୁ ତାଙ୍କ ଆତ୍ମହତ୍ୟା ଘଟଣାକୁ ସହଜରେ ଗ୍ରହଣ କରାଯାଇ ପାରି ନ ଥିଲା। ସେହିପରି ଘର ଭିତରୁ ପରିବାରର ୪ ସଦସ୍ୟଙ୍କ ମୃତଦେହ ଉଦ୍ଧାର ହୋଇଥିବା ବେଳେ ଘରର ଦୁଇ ମୁଖ୍ୟ ଫାଟକରୁ ଗୋଟିକରେ ବାହାର ପଟୁ ତାଲା କେଉଁ ପରିସ୍ଥିତିରେ ପଡ଼ିଲା ତାହା ସମସ୍ତଙ୍କୁ ସନ୍ଦିହାନରେ ପକାଇଥିଲା। ଅପରପକ୍ଷେ ଶେଷଦେବଙ୍କ ଉତ୍ତରାଧିକାରୀ ଭାବେ ଏକମାତ୍ର ପୁଅ ଥିଲେ ଅରବିନ୍ଦ। ସେ ଅବିବାହିତ ମଧ୍ୟ ଥିଲେ। ଚା, କପଡ଼ା ଦୋକାନ ପରେ ସେ ଏକ ସିଲେଇ ଦୋକାନ କରିଥିଲେ। ତାଙ୍କର ଏକ ଅଟୋ ମଧ୍ୟ ରହିଥିଲା। ଯାହାକୁ ସେ ପରବର୍ତ୍ତୀ ସମୟରେ ବିକ୍ରି କରି ଦେଇଥିଲେ। ଏହା ସତ୍ତ୍ୱେ ତାଙ୍କର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ଥିଲା। କିନ୍ତୁ ସେ ବେଳେ ବେଳେ ଅବସାଦରେ ରହୁଥିବା ସାହିପଡ଼ିଶାଙ୍କ ଠାରୁ ଜଣାପଡ଼ିଥିଲା। ଲୋଭରୁ ପରିବାରର ସବୁ ସଦସ୍ୟଙ୍କୁ ହତ୍ୟା କରାଯାଇ ଥାଇପାରେ ବୋଲି ଏବେ ବି ସାଧାରଣରେ ଆଲୋଚନାର ବିଷୟ ହୋଇଛି। ତେବେ ଘଟଣାକୁ ବର୍ଷେ ବିତିଥିବା ବେଳେ ଏହି ଘଟଣାରକାରଣଅସ୍ପଷ୍ଟହୋଇରହିଯାଇଛି।

# ଡ୍ରେନେଜ୍ ସମସ୍ୟା, ଜିଲାପାଳଙ୍କୁ ଫେରାଦ

**ବରଗଡ଼,୨।୧୧(ପ୍ରେମାନନ୍ଦ ଖମାରୀ)**



ଡ୍ରେନେଜ ସମସ୍ୟା ନେଇ ଜିଲାପାଳଙ୍କୁ ଫେରାଦ ହୋଇଥିବା ପଡ଼ାବାସୀ।

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧୫ ଗୋବିନ୍ଦପାଲି ଉପରପଡ଼ାରେ ଡ୍ରେନେଜ ସମସ୍ୟା ଲାଗି ରହିଛି। ଏହାକୁ ନେଇ ପଡ଼ାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଭବାନୀ ପ୍ରସାଦ ସାହୁଙ୍କ ନେତୃତ୍ୱରେ ପଡ଼ାର ମହିଳାମାନେ ଗୁରୁବାର ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଭେଟି ଫେରାଦ ହୋଇଥିଲେ ଏବଂ ପଡ଼ାରେ ଲାଗି ରହିଥିବା ଡ୍ରେନେଜ ସମସ୍ୟାର ପ୍ରତିକାର କରିବା ଦାବିରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ପ୍ରକାଶ ଯେ, ଗୋବିନ୍ଦପାଲି ଉପରପଡ଼ା କୀର୍ତ୍ତନ ମଣ୍ଡଳୀଠାରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ପୁରୁଣା ବସ୍ତି ଅଞ୍ଚଳରେ ଡ୍ରେନେଜ ବ୍ୟବସ୍ଥା ନାହିଁ। ଫଳରେ ଘରୁ ନିଷ୍କାସିତ ପାଣି ସାଙ୍ଗକୁ ବର୍ଷାପାଣି ରାସ୍ତାରେ ଜମି ରହୁଛି। ଫଳରେ ସ୍ଥାନୀୟ ଲୋକେ ହଇରାଣ ହେଉଛନ୍ତି। ଏ ନେଇ ପଡ଼ାବାସୀ ବାରମ୍ବାର ପୌର କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ କିଛି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ପଡ଼ାର ପୂର୍ଣ୍ଣମାସୀ ଖମାରୀ, ଚାନ୍ଦ ପାଣ୍ଡେ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ମିଶନ ଶକ୍ତି କାଫେ ଉଦ୍‌ଘାଟିତ

**ସୋହେଲା,୨।୧୧(ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲା ବ୍ଲକ ପରିସରରେ ମିଶନ ଶକ୍ତି କାଫେ ଉଦ୍‌ଘାଟିତ ହୋଇଛି। ଏଥିରେ ଭଟଲି ବିଧାୟକ ସୁଶାନ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧ୍ୟକ୍ଷା ବବି ପଧାନ, ବିଡ଼ିଓ ସୁରେନ୍ଦ୍ର ମେହେର ଓ ସିଡ଼ିପିଓ ରାସେଶ୍ୱରୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ସିଂ କାଫେର ଡାଇନିଂ ହଲ, ରୋଷେଇ ଘର ଆଦି ବୁଲି ଦେଖିଥିଲେ। ଏହି କାଫେକୁ ଭାରତୀ ବ୍ଲକସ୍ତରୀୟ ମହାସଂଘ ପରିଚାଳନା କରିବ। କାର୍ଯ୍ୟକ୍ରମରେ ମହାସଂଘ ସଭାନେତ୍ରୀ ଜାନକୀ ପଧାନୀ, ସମ୍ପାଦିକା ନିରୂପମା ଭୋଇ, କୋଷାଧକ୍ଷା ଝୁନୁ ଦାଶ, ଏବିଡ଼ିଓ ଭାର୍ଜିଲ ଲାକ୍ରା, ଓକିଲ ସଂଘ ସଭାପତି ଅଶୋକ ବାରିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ଗଣତନ୍ତ୍ର ପଧାନ, ପ୍ରଫୁଲ୍ଲ ପଧାନ, ଓକିଲ ସଂଘ କର୍ମକର୍ତ୍ତା, ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ ତଥା ମିଶନ ଶକ୍ତି କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ

**ବରଗଡ଼,୨।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ପ୍ରଧାନପାଲି ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣାହୂତିରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମା'ଙ୍କ ଆଶୀର୍ବାଦ କାମନା କରିଥିଲେ। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ପଦ୍ମଲୋଚନ ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମବାସୀ ବିଧାୟକ ଆଚାର୍ଯ୍ୟଙ୍କୁ ଏକ ଶୋଭାଯାତ୍ରାରେ ପୂଜାସ୍ଥଳୀକୁ ପାଛୋଟି ନେଇଥିଲେ। ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଗ୍ରାମବାସୀ ଗ୍ରାମର ବିଭିନ୍ନ ସମସ୍ୟା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପର୍ଯ୍ୟାୟକ୍ରମେ ସମସ୍ତ ସମସ୍ୟା ଗୁଡ଼ିକର ସମାଧାନ କରାଯିବ ବୋଲି ସେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।



ଗଜଲକ୍ଷ୍ମୀ ପୂଜାରେ ବରଗଡ଼ ବିଧାୟକଙ୍କ ସମେତ ଅନ୍ୟ ଅତିଥିବୃନ୍ଦ।

# ମଦ ବିରୋଧରେ ତାତିଲେ ମହିଳା

**ବରଗଡ଼,୨।୧୧(ପ୍ରେମାନନ୍ଦ ଖମାରୀ)**



ମଦ ବିରୋଧରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ମହିଳା।

ବରଗଡ଼ ଜିଲା ବରପାଲି ଥାନା ଅଧୀନ ବରପାଲି ଓ ବାରଗୁଡ଼ା ପଞ୍ଚାୟତ ଅଞ୍ଚଳରେ ବ୍ୟାପକ ଚୋରାମଦ କାରବାର ଚାଲିଛି। ଏ ନେଇ ସ୍ଥାନୀୟ ଅବକାରୀ ଏବଂ ପୋଲିସ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କଲେ ସୁଦ୍ଧା କିଛି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏଭଳି ଅଭିଯୋଗ ନେଇ ଗୁରୁବାର ଉଭୟ ବରପାଲି ଓ ବାରଗୁଡ଼ା ପଞ୍ଚାୟତର ଶତାଧିକ ମହିଳା ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଭେଟି ଫେରାଦ ହୋଇଥିଲେ। ଅଞ୍ଚଳରେ ଚୋରାମଦ କାରବାର କରୁଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହିତ ନିଶା କାରବାର ସମ୍ପୂର୍ଣ୍ଣ ବନ୍ଦ କରିବା ଦିଗରେ ପଦକ୍ଷେପ ନେବାକୁ ସେମାନେ ଜିଲାପାଳଙ୍କୁ ନିବେଦନ କରିଥିଲେ।

ପ୍ରକାଶ ଯେ, ଅବାଧ ଚୋରାମଦ କାରବାର ଚାଲିଥିବାରୁ ବରପାଲି ଏବଂ ବାରଗୁଡ଼ା ପଞ୍ଚାୟତ ଅଞ୍ଚଳରେ ହିଂସା ବୃଦ୍ଧି ପାଉଛି। ପଦାକୁ ବାହାରିଲେ ସ୍ଥାନୀୟ ମହିଳା, ଛାତ୍ରୀଛାତ୍ର ନିଜକୁ ଅସୁରକ୍ଷିତ ମଣୁଛନ୍ତି। ସେହିପରି ମଦ କାରବାର ଯୋଗୁ ପାରିବାରିକ କଳହ ବୃଦ୍ଧି ପାଉଛି। ଛୋଟପିଲା ଏବଂ ଯୁବକଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। ଏହାସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ନୀରବ ରହିଥିବା ଅଭିଯୋଗ ହୋଇଛି। ଅଞ୍ଚଳରେ ଚୋରାମଦ କାରବାର କରୁଥିବା କିଛି ଲୋକଙ୍କ ନାମ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏହା ସହିତ ମଦ କାରବାର ବନ୍ଦ ପାଇଁ ସେମାନଙ୍କୁ ସହଯୋଗ କରିବାକୁ ମଧୁମତୀ ଲୁହା, ସୁଭଦ୍ରା ପଟେଲ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩ ନଭେମ୍ବର ୨୦୨୩



## ସଂକ୍ଷେପରେ

### ବିବାହିତା ମହିଳା ନିଖୋଜ, ଥାନାରେ ମାମଲା

**ବଡ଼ଗାଁ,୨।୧୧(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଫୁଲବାରୀ ଗ୍ରାମର ଜଣେ ବିବାହିତା ମହିଳା ନିଖୋଜ ହୋଇଥିବା ନେଇ ତାଙ୍କ ସ୍ୱାମୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଅନିଲ ଖଡିଆ କିଛି ମାସ ହାଇଦ୍ରାବାଦରେ ଶ୍ରମିକ କାମକରି ଫେରିଥିଲେ। ଘରୋଇ ନିର୍ମାଣ କାମ ପାଇଁ ତାଙ୍କ ସ୍ତ୍ରୀ କିଞ୍ଚିରକେଲା ଥାନା ଅଧୀନ ସିକାଯୋର୍ ନିକଟ ଭାଲୁବୁଡ ଗ୍ରାମର ଜଣେ ମିସ୍ତ୍ରୀଙ୍କୁ ଗତମାସ ୧୯ରେ ଡକାଇଥିଲେ। ଗୋଟିଏ ଦିନ କାମ କଲାପରେ ୨୦ତାରିଖ ଠାରୁ ସଂପୃକ୍ତ ନିର୍ମାଣ ମିସ୍ତ୍ରୀ ଓ ତାଙ୍କ ସ୍ତ୍ରୀ ନିଖୋଜ ଥିବା ଲିଖିତ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ତଦନ୍ତ କରୁଛି।

### ମଦ ଜବତ, ଜଣେ କୋର୍ଟ ଚାଲାଣ

**ଲହୁଣୀପଡ଼ା,୨।୧୧(ଦାଶରଥି ପଣ୍ଡା):** ଲହୁଣୀପଡା ଥାନା ପୋଲିସ ବିପୁଳ ପରିମାଣର ବିଦେଶୀ ମଦ ଜବତ କରିବା ସହ ଜଣକୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ରାଇକଲା ଗ୍ରାମରେ ରହୁଥିବା ସୁରଜ ମଲସଏ। ଏଥିସହ ପୋଲିସ ଏକ ବାଇକ୍‌କୁ ମଧ୍ୟ ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ସୁରଜ ବାଇକ୍ ଯୋଗେ ବେଆଇନ ବିଦେଶୀ ମଦ ଚାଲାଣ କରୁଥିବା ନେଇ ପୋଲିସ ବୁଧବାର ଖବର ପାଇ ଅତର୍କିତ ଚଢ଼ାଉ କରିଥିଲା। ସୁରଜଙ୍କ ଠାରୁ ପ୍ରାୟ ୧୮ ଲିଟର ବିଦେଶୀ ମଦ ଜବତ ହୋଇଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ସୁରଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଯାଞ୍ଚ ବେଳେ ବାଇକ୍ ଧକ୍କାଦେଲା, କନଷ୍ଟେବଲ ଆହତ

**ଭେଡ଼େନ,୨।୧୧(ସୁଦନ ମହାକୁର):** ବରଗଡ଼ ଜିଲା ଭେଡ଼େନ ଥାନା ପୋଲିସ ପକ୍ଷରୁ ଗୁରୁବାର ଗାଡ଼ିମୋଟର ଯାଞ୍ଚ କରାଯାଉଥିବା ବେଳେ ଜଣେ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ସେ ହେଲେ କନଷ୍ଟେବଲ ଗୋବିନ୍ଦ ସାହୁ। ସେ ଏକ ବାଇକ୍‌କୁ ଅଟକାଇବାକୁ ଚେଷ୍ଟା କରୁଥିଲେ। ମାତ୍ର ବାଇକ୍ ଆରୋହୀ ତାଙ୍କୁ ଜୋର୍‌ରେ ଧକ୍କା ଦେବାରୁ ତାଙ୍କ ବାମ ହାତ ଭାଙ୍ଗି ଯାଇଛି। ପୋଲିସ ବାଇକକୁ ଜବତ କରିବା ସହ ଚାଳକ ସୋନପୁର ଜିଲା ବୀରମହାରାଜପୁର ଥାନା ଖୁଣ୍ଟୁଲାପାଲି ଗ୍ରାମର ସୁଦର୍ଶନ ରାଜହଂସକୁ ଅଟକ ରଖି ପଚରାଉଚୁରା କରୁଛି। ଏ ନେଇ ଭେଡ଼େନ ଥାନାରେ ଏକ ମାମଲା (ନଂ.୩୦୯/୨୩) ରୁଜୁ ହୋଇଛି। ପ୍ରକାଶ ଯେ, ଭେଡ଼େନ ଥାନା ଏସ୍‌ଆଇ ଦୟାନିଧି ପାତ୍ରଙ୍କ ନେତୃତ୍ୱରେ ପୋଲିସ ଟିମ୍ ଗଣ୍ଡତୁରୁମ ଜିରା ନଦୀ ପୋଲ ନିକଟରେ ଗାଡ଼ିମୋଟର ଯାଞ୍ଚ କରୁଥିଲେ। ଏହି ସମୟରେ ବିନିକା ପଟରୁ ଏକ ବାଇକ୍ (ନଂ.ଓଡ଼ି୧୫ଭି/୨୪୧୧) ଦ୍ରୁତବେଗରେ ଆସୁଥିଲା। ଏହା ଦେଖି ରାସ୍ତା କଡ଼ରେ ଛିଡ଼ା ହୋଇଥିବା ପୋଲିସ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା। ମାତ୍ର ବାଇକ୍ ଆରୋହୀ କନଷ୍ଟେବଲ ସାହୁଙ୍କୁ ଜୋର୍‌ରେ ଧକ୍କା ଦେଇ ଫେରାର୍ ହେବାକୁ ଚେଷ୍ଟା କରିଥିଲା। ପୋଲିସ ତାଙ୍କୁ ଗୋଡ଼ାଇ ଧରିଥିଲା। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି ।

### ବାରିକ ସମାଜର ନୂଆଁଖାଇ ଭେଟ୍‌ଘାଟ୍

**ପାଇକମାଲ,୨।୧୧(ବଡ଼ ଶତପଥୀ):** ବରଗଡ ଜିଲା ପାଇକମାଲ ବ୍ଲକ ବାରିକ ସମାଜର ନୂଆଁଖାଇ ଭେଟ୍‌ଘାଟ୍ ଗୁରୁବାର ନୃସିଂହନାଥ ଆୟୋସିଏଲ ଅତିଥି ଭବନରେ ଅନୁଷ୍ଠିତ ହୋଇଯାଇଛି। ରଞ୍ଜିତ ପଷାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମପୁର ବିଧାୟକ ବର୍ଷା ସିଂ ବରିହା ମୁଖ୍ୟଅତିଥି, ପାଇକମାଲ ବ୍ଲକ ବିଧାୟକ ପ୍ରତିନିଧି ହୃଦାନନ୍ଦ ବାରିକ, ରଙ୍କମଣୀ ବାରିକ, ରମେଶ ବାରିକ, ଗୋଲକ ବିହାରୀ ବାରିକ, ଅବନୀ ବାରିକ, ଇଶ୍ୱର ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାରିକ ସମାଜର ନୂତନ ନିୟାମବଳୀ ଦ୍ୱିତୀୟଭାଗ ପୁସ୍ତକ ଉନ୍ମୋଚନ କରିବା ସହ ସମାଜର ଉନ୍ନତି ପାଇଁ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ ବିଧାୟିକା ବରିହାଙ୍କୁ ବାରିକ ସମାଜ ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବଲ୍ଲଭ ବାରିକ ଉଦ୍ଦେଶ୍ୟ ଜ୍ଞାପନ ଓ ପଙ୍କଜ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପାଇକମାଲ ବ୍ଲକ୍‌ର ଶତାଧିକ ମହିଳାପୁରୁଷ ଯୋଗ ଦେଇଥିଲେ।



ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ କଲେଇପୋଷ ଓ୍ୱେବ୍ରିଜ ସମ୍ମୁଖରେ ଧାରଣା ଦେଇଥିବା ସିଆଇଟିୟୁ କର୍ମୀ ଓ ଅନ୍ୟମାନେ।

# ସିଆଇଟିୟୁର ବିଭିନ୍ନ ଦାବି ନେଇ ଧାରଣା

**ଲହୁଣୀପଡା,୨।୧୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ କଲେଇପୋଷ ଓ୍ୱେବ୍ରିଜ ସମ୍ମୁଖରେ ସିଆଇଟିୟୁ ପକ୍ଷରୁ ଗୁରୁବାର ଧାରଣା ଦିଆଯାଇଛି। ବଣେଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ଜିଲା ସମ୍ପାଦକ ପ୍ରମୋଦ ସାମଲ, ପ୍ରଭାତ ପଣ୍ଡା, ଜିଲା ପରିଷଦ ସଦସ୍ୟା ସୁଶିଳା ମୁଣ୍ଡା, ଲହୁଣୀପଡ଼ା ବ୍ଲକ ଆଞ୍ଚଳିକ କମିଟି ସମ୍ପାଦକ ଲାଲ ବାହାଦୁର ମାହାନ୍ତ, ସମିର ନାୟକ, ପୂର୍ବତନ ଜିଲାପରିଷଦ ସଦସ୍ୟ ଗୋପିନାଥ ମାହାନ୍ତ, ଓମନ୍ତ ମାହାନ୍ତ, ସରପଞ୍ଚ ଆନନ୍ଦ ହରୋ, ଜାମୁଡିହି ସରପଞ୍ଚ ନେଲସନ ମୁଣ୍ଡା, ଶଶ୍ୟକଳା ସରପଞ୍ଚ ଏମଲେନ ଭୂୟାଁ, ଶଶ୍ୟକଳା ସମିତି ସଭ୍ୟା ଅନିତା ଦିପ୍ତି ମୁଣ୍ଡା ପ୍ରମୁଖ ବିଭିନ୍ନ ଦାବି ପୂରଣ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଖଣ୍ଡାଧାର କୁରମିତର ଖଣିରୁ ଉତ୍ତୋଳନ ହେଉଥିବା ଲୁହାପଥରକୁ ମନପଲି ପରିବହନ ବ୍ୟବସ୍ଥାକୁ ବନ୍ଦ କରି ଆଞ୍ଚଳିକ ସ୍ତରରେ ପ୍ରଦାନ କରାଯାଉ,ବାହାରିଆ ଶ୍ରମିକ ନିଯୁକ୍ତି ବନ୍ଦ କରି ସ୍ଥାନୀୟ ଯୁବତୀ ଯୁବକଙ୍କୁ ଯୋଗ୍ୟତା ଭିତ୍ତିକ ନିଯୁକ୍ତି, ୨୦୦ରୁ ଉର୍ଦ୍ଧ୍ୱ ଯୁବକଙ୍କୁ ଠିକା ଶ୍ରମିକ ଭାବେ ନିଯୁକ୍ତି, ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଥିବା ରେଲୱେ ଲୋଡିଂ ସାଇଡିଂକୁ ପର୍ଯ୍ୟାପ୍ତ ପରିମାଣରେ ଲୁହାପଥର ଯୋଗାଇବା, ସରକାରଙ୍କ ସହିତ ଚୁକ୍ତିନାମା ହୋଇଥିବା ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ଆବଶ୍ୟକ ଅନୁଯାୟୀ ଡାକ୍ତର, ନର୍ସ, ପାରାମେଡିକାଲ ନିଯୁକ୍ତି, ପାର୍ଶ୍ୱ ଅଞ୍ଚଳ ବିକାଶ ଯୋଜନା ଅଧିନରେ ସ୍ଥାନୀୟ ବିଦ୍ୟାଳୟ ଗୁଡିକରେ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି, ରାସ୍ତାର ବିକାଶ, ରାସ୍ତା ପାର୍ଶ୍ୱରେ ଆଲୋକିକରଣ, ସୋଲାର ଗଭୀର ନଳକୂପ ମାଧ୍ୟମରେ ପାନୀୟ ଜଳ ଯୋଗାଣ, ନିକଟସ୍ଥ ସମସ୍ତ ଗ୍ରାମର ବିଦ୍ୟାଳୟ ଓ କଲେଜ ଛାତ୍ରୀଛାତ୍ରଙ୍କ ଯାତାୟତ ପାଇଁ ବସର ବ୍ୟବସ୍ଥା ଆଦି ଦାବିରେ ଗୁରୁବାର କଲେଇପୋଷ ଓ୍ୱେବ୍ରିଜ ସମ୍ମୁଖରେ ସିଆଇଟିୟୁ ସୁନ୍ଦରଗଡ ଜିଲା କମିଟି ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଓ ଅବରୋଧ କରାଯାଇଛି। କାର୍ଯ୍ୟକ୍ରମରେ ଅସିତ ଚୌଧୁରୀ, ଜନ ଡୁଙ୍ଗଡୁଙ୍ଗ୍, ସହଦେବ ନାୟକ, କୃଷ୍ଣ ଚନ୍ଦ୍ର ବାରିକ, ହରିସ ରାୟ, ବାବୁରାମ ମାହାନ୍ତ, ନବୀନ ମାହାନ୍ତ, ମନୋଜ ବେହେରା, ଧନେଶ୍ୱର କିଷାନ, ଘନଶ୍ୟାମ ପାତ୍ର, ଗଣେଶ ପାତ୍ର, ପ୍ରକାଶ ଘଣା, ସନାତନ ବାରିକ ଭାଗର ଦେହୁରୀ,ସନ୍ତୋଷ ବାରିକ, ଜଗେଶ୍ୱର ପଲେଇଙ୍କ ସମେତ ବହୁ ସିଆଇଟିୟୁର କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଅଛନ୍ତି।

## ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟାଦେଶ ବଣ୍ଟନ

**ରାଜଗାଙ୍ଗପୁର,୨।୧୧(ଅଶୋକ ପାଣି)**



ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ପୌରପାଳିକା ଦ୍ୱାରା ବୁଧବାର ସ୍ଥାନୀୟ ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ଆନୁକୂଲ୍ୟରେ ମୁକ୍ତା ଯୋଜନା ଅନ୍ତର୍ଗତ ଏସଏଚଜି ମହିଳା ତଥା ମିଶନ ଶକ୍ତିର ୪୨ ମହିଳାଙ୍କୁ ସହରର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ ପାଇଁ ୩ କୋଟି ୧୬ ଲକ୍ଷ ୯୦ ହଜାର ଟଙ୍କାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି ପରିପେକ୍ଷୀରେ କଲ୍ୟାଣ ମଣ୍ଡପରେ ଏକ ସଭାକାର୍ଯ୍ୟ ପୌରାଧକ୍ଷା ମାଧୁରୀ ଲୁଗୁନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଉପନଗରପାଳ ମହମ୍ମଦ ଇରଫାନ, କାଉନସିଲର କୌଶର ପରବିନ, ଶ୍ୱେତା କୁମାରିଙ୍କ ସହ ଅନ୍ୟାନ୍ୟ କାଉନସିଲର, ପୌରଅଧିକାରୀ ଗୋବିନ୍ଦ ଡନସନା, ଆସିଷ୍ଟାଣ୍ଟ ଇଞ୍ଜିନିୟର ହାଜମ ଟୁଡୁ, କାନାରା ବ୍ୟାଙ୍କ, ପଞ୍ଜାବ ବ୍ୟାଙ୍କ ଓ ୟୁକୋ ବ୍ୟାଙ୍କର ମ୍ୟାନେଜର ପ୍ରଭୃତି ଉପସ୍ଥିତ ରହି ମହିଳା ସଶକ୍ତୀ କରଣ ଉପରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ଓ ୫– ଟିକୁ ଧନ୍ୟବାଦ ଦେବାସହ ଯେଉଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି ତାହାକୁ ସୂଚାରୁ ରୂପେ ଶେଷ କରିବା ପାଇଁ କୁହାଯାଇଥିଲା।

## ଆନ୍ଧ୍ରରୁ ଫେରିଲେ ୧୧ ଓଡ଼ିଆ ଶ୍ରମିକ

**ଭୁବନେଶ୍ୱର,୨।୧୧(ଶର୍ମିଷ୍ଠା ପାଣିଗ୍ରାହୀ)**

ଆନ୍ଧ୍ରପ୍ରଦେଶକୁ କାମ କରିବାକୁ ଯାଇ ସେଠାରେ ନିର୍ଯାତିତ ହେଉଥିବା ସୁନ୍ଦରଗଡ ଜିଲାର ୮ଜଣ ମହିଳାଙ୍କ ସମେତ ୧୧ ଜଣ ଶ୍ରମିକ ଗୁରୁବାର ସୁରକ୍ଷିତ ଭାବେ ଓଡିଶା ଫେରିଛନ୍ତି। ନିର୍ଯାତନା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅବଗତ ହେବା ପରେ ସେମାନଙ୍କୁ ସୁରକ୍ଷିତ ଉଦ୍ଧାରକରି ଓଡିଶା ଫେରାଇ ଆଣିବାକୁ ଓଡିଶା ପରିବାର ନିର୍ଦ୍ଦେଶାଳୟକୁ ପରାମର୍ଶ ଦେଇଥିଲେ। ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଆନ୍ଧ୍ରପ୍ରଦେଶ ସରକାର, ଶ୍ରମ ଓ କର୍ମଚାରୀ, ରାଜ୍ୟବୀମା ବିଭାଗ ସହିତ ସମନ୍ୱୟ ରକ୍ଷାକରି ସେମାନଙ୍କୁ ଓଡିଶା ଫେରାଇ ଆଣିବାର ବ୍ୟବସ୍ଥା କରିଥିଲେ। ଏହାପରେ ସେମାନଙ୍କ ଫେରିବା ନେଇ ସମସ୍ତ ବାଟ ଫିଟିଥିଲା। ଭୁବନେଶ୍ୱର ରେଳ ଷ୍ଟେଶନରେ ୧୧ ଶ୍ରମିକଙ୍କୁ ନିର୍ଦ୍ଦେଶାଳୟ ପକ୍ଷରୁ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପ୍ରୀତିଶ ପଣ୍ଡା ସ୍ୱାଗତ କରିଥିଲେ।

## ନଭେମ୍ବର ୧୨ରୁ ବରିଷ୍ଠ ମହିଳା ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍

**ସୁନ୍ଦରଗଡ,୨।୧୧(ଜୟ ନାରାୟଣ ମେଣ୍ଡୁଲି)**

ଜିଲା କ୍ରୀଡା ସଂସଦ ଓ ଫୁଟ୍‌ବଲ ଆସୋସିଏଶନ ଅଫ ଓଡିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ସୁନ୍ଦରଗଡ ଷ୍ଟାଡିୟମରେ ଆସନ୍ତା ୧୨ତାରିଖ ଠାରୁ ୨୮ତମ ବରିଷ୍ଠ ମହିଳା ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏହି ଜାତୀୟ ଚାମ୍ପିୟନଶିପର ଇ ଗ୍ରୁପର ସମସ୍ତ ମ୍ୟାଚ ଲିଗ ମାଧ୍ୟମରେ ଆନୁଷ୍ଠିତ ହେବ। ଗୋଆ, ମେଘାଳୟ, ଗୁଜରାଟ, ଓଡିଶା ଓ ଅରୁଣାଚଳ ପ୍ରଦେଶ ମଧ୍ୟରେ ମ୍ୟାଚ ହେବ। ମ୍ୟାଚ ଗୁଡିକ ନଭେମ୍ବର ୧୨,୧୪,୧୬, ୧୯ ଓ ୨୧ ତାରିଖରେ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ ସକାଳ ୧୦ଟା ଓ ୨ୟ ମ୍ୟାଚ ଅପରାହ୍ନ ୨ଟା୩୦ରେ ଅନୁଷ୍ଠିତ ହେବ। ଖେଳ ପରିଚାଳନା ପାଇଁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘର ୧୦ଜଣ ରେଫରୀ, ଜଣେ ମ୍ୟାଚ କମିଶନର ଓ ଜଣେ ରେଫରୀ ଆସିବେ। ସମସ୍ତ ଦଳ ଓ ମ୍ୟାଚ(କର୍ମକର୍ତ୍ତା)ରେଫରୀ ନଭେମ୍ବର ୧୦ରେ ସୁନ୍ଦରଗଡରେ ପହଞ୍ଚିବେ ବୋଲି ଜିଲା କ୍ରୀଡା ସଂସଦ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ସମସ୍ତଙ୍କ ପାଇଁ ସ୍ଥାନୀୟ ହୋଟଲରେ ଫାଓ ଓ କ୍ରୀଡା ସଂସଦ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଏ ନେଇ ଜିଲା କ୍ରୀଡା ସଂସଦର ଟୁର୍ଣ୍ଣାମେଣ୍ଟ କମିଟି ଅଧ୍ୟକ୍ଷ ମେରୀ ଜନ ବାଗେଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ, ଉପସଭାପତି ପଟେଲ ଓ ବିମଳ ବୋଷ, ଅଜୟ ବହିଦାର, ଫୁଟ୍‌ବଲ ସମ୍ପାଦକ ଜୟ ଦେବ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୧୪୩ ନମ୍ବର ଜାତୀୟ ରାଜପଥରେ ଫାଟ



କୁଆଁରମୁଣ୍ଡା ବ୍ଲକ ପଦମପୁର ନିକଟରେ ନବନିର୍ମିତ ଜାତୀୟ ରାଜପଥ ଢଲେଇ ଫାଟିଛି।

**କୁଆଁରମୁଣ୍ଡା,୨।୧୧(ମହେନ୍ଦ୍ର କୁମାର ସାହୁ)**

୧୪୩ ନମ୍ବର ଜାତୀୟ ରାଜପଥର ବାରକୋଟରୁ ବୀରମିତ୍ରପୁର ପର୍ଯ୍ୟନ୍ତ ରାସ୍ତା ନୂତନଭାବେ ଢଲେଇ କରାଯାଇ ୪ ଥାକିଆ କରାଯାଇଛି। ହେଲେ ନିର୍ମାଣ ସମ୍ପୂର୍ଣ୍ଣ ହେବାର ମାତ୍ର ଅଳ୍ପ କେଇ ମାସ ପରେ ଏବେ ରାଜପଥର ଅଧିକାଂଶ ସ୍ଥାନରେ ଢଲେଇରେ ଫାଟ ସୃଷ୍ଟି ହେଲାଣି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କୁଆଁରମୁଣ୍ଡା ବ୍ଲକ ପଦମପୁର ଲାଞ୍ଜିବେର୍ଣା ନିକଟସ୍ଥ ୧୪୩ ନମ୍ବର ଜାତୀୟ ରାଜପଥର କେତେକ ସ୍ଥାନରେ। ନିର୍ମାଣ କାର୍ଯ୍ୟର ସ୍ଥାୟୀତ୍ୱକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଏ ଦିଗରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ବାସୀ ଦାବି କରିଛନ୍ତି।

## ପୁନଃ ନିଯୁକ୍ତି ଦାବିରେ ୨ପୂର୍ବତନ ଶିକ୍ଷକଙ୍କ ଧାରଣା



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ୨ ଶିକ୍ଷକ।

**ସୁନ୍ଦରଗଡ,୨।୧୧(ଜୟ ନାରାୟଣ ମେଣ୍ଡୁଲି )**

ସୁନ୍ଦରଗଡ ଜିଲା ବଣାଇଁ ଉପଖଣ୍ଡରେ ଥିବା ପାଉଡି ଭୂୟାଁ ଉନ୍ନୟନ ସଂସ୍ଥା ଦ୍ୱାରା ପରିଚାଳିତ ଖୁଣ୍ଟ ଗାଁ ଆଦିବାସୀ ବାଳକ ଶିକ୍ଷା ନିକେତନର ୨ ଶିକ୍ଷକଙ୍କୁ ୨୦୧୬ରୁ ୨୦୨୩ ଏପ୍ରିଲ ପର୍ଯ୍ୟନ୍ତ ଶିକ୍ଷକତା ପରେ ସେମାନଙ୍କୁ ସ୍ଥାୟୀ କରାଯିବା ପରିବର୍ତ୍ତେ ଚାକିରୀରୁ ବହିଷ୍କାର କରାଯାଇଛି। ସ୍ଥାୟୀ ଭାବେ ପୁନଃ ନିଯୁକ୍ତି ଓ ବକେୟା ଦରମା ପ୍ରଦାନ ଦାବି ନେଇ ଏହି ୨ ଶିକ୍ଷକ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୯୩ଦିନ ହେଲା ଧାରଣାରେ ବସି ରହିଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ଦାବି ପ୍ରତି ସ୍ଥାନୀୟ ପ୍ରଶାସନ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରିଛନ୍ତି। ଏହି ୨ ପୂର୍ବତନ ଶିକ୍ଷକ ପ୍ରତାପ କୁମାର ସାହୁ ଓ ସରୋଜ କୁମାର ବେହେରା ଦୀର୍ଘ ୮ ବର୍ଷ ଧରି କାର୍ଯ୍ୟ କରି ଆସୁଥିଲେ। ମାତ୍ର ସେହି ବିଦ୍ୟାଳୟରେ କାର୍ଯ୍ୟରତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସ୍ଥାୟୀ କରାଯାଇଥିଲା ବେଳେ ଏହି ୨ଜଣଙ୍କୁ ସ୍ଥାୟୀନିଯୁକ୍ତି ପରିବର୍ତ୍ତେ ୬ମାସର ଦରମା ଦିଆ ନ ଯାଇ ଏପ୍ରିଲ ମାସରୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ଏହାର ପ୍ରତିବାଦରେ ୨ ଶିକ୍ଷକ ଅଗଷ୍ଟ ପହିଲାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆମରଣ ଅନଶନ ସହ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

## ଗରଗଡ଼ବାହାଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଉଦ୍‌ଘାଟନୀ ମ୍ୟାଚରେ ଖେଳାଳିଙ୍କ ସହିତ ଅତିଥି।

**ବଡ଼ଗାଁ,୨।୧୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଗରଗଡବାହାଲ ଗ୍ରାମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଫାଇଟାର୍ କ୍ଲବ ଦ୍ୱାରା ଆୟୋଜିତ ପାଞ୍ଚ ଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାର ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଶିଶିର କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଓ ସରପଞ୍ଚ ଗୋବର୍ଦ୍ଧନ ହାହା, ପୂର୍ବତନ ସରପଞ୍ଚ ଭଗବାନ ଲାକ୍ରା, ଗୌନ୍ତିଆ ସନାତନ ବେହେରା ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ସୁନ୍ଦରଗଡ ଓ ଗ୍ରିନ କ୍ଲବ୍ ଜରକାପଡା ମଧ୍ୟରେ ହୋଇଥିଲା। ସୁନ୍ଦରଗଡ ଟିମ୍ ଏହି ମ୍ୟାଚ୍‌ରେ ବିଜୟୀ ହୋଇଛି। ଦେବେନ୍ଦ୍ର କିଷାନ, ବଲ୍ଲଭ ଭୋଇ, ଡିଲେଶ୍ୱର କିଷାନ, ସୁମନ୍ତ କିଷାନ ଖେଳ ପରିଚାଳନା କରିଥିବାବେଳେ ଆୟୋଜିତ କମିଟି କର୍ମକର୍ତ୍ତା ମୁକେଶ ଲାକ୍ରା, ବିଘ୍ନେଶ୍ୱର ଲାକ୍ରା, ଦେବଦତ୍ତ ପୃଷେଟ, ଅରକ୍ଷୀତ ବାଗ, ବାବଲୁ ମାଝି, ମହେଶ୍ୱର ମାଝି, ପ୍ରଶାନ୍ତ ବାଗ ବିଭିନ୍ନ କାର୍ଯ୍ୟ ତୁଲାଉଛନ୍ତି। ଗତ ୬ ତାରିଖରେ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ। ଚାମ୍ପିୟନ ଟିମ୍‌କୁ ୫୦ ହଜାର, ଉପ ବିଜେତା ଟିମ୍‌କୁ ୩୦ ହଜାର, ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଥିବା ଟିମ୍‌କୁ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କୃତ କରାଯିବ।

## ୫ଦାଦନ ଶ୍ରମିକ ଉଦ୍ଧାର

**ଖପ୍ରାଖୋଲ,୨।୧୧(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ଥାନା ପୋଲିସ ୫ଜଣ ଦାଦନ ଶ୍ରମିକ ସହ ୪ ଶିଶୁଙ୍କୁ ଉଦ୍ଧାର କରିଛି। ଚାଲାଣ କରୁଥିବା ମଧ୍ୟସ୍ଥିଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ମଧ୍ୟସ୍ଥି ବରଗଡ଼ ଜିଲା ପାଇକମାଳ ଥାନା ଖଲାବାହାଲ ଗାଁର ଯାଦବ ବରିହା (୩୮) ବୋଲି ପୋଲିସ ସୂଚନା ଦେଇଛି। ହରିଶଙ୍କର ଛକରେ ଏକ ଅଟୋକୁ ଅଟକାଇ ବେଳେ ୩ ପୁରୁଷ, ୨ମହିଳାଙ୍କ ସହ ୪ଜଣ ଶିଶୁଙ୍କୁ ତେଲଙ୍ଗାନାର ଇଟାଭାଟିକୁ ପଠା ଯାଉଥିବା ଜଣାପଡିଥିଲା। ଉଦ୍ଧାର ଶ୍ରମିକମାନଙ୍କୁ ସେମାନଙ୍କ ନିଜ ଗାଁ ଲରମ୍ଭା ଥାନା ଭଟଲି ଗାଁକୁ ପଠାଇ ଦିଆଯାଇଛି।

## ଡ୍ରେନେଜ୍ ସମସ୍ୟା, ଜିଲାପାଳଙ୍କୁ ଫେରାଦ

**ବରଗଡ଼,୨।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ–୧୫ ଗୋବିନ୍ଦପାଲି ଉପରପଡ଼ାରେ ଡ୍ରେନେଜ ସମସ୍ୟା ଲାଗି ରହିଛି। ଏହାକୁ ନେଇ ପଡ଼ାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଭବାନୀ ପ୍ରସାଦ ସାହୁଙ୍କ ନେତୃତ୍ୱରେ ପଡ଼ାର ମହିଳାମାନେ ଗୁରୁବାର ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଭେଟି ଫେରାଦ ହୋଇଥିଲେ ଏବଂ ପଡ଼ାରେ ଲାଗି ରହିଥିବା ଡ୍ରେନେଜ ସମସ୍ୟାର ପ୍ରତିକାର କରିବା ଦାବିରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ପ୍ରକାଶ ଯେ, ଗୋବିନ୍ଦପାଲି ଉପରପଡ଼ା କୀର୍ତ୍ତନ ମଣ୍ଡଳୀଠାରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ପୁରୁଣା ବସ୍ତି ଅଞ୍ଚଳରେ ଡ୍ରେନେଜ ବ୍ୟବସ୍ଥା ନାହିଁ। ଫଳରେ ଘରୁ ନିଷ୍କାସିତ ପାଣି ସାଙ୍ଗକୁ ବର୍ଷାପାଣି ରାସ୍ତାରେ ଜମି ରହୁଛି। ଫଳରେ ସ୍ଥାନୀୟ ଲୋକେ ହଇରାଣ ହେଉଛନ୍ତି। ଏ ନେଇ ପଡ଼ାବାସୀ ବାରମ୍ବାର ପୌର କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ କିଛି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ପଡ଼ାର ପୂର୍ଣ୍ଣମାସୀ ଖମାରୀ, ଚାନ୍ଦ ପାଣ୍ଡେ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ମାଣ୍ଡିଆ ଫସଲ ଅମଳ ଉତ୍ସବ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

**ଲହୁଣୀପଡ଼ା,୨।୧୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଖୁଣ୍ଟଗାଁ ପଞ୍ଚାୟତ ଧୁଡି ଗ୍ରାମରେ ଗୁରୁବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ୟାଭାର୍ଡ ତରଫରୁ ଏକ ମାଣ୍ଡିଆ ଫସଲ ଅମଳ ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଲହୁଣୀପଡ଼ା (ଖ)ଜିଲାପରିଷଦ ସଦସ୍ୟା ଶୁଶିଳା ନାଏକ, ସମ୍ମାନିତ ଅତିଥିଭାବେ ଖୁଣ୍ଟଗାଁ ସରପଞ୍ଚ ସୁମିତ୍ରା ଚାରଡିଆ, ବ୍ଲକ କୃଷି ଅଧିକାରୀ କରୁଣାକାନ୍ତି ଟେଟେ, ସହକାରୀ ଅଧିକାରୀ ଶୁଶାନ୍ତ କୁମାର ମାଟି ଯୋଗଦେଇଥିବା ବେଳେ ଜିଲା ସ୍ତରରୁ ପାୟଲ ଡିଣ୍ଡା, ତୁଳନାଥ ବନଛର, ବୀଣାପାଣି ବେହେରା, କରୁଣା କାନ୍ତ ଶବର ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଜୟ କୁମାର ମାହାନ୍ତ ଅଧ୍ୟକ୍ଷତା କରିଥିବା ବେଳେ ଦୀପକ ତନ୍ତି ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିବା ବେଳେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନିର୍ଦ୍ଧାରିତ ଜମିରେ ମାଣ୍ଡିଆ ଚାଷ ଓ ଅମଳ ପରିମାଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ଅନୁଷ୍ଠିତ ଫସଲ ଅମଳ ଉତ୍ସବ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିବା ଜଣାପଡିଛି। ଶେଷରେ ସ୍ନେହା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଫସଲ ଅମଳ ଉତ୍ସବରେ ମାଣ୍ଡିଆ ଚାଷୀ ମାନେ ଉପସ୍ଥିତ ଥିବା ଜଣାପଡ଼ିଛି।

# କ୍ଷତିପୂରଣ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ

ଦେବଗଡ଼,୨।୧୧(ଶଶାଙ୍କ ଶେଖର ଝାଙ୍କର)

ଅନୁନ୍ନତ ତଥା ଆଦିବାସୀ ଅଧ୍ୟୁଷିତ ତିଲେଇବଣି ବ୍ଲକ ଲଇମୁରା ପଞ୍ଚାୟତରେ ରୋଗ ପୋକ ଯୋଗୁ ବ୍ୟାପକ ଧାନ ଫସଲ ନଷ୍ଟ ହେବାରେ ଲାଗିଛି। ଗୁରୁବାର କ୍ଷତିପୂରଣ ଦାବିରେ ଚାଷୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପଞ୍ଚାୟତ ସ୍ତରୀୟ କୃଷକ ସଂଘ ସଭାପତି ଗଙ୍ଗାଧର ପ୍ରଧାନ, ଦୁର୍ଗାଚରଣ ନାୟକ, ଗଣେଶ ପ୍ରସାଦ ନାୟକ ଓ ଟଙ୍କଧର ନାୟକଙ୍କ ନେତୃତ୍ୱରେ ଉକ୍ତ ଗ୍ରାମ ପଞ୍ଚାୟତର ବହୁ ସଦସ୍ୟ ଏବଂ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳ ସୋମେଶ ଉପାଧ୍ୟାୟଙ୍କ ସାକ୍ଷାତ କରିବାସହ କ୍ଷତିପୂରଣ ଦାବିରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିସହ ଏହାର ନକଲ କୃଷି ଉପ ନିର୍ଦ୍ଦେଶକ ଓ ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଚଳିତ ବର୍ଷ ବର୍ଷାର ଅଭାବ ନ ଥିଲେ ହେଁ ମେଘୁଆ ପାଗ ଯୋଗୁ ସମ୍ପୃକ୍ତ ଅଞ୍ଚଳର ଚାଷ ଜମିରେ ପ୍ରଥମ ପର୍ଯ୍ୟାୟରେ ବକି ପୋକ ଲାଗି ଧନ ଫସଲ ନଷ୍ଟ ହେବାରେ ଲାଗିଥିଲା। ଏହାକୁ ନିୟନ୍ତ୍ରଣ ପାଇଁ ଚାଷୀମାନେ କୀଟନାଶକ ସଞ୍ଚନ କରିବା ବେଳକୁ ଗଣ୍ଡିପୋକ, ଚକଡା ପୋକ ଓ ମହିସା ପୋକ ମାଡିଯାଇଥିଲା। ଏହାକୁ ନିୟନ୍ତ୍ରଣ କରିବା ସେମାନଙ୍କ ପାଇଁ ଏକ ପ୍ରକାର ଅସମ୍ଭବ ହୋଇ ପଡିଥିଲା। ଫଳରେ ଧାନ ଫସଲ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହେବାରେ ଲଗିଛି। ତେଣୁ ଚାଷୀ ମାନେ ଅମଳର ଆଶା ଛାଡିଦେବା ସହ କୃଷି ବିଭାଗ କର୍ମଚାରୀଙ୍କୁ ସମ୍ପୃକ୍ତ ଅଞ୍ଚଳକୁ ପଠାଇ ଏହାର ନିରପେକ୍ଷ ତଦନ୍ତ କରାଇବା ସହ ପ୍ରକୃତ କ୍ରପ କଟିଂ ରିପୋର୍ଟ ପ୍ରଦାନ ପୂର୍ବକ ଚାଷୀଙ୍କୁ କ୍ଷତି ପୁରଣ ପ୍ରଦାନ କରିବାକୁ ଉକ୍ତ ସ୍ମାରକପତ୍ର ଜରିଆରେ ଜିଲାପାଳଙ୍କୁ ନିବେଦନ କରିଥିବା ଜଣାପଡିଛି।


ସ୍ମାରକପତ୍ର ଦେବାକୁ ଆସିଥିବା ଚାଷୀ।

**ରୋଗପୋକ ଯୋଗୁ ଫସଲ ନଷ୍ଟ**

## ସଂକ୍ଷେପରେ

### ନାବାଳିକା ବଳାତ୍କାର ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଦେବଗଡ଼,୨।୧୧(ଶଶାଙ୍କ ଶେଖର ଝାଙ୍କର): ଦେବଗଡ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଗୁରୁବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅତିରିକ୍ତ ଜିଲା ଜର୍ଜ ସନ୍ତୋଷ କୁମାର ନାୟକ ପ୍ରମାଣ ଅଭାବରୁ ୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ, ୨୦୧୯ ଅକ୍ଟୋବର ୨୯ ସଧା ସମୟରେ ବଡଛାପଲ ପଞ୍ଚାୟତ ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକା ପରିଶ୍ରା କରିବାକୁ ପରିଶ୍ରାଗାରକୁ ଯାଇଥିବା ବେଳେ ସମ୍ପୃକ୍ତ ଗ୍ରାମର ଅଜିତ ଦେହୁରୀ ନାମକ ଜଣେ ଯୁବକ ବିନୋଦ ପେଂଠେଇ ନାମକ ତା'ର ଅନ୍ୟ ଜଣେ ସହଯୋଗୀ ସହାୟତାରେ ନିକଟସ୍ଥ ଜଙ୍ଗଲକୁ ଟେକିନେଇ ବଳପୂର୍ବକ ବଳାତ୍କାର କରିଥିଲେ। ପୀଡିତା ନାବାଳିକା ଜଣକ ଏନେଇ ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ପୀଡିତାଙ୍କ ଡାକ୍ତରୀ ମାଇନା କରିବାସହ ଉଭୟ ଅଜିତ ଓ ବିନୋଦକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିପରି ତଦନ୍ତ ପରେ ଅଭିଯୁକ୍ତ ଦ୍ୱୟଙ୍କ ବିରୋଧରେ ବଳାତ୍କାର ଏବଂ ପୋକ୍ସ ଆକ୍ଟରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲା। ମାମଲାର ଶୁଣାଣି କରି ଅଦାଲତ ସାକ୍ଷ୍ୟ ମାନଙ୍କର ବୟାନ ଓ ଉଭୟ ପକ୍ଷ ଓକିଲଙ୍କ ଜବାବ ସୁଆଲକୁ ଭିତ୍ତିକରି ପ୍ରାଣ ଅଭାବରୁ ଅଭିଯୁକ୍ତ ଅଜିତ ଓ ବିନୋଦକୁ ନିର୍ଦ୍ଦେଶରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଓକିଲ ଦିଲ୍ଲୀପ କୁମାର ଗୁରୁ, କେଶବ ଚନ୍ଦ୍ର ସାହୁ, ନାରାୟଣ ପ୍ରସାଦ ଗୁରୁ ଓ ସିଦ୍ଧେଶ୍ୱର ଗୁରୁ ମୋକଦ୍ଦମା ପରିଚାଳନା କରିଥିଲେ।

### ରେଳ ଷ୍ଟେଶନରୁ ମୋବାଇଲ ଲୁଟେରା ଗିରଫ

ସମ୍ବଲପୁର,୨।୧୧ (ପ୍ରମୋଦ ବହିଦାର): ସମ୍ବଲପୁର କ୍ଷେତରାଜପୁର ରେଳ ଷ୍ଟେଶନରୁ ଜଣେ ମୋବାଇଲ୍ ଲୁଟେରାଙ୍କୁ



ରେଳବାଇ ସୁରକ୍ଷା ପୋଲିସ ଗିରଫ କରିଛି। ସେ ହେଲେ ସମ୍ବଲପୁର ତଅଁଲାପଡ଼ାର ଶେଷଦେବ ପ୍ରଧାନ(୫୫)। ସୂଚନା ଅନୁସାରେ ଗତ ଅକ୍ଟୋବର ୩୧ ତାରିଖ ରାତିରେ ରେଳ ଷ୍ଟେଶନରେ ଥିବା ଫୁଡ୍‌ପ୍ଲାଜାରେ ନିତିଶ ସିଂ ନାମକ ଜଣେ ଗ୍ରାହକଙ୍କଠାରୁ ଶେଷଦେବ ମୋବାଇଲ ଓ ନଗଦ ଟଙ୍କା ଚୋରି କରି ନେଇଥିଲେ। ଏ ନେଇ ନିତିଶ ରେଳବାଇ ଥାନାରେ ଏତଲା ଦେଇଥିଲେ। ରେଳବାଇ ପୋଲିସ ଏକ ମାମଲା ରୁଜୁ କରି ସିସି କ୍ୟାମେରା ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ଗୁରୁବାର ଅଭିଯୁକ୍ତ ଜଣକ ପୁଣିଥରେ ରେଳ ଷ୍ଟେଶନକୁ ଆସିଥିବାବେଳେ ରେଳ ସୁରକ୍ଷା ବାହିନୀ ତାଙ୍କୁ ଧରି ରେଳବାଇ ପୋଲିସକୁ ହସ୍ତାନ୍ତର କରିଥିଲା। ପୋଲିସ ତାଙ୍କଠାରୁ ଚୋରି ମୋବାଇଲ୍ ଜବତ କରି ତାଙ୍କୁ କୋର୍ଟ ଚାଲାଣ କରିଛି।

### ନାବାଳିକାଙ୍କୁ ଅପହରଣ, ବଳାତ୍କାର ଅଭିଯୋଗ

ଲୋଇସିଂହା,୨।୧୧(ସୁଶାନ୍ତ ବାରିକ): ନାବାଳିକା ଅପହରଣ ଓ ବଳାତ୍କାର ମାମଲାରେ ଜଣେ ବିବାହିତ ଯୁବକଙ୍କୁ ବୁଧବାର ବଲାଙ୍ଗୀର ଜିଲା ଆଗଲପୁର ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଲୋଇସିଂହା ଥାନା ରାମସିଂହା ଗ୍ରାମର ପ୍ରେମରାଜ ନାଗ । ଗୁରୁବାର ପୀଡ଼ିତା ଏବଂ ଅଭିଯୁକ୍ତଙ୍କର ଆଗଲପୁର ଡାକ୍ତରଖାନାରେ ଡାକ୍ତରୀମାଇନା କରାଯାଇଛି ।

## ୫ଦାଦନ ଶ୍ରମିକ ଉଦ୍ଧାର, ମଧ୍ୟସ୍ଥ ଗିରଫ

ଖପ୍ରାଖୋଲ,୨।୧୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ରାତ୍ରିପାଟ୍ରୋଲିଙ୍ଗ ବେଳେ ବେଆଇନ ଭାବେ ଚାଲାଣ ହେଉଥିବା ୫ଜଣ ଦାଦନ ଶ୍ରମିକ ସହ ୪ଶିଶୁ ଉଦ୍ଧାର କରିଛି। ଚାଲାଣ କରୁଥିବା ମଧ୍ୟସ୍ଥିଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ମଧ୍ୟସ୍ଥି ବରଗଡ଼ ଜିଲା ପାଇକମାଳ ଥାନା ଖଲାବାହାଲ ଗାଁର ଯାଦବ ବରିହା (୩୮) ବୋଲି ପୋଲିସ ସୂଚନା ଦେଇଛି। ସୂଚନା ଅନୁସାରେ ପୋଲିସ ପାଟ୍ରୋଲଂ କଲାବେଳେ ହରିଶଙ୍କର ଛକ ନିକଟରେ ଏକ ଅଟୋକୁ ଅଟକାଇଥିଲା। ପଚରାଉଚରା ବେଳେ ସେଥିରେ ବସିଥିବା ୩ ପୁରୁଷ, ୨ମହିଳାଙ୍କ ସହ ୪ଜଣ ଶିଶୁଙ୍କୁ ତେଲଙ୍ଗାନାର ଇଟାଭାଟିକୁ ପଠା ଯାଉଥିବା ଜଣା ପଡିଥିଲା। ଉଦ୍ଧାର ଶ୍ରମିକମାନଙ୍କୁ ସେମାନଙ୍କ ନିଜ ଗାଁ ଲରମ୍ବା ଥାନା ଭଟଲି ଗାଁକୁ ପଠାଇ ଦିଆଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି।

# କୂଅରୁ ବାହାରୁଛି ଉଷୁମ ପାଣି

ଦେବଗଡ଼,୨।୧୧(ଶଶାଙ୍କ ଶେଖର ଝାଙ୍କର)

ଆମ୍ବ ଗଛ ଛାଇ ତଳେ ରହିଛି କୂଅ। ହେଲେ ସେଥିରୁ ବାହାରୁଛି ଉଷୁମ ପାଣି। ଏକଥା ଜଣାପଡିବା ପରେ ଏହାର କାରଣ ଜାଣିବା ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ ଉତ୍ସୁକତା ପ୍ରକାଶ ପାଇବାସହ ପରୀକ୍ଷା କରିବାକୁ ସମ୍ପୃକ୍ତ କୂଅ ନିକଟରେ ଗୁରୁବାର ପ୍ରବଳ ଭିଡ ହୋଇଥିଲା। ପୌରାଞ୍ଚଳ ୩ ନମ୍ବର ୱାର୍ଡ ବଣିଆସାହିରେ ଥିବା ପୁରୁଣା ହୋମିଓପ୍ୟାଥିକ ଡାକ୍ତରଖାନା ପରିସରରେ ଥିବା କୂଅରୁ ଉଷୁମ ପାଣି ବାହାରିଥିବା ଦେଖିବାକୁ ମିଳିଥିଲା। ବଣିଆସାହିରେ ଚାଲିଥିବା ଗଜଲକ୍ଷ୍ମୀ ପୂଜାର ସୁବର୍ଣ୍ଣଜୟନ୍ତୀ ଉତ୍ସବ ଅବସରରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନ ଭୋଗ ପ୍ରସ୍ତୁତି ପାଇଁ ପୂର୍ବାହ୍ନରେ ସମ୍ପୃକ୍ତ ପୁରୁଣା ହୋମିଓପ୍ୟାଥିକ ଡାକ୍ତରଖାନାକୁ ଖୋଲାଯିବା ସହ ରୋଷେଇ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ତେବେ ଉକ୍ତ କୂଅରୁ ପାଣି ଆଣିବା ବେଳେ ସେଥିରୁ ଉଷୁମ ପାଣି ବାହାରିଥିଲା। ରୋଷେଇ ଦାୟିତ୍ୱରେ ଥିବା କର୍ମକର୍ତ୍ତା ଏକଥା ପୂଜା କମିଟି ସଦସ୍ୟ ଓ କର୍ମକର୍ତ୍ତାଙ୍କୁ ଜଣାଇଥିଲେ। ବିଶ୍ୱାସ ନ ହେବାରୁ ପୂଜା କମିଟି କର୍ମକର୍ତ୍ତାଙ୍କ ସମେତ ବହୁ ଲୋକ ସମ୍ପୃକ୍ତ କୂଅରୁ ବାରମ୍ବାର ପାଣି ଆଣି ପରୀକ୍ଷା କରିଥିବା ବେଳେ ପ୍ରତ୍ୟେକ ଥର ସେଥିରୁ ଉଷୁମ ପାଣି ବାହାରୁଥିବା ଦେଖିବାକୁ ମିଳିଥିଲା। ଫଳରେ ଏହା ପଛରେ କଣ କାରଣ ଥାଇପାରେ ସେଥିନେଇ ସାଧାରଣରେ ବେଶ ଉତ୍ସୁକତା ପ୍ରକାଶ ପାଇଥିଲା । ଏକଥା ପ୍ରଚାରିତ ହେବାପରେ ସତ୍ୟାସତ୍ୟ ଜାଣିବା ପାଇଁ ଉକ୍ତ କୂଅ ନିକଟରେ ଲୋକଙ୍କ ପ୍ରବଳ ଭିଡ ପରିଲକ୍ଷିତ ହେବା ସହ ଦୈବୀ ଶକ୍ତି ପ୍ରଭାବରେ ଏଭଳି ଅସ୍ୱାଭାବିକ ଭାବେ କୂଅରୁ ଉଷୁମ ପାଣି ବାହାରୁଥିବା ବିଶ୍ୱାସ କରାଯାଇଥିଲା। ତେବେ ଏହାର ବୈଜ୍ଞାନିକ କାରଣ ସମ୍ପର୍କରେ ବଣାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଉଦ୍ଭିଦ ବିଜ୍ଞାନ ପ୍ରାଧ୍ୟାପକ ଜେନାମଣି ସାହୁଙ୍କ ମତାମତ ଲୋଡିବାରୁ , ହୁଏ ତ ଉକ୍ତ କୂଅର ଶ୍ରୋତରେ କୌଣସି ଉଷ୍ଣ ପ୍ରସବଣର ଶ୍ରୋତ ମିଶିଯିବାରୁ ଏଭଳି ହୋଇଥାଇପାରେ ବୋଲି ସେ ପ୍ରକାଶ କରିଛନ୍ତି।



## ବଳଦ ଚୋରକୁ ଧରି ପୋଲିସ ଜିମା ଦେଲେ ଗ୍ରାମବାସୀ

ଦେବଗଡ,୨।୧୧(ଶଶାଙ୍କ ଶେଖର ଝାଙ୍କର)

ଗତ କିଛିଦିନ ହେଲା ବଳଦ ଚୋର କଲା, ବମ୍ପରଡା ଓ ଗୋଳାବନ୍ଧ ପଞ୍ଚାୟତବାସୀଙ୍କ ନିଦ ହଜାଇ ଦେଇଥିଲେ। ବଳଦଚୋର ସନ୍ଦେହରେ କତ୍ରାପାଲି ଗ୍ରାମବାସୀ ମୟୂରଭଞ୍ଜ ଜିଲାର ଜଣେ ଯୁବକଙ୍କୁ ଧରି ଉତ୍ତମ ମଧ୍ୟମ ଦେବାପରେ ପୋଲିସକୁ ହସ୍ତାନ୍ତର କରିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ୫ ବ୍ୟକ୍ତି ଏକ ସ୍କୋର୍ପିଅରେ କତ୍ରାପାଲି ଗ୍ରାମକୁ ଆସି ଗୋରୁ ଚୋରୀ କରିବାକୁ ଯୋଜନା କରୁଥିବା ବେଳେ ମୟୂରଭଞ୍ଜ ଜିଲାର ଏସ୍.କେ.ହୁସେନ ନାମକ ଜଣେ ବ୍ୟକ୍ତି ଏକ ବାଇକ୍‌ରେ ସେଠାକୁ ଆସି ସନ୍ଦେହଜନକ ଭାବେ ପଇଁତରା ମାରୁଥିଲେ। ଏହାଦେଖି ଗ୍ରାମବାସୀଙ୍କ ମନରେ ସନ୍ଦେହ ହେବାରୁ ସେମାନେ ଏକତ୍ରିତ ହୋଇ ତାଙ୍କୁ କାବୁ କରିବା ସହ ପଚରା ଉଚରା କରିଥିଲେ। ଏହାଦେଖି ସ୍କୋର୍ପିଅରେ ବସିଥିବା ଅନ୍ୟ ୫ଜଣ ଦ୍ରୁତଗତିରେ ସେଠାରୁ ଫେରାର ହୋଇଯାଇଥିଲେ। ଗ୍ରାମବାସୀମାନେ ତାଙ୍କୁ ବହୁ ପଚରା ଉଚରା କରିଥିଲେ ହେଁ ସେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ନ ଥିଲେ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ସନ୍ଦେହ ଅଧିକ ଘନୀଭୂତ ହୋଇଥିଲା। ଅନ୍ୟପକ୍ଷରେ ଯୁବକ ଜଣକ ସେଠରୁ ଫେରାର ହେବାକୁ ଉଦ୍ୟମ କରିବାରୁ କତ୍ରାପାଲି ଗ୍ରାମବାସୀଙ୍କ ସମେତ ଆଖପାଖ ଗ୍ରାମର ଗ୍ରାମବାସୀ ତାଙ୍କୁ ବାନ୍ଧି ଉତ୍ତମ ମଧ୍ୟମ ଦେବାସହ ଅଟକ ରଖି ଅଧିକ ପଚରା ଉଚରା କରୁଥିଲେ। ବାରକୋଟ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଏନେଇ ଗ୍ରାମବାସୀ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତ ଏସ୍.କେ.ହୁସେନଙ୍କୁ ଗିରଫ କରିବାସହ ଏହି ଘଟଣାରେ ଅନ୍ୟ କିଏ ସମ୍ପୃକ୍ତ ଅଛନ୍ତି ସେ ନେଇ ତଦନ୍ତ ଜାରି ରଖିଛି। ବଳଦ ଚୋରୀ ରାକେଟ ସମ୍ପୃକ୍ତ ଅଞ୍ଚଳ ଏବଂ ଅନୁଗୁଳ ଜିଲା ପାଲଲହଡା ଥାନା ସିଆରିଅ ଗ୍ରାମର କେତେକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଛି। ତେଣୁ ପୋଲିସ ଠିକ ଭାବେ ଏହାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ


ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି ଓ ଅନ୍ୟମାନେ।

**ରୁଗୁଡାକୁଦର ଚାମ୍ପିୟନ**

ଦେବଗଡ଼,୨।୧୧(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ସଇଡା ପଞ୍ଚାୟତ ସଦର ମହକୁମାରେ ସଇଡା ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ମୋଟ ୮ଟି ଦଳକୁ ନେଇ ଚାଲିଥିବା ଫୁଟ୍‌ବଲ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସରୁଆଳି ଫୁଟ୍‌ବଲ ଦଳକୁ ୩-୦ ଗୋଲରେ ପରାସ୍ତ କରି ରୁଗୁଡାକୁଦର ଫୁଟ୍‌ବଲ ଦଳ ଚାମ୍ପିୟନ ହୋଇଛି। ପ୍ରତିଯୋଗିତାର ମ୍ୟାଚ ଗୁଡିକୁ ରେଫରୀ ଭାବେ ଦିଗବିଜୟ ସାହୁ, ଶିବୁ ସାହୁ, ଟୁନା ଜେନା, ବବ୍ରୁବାହାନ ନାୟକ ଓ ମହେଶ୍ୱର ବେହେରା ପରିଚାଳନା କରିଥିଲେ। ଅପରାହ୍ନରେ ସଇଡା ଫୁଟ୍‌ବଲ ଆସୋସିଏଶନର ସଭାପତି ଚନ୍ଦ୍ରଶେଖର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ସମିତି ସଦସ୍ୟ ସୁଧାଂଶୁ ଶେଖର ସାହୁ ଓ ପୂର୍ବତନ ସରପଞ୍ଚ କ୍ଷୀରସାଗର ପ୍ରଧାନ ଯୋଗଦେଇ ଚାମ୍ପିୟନ ସରୁଆଳି ଫୁଟବଲ ଦଳ ଓ ରନର୍ସ ଅପ୍ ରୁଗୁଡାକୁଦର ଫୁଟ୍‌ବଲ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଆୟୋଜକ ସଇଡା ଫୁଟ୍‌ବଲ ଆସୋସିଏଶନର ସମ୍ପାଦକ ସନ୍ତୋଷ କୁମାର ସାହୁଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

# ଦୁର୍ନୀତି ନିବାରଣ ସଚେତନତା ସେମିନାର

ଦେବଗଡ଼,୨।୧୧(ଶଶାଙ୍କ ଶେଖର ଝାଙ୍କର)

ମଡେଲ ଡିଗ୍ରୀ କଲେଜ ଦେବଗଡ଼ର ସେମିନାର କକ୍ଷରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସଚେତନତା ଉଦ୍ଦେଶ୍ୟରେ ଏକ ପାଠାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ସେମିନାରରେ ଜିଲା ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ଉପ ଆରକ୍ଷୀ ଅଧିକ୍ଷକ ଯୋଗେଶ ପ୍ରସାଦ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ତାଙ୍କ ସହିତ ଦୁର୍ନୀତି ନିବାରଣ ବିଭାଗର ଇନ୍ସପେକ୍ଟର ସବିତା ଖାଖା, ଏଏସ୍ଆଇ ରାମ ଚନ୍ଦ୍ର ସାହୁ ଓ ମନୋଜ କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷ ଡ. ବିଜୟ କୁମାର ମହାରଣା ଅତିଥିଙ୍କୁ ଅନୁଷ୍ଠାନ ତରଫରୁ ସ୍ୱାଗତ କରିବା ସହ ଆମ ବ୍ୟକ୍ତିଗତ, ସାମାଜିକ ଓ ରାଷ୍ଟ୍ରୀୟ ଜୀବନରେ ପରିବ୍ୟାପ୍ତ ଦୁର୍ନୀତିକୁ କିଭଳି ଲୋପ କରାଯାଇ ପାରିବ ସେ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଆରକ୍ଷୀ ଅଧିକ୍ଷକ ଯୋଗେଶ କୁମାର ପଟେଲ ଦୁର୍ନୀତି ନିବାରଣର ଆବଶ୍ୟକତା ଉପରେ ବେଶ ସାରଗର୍ଭକ ବକ୍ତୃତା ଦେବା ସହ ଦୁର୍ନୀତି ନ କରିବା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଅନ୍ୟାନ୍ୟ ବକ୍ତାଙ୍କ ମଧ୍ୟରେ ଅଧ୍ୟାପକ ବିକ୍ରମ କୁମାର ଜେନା, ବରିଷ୍ଠ ଅଧ୍ୟାପକ ଡ. ପ୍ରଫୁଲ୍ଲ ଚନ୍ଦ୍ର ସାମଲ ଆଦି ନିଜ ନିଜର ବକ୍ତୃତା ପ୍ରଦାନ କରିଥିଲେ। ଅଧ୍ୟାପିକା ଶତ ରୁପା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ସଚେତନତା ସେମିନାର ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ଜିଲା କୃଷକ ସଂଘର୍ଷ ସଂଘ ବୈଠକ


ବୈଠକରେ ଉପସ୍ଥିତ କୃଷକ ନେତା ଓ ଅନ୍ୟମାନେ।

ଦେବଗଡ,୨।୧୧(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ଡିମିରିକୁଦା ପଞ୍ଚାୟତ ସଦର ମହକୁମାରେ ଗୁରୁବାର ଦେବଗଡ ଜିଲା କୃଷକ ସଂଘର୍ଷ ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷକ ନେତା ଶ୍ୟାମଘନ ବାଘଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲା କୃଷକ ସଂଘର୍ଷ ସଂଘ ସଭାପତି ସେମ୍ ହେମ୍ବ୍ରମ ଓ ସମ୍ମାନିତ ଅତିଥିଭାବେ ସାଧାରଣ ସମ୍ପାଦକ ଗୁଣନିଧି ବେହେରା ଯୋଗଦେଇ ସମ୍ପୃକ୍ତ ଅଞ୍ଚଳର ଚାଷୀଙ୍କ ସହ ସେମାନଙ୍କର ବିଭିନ୍ନ ସମସ୍ୟା ଓ ଏଗୁଡିକର ସମାଧାନ ଉପରେ ଆଲୋଚନା କରିଥିଲେ। ସେହିପରି ସମ୍ପୃକ୍ତ ଅଞ୍ଚଳରେ ଦେଖାଦେଇଥିବା ବକିପୋକ, ଚକଡାପୋକ ଓ ମହିସାପୋକ ଜନିତ କ୍ଷୟକ୍ଷତିର କ୍ଷତିପୂରଣ ପାଇଁ ଜିଲା ପ୍ରଶାସନ ଓ କୃଷି ବିଭାଗ ନିକଟରେ ଦାବି କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନେଇଥିଲେ। ଏହି ଅବସରରେ କୃଷକ ସଂଘର୍ଷ ସଂଘର ଏକ ପଞ୍ଚାୟତ ସ୍ତରୀୟ କମିଟି ଗଠନ କରାଯିବା ସହ ଏହାର ସଭାପତି ଭାବେ ଶ୍ୟାମଘନ ବାଘ, ସମ୍ପାଦକ ସୁରେଶ ପଲେଇ ଓ କୋଷାଧ୍ୟକ୍ଷ ଭାବେ ସମ୍ବୋଦ ପଲେଇଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ବୈଠକରେ ଚାଷୀ ପ୍ରମୋଦ ନାୟକ, ଜୟପାଲ ହରୋ, ଦୟାନିଧି ପଟ୍ଟା, ଇମାନମେଲ କୁଜୁର, ଜଗଦୀଶ ନାୟକ, ସରୋଜ ପୃଷେଠ, ଆନନ୍ଦ ପଲେଇ, ଧନୁର୍ଜ ରୋହିଦାଶ ଓ ବିଶିକେଶନ ଧୁରୁଆଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ବହୁ ଚାଷୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ରାଷ୍ଟ୍ରୀୟ ଏକୀକରଣ ଓ ସୁରକ୍ଷା ସମ୍ମିଳନୀ ସ୍ଥଗିତ

**ଅନୁମତି ଦେଇଛନ୍ତି ହାଇକୋର୍ଟ**

ସମ୍ବଲପୁର,୨।୧୧(ପ୍ରମୋଦ ବହିଦାର)

ସମ୍ବଲପୁରଠାରେ ଆସନ୍ତା ୫ ତାରିଖରେ ହେବାକୁ ଥିବା 'ରାଷ୍ଟ୍ରୀୟ ଏକୀକରଣ ଓ ସୁରକ୍ଷା' ସମ୍ମିଳନୀ ସ୍ଥଗିତ ହୋଇଛି। ଏହାର ଆୟୋଜକ ସନାତନ ସୁରକ୍ଷା ମଞ୍ଚ ଓ ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି। ଟ୍ରଷ୍ଟର ରାଜୀବ କୁମାର ଶତପଥୀ କହିଛନ୍ତି, ନଭେମ୍ବର ୫ରେ ଏକ ଘରୋଇ କକ୍ଷରେ ସମ୍ବଲପୁରର ବୁଦ୍ଧିଜୀବୀ ଓ ଯୁବଗୋଷ୍ଠୀଙ୍କୁ ନେଇ 'ରାଷ୍ଟ୍ରୀୟ ଏକୀକରଣ ଓ ସୁରକ୍ଷା' ଶୀର୍ଷକ ଆଲୋଚନାଚକ୍ର ସହିତ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିଲା। ଏଥିରେ ବାଗ୍ମୀ ପୁଷ୍ପେନ୍ଦ୍ର କୁଲଶ୍ରେଷ୍ଠ ଯୋଗଦେଇ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଥିଲା। କାର୍ଯ୍ୟକ୍ରମ ଆୟୋଜନ ସକାଶେ ଜିଲା ପ୍ରଶାସନ ନିକଟରେ ଅନୁମତି ପାଇଁ ଆବେଦନ କରାଯାଇଥିଲା। ମାତ୍ର ଆଇନଶୃଙ୍ଖଳା ପରିସ୍ଥିତି ଆଶଙ୍କାରେ ଜିଲା ପ୍ରଶାସନ ଏହାକୁ ଅନୁମତି ପ୍ରଦାନ କରି ନ ଥିଲା। ତେଣୁ ଆୟୋଜକଙ୍କୁ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିଥିଲା। ତେବେ ହାଇକୋର୍ଟ ଗୁରୁବାର ଅନୁମତି ପ୍ରଦାନ କରିବା ପରେ ଏହା ଆୟୋଜକଙ୍କ ହସ୍ତଗତ ହୋଇଛି। ହେଲେ ଅଳ୍ପ ସମୟ ମଧ୍ୟରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ ସମ୍ଭବ ହୋଇପାରୁ ନ ଥିବାରୁ ଏହାକୁ ବାଧ୍ୟ ହୋଇ ସ୍ଥଗିତ କରିବାକୁ ପଡ଼ିଛି ବୋଲି ଆୟୋଜକଙ୍କ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ଅପରପକ୍ଷରେ ଉକ୍ତ କାର୍ଯ୍ୟକ୍ରମରେ କୌଣସି ରାଲିର ପ୍ରସ୍ତାବ ନ ଥିବା ବେଳେ କେବଳ ଏକ ଆଲୋଚନାଚକ୍ରରେ ସମୀତ ରହିଥାନ୍ତା। ମାତ୍ର ଜିଲା ପ୍ରଶାସନ ଏହାଦ୍ୱାରା ସହରରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ଅନୁମତି ପ୍ରଦାନ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କ୍ଷୋଭର ସହ କହିଛନ୍ତି ଆୟୋଜକ ସଂଗଠନର କର୍ମକର୍ତ୍ତା।

# ସମ୍ବଲପୁରରେ କର୍‌ୱା ଚୌଥ ବ୍ରତ ପାଳିତ

ସମ୍ବଲପୁର,୨।୧୧(ପ୍ରମୋଦ ବହିଦାର)

ସମ୍ବଲପୁର କ୍ଷେତରାଜପୁର ସ୍ଥିତ ପବିତ୍ର ଶକ୍ତିପୀଠ ମାଁ ବୈଷ୍ଣୋଦେବୀଙ୍କ ମନ୍ଦିର ପ୍ରାଙ୍ଗଣରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ମହିଳାମାନେ କରୱା ଚୌଥ ବ୍ରତ ପାଳନ କରିଛନ୍ତି। ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ରତଧାରୀ ମହିଳାମାନେ ଏଠାରେ ଏକତ୍ରିତ ହୋଇ କରୱା ଚୌଥ କଥା ଶୁଣିଥିଲେ। ଏହି ଅବସରରେ ନବ ବିବାହିତ ତଥା ସଧବା ମହିଳାମାନେ ଅଖଣ୍ଡ ସୌଭାଗ୍ୟ ପ୍ରାପ୍ତି ନମନ୍ତେ ମାତା ଚୌଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ବିଧି ଅନୁସାରେ ସୁସଜ୍ଜିତ ଥାଳଗୁଡ଼ିକୁ ମାତାଙ୍କ ନିକଟରେ ଅର୍ପଣ କରିଥିଲେ। ଏହା ସହିତ ସମସ୍ତେ କରୱା ଚୌଥ କଥା ଶୁଣିବା ସହ ଆବୃତ୍ତି ମଧ୍ୟ କରିଥିଲେ। ଉତ୍ସବ ସମ୍ପନ୍ନ ହେବା ପରେ ପଣ୍ଡିତ ଗୌତମ ଭରଦ୍ୱାଜ ସମସ୍ତ ମହିଳାଙ୍କୁ ଆଶୀର୍ବାଦ କରି ସୌଭାଗ୍ୟବତୀ ଟୋକେଇ ବଣ୍ଟନ କରିଥିଲେ। ଘଣ୍ଟ, ବାଦ୍ୟ ମଧ୍ୟରେ ଏହି ଉତ୍ସବ ହର୍ଷ ଉଲ୍ଲାସର ସହିତ ପାଳିତ ହୋଇଥିଲା। ଏଥିପାଇଁ ମାଁଙ୍କ ପୀଠକୁ ଉଜ୍ଜ୍ୱଳ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ମା' ବୈଷ୍ଣୋଦେବୀ ମନ୍ଦିର କମିଟି ପକ୍ଷରୁ ସମସ୍ତ ସହଯୋଗ କରାଯାଇଥିଲା।


ବୈଷ୍ଣୋଦେବୀ ମନ୍ଦିରରେ କରୱା ଚୌଥ ବ୍ରତ ପାଳନ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଖୁସି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଂଗ୍ରେସକୁ ନୀତୀଶଙ୍କ ସମାଲୋଚନା

**ପାଟନା,୨।୧୧:** କଂଗ୍ରେସ ୫ ରାଜ୍ୟ ବିଧାନସଭା ନିର୍ବାଚନ ଉପରେ ଅତ୍ୟଧିକ ଧ୍ୟାନ ଦେଉଥିବାରୁ ଇଣ୍ଡିଆ ମେଣ୍ଟର ଅଗ୍ରଗତିରେ ବାଧକ ହେଉଥିବା ବିଶ୍ୱାସ କରାଯାଉଛି। ଏନେଇ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କଂଗ୍ରେସକୁ ସମାଲୋଚନା କରିଛନ୍ତି। ସିପିଆଇ ଦ୍ୱାରା ଆୟୋଜିତ 'ଭାଜପା ହଟାଓ ଦେଶ ବଚାଓ' ରାଲିରେ ଯୋଗଦେଇ ନୀତୀଶ କହିଛନ୍ତି, ବର୍ତ୍ତମାନର ସରକାରକୁ ବିରୋଧ କରୁଥିବା ଦଳଗୁଡ଼ିକୁ ନେଇ ନୂଆ ମେଣ୍ଟ ଗଢ଼ାଯାଇଥିଲା। ଯଦିଓ ଇଣ୍ଡିଆ ମେଣ୍ଟରେ କଂଗ୍ରେସ ପ୍ରମୁଖ ଭୂମିକା ନେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଏହି ଦଳ ବର୍ତ୍ତମାନ ୫ ରାଜ୍ୟ ବିଧାନସଭା ନିର୍ବାଚନରେ ବ୍ୟସ୍ତ ରହିଛି। ଯାହା ଜଣାପଡୁଛି ନିର୍ବାଚନ ଶେଷ ହେବା ପରେ ସେମାନେ ଆଲୋଚନାରେ ଭାଗ ନେବେ। ଭାଜପା ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ବିଭାଜନ ପାଇଁ ଉଦ୍ୟମ ଚଳାଇଥିବା ନୀତୀଶ ଅଭିଯୋଗ କରିଛନ୍ତି। ଦେଶର ଇତିହାସ ବଦଳାଇ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିବା ନେତାଙ୍କ ଭୂମିକାକୁ ଗୌଣ କରିବାକୁ ଉଦ୍ୟମ କରୁଥିବା କେନ୍ଦ୍ରର ଶାସକ ଭାଜପାକୁ ନୀତୀଶ ସମାଲୋଚନା କରିଛନ୍ତି। ଉକ୍ତ ରାଲିରେ ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ଓ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ।


ମଧ୍ୟପ୍ରଦେଶ ସିଂଗରୌଲି ଜିଲାରେ ଅନୁଷ୍ଠିତ ରୋଡ୍ ଶୋ'ରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ଓ ଦଳୀୟ ନେତୃବୃନ୍ଦ।

### ୨ ହଜାର ଟଙ୍କିଆ ନୋଟ୍ ବଦଳାଇବାକୁ ଲମ୍ବା ଲାଇନ ଲାଗିବା ଘଟଣା

# ପୋଲିସ, ଇଓଡବ୍ଲ୍ୟୁ, ଇଡି ଚୁପ୍ ବସିବା ଚିନ୍ତାଜନକ: କଂଗ୍ରେସ

ଭୁବନେଶ୍ୱର, ୨।୧୧(ସୁନିତ୍ ମିଶ୍ର)

ରାଜଧାନୀ ଛାତି ଉପରେ ଆର୍‌ବିଆଇ କାର୍ଯ୍ୟାଳୟ ରହିଛି। ଏହି କାର୍ଯ୍ୟାଳୟ ସାମ୍ନାରେ ୬୦୦ରୁ ୭୦୦ ଅତ୍ୟନ୍ତ ଗରିବ ଶ୍ରେଣୀର ଲୋକ ଧାଡ଼ିରେ ପୁଳା ପୁଳା ୨ ହଜାର ଟଙ୍କିଆ ନୋଟ୍ ଧରି ତାହା ବଦଳାଇବା ପାଇଁ ଛିଡ଼ା ହୋଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଭଳି ଲମ୍ବା ଲାଇନ ଗତ ୧୪ ତାରିଖଠାରୁ ଆରମ୍ଭ ହୋଇ ୧୮ ଦିନ ଧରି ଲାଗି ରହିଥିଲେ ମଧ୍ୟ କମିଶନରେଟ୍‌ର ପୋଲିସ ଅଧିକାରୀ, ଇଓଡବ୍ଲ୍ୟୁର ବରିଷ୍ଠ ଅଧିକାରୀ ଏବଂ କେନ୍ଦ୍ର ସରକାରଙ୍କର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମସ୍ତେ ଚୁପ୍ ହୋଇ ବସିଥିଲେ। ଗଣମାଧ୍ୟମ ଏହି ଘଟଣାକୁ ବାରମ୍ବାର ଦେଖାଇବା ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ନେଇ ଏହି ତଦନ୍ତକାରୀ ସଂସ୍ଥା ଚୁପ୍ ବସି ରହିବା ଅତ୍ୟନ୍ତ ଚିନ୍ତାଜନକ ବୋଲି କଂଗ୍ରେସ ନେତା ରଜନୀ ମହାନ୍ତି କହିଛନ୍ତି।

କଂଗ୍ରେସ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରଜନୀ କହିଛନ୍ତି, ୨୦୧୬ ନଭେମ୍ବର ୮ ତାରିଖରେ କେନ୍ଦ୍ର ସରକାର ୫ ଶହ ଓ ହଜାର ଟଙ୍କିଆ ନୋଟ୍‌କୁ ଅଚଳ ଘୋଷଣା କରିଥିଲେ। ପୁନର୍ବାର ଗତ ମେ ମାସରେ କେନ୍ଦ୍ର ସରକାର ୨ ହଜାର ଟଙ୍କିଆ ନୋଟ୍ ପ୍ରଚଳନକୁ ବନ୍ଦ କରିବା ପାଇଁ ଆଉ ଏକ ବିମୁଦ୍ରୀକରଣ ଘୋଷଣା କଲେ। ସରକାର ଗତ ମେ ମାସରୁ ଅକ୍ଟୋବର ୭ ପର୍ଯ୍ୟନ୍ତ ଜନସାଧାରଣଙ୍କୁ ବିଭିନ୍ନ ବ୍ୟାଙ୍କରେ ଏହି ଟଙ୍କା ବଦଳାଇବା ପାଇଁ ସମୟ ଦେଲେ। କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟ କଥା ଦୀର୍ଘ ଏତେଦିନ ଭିତରେ ଭୁବନେଶ୍ୱରରେ କେଉଁ ବ୍ୟବସାୟୀମାନଙ୍କ ଠାରେ ଏତେ କୋଟି କୋଟି ଟଙ୍କାର ୨ ହଜାର ଟଙ୍କିଆ ନୋଟ୍ ଠୁଳ ହୋଇ ରହିଥିଲା ତାକୁ ସେମାନେ ୭ ମାସ ମଧ୍ୟରେ ବଦଳାଇପାରିଲେ ନାହିଁ ବୋଲି ରଜନୀ ପ୍ରଶ୍ନ କରିଛନ୍ତି।

# ପିଆଜ ଦର ବୃଦ୍ଧି ନେଇ ମହିଳା କଂଗ୍ରେସର ପ୍ରତିବାଦ

ଭୁବନେଶ୍ୱର, ୨।୧୧(ସୁନିତ୍ ମିଶ୍ର)

ଭୁବନେଶ୍ୱର ଜିଲା ମହିଳା କଂଗ୍ରେସ ପକ୍ଷରୁ ସଭାନେତ୍ରୀ ଗୀତାଞ୍ଜଳି ମହାନ୍ତିଙ୍କ ନେତୃତ୍ୱରେ ଗୁରୁବାର ପିଆଜ ଦର ବୃଦ୍ଧି ନେଇ ପ୍ରତିବାଦ କରାଯାଇଛି। ଭୁବନେଶ୍ୱର ଜିଲା ମହିଳା କଂଗ୍ରେସର ବହୁ କର୍ମୀ ଦଳର ଜିଲା କାର୍ଯ୍ୟାଳୟରୁ ଏକ ପ୍ରତିବାଦ ଶୋଭାଯାତ୍ରାରେ ବାହାରି ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ପିଆଜି କେ.ଜି ପ୍ରତି ୩୦ ଟଙ୍କାରେ ବିକ୍ରି କରିଛନ୍ତି। କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ରାଜ୍ୟ ପିଆଜ ବଜାରରେ ନିଆଁ ଲାଗିଛି। ୨୩ ବର୍ଷର ସରକାର ପ୍ରତିବର୍ଷ ରାଜ୍ୟର ଖାଉଟିମାନଙ୍କୁ ପିଆଜ ଓ ଆଳୁ ଚଢ଼ା ଦାମ୍‌ରେ ବିକ୍ରିକରି ହନ୍ତସନ୍ତ କରୁଛନ୍ତି। ରାଜ୍ୟରେ ୩.୯୫ ଲକ୍ଷ ମେଟ୍ରିକ୍ ଟନ୍‌ର ପିଆଜ ଉତ୍ପାଦନ ହେଉଛି ବୋଲି ରାଜ୍ୟ ଉଦ୍ୟାନ ବିଭାଗ ଅଧିକାରୀମାନେ କହୁଥିବା ବେଳେ ରାଜ୍ୟର ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଭିନ୍ନ ତଥ୍ୟ ଦେଉଛନ୍ତି। କୃଷିମନ୍ତ୍ରୀ ବିଧାନସଭାରେ ରାଜ୍ୟର ୩.୭୫ ଲକ୍ଷ ମେଟ୍ରିକ ଟନ୍‌ର ପିଆଜ ଉତ୍ପାଦନ ହେଉଛି ବୋଲି କହୁଛନ୍ତି। ରାଜ୍ୟବାସୀ କାହିଁକି ପିଆଜ କିଲୋ ୮୦ ଟଙ୍କା ଦେଇ ଚଢ଼ା ଦରରେ କିଣୁଛନ୍ତି ବୋଲି କଂଗ୍ରେସ ପ୍ରଶ୍ନ କରିଛି।


ଭୁବନେଶ୍ୱର ଜିଲା ମହିଳା କଂଗ୍ରେସ ପକ୍ଷରୁ ଗୁରୁବାର ଶସ୍ତାରେ ପିଆଜ ବିକ୍ରି କରାଯାଉଛି।

# 'ଇଣ୍ଡିଆ'କୁ ୧୫ ଲୋକ ସଭା ଆସନ ଛାଡ଼ିବ ଏସ୍‌ପି

## ଉତ୍ତରପ୍ରଦେଶ

**ନୂଆଦିଲ୍ଲୀ,୨।୧୧:** ଆସନ୍ତା ବର୍ଷ ହେବାକୁ ଥିବା ଲୋକ ସଭା ନିର୍ବାଚନ ପାଇଁ ଉତ୍ତରପ୍ରଦେଶର ୮୦ ଆସନ ମଧ୍ୟରୁ ସମାଜବାଦୀ ପାର୍ଟି (ଏସ୍‌ପି) ୬୫ ଆସନରେ ଲଢ଼ିବ ଏବଂ ଅବଶିଷ୍ଟ ୧୫ ଆସନ ଇଣ୍ଡିଆ ମେଣ୍ଟକୁ ଛାଡ଼ିବ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ୬୫ ଆସନ ପାଇଁ ସମାଜବାଦୀ ପାର୍ଟିର ସମ୍ଭାବ୍ୟ ପ୍ରାର୍ଥୀ ପ୍ରାୟ ଚୂଡ଼ାନ୍ତ ହୋଇଯାଇଛି। ଅବଶିଷ୍ଟ ୧୫ ଆସନରେ ଇଣ୍ଡିଆ ମେଣ୍ଟ ସଦସ୍ୟ କଂଗ୍ରେସ ଓ ଅନ୍ୟମାନେ ପ୍ରାର୍ଥୀ ଦେବେ। ବିରୋଧୀଙ୍କ ମେଣ୍ଟ ଉଦ୍ୟମ ବିଫଳ ହେଲେ ସମାଜବାଦୀ ପାର୍ଟି ଏକାକୀ ଭାଜପା ସହ ଲଢ଼ିବାକୁ ପ୍ରସ୍ତୁତ ଥିବା କହିଛି। ଯଦି ଇଣ୍ଡିଆ ମେଣ୍ଟ ତିଷ୍ଠି ରହିବା ସହ ଆସନ୍ତାବର୍ଷ ନିର୍ବାଚନକୁ ଓହ୍ଲାଏ, ତେବେ ସମାଜବାଦୀ ପାର୍ଟି ସୋନିଆ ଗାନ୍ଧୀଙ୍କ ଆସନ ରାଏବରେଲୀ ଏବଂ ପୂର୍ବରୁ କଂଗ୍ରେସ ନିୟନ୍ତ୍ରଣରେ ଥିବା ଆମେଠି ଆସନରେ ପ୍ରାର୍ଥୀ ଦେବ ନାହିଁ। ମଧ୍ୟପ୍ରଦେଶରେ ଆସନ ଭାଗବଣ୍ଟାକୁ ନେଇ କଂଗ୍ରେସ ସହ ମତଭେଦ ଦେଖାଦେଇଥିବାବେଳେ ସମାଜବାଦୀ ପାର୍ଟି ପକ୍ଷରୁ ଏଭଳି ଘୋଷଣା କରାଯାଇଛି।

# ୟୁଏଇ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କୁ ଭେଟିଲେ ଧର୍ମେନ୍ଦ୍ର



**ଭୁବନେଶ୍ୱର, ୨।୧୧(ସୁନିତ୍ ମିଶ୍ର):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୟୁଏଇର ବୈଦେଶିକ ବ୍ୟାପାର ମନ୍ତ୍ରୀ, ଶିକ୍ଷା ରାଷ୍ଟ୍ରମନ୍ତ୍ରୀଙ୍କୁ ଭେଟିବା ସହ ଆବୁଧାବିର ଗ୍ଲୋବାଲ ଟେକ୍ ଇକୋସିଷ୍ଟମ୍ ହବ୍ ୭୧ ପରିଦର୍ଶନ କରିଛନ୍ତି। ଏହି ବୈଠକରେ ଭାରତ ଓ ୟୁଏଇ ଦ୍ୱିପାକ୍ଷିକ ସମ୍ପର୍କର ଶିକ୍ଷାକୁ ଶକ୍ତିଶାଳୀ ସ୍ତମ୍ଭ ଭାବେ ପ୍ରତିଷ୍ଠା କରିବା ପାଇଁ ଆଲୋଚନା ହୋଇଥିବା ଧର୍ମେନ୍ଦ୍ର ସୂଚନା ଦେଇଛନ୍ତି।

ଧର୍ମେନ୍ଦ୍ର ୟୁଏଇର ବୈଦେଶିକ ବ୍ୟାପାର ମନ୍ତ୍ରୀ ଶେଖ୍ ଅବଦୁଲ୍ଲା ବିନ୍ ଜାୟେଦଙ୍କ ସହ ଭାରତ ଓ ୟୁଏଇ ମଧ୍ୟରେ ବହୁମୁଖୀ ସହଭାଗିତାକୁ ଅଧିକ ଶକ୍ତିଶାଳୀ କରିବା ସହ ଭାଗୀଦାରିକୁ ଆଗେଇନେବା ଉପରେ ଆଲୋଚନା କରିଛନ୍ତି। ଆବୁଧାବିରେ ଆଇଆଇଟି ଦିଲ୍ଲୀ କ୍ୟାମ୍ପସ ପ୍ରତିଷ୍ଠା ସହ ୟୁଏଇରେ ରହୁଥିବା ଭାରତୀୟଙ୍କୁ ସହଯୋଗ ପ୍ରଦାନ କରୁଥିବାରୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଧନ୍ୟବାଦ ଦେଇଛନ୍ତି। ସେହିପରି ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ତଥା ଆବୁଧାବି ଶିକ୍ଷା ଓ ଜ୍ଞାନ ବିଭାଗ (ଏଡିଇକେ)ର ଅଧ୍ୟକ୍ଷା ସାରା ମୁସଲ୍ଲମଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କ ମଧ୍ୟରେ ଏକ ପୃଥକ୍ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଶିକ୍ଷା କ୍ଷେତ୍ରରେ ସହଯୋଗକୁ ବ୍ୟାପକ କରିବା ଏବଂ ଶିକ୍ଷାକୁ ଦ୍ୱିପାକ୍ଷିକ ସମ୍ପର୍କର ଅନ୍ୟତମ ଶକ୍ତିଶାଳୀ ସ୍ତମ୍ଭ ଭାବେ ପ୍ରତିଷ୍ଠା କରିବା ଉପରେ ଫଳପ୍ରଦ ଆଲୋଚନା ହୋଇଛି। ଆଇଆଇଟି ଦିଲ୍ଲୀ-ଆବୁଧାବି କ୍ୟାମ୍ପସର ଅଗ୍ରଗତିକୁ ସହଜ କରିବା ପାଇଁ ଭାରତ ପକ୍ଷରୁ ଆବଶ୍ୟକ ସହଯୋଗ, ୟୁଏଇରେ କାର୍ଯ୍ୟ କରୁଥିବା ସିବିଏସ୍‌ଇ ଅନୁବନ୍ଧିତ ଭାରତୀୟ ବିଦ୍ୟାଳୟଗୁଡ଼ିକୁ ଏଡିଇକେର ସମର୍ଥନ ଏବଂ ଦୁବାଇରେ ସିବିଏସ୍‌ଇର ଏକ କାର୍ଯ୍ୟାଳୟ ସ୍ଥାପନ କରିବା ପାଇଁ ଯୋଜନା ଉପରେ ଉଭୟ ମନ୍ତ୍ରୀ ଆଲୋଚନା କରିଛନ୍ତି। ଆବୁଧାବିରେ ନିର୍ମାଣାଧୀନ ବିଏପିଏସ୍ ହିନ୍ଦୁ ମନ୍ଦିର ଦର୍ଶନ ସହ କେନ୍ଦ୍ରମନ୍ତ୍ରୀ ସେଠାରେ ପୂଜାର୍ଚ୍ଚନା କରିଛନ୍ତି। ଉକ୍ତ ମନ୍ଦିରର କାନ୍ଥରେ ଥିବା ଜଗନ୍ନାଥ ସଂସ୍କୃତି ସହ ରଥଯାତ୍ରା କଳାକୃତିକୁ ସେ ପ୍ରଶଂସା କରିଛନ୍ତି। ମନ୍ଦିରରେ ଜଗନ୍ନାଥ ସଂସ୍କୃତିର ଚିତ୍ରଣ ଜଗନ୍ନାଥ ଭକ୍ତ ଏବଂ ବିଶ୍ୱର ସମସ୍ତ ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ

**ରାଉରକେଲା,୨।୧୧(ସଙ୍ଗୀତା ଜେନା):** ଭାଜପା ରାଜ୍ୟ ଯୁବମୋର୍ଚ୍ଚାର ନୂତନ କାର୍ଯ୍ୟକାରିଣୀ ଓ ଜିଲା ସଭାପତିଙ୍କୁ ନେଇ ଦୁଇଦିନିଆ କାର୍ଯ୍ୟକାରିଣୀ ବୈଠକ ଗୁରୁବାର ଉଦ୍‌ଘାଟିତ ହୋଇଛି। ରାଉରକେଲାର ଏକ ହୋଟେଲରେ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମୁଖ୍ୟ ଅତିଥି, ସାଧାରଣ ସମ୍ପାଦକ ଶାରଦା ଶତପଥୀ ଯୋଗ ଦେଇଥିଲେ। ଏଥିରେ ରାଜନୈତିକ ଚିଠା ପ୍ରସ୍ତୁତ ହୋଇ ରାଜ୍ୟ ଉପସଭାପତି ଓ ସମ୍ପାଦକଙ୍କ ଦ୍ୱାରା ସର୍ବସମ୍ମତି କ୍ରମେ ପାରିତ ହୋଇଥିଲା। ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ଅପରାଜିତା ବଡ଼ଜେନା, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ, ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ଅଙ୍କୁଶ ବର୍ମା, ସାଧାରଣ ସମ୍ପାଦକ ସୁଜିତ ସିଂ, ଓଡ଼ିଶା ଯୁବମୋର୍ଚ୍ଚା ପ୍ରଭାରୀ ଶଶାଙ୍କ ଶେଖର ରାଜ, ଜିଲା ଭାଜପା ସଭାନେତ୍ରୀ ଲତିକା ପଟ୍ଟନାୟକ, ବିରମିତ୍ରପୁର ବିଧାୟକ ଶଙ୍କର ଓରାମ ପ୍ରମୁଖ ମଞ୍ଚାସୀନ ଥିଲେ। ଭାଜପା ରାଜ୍ୟ ସଭାପତି ମନମୋହନଙ୍କୁ ରାଉରକେଲା ରେଳ ଷ୍ଟେଶନଠାରେ ପାନପୋଷ ସାଙ୍ଗଠନିକ ଜିଲା ପକ୍ଷରୁ ସ୍ୱାଗତ କରାଯାଇଥିଲା। ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି, ସଭାନେତ୍ରୀ ଲତିକା ପଟ୍ଟନାୟକ, ଜଗବନ୍ଧୁ ବେହେରା, ନିହାର ରାୟ, ପ୍ରବାଳ ବାରିକ, ଅଙ୍କୁଶ ବର୍ମା, ଭଗବାନ ରାଉତ, ଦୁର୍ଗା ତନ୍ତୀଙ୍କ ସମେତ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
GNM — Duration : 3 Year, Eligibility : +2 Pass (Any Stream) 40% Mark
ANM — Duration : 2 Year, Eligibility : +2 Pass (Any Stream)
DMRT
DMLT — Duration : 2 Year, Eligibility : +2 Science
CBCA — Certified Blood Collection Assistant — Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility•Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

BUSINESS
ଯୁବକ-ଯୁବତୀଙ୍କ ଆବଶ୍ୟକତା ରହିଛି। ଯେଉଁମାନେ ଘରେ ବସି ମୋବାଇଲ ଦ୍ୱାରା ପାର୍ଟ/ଫୁଲ୍ ଟାଇମ୍ କପି ପେଷ୍ଟ ୱାର୍କ କରିପାରିବେ।
ସୂଚନା ପାଇଁ ମିସ୍‌କଲ୍ କରନ୍ତୁ-
02240375702

ଲୋନ୍! ଲୋନ୍! ଲୋନ୍!
ଦୀପାବଳି ଧମାକା
Global Finance (Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ମାର୍କଶିଟ୍, ପ୍ରପର୍ଟି, ବିଜ୍‌ନେସ୍, ହୋମ୍ ଲୋନ୍, ସବୁ ଲୋନ୍ ପାଆନ୍ତୁ।
2% ସୁଧ 40% ଛାଡ଼
(ଏଜେଣ୍ଟ ଆମନ୍ତ୍ରିତ)
8765514686

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## Classified Everyday
0674-2580101, 2549949


REAL ESTATE
SALE

2400 Sqft. Gharabari Land for Sale Samanta Sahi, Cuttack. Contact. 8114860043. D-71568

BDA Town planning ଏରିଆରେ ୩୦ଫୁଟ୍ ରୋଡ୍ ଥାଇ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ- 850/- କିଣି ଘର କରନ୍ତୁ। (୬୦ଟା ପ୍ଲଟ୍ ଅଛି), 9853150290. D-75254

ଭୁବନେଶ୍ୱର ଖୋର୍ଦ୍ଧା NH side Gandhi College ଲାଗି 60' road, electricity, boundarywall ଥାଇ immediatly ଘର କରିବା ପାଇଁ ପ୍ଲଟ୍ ମିଳୁଛି। 9090963952. D-75250

Available plots 500/- sqft. 30ft road, Electricity, Backside SOG, Chandaka, Bhubaneswar- 8917439982. D-75253

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75249

ପୁରୀ ସାତଶଙ୍ଖରେ 34000 sqft ଫାର୍ମହାଉସ 40ଟି ନଡ଼ିଆଗଛ, ମାଛପୋଖରୀ ଥାଇ ତୁରନ୍ତ ବିକ୍ରିହେବ-7008833643. D-75257

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ନିକଟରେ ଘରବାରି ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ। 9827119799. D-1670

Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 9938368479. D-75248

Bhubaneswar/ Nakhara/ Pahala ଛକ ପାଖରେ ଘରବାରି ବାସୋପଯୋଗୀ ପ୍ଲଟ୍ free boundary, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଘରକରି ପାରିବେ। 9178704897. D-75247

ଭୁବନେଶ୍ୱର KIIT University ଜଗନ୍ନାଥମନ୍ଦିର ପାଖରେ Boundary, ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ - 9437205314, 9937513595. D-75243

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। 9438315973 / 9938066403. D-1655

ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303. D-1656

2BHK flat house for sale near Hi-Tech Plaza, Sundarpada, Bhubaneswar. (M) 9861150062. D-46566

ଘରବାରି ପଟ୍ଟା Plots, Resale Hotel / house at Puri Town, ସମୁଦ୍ରକୂଳ ଏବଂ ତା'ର ପାଖାପାଖି ଏରିଆରେ ମିଳୁଅଛି। 7008067338, 9090746445. D-75242




Newly open Spa positively health benefits with expert therapist. 9938843929. D-75167

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75054

Newly open SPA positively health benefit with expert. Contact: 7749976301. D-1681

All types of professional body massage by professional therapy. Contact 7077933109, 9556924059, 8658803018. D-1669

Full body massage by expert therapist positively health benefits. 7381172169. D-75165

Relax, Refresh your body, Mind at Saikrupa Spa with best therapies. 8984068077. D-1696

Newly open health benefits Spa special offer @999. Contact: 7749034655. D-75166


BUSINESS

Good Running Tile Business with 6 Figure/ month profit at prime location of Chandpur, Nayagarh for sale contact 9124159073. D-1691

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଜତିନ୍ଦ୍ର କୁମାର ରାୟ
ଜିତିକାରସୁଆଁଲୋ, ଭିଙ୍ଗାରପୁର,ଖୋର୍ଦ୍ଧା
ଆବିର୍ଭାବ: ତା. ୨୭।୦୭।୧୯୬୮
ତିରୋଧାନ: ତା. ୧୯।୧୦।୨୦୧୯
ଚାହୁଁ ଚାହୁଁ ଚାରିବର୍ଷ ବିତି ଗଲା କିନ୍ତୁ ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ତୁମର ବାପା, ବୋଉ, ସ୍ତ୍ରୀ-ରିତା, ପୁଅ, ଝିଅ, ଭାଇ, ଭାଉଜ ତଥା ପରିବାରବର୍ଗ
ଧ-୧୭୦୮

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ୧.୪ ଲକ୍ଷ ଲୋକଙ୍କୁ ଅନ୍ନ ସେବା

ଭୁବନେଶ୍ୱର,୨।୧୧ (ଅଭୟ ଦାଶ)



ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ନୀତା ଅମ୍ବାନୀ ୩୦୦୦ ବଞ୍ଚିତ ବର୍ଗର ପିଲାଙ୍କ ସହ ନିଜ ଜନ୍ମଦିନ ପାଳନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଫାଉଣ୍ଡେଶନ ପକ୍ଷରୁ ସାରା ଦେଶରେ ଅନ୍ନ ସେବା ନାମରେ ଏକ ମହତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଜରିଆରେ ଫାଉଣ୍ଡେଶନ ୧୫ଟି ରାଜ୍ୟର ୧.୪ ଲକ୍ଷ ଲୋକଙ୍କୁ ଉଭୟ ରନ୍ଧାଖାଦ୍ୟ ଓ ରାଶନ ସାମଗ୍ରୀ ଯୋଗାଇଛି। ଏପରିକି ଅନ୍ନ ସେବା ଜରିଆରେ ପ୍ରାୟ ୭୫,୦୦୦ ଲୋକଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିବା ବେଳେ ପ୍ରାୟ ୬୫,୦୦୦ ଲୋକଙ୍କୁ ଶୁଖିଲା ରାଶନ ସାମଗ୍ରୀ (ଗ୍ରୋସେରି) ପ୍ରଦାନ କରାଯାଇଛି। ବିଶେଷକରି ଶିଶୁ ଓ ବୃଦ୍ଧାଶ୍ରମଠାରେ ରହୁଥିବା ବରିଷ୍ଠ ନାଗରିକ, ଦିନ ମଜୁରିଆ, କୁଷ୍ଠ ଆକ୍ରାନ୍ତ ବ୍ୟକ୍ତି, ଭିନ୍ନକ୍ଷମ ଏବଂ ବିଶେଷ ଆବଶ୍ୟକତା ରହିଥିବା ଲୋକମାନଙ୍କୁ ଅନ୍ନ ସେବାରେ ସାମିଲ କରାଯାଇଥିଲା ବେଳେ ରନ୍ଧାଖାଦ୍ୟ ବିତରଣଠାରୁ ଆରମ୍ଭକରି ରାଶନ ସାମଗ୍ରୀ ବଣ୍ଟନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ରିଲାଏନ୍ସର ସ୍ୱୟଂସେବକମାନେ କରିଛନ୍ତି। ଅପରପକ୍ଷରେ ନୀତା ଅମ୍ବାନୀ ମୁମ୍ବାଇର ଧୀରୁଭାଇ ଅମ୍ବାନୀ ଇଣ୍ଟନ୍ୟାଶନାଲ ସ୍କୁଲଠାରେ ବଞ୍ଚିତ ବର୍ଗର ୩୦୦୦ ପିଲାଙ୍କ ସହିତ ନିଜ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ସ୍କୁଲ ଯାଉଥିବା ୩୦୦୦ ବଞ୍ଚିତ ବର୍ଗର ପିଲା ମନୋରଞ୍ଜନ ଓ ଉପହାରର ମଜା ନେବା ସହିତ ଅନ୍ନ ସେବାରେ ସାମିଲ ହୋଇଥିଲେ। ଏଥିରେ ନୀତା ଅମ୍ବାନୀ ସମସ୍ତଙ୍କୁ ରନ୍ଧାଖାଦ୍ୟ ପରଷିଥିଲେ। ଉଲ୍ଲେଖଯୋଗ୍ୟ, ଓଡ଼ିଶାର ଭଦ୍ରକ, ବାଲେଶ୍ୱର, ଭୁବନେଶ୍ୱର, ପୁରୀ ଓ ବରଗଡ଼ ଭଳି ପ୍ରମୁଖ ଅଞ୍ଚଳର ୫୫୦୦ ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଶୁଖିଲା ରାଶନ ସାମଗ୍ରୀ ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ଏନ୍‌ଜିଓ ସହଯୋଗୀଙ୍କ ଜରିଆରେ ବଣ୍ଟନ କରାଯାଇଛି।

ସୂଚନାଯୋଗ୍ୟ, କରୋନା ମହାମାରୀ ସମୟରେ ନୀତାଙ୍କ ରିଲାଏନ୍ସ ଫାଉଣ୍ଡେଶନ ଅନ୍ନ ସେବା ନାମରେ ସେହି ସମୟର ସବୁଠାରୁ ବଡ ଭୋଜନ ବିତରଣ କାର୍ଯ୍ୟକ୍ରମ କରିଥିଲା। ନୀତାଙ୍କ ଜନ୍ମଦିନରେ ଭୋଜନ ବିତରଣ ସେହି ପରମ୍ପରାର ସମ୍ପ୍ରସାରଣ ବୋଲି ଫାଉଣ୍ଡେଶନ ପକ୍ଷରୁ ପ୍ରକାଶ କରାଯାଇଛି। ଶିକ୍ଷା, ମହିଳା ସଶକ୍ତୀକରଣ, କ୍ରୀଡ଼ା, କଳା ଓ ସଂସ୍କୃତି କ୍ଷେତ୍ରରେ ନୀତାଙ୍କ ଅନେକ ଅନନ୍ୟ ଉପଲବ୍ଧି ରହିଛି। ନୀତାଙ୍କ ନେତୃତ୍ୱରେ ରିଲାଏନ୍ସ ଫାଉଣ୍ଡେଶନ ସାରା ଦେଶରେ ୭କୋଟି ୧୦ ଲକ୍ଷରୁ ଅଧିକ ଲୋକଙ୍କ ଜୀବନକୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି।

## ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର,୨।୧୧

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୯୦ (୪୮୯.୫୭) ପଏଣ୍ଟ ବଢି ୬୪,୦୮୧ (୬୪,୦୮୦.୯୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୪୪ (୧୪୪.୧୦) ପଏଣ୍ଟ ବୃଦ୍ଧି ଘଟି ୧୯,୧୩୩ (୧୯,୧୩୩.୨୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ୍ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଥିଲା। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି।

## ପ୍ଲାଟିନମ୍ ଇଭାରାର ନ୍ୟୁ କଲେକ୍ସନ

ଭୁବନେଶ୍ୱର,୨।୧୧



ପ୍ଲାଟିନମ୍ ଗୁଲିଡି ଇଣ୍ଟରନ୍ୟାଶନାଲ (ପିଜିଆଇ) ଇଣ୍ଡିଆର ଅଗ୍ରଣୀ ବ୍ରାଣ୍ଡ 'ପ୍ଲାଟିନମ୍ ଇଭାରା'ର ନ୍ୟୁ କଲେକ୍ସନ (ନୂତନ ସଂଗ୍ରହ)ଗୁଡ଼ିକୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ଉତ୍ସବ ଉପଯୋଗୀ ଓ ଆଜିର ମହିଳାମାନଙ୍କ ମନପସନ୍ଦର ଉତ୍ପାଦ ବୋଲି ବ୍ରାଣ୍ଡ୍ ପକ୍ଷରୁ କୁହାଯାଇଛି। ଏପରିକି ୯୫% ଶୁଦ୍ଧ ପ୍ଲାଟିନମ୍‌ରୁ ନିର୍ମିତ ପ୍ରତ୍ୟେକ ଖଣ୍ଡ ଅର୍ଥ ସହ ଉକ୍ତ ଉତ୍ପାଦଗୁଡ଼ିକ ସନ୍ନିବେଶିତ ହୋଇଛି ଓ ପ୍ରତ୍ୟେକ ମହିଳାଙ୍କ ପାଇଁ ଏହା ସ୍ୱତନ୍ତ୍ରତା ବହନ କରିଥାଏ ବୋଲି ବ୍ରାଣ୍ଡ୍ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ନୂଆ ଇଭାରା ସଂଗ୍ରହ ଆଧୁନିକ ମହିଳାମାନଙ୍କ ସହ ନିଜର ଭାବକୁ ପ୍ରକାଶ କରିଥାଏ। ଏପରିକି ଯେଉଁମାନେ ସାମ୍ପ୍ରତିକ ମୂଲ୍ୟବୋଧ ଉପରେ ଦୃଷ୍ଟି ଦିଅନ୍ତି ଓ ଉତ୍ସବକୁ ସ୍ମରଣୀୟ କରିବାକୁ ଚାହାଁନ୍ତି। ସେହିଭଳି ବିଭିନ୍ନ ପ୍ରକାର ଡିଜାଇନକୁ ନେଇ ବ୍ରାଣ୍ଡ୍‌ର ଉତ୍ପାଦଗୁଡ଼ିକ ପ୍ରସ୍ତୁତ ହୋଇଛି, ଯାହା ଜୀବନକୁ ଏକ ଖୋଲା କାନ୍‌ଭାସ ରୂପେ ପ୍ରତିଫଳିତ କରିଥାଏ। ଏପରିକି ଅଧିକ ବହୁମୁଖୀ ପ୍ଲାଟିନମ୍ ଇଭାରାର କ୍ୟୁରେଟ ହୋଇଥିବା ବେଳେ ଉକ୍ତ ସଂଗ୍ରହରେ ଥିବା ପ୍ରତ୍ୟେକ ଖଣ୍ଡ ସହଜରେ ମହିଳାମାନଙ୍କ ସହିତ ଅଧିକ କ୍ଲାସିକ ଓ ସୂକ୍ଷ୍ମ ବ୍ରୋଞ୍ଜ ସୋରିକୁ ଯାଇପାରେ ବୋଲି ବ୍ରାଣ୍ଡ୍ ପକ୍ଷରୁ ମତପ୍ରକାଶ କରାଯାଇଛି। ସେହିପରି ବ୍ରାଣ୍ଡ୍‌ର ନୂଆ ଡିଜାଇନ ସଂଗ୍ରହରେ ଆରେ ଅନ୍ତର୍ଭୁକ୍ତ ରହିଛି। ଏହାର ବିଶେଷ ଶୈଳୀର ସ୍ୱତନ୍ତ୍ରତା ବାରି ହୋଇପଡ଼େ। ଏହି ଡିଜାଇନଗୁଡ଼ିକ ଉଭୟ କ୍ଲାସିକ ଓ ପାରମ୍ପରିକ ଶୈଳୀକୁ ପ୍ରତିପାଦିତ କରିଥାଏ; ଯାହାକି ଯେକୌଣସି ଉତ୍ସବ ବା ବିବାହ ଋତୁର ମହତ୍ତ୍ୱକୁ ବହୁ ଗୁଣରେ ବଢାଇଥାଏ।

## ଟାଟା ଷ୍ଟିଲ୍‌ର ୨ୟ ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୨।୧୧

ଦେଶର ପ୍ରମୁଖ ଘରୋଇ ସଂସ୍ଥା 'ଟାଟା ଷ୍ଟିଲ୍' ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ବିଶେଷକରି ୨୦୨୩ ସେପ୍ଟେମ୍ବର ୩୦ ସୁଦ୍ଧା ଶେଷ ହୋଇଥିବା କମ୍ପାନୀ କାରବାର ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ମଧ୍ୟରେ କମ୍ପାନୀର ରାଜସ୍ୱ ୫୫,୬୮୨ କୋଟି ଟଙ୍କା ହୋଇଥିବା ବେଳେ ଭାରତୀୟ ବ୍ୟବସାୟର ମାର୍ଜିନ ୨୦% ଅଧିକ ରହିଛି ଏବଂ ଇବିଆଇଟିଡିଏ ୬,୮୪୧ କୋଟି ଟଙ୍କା ହୋଇଛି। ସେହିଭଳି ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ କମ୍ପାନୀର ରାଜସ୍ୱ ୧,୧୫,୧୭୨ କୋଟି ଟଙ୍କା ରହିଛି। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପରିଚାଳନା ନିର୍ଦ୍ଦେଶକ ଟି.ଭି. ନରେନ୍ଦ୍ରନ କହିଛନ୍ତି, ପ୍ରାୟ ୫ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ ସହ କମ୍ପାନୀ (ଟାଟା ଷ୍ଟିଲ୍ ଇଣ୍ଡିଆ) ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ଅସ୍ଥିରତା ଓ ଋତୁଭିତ୍ତିକ ବିଷୟ ସତ୍ତ୍ୱେ ଘରୋଇ ଡେଲିଭରି ବର୍ଷକୁ ବର୍ଷ ଭିତ୍ତିରେ ୬% ବୃଦ୍ଧି ପାଇଥିଲାବେଳେ ୨ୟ ତ୍ରୈମାସିକରେ ଅଟୋ, ବ୍ରାଣ୍ଡେଡ୍ ଉତ୍ପାଦ ଓ ରିଟେଲ୍ ବିକ୍ରି ବହୁତ ଭଲ ରହିଛି। ସେହିଭଳି କମ୍ପାନୀର କଳିଙ୍ଗନଗର ସିଆର୍‌ଏମ୍ କମ୍ପ୍ଲେକ୍ସରେ ଏଫ୍‌ଏଚ୍‌ସିଆର୍ କଏଲ୍ ଉତ୍ପାଦନ ଆରମ୍ଭ କରାଯାଇଥିବା ବେଳେ କମ୍ପାନୀ କୋଲ୍ଡ ରୋଲ୍ଡ ଷ୍ଟିଲ୍ ପାଇଁ ଅଟୋମେଟିଭ୍ ଓଇଏମ୍‌ଙ୍କଠାରୁ ଅନୁମୋଦନ ମିଳିବା ଆରମ୍ଭ ହୋଇଛି। ଏପରିକି ଆମର ଦୃଢ଼ ବଣ୍ଟନ ନେଟ୍‌ୱର୍କ ଜରିଆରେ ଗୃହ ନିର୍ମାତାଙ୍କ ରିଟେଲ୍ ବିକ୍ରିବୃଦ୍ଧି ଜାରି ରହିଛି, ଇ-କମର୍ସ ପ୍ଲାଟ୍‌ଫର୍ମ ଟାଟା ଷ୍ଟିଲ୍ ଆସିଆନା ପ୍ରତି ମାସରେ ୧୦,୦୦୦ ସ୍ୱତନ୍ତ୍ର ଗ୍ରାହକଙ୍କୁ ସେବା ପ୍ରଦାନ କରୁଛି।

## ରାମ ଚରଣ ମାନ୍ୟବରର ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର,୨।୧୧




ଭାରତର ଅଗ୍ରଣୀ ପୁରୁଷ ଫ୍ୟାଶନ ତଥା ସେଲିବ୍ରେଶନ ଡ୍ରେସ୍ ବ୍ରାଣ୍ଡ , ମାନ୍ୟବର ଗ୍ଲୋବାଲ ଷ୍ଟାର ରାମ ଚରଣଙ୍କୁ ବ୍ରାଣ୍ଡ୍‌ର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରିଥିବା ଘୋଷଣା କରିଛି। ବିଶେଷକରି ଚଳିତ ବିବାହ ଋତୁ ପାଇଁ ବ୍ରାଣ୍ଡ୍‌ର ନୂତନ ଅଭିଯାନ 'ତୟାର ହୋ କର ଆୟେ' ସହିତ ମାନ୍ୟବର ଉତ୍ସବ ପାଳନ କରୁଛି। ଏପରିକି ରାମ ଚରଣ ସର୍ବଭାରତୀୟସ୍ତରରେ ଆଧୁନିକ ମଣିଷର ଏକ ମହତ୍ତ୍ୱପୂର୍ଣ୍ଣ ପ୍ରତୀକ ଭାବେ ସମସାମୟିକ ଭାରତର ଆଭିମୁଖ୍ୟକୁ ପ୍ରତିପାଦନ କରୁଛନ୍ତି। ଅପରପକ୍ଷରେ ରାମ ଚରଣଙ୍କର ମୂଲ୍ୟବୋଧ ମାନ୍ୟବରର ଦର୍ଶନ ସହିତ ନିରବଚ୍ଛିନ୍ନ ଭାବେ ପୁନଃ ପ୍ରତିଫଳିତ ହେଉଛି ବୋଲି ବ୍ରାଣ୍ଡ୍ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ବେଦାନ୍ତ ଫ୍ୟାଶନ ଲିମିଟେଡ୍‌ର ମୁଖ୍ୟ ରାଜସ୍ୱ ଅଧିକାରୀ ବେଦାନ୍ତ ମୋଦି କହିଛନ୍ତି, ରାମ ଚରଣଙ୍କୁ ମାନ୍ୟବର ପରିବାର ସ୍ୱାଗତ କରୁଛି ଓ ଆମ ପାଇଁ ଏହା ଏକ ଗୌରବର ବିଷୟ ହୋଇଥିବାବେଳେ ତାଙ୍କ ସହ ଦର୍ଶକଙ୍କର ଏକ ଅବିସ୍ମରଣୀୟ ସମ୍ପର୍କ ରହିବ। ସେହିଭଳି ରାମ ଚରଣ କହିଛନ୍ତି, ମୁଁ ମାନ୍ୟବର ସହ ଜଡ଼ିତ ହୋଇ ବହୁ ଆନନ୍ଦିତ। ଏହି ବ୍ରାଣ୍ଡ୍ ଆଜି ଭାରତର ପୁରୁଷଙ୍କ ପାଇଁ ଉତ୍ସବର ଫ୍ୟାଶନକୁ ଅଧିକ ଜୀବନ୍ତ କରିଛି। ଅଭିନବତା, ପରମ୍ପରା ଓ ପାରିବାରିକ ମୂଲ୍ୟବୋଧ ପ୍ରତି ମାନ୍ୟବର ସର୍ବଦା ଯତ୍ନବାନ ରହିଆସିଛି। ଏହା ସହ ସହଭାଗିତା ମୋ ପାଇଁ ସ୍ୱତନ୍ତ୍ର। ବିଶେଷକରି ବିବାହ ଓ ଉତ୍ସବ ପାଳନ ଲାଗି ମାନ୍ୟବର ଷ୍ଟାଇଲ ସମସ୍ତଙ୍କ ପାଇଁ ଗୌରବର ବିଷୟ ହେବ ବୋଲି ମୁଁ ଆଶା କରୁଛି। ଏହି ଅଭିଯାନକୁ ଶ୍ରେୟାଂଶ ଇନୋଭେସନ ଦ୍ୱାରା ପରିକଳ୍ପିତ ଓ କାର୍ଯ୍ୟକାରୀ କରାଯାଉଛି। ପ୍ରତିଷ୍ଠାତା ଶ୍ରେୟାଂଶ ବୈଦ ପିତା ପୁତ୍ରଙ୍କ ସମ୍ପର୍କକୁ ଆଲୋକିତ କରି ତୟାର ହୋକର ଆୟେ ବାର୍ତ୍ତାକୁ ଅଧିକ ଜୀବନ୍ତ କରିଛନ୍ତି। ଦର୍ଶକଙ୍କ ପାଇଁ ଏହାକୁ ପହଞ୍ଚାଇ ଆମେ ବହୁତ ଖୁସି ଅନୁଭବ କରୁଛୁ।

## ପିଏନ୍‌ବିର ସତର୍କତା ସଚେତନତା ସପ୍ତାହ

ଭୁବନେଶ୍ୱର,୨।୧୧

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି। ଏପରିକି ୨୦୨୩ ନଭେମ୍ବର ୫ ପର୍ଯ୍ୟନ୍ତ ଉକ୍ତ ସଚେତନତା କାର୍ଯ୍ୟକ୍ରମ ପାଳନ କରାଯିବ ବୋଲି ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ପିଏନ୍‌ବି ସମ୍ବଲପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ଅଜିତ କୁମାର ମେହେରଙ୍କ ମାର୍ଗଦର୍ଶନରେ ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା। ଉକ୍ତ ୱାକାଥନ୍ ଅଇଁଠାପାଲିରୁ ବୁଢାରାଜା ପର୍ଯ୍ୟନ୍ତ ଯାଇଥିଲା। ମଣ୍ଡଳ ମୁଖ୍ୟ ମେହେର ବ୍ୟାଙ୍କ କର୍ମଚାରୀ ଓ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧନକରି କହିଥିଲେ, ଆମେ ଆମର ଅଧିକାର ଓ ଦାୟିତ୍ୱ ପ୍ରତି ସଜାଗ ରହିବା ଉଚିତ ବୋଲି ସେ ବିସ୍ତୃତ ଭାବେ କହିଥିଲାବେଳେ ନିଜ ଆଖପାଖରେ ହେଉଥିବା ଭ୍ରଷ୍ଟାଚାରକୁ ବିରୋଧକରି ଉଚିତ ଅଧିକାରୀଙ୍କୁ ଉକ୍ତ ଘଟଣା ସମ୍ପର୍କରେ ଅବଗତ କରାଇବାକୁ ମେହେର ଉପଦେଶ ଦେଇଥିଲେ। ସତର୍କତା ସଚେତନତା ସପ୍ତାହ-୨୦୨୩ର ବିଷୟବସ୍ତୁ 'ଭ୍ରଷ୍ଟାଚାରକୁ ବିରୋଧ କରନ୍ତୁ, ରାଷ୍ଟ୍ର ପ୍ରତି ସମର୍ପିତ ରୁହନ୍ତୁ' ସନ୍ଦେଶକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏଭଳି ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା। ଇନ୍‌ସ୍ପେକ୍ସନ ଏବଂ ଅଡିଟ୍ ବିଭାଗର ମୁଖ୍ୟ ପ୍ରବନ୍ଧକ ପାର୍ଥ ସାରଥି ମହାପାତ୍ର ସତର୍କତା ସଚେତନତା ସପ୍ତାହ ଅବସରରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ବୋଲି କହିଥିଲେ। ଏହି ଉପଲକ୍ଷେ ବ୍ୟାଙ୍କର ସମସ୍ତ ଶାଖାରେ ଗ୍ରାହକ ସମ୍ମିଳନୀର ଆୟୋଜନ କରାଯାଉଛି। ଉପ ମଣ୍ଡଳ ମୁଖ୍ୟ ଅଶ୍ୱିନୀ ପଟେଲ, ମୁଖ୍ୟ ପ୍ରବନ୍ଧକ ବିଷ୍ଣୁପ୍ରସାଦ ନାଏକ, ରୋହିତ କୁମାର ପଣ୍ଡା, ଶସ୍ତ୍ର ମୁଖ୍ୟ ଅନ୍‌ମୋଲ ଉତ୍ସବ, ପିଏଲ୍‌ପି ପ୍ରଭାରୀ ମନୋରଞ୍ଜନ ମଲ୍ଲିକଙ୍କ ସମେତ ନିକଟତମ ଶାଖାର ଶାଖା ମୁଖ୍ୟ ଓ ୭୦ରୁ ଊର୍ଦ୍ଧ୍ୱ ଅଧିକାରୀ ଉକ୍ତ ୱାକାଥନ୍‌ରେ ଅଂଶଗ୍ରହଣ କରିଥିଲେ।

ଫୁରସତ

# ଋତୁସ୍ରାବଜନିତ କଷ୍ଟରୁ ବର୍ତ୍ତିବାକୁ ଗର୍ଭଧାରଣ



ତାଲାହାସି: ଯୁବତୀମାନଙ୍କ କ୍ଷେତ୍ରରେ ଋତୁସ୍ରାବ ଏକ ମାସିକିଆ ପ୍ରକ୍ରିୟା। ଏହା ଯୁବତୀଙ୍କୁ ଭବିଷ୍ୟତରେ ଗର୍ଭଧାରଣ କରିବାରେ ସାହାଯ୍ୟ କରେ। ପ୍ରତି ମାସରେ ହେଉଥିବା ଏହି ପ୍ରକ୍ରିୟା ଦ୍ୱାରା ଅନେକଙ୍କୁ କଷ୍ଟ ସହିବାକୁ ପଡ଼ିଥାଏ। ଜଣେ ମହିଳା ଏହି ଋତୁସ୍ରାବଜନିତ କଷ୍ଟରୁ ବର୍ତ୍ତିବାକୁ ଗର୍ଭଧାରଣ କରୁଥିବା ଜଣାପଡ଼ିଛି। ଏହି କାରଣରୁ ସେ ୨୦୧୪ରୁ ଲଗାତର ଗର୍ଭଧାରଣ କରୁଛନ୍ତି। ରିପୋର୍ଟ ମୁତାବକ, ଫ୍ଲୋରିଡ଼ା ଯୁସଚିସ୍‌ର ବାସିନ୍ଦା ୨୫ ବର୍ଷୀୟା ମାଡିଶନ ଚାଭେଜ୍ ଓ ଜୋସ୍ ଚାଭେଜ୍ ପିଲାବେଳ ସାଥୀ ହୋଇଥିବାବେଳେ ପରେ ସେମାନେ ବିବାହ କରିଛନ୍ତି। ୨୦୧୪ରେ ଉଭୟଙ୍କ ପ୍ରଥମ ସନ୍ତାନ ଜନ୍ମ ହୋଇଥିଲା। ୨୦୧୭ରେ ତାଙ୍କ ୨ୟ ସନ୍ତାନ ଜନ୍ମ ହେଲା। ପରେ ୨୦୨୦ରେ ସେମାନଙ୍କ ପ୍ରଥମ କନ୍ୟା ସନ୍ତାନ ଏବଂ ୨୦୨୨ରେ ତାଙ୍କ ଦ୍ୱିତୀୟ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ଏବେ ମାଡିଶନ ୨୦୨୪ରେ ତାଙ୍କ ୫ମ ସନ୍ତାନକୁ ଜନ୍ମ ଦେବାକୁ ଯାଉଛନ୍ତି। ଏପରି ବାରମ୍ବାର ଗର୍ଭବତୀ ହେବା କ୍ଷେତ୍ରରେ ସ୍ୱାମୀ ଜୋସ୍ ତାଙ୍କୁ ସମର୍ଥନ ଜଣାଇଛନ୍ତି। ଜୋସ୍ ଚାହାନ୍ତିନି କି ପ୍ରତି ମାସରେ ମାଡିଶନଙ୍କୁ ଋତୁସ୍ରାବଜନିତ କଷ୍ଟ ସହିବାକୁ ପଡୁ। ସେଥିପାଇଁ ଦମ୍ପତି ଏହି କଷ୍ଟରୁ ବଞ୍ଚିବାକୁ ସନ୍ତାନ ଜନ୍ମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ନିକଟରେ ଦମ୍ପତି ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଭିଡିଓରେ ମାଡିଶନ ତାଙ୍କର ଏପରି ଗର୍ଭଧାରଣ ପଛର କାରଣ କହିବା ସହ ୫ମ ଗର୍ଭଧାରଣ କରିଥିବା କହିଥିଲେ। ଏଥିପାଇଁ ଲୋକେ ସେମାନଙ୍କୁ ଟ୍ରୋଲ ମଧ୍ୟ କରିଛନ୍ତି।

# ଦୀପାବଳିରେ ଟାଇଗର-୩


ସଲମାନ ଖାନ

**ମୁମ୍ବାଇ:** ଦୀର୍ଘଦିନ ପରେ ବଲିଉଡ୍ ଭାଇଜାନ ସଲମାନ ଖାନ୍ ବଡ଼ ପରଦାକୁ କମ୍‌ବ୍ୟାକ୍ କରୁଛନ୍ତି। ଦୀପାବଳି ଅବସରରେ ତାଙ୍କ ଆଗାମୀ ଫିଲ୍ମ ଟାଇଗର-୩ ରିଲିଜ୍ ହେବାକୁ ଯାଉଛି। ଖୁବ୍‌ଶୀଘ୍ର ଫିଲ୍ମର ଆଡଭାନ୍ସ ବୁକିଂ ମଧ୍ୟ ଆରମ୍ଭ ହେବାକୁ ଯାଉଛି। ତେବେ ପ୍ରଶଂସକମାନେ ଦୀପାବଳିରେ ସକାଳ ୭ଟାରୁ ହିଁ ଚଳଚ୍ଚିତ୍ର ଦେଖିପାରିବେ। ସିନେମାରେ ସଲମାନଙ୍କ ସହିତ ଅଭିନେତ୍ରୀ କ୍ୟାଟ୍ରିନା କୈଫ ନଜରକୁ ଆସିବେ। ଇମ୍ରାନ ହାସ୍ମି ଖଳନାୟକ ଭୂମିକା ନିଭାଇବେ। ଇମ୍ରାନଙ୍କୁ ସବୁବେଳେ ରୋମାଣ୍ଟିକ୍ ଫିଲ୍ମରେ ଅଭିନୟ କରୁଥିବା ଦେଖିବାକୁ ମିଳୁଥିବାବେଳେ ଏଥର ଖଳନାୟକ ଚରିତ୍ରରେ ଦେଖିବାକୁ ପ୍ରଶଂସକ ଅପେକ୍ଷା କରିଛନ୍ତି। ଏନେଇ ବାଣିଜ୍ୟ ବିଶ୍ଳେଷକ ତରନ ଆଦର୍ଶ ଫିଲ୍ମର ପ୍ରଥମ ଶୋ' ଏବଂ ଆଡଭାନ୍ସ ବୁକିଂ ବିଷୟରେ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରିଛନ୍ତି। ସେ ଲେଖିଛନ୍ତି, ସଲମାନ ଖାନ୍, ଟାଇଗର- ୩ ଶୋ' ସକାଳ ୭ଟାରୁ ଆରମ୍ଭ ହେବ। ଦୀପାବଳି ସକାଳ ୭ଟାରେ ଶୋ' ଦେଖାଇବାକୁ ଯଶ୍ ରାଜ ଫିଲ୍ମସ ନିଷ୍ପତ୍ତି ନେଇଛି। ଫିଲ୍ମର ଆଡଭାନ୍ସ ବୁକିଂ ନଭେମ୍ବର ୫ରୁ ଆରମ୍ଭ ହେବାକୁ ଯାଉଛି। ଅନ୍ତର୍ଜାତୀୟ ବଜାରରେ ଟାଇଗର- ୩ର ଆଡଭାନ୍ସ ବୁକିଂ ଆରମ୍ଭ ହୋଇଛି। ବ୍ରିଟେନ, ୟୁଏଇ ଏବଂ ଯୁକ୍ତରାଷ୍ଟ୍ରରେ ବହୁତ ବୁକିଂ ସରିଛି। ନିର୍ମାତାମାନେ ଏହାକୁ ଭାରତର ଗୋଟିଏ ଦିନ ପୂର୍ବରୁ ଆମେରିକା ଏବଂ କାନାଡାରେ ମୁକ୍ତିଲାଭ କରିବାକୁ ପ୍ଲାନ କରୁଛନ୍ତି।

## ୯୧ ବର୍ଷୀୟା ସ୍ତ୍ରୀଙ୍କ ମୃତ୍ୟୁ ପରେ ପେନ୍‌ସନ ଦାବିକଲେ ଓକିଲ



**ବୋଇନୋସ୍ ଏୟାରିଜ୍:** ଆର୍ଜେଣ୍ଟିନାର ଜଣେ ଓକିଲ ତାଙ୍କ ୯୧ ବର୍ଷୀୟା ସ୍ତ୍ରୀଙ୍କ ମୃତ୍ୟୁ ପରେ ପେନ୍‌ସନ ପାଇଁ ଦାବି କରିଛନ୍ତି। ୨୩ ବର୍ଷୀୟ ମୌରିସିଓ ଓସୋଲା ଓକିଲାତି କରୁଥିବାବେଳେ ୨୦୧୫ ଫେବୃୟାରୀରେ ତାଙ୍କ ଆଇଙ୍କ ଭଉଣୀ ୯୧ ବର୍ଷୀୟା ୟୋଲଣ୍ଡା ଟୋରେ୍ସଙ୍କୁ ବିବାହ କରିଥିଲେ। ପରେ ୨୦୧୬ ଏପ୍ରିଲରେ ୟୋଲଣ୍ଡାଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ମୌରିସିଓ ସ୍ତ୍ରୀଙ୍କ ବିଧବା ଭତ୍ତା ପାଇବାକୁ ଆବେଦନ କରିଥିଲେ। ହେଲେ ପରିବାର ଓ ପଡ଼ୋଶୀଙ୍କ ସୂଚନା ମୁତାବକ, ମୌରିସିଓଙ୍କ ବିବାହର କୌଣସି ପ୍ରମାଣ ନ ଥିବାରୁ ତାହା ମିଛ। ଏହାପରେ ପ୍ରଶାସନ ତାଙ୍କ ବିବାହକୁ ମିଛ ଦର୍ଶାଇ ପେନ୍‌ସନ ଆବେଦନକୁ ଖାରଜ କରିଥିଲେ। ଏବେ ସେ ସର୍ବୋଚ୍ଚ ନ୍ୟାୟାଳୟକୁ ଯିବେ ବୋଲି କହିଛନ୍ତି। ୨୦୦୯ରେ ମୌରିସିଓଙ୍କ ମା'-ବାପାଙ୍କ ବିଚ୍ଛେଦ ପରେ ସେ ତାଙ୍କ ମା'ଙ୍କ ଭଉଣୀ, ଜେଜେ ମା' ଏବଂ ଆଇଙ୍କ ଉଭଣୀଙ୍କ ସହିତ ରହୁଥିଲେ। ତାଙ୍କୁ ବିବାହ କରି ସମସ୍ତ ଦୁଃଖ ଭୁଲିଯିବା ୟୋଲଣ୍ଡାଙ୍କ ଶେଷ ଇଚ୍ଛା ଥିବା ମୌରିସିଓ କହିଛନ୍ତି। ୟୋଲଣ୍ଡାଙ୍କୁ ୯୦ ବର୍ଷ ପୂରିଥିଲେ ମଧ୍ୟ ମୌରିସିଓ ବିବାହ କରିବାକୁ ଆଦୌ ଅନିଚ୍ଛା ପ୍ରକାଶ କରି ନ ଥିଲେ। ମୌରିସିଓ କହିଛନ୍ତି, ଓକିଲାତି ପଢ଼ିବା ପାଇଁ ତାଙ୍କ ପାଖରେ ସମ୍ବଳ ନ ଥିବାବେଳେ ମହିଳା ତାଙ୍କୁ ପାଠ ପଢ଼ାଇବାକୁ ଅର୍ଥ ଦେବାକୁ ପ୍ରତିଶ୍ରୁତି ଦେବାରୁ ସେମାନେ ବିବାହ ପାଇଁ ନିଷ୍ପତ୍ତି ନେଇଥିଲେ। ୟୋଲଣ୍ଡା ମୌରିସିଓଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବା ସେ କହିଛନ୍ତି।

## କ୍ୟାଟ୍ ଲେଡି ହେବାକୁ ଶରୀରରେ ୭୨ ପିଅର୍ସିଂ



ରୋମ: ଲୋକେ ନିଜର ଚେହେରା ବଦଳାଇବାକୁ ଅନେକ ପ୍ରକାରର ସର୍ଜରି କରୁଛନ୍ତି। ଇଟାଲୀର ରୋମରେ ରହୁଥିବା ୨୨ ବର୍ଷୀୟା ଚିଆରା ଡେଲ୍ ଏବାଟା ସବୁବେଳେ ବିଲେଇ ଭଳି ହେବାକୁ ଚାହୁଁଥିଲେ। ସେଥିପାଇଁ ସେ ନିଜ ଭିତରେ ଅନେକ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଲେ। ସେ ୧୧ ବର୍ଷ ବୟସରେ ଶରୀରରେ ପରିବର୍ତ୍ତନ କରିବା ଆରମ୍ଭ କରିଥିଲେ। ପ୍ରଥମେ ଚିଆରା ପିଅର୍ସିଂ(ମୁହଁ ଫୋଡ଼ି ଚିତା କୁଟାଇବା) ଏବଂ ଇୟର ଷ୍ଟ୍ରେଚିଂ କରିଥିଲେ। ଏହାର ୫ବର୍ଷ ପରେ ସେ ତାଙ୍କ ଶରୀରରେ ୭୨ ପ୍ରକାରର ପିଅର୍ସିଂ କରିସାରିଥିଲେ। ଚିଆରା ତାଙ୍କ ଜିଭକୁ କାଟି ଦୁଇ ଭାଗରେ ବିଭକ୍ତ କରିଦେଇଛନ୍ତି। ମଥାରେ ଦୁଇଟି ଶିଙ୍ଘ ମଧ୍ୟ କରିଛନ୍ତି। ଏଥିସହ ତାଙ୍କ ନାକ ଏବଂ ମଥାରେ ବହୁତ ପିଅର୍ସିଂ କରିଛନ୍ତି। ଚିଆରା କସମେଟିକ୍ ସର୍ଜରି ମଧ୍ୟ କରିଛନ୍ତି। ତାଙ୍କ ଆଖି ବିଲେଇ ପରି ଦେଖାଯିବା ପାଇଁ ସେ ଆଖିରେ ଏବଂ ଦେହ ଓ ମୁହଁରେ ଟାଟୁ କରିଛନ୍ତି। ଚିଆରାଙ୍କ କହିବା କଥା, ସେ ଜଣେ ଭଲ କ୍ୟାଟ ଲେଡି । ସେ ମଣିଷ ରୂପି ବିଲେଇ ହେବାକୁ ଚାହୁଁଛନ୍ତି। ତାଙ୍କୁ ସବୁବେଳେ ବିଲେଇ ପସନ୍ଦ। ସେଥିପାଇଁ ନିଜ ଶରୀରରେ ପରିବର୍ତ୍ତନ ଆଣି ଜଣେ କ୍ୟାଟ ଲେଡି ହେବାକୁ ତାଙ୍କ ଇଚ୍ଛା ବୋଲି ସେ କହିଛନ୍ତି।



# ଶାମିଙ୍କ ନୂଆ ରେକର୍ଡ



ମହମ୍ମଦ ଶାମି

**ମୁମ୍ବାଇ,୨।୧୧**

ଭାରତୀୟ ଦ୍ରୁତ ବୋଲର ମହମ୍ମଦ ଶାମି ଏକ ନୂଆ ରେକର୍ଡ ନିଜ ନାମରେ କରିଛନ୍ତି। ଗୁରୁବାର ଶ୍ରୀଲଙ୍କା ବିପକ୍ଷରେ ୫ ଉଇକେଟ ନେବା ସହିତ ସେ ଭାରତୀୟ ବୋଲରଙ୍କ ମଧ୍ୟରେ ବିଶ୍ୱକପରେ ସର୍ବାଧିକ ଉଇକେଟ ନେବାର ରେକର୍ଡ କରିଛନ୍ତି। ଜାଭାଗଲ ଶ୍ରୀନାଥ ଓ ଜାହିର ଖାନ୍ ସମାନ ୪୪ ଉଇକେଟ ନେଇଥିଲେ ମଧ୍ୟ ଶାମି ଏହି ମ୍ୟାଚରେ ତାଙ୍କୁ ଅତିକ୍ରମ କରିଛନ୍ତି। ଏହି ମ୍ୟାଚ୍ ପୂର୍ବରୁ ଜାହିର ଓ ଶ୍ରୀନାଥଙ୍କ ସମକକ୍ଷ ହେବା ପାଇଁ ଶାମିଙ୍କୁ ୪ ଉଇକେଟର ଆବଶ୍ୟକତା ରହିଥିଲା। ଜାହିର ୨୩ ମ୍ୟାଚ୍ ଖେଳି ଓ ଶ୍ରୀନାଥ ୩୪ ମ୍ୟାଚ୍ ଖେଳି ୪୪ ଉଇକେଟ ନେଇଥିବା ବେଳେ ଶାମି ମାତ୍ର ୧୪ ମ୍ୟାଚ୍‌ରେ ତାଙ୍କୁ ଅତିକ୍ରମ କରିଛନ୍ତି। ବିଶ୍ୱକପ ପୂର୍ବରୁ ଶାମି ୧୧ ମ୍ୟାଚ୍‌ରୁ ୩୧ ଉଇକେଟ ନେଇ ଅନୀଲ କୁମ୍ବଲେଙ୍କ ରେକର୍ଡର ସମକକ୍ଷ ହୋଇଥିଲେ। ପ୍ରଥମ ୪ ମ୍ୟାଚ୍‌ରେ ତାଙ୍କୁ ସୁଯୋଗ ମିଳି ନ ଥିବା ବେଳେ ଧର୍ମଶାଳାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିଥିଲେ। ଏହି ମ୍ୟାଚ୍‌ରେ ୫ ଉଇକେଟ ନେଇଥିବା ବେଳ ପରବର୍ତ୍ତୀ ମ୍ୟାଚରେ ୪ ଉଇକେଟ ନେଇଥିଲେ। ମୁମ୍ବାଇରେ ଗୁରୁବାର ନିଜ କ୍ୟାରିୟର ଶ୍ରେଷ୍ଠ ବୋଲିଂ କରିବା ସହିତ ଶାମି ଚତୁର୍ଥ ଥର ପାଇଁ ୫ ଉଇକେଟ ସଫଳତା ହାସଲ କରିଥିଲେ। ଏହା ସହ ଜାଭାଗଲ ଶ୍ରୀନାଥଙ୍କୁ ସେ ପଛରେ ପକାଇଛନ୍ତି। ଚଳିତ ବିଶ୍ୱକପର ତୃତୀୟ ମ୍ୟାଚରେ ଏହା ଶାମିଙ୍କ ଦ୍ୱିତୀୟ ୫ ଉଇକେଟ ସଫଳତା। ୩ ମ୍ୟାଚ୍‌ରୁ ୧୪ ଉଇକେଟ ନେଇ ଚଳିତ ବିଶ୍ୱକପର ସର୍ବାଧିକ ଉଇକେଟ ହାସଲକାରୀ ବୋଲରଙ୍କ ମଧ୍ୟରେ ୬ ନମ୍ବର ସ୍ଥାନରେ ରହିଛନ୍ତି ଶାମି।




ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମ୍‌ରେ ଗୁରୁବାର ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍ ଅବସରରେ ଉଲ୍ଲସିତ ଭାରତୀୟ ପ୍ରଶଂସକ।

# ଏକାନାରେ ଆଫଗାନିସ୍ତାନ ଫେଭରିଟ୍

**ଲକ୍ଷ୍ନୌ,୨।୧୧(ପି.ଟି.)**

ଲକ୍ଷ୍ନୌର ଏକାନା କ୍ରିକେଟ ଷ୍ଟାଡିୟମରେ ବିଶ୍ୱକପ୍‌ର ୩୪ତମ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ ଆଫଗାନିସ୍ତାନ ଓ ନେଦରଲାଣ୍ଡ୍ସ। ଏକାନାର ସ୍ଲୋ ଉଇକେଟରେ ଆଫଗାନିସ୍ତାନକୁ ଏହି ମ୍ୟାଚ୍ ପାଇଁ ଫେଭରିଟ୍ ବିବେଚନା କରାଯାଉଛି। ଟୁର୍ନାମେଣ୍ଟର ଡାର୍କ ହର୍ସ ରହିଥିବା ଆଫଗାନିସ୍ତାନ ଦୁଇଟି ବଡ ଦଳକୁ ପରାସ୍ତ କରି ସାରିଥିବା ବେଳେ ସେମିଫାଇନାଲ ସମ୍ଭାବନା ଉନ୍ମୁକ୍ତ ରଖିଛି। ଏହି ମ୍ୟାଚକୁ ବଡ ବ୍ୟବଧାନରେ ଜିତିବା ସହିତ ରନରେଟ୍‌ରେ ଉନ୍ନତି ଆଣିବାକୁ ଦଳ ପ୍ରୟାସ କରିବ। ଲକ୍ଷ୍ନୌର ପିଚ୍‌ରେ ସ୍ପିନରଙ୍କୁ ପ୍ରଚୁର ସହାୟତା ମିଳୁଥିବା ବେଳେ ଏହି ମ୍ୟାଚ୍‌ରେ ଆଫଗାନିସ୍ତାନ ୪ ସ୍ପିନରଙ୍କୁ ଖେଳାଇପାରେ। ଆଫଗାନିସ୍ତାନ ୬ ପଏଣ୍ଟ ହାସଲ କରିଥିବା ବେଳେ ଏହି ମ୍ୟାଚ୍ ଜିତିଲେ ଦଳ ୮ ପଏଣ୍ଟ ହେବ। ତେବେ ଦଳ କେବଳ ଦୁଇ ପଏଣ୍ଟ ନୁହେଁ ବରଂ ନେଟ୍ ରନ୍ ରେଟ୍‌ରେ ଅଭିବୃଦ୍ଧି ଆଣିବା ସହିତ ସେମିଫାଇନାଲ ଦୌଡରେ ଆଗୁଆ ହେବାକୁ ପ୍ରୟାସ କରିବ।

ଏହି ଟୁର୍ନାମେଣ୍ଟ ପୂର୍ବରୁ ଆଫଗାନିସ୍ତାନର ବୋଲିଂକୁ ଶକ୍ତିଶାଳୀ ବୋଲି ବିବେଚନା କରାଯାଉଥିଲା। ତେବେ ଏହି ଟୁର୍ନାମେଣ୍ଟରେ ଦଳର ବ୍ୟାଟିଂ ସମସ୍ତଙ୍କୁ ପ୍ରଭାବିତ କରିଛି। ପାକିସ୍ତାନ ଓ ଶ୍ରୀଲଙ୍କା ବିପକ୍ଷରେ ଦଳ ସଫଳତାର ସହ ରନ୍ ଚେଜ୍ କରିଥିଲା। ଏହାର ପରବର୍ତ୍ତୀ ଦୁଇ ମ୍ୟାଚ୍ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ପରି ଶକ୍ତିଶାଳୀ ଦଳ ସହିତ ରହିଛି। ଏହି ମ୍ୟାଚ୍ ଦୁଇଟିରେ ପ୍ରଦର୍ଶନ ଆଧାରରେ ଦଳର ସେମିଫାଇନାଲ ପ୍ରବେଶ ନିଷ୍ପତ୍ତି ଚୂଡାନ୍ତ ହେବ। ଅନ୍ୟପକ୍ଷରେ ଅରେଞ୍ଜ ଆର୍ମି ନେଦରଲାଣ୍ଡ୍ସ ମଧ୍ୟ ଟୁର୍ନାମେଣ୍ଟରେ ଦୁଇଟି ବିପର୍ଯ୍ୟୟ ଘଟାଇ ସାରିଛି। ଦଳ ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କାକୁ ପରାସ୍ତ କରିଥିବା ବେଳେ ପଏଣ୍ଟ ଟେବୁଲର ଅଷ୍ଟମ ସ୍ଥାନରେ ରହିଛି। ପାକିସ୍ତାନ ଓ ଆଫଗାନିସ୍ତାନ ଯଥାକ୍ରମେ ପଏଣ୍ଟ ଟେବୁଲର ଷଷ୍ଠ ସ୍ଥାନରେ ରହିଛନ୍ତି। ଦଳ ପକ୍ଷରୁ କୌଣସି ବ୍ୟାଟର ଶତକ ହାସଲ କରି ନ ଥିଲେ ହେଁ ହସମତୁଲ୍ଲା ଶାହିଦି (୨୨୬ ରନ୍), ଅଜମତଉଲ୍ଲା ଓମାରଜାଇ(୨୦୩ ରନ୍), ରହମାନୁଲ୍ଲା ଗୁରବାଜ(୨୨୪ ରନ୍), ରେହମତ ଶାହ(୨୧୨ ରନ୍), ଇବ୍ରାହିମ୍ ଜଦ୍ରାନ(୨୧୨ ରନ୍) ଓ ଇକ୍ରାମ ଅଖିଲ(୭୭ ରନ୍) ଉପଯୋଗୀ ଅବଦାନ ଦେଇଛନ୍ତି। ଏକାନା ଷ୍ଟାଡିୟମର ଧିମା ଟ୍ରାକ୍‌ରେ ଖେଳିବାର ଅଭିଜ୍ଞତା ରାଶିଦ୍ ଖାନ୍, ମୁଜିବ୍ ଓ ନୁର ଅହମ୍ମଦଙ୍କ ପରି ସ୍ପିନରଙ୍କ ନିକଟରେ ରହିଛି। ଅନ୍ୟପକ୍ଷରେ ଆଇପିଏଲ୍‌ରେ ଲକ୍ଷ୍ନୌ ପକ୍ଷରୁ ଖେଳୁଥିବା ନବୀନ ଉଲ୍ ହକଙ୍କ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିବ।

ଅପରପକ୍ଷରେ ନେଦରଲାଣ୍ଡ୍ସ ଅଧିନାୟକ ସ୍କଟ୍ ଏଡ୍‌ୱାର୍ଡ୍ସ ଏହାର ବ୍ୟାଟିଂର ମୁଖ୍ୟ ରହିଛନ୍ତି। ବାସ୍ ଡି ଲିଡ୍, କଲିନ୍ ଆକରମାନ୍ ଓ ଭେଟେରାନ୍ ସିବ୍ରାଣ୍ଡ ଏନ୍‌ଗେଲବ୍ରେଚ୍‌ଙ୍କ ଉପରେ ବ୍ୟାଟିଂ ଭାର ନିର୍ଭର କରିବ।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୭ | ୭ | ୦ | ୧୪ | +୨.୧୦୨ |
| ଦକ୍ଷିଣ ଆଫ୍ରିକା | ୭ | ୬ | ୧ | ୧୨ | +୨.୨୯୦ |
| ଅଷ୍ଟ୍ରେଲିଆ | ୬ | ୪ | ୨ | ୮ | +୦.୯୭୦ |
| ନ୍ୟୁଜିଲାଣ୍ଡ | ୭ | ୪ | ୩ | ୮ | +୦.୪୨୪ |
| ପାକିସ୍ତାନ | ୭ | ୩ | ୪ | ୬ | −୦.୦୨୪ |
| ଆଫଗାନିସ୍ତାନ | ୬ | ୩ | ୩ | ୬ | −୦.୭୧୮ |
| ଶ୍ରୀଲଙ୍କା | ୭ | ୨ | ୫ | ୪ | −୧.୧୬୨ |
| ନେଦରଲାଣ୍ଡ୍ସ | ୬ | ୨ | ୪ | ୪ | −୧.୨୭୭ |
| ବାଂଲାଦେଶ | ୭ | ୧ | ୬ | ୨ | −୧.୪୪୬ |
| ଇଂଲଣ୍ଡ | ୬ | ୧ | ୫ | ୨ | −୧.୬୫୨ |

# ମିଆଁଦାଦଙ୍କୁ ଚାପୁଡ଼ା ମାରିଥିଲେ ଲତିଫ୍

**ଇସଲାମାବାଦ,୨।୧୧(ପି.ଟି.)**

ପାକିସ୍ତାନ କ୍ରିକେଟରେ ବର୍ତ୍ତମାନ ଦେଖାଦେଇଛି ନୂଆ ବିବାଦ। ଭାଷ୍ୟକାର ଭାବରେ କାମ କରୁଥିବା ପୂର୍ବତନ କ୍ରିକେଟର ପରଭେଜ୍ ମୀରଙ୍କ ବୟାନକୁ ନେଇ ଦେଖାଦେଇଛି ଏହି ବିବାଦ। ପାକିସ୍ତାନ କ୍ରିକେଟ୍‌ର କିମ୍ବଦନ୍ତୀ ତଥା ବିବାଦର ପୋଷ୍ଟର ବୟ ଜାଭେଦ୍ ମିଆଁଦାଦ ଓ ରଶିଦ ଲତିଫ୍‌ଙ୍କୁ ନେଇ ଏହି ଘଟଣା ଘଟିଥିଲା। କମେଣ୍ଟ୍ରି କରୁଥିବା ସମୟରେ ମୀର କହିଥିଲେ ଯେ ୧୯୯୩ ମସିହାରେ ଡ୍ରେସିଂରୁମ୍‌ରେ କଥା କଟାକଟିକୁ ନେଇ ଜାଭେଦ୍ ମିଆଁଦାଦଙ୍କୁ ଉଇକେଟକିପର ଲତିଫ୍ ଚାପୁଡ଼ା ମାରିଥିଲେ। ୧୯୯୩ ମସିହାରେ ୱେଷ୍ଟଇଣ୍ଡିଜ୍ ଗସ୍ତ ସମୟରେ ଏହି ଘଟଣା ଘଟିଥିବା ନେଇ ମୀର୍ ସୂଚନା ଦେଇଥିଲେ। ପାକିସ୍ତାନ ପାଇଁ ୩ ଦିନିକିଆ ଖେଳିଥିବା ତଥା ୧୯୭୫ ବିଶ୍ୱକପ୍ ଦଳର ସଦସ୍ୟ କମେଣ୍ଟ୍ରି ସମୟରେ ଖେଳାଳିଙ୍କ ମଧ୍ୟରେ ଝଗଡାକୁ ନେଇ ହେଉଥିବା ଆଲୋଚନା ସମୟରେ ଏଭଳି କହିଥିଲେ। ଖେଳାଳିଙ୍କ ମଧ୍ୟରେ ସଦାବେଳେ ବିବାଦ ରହିଥାଏ। ୧୯୯୩ରେ ଆଣ୍ଟିଗୁଆ ଟେଷ୍ଟ ମ୍ୟାଚର ଡ୍ରେସିଂରୁମ୍ ଭିତରେ ଲତିଫ୍ ଓ ମିଆଁଦାଦଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ମିଆଁଦାଦ ଡ୍ରେସିଂରୁମ୍ ବାହାରେ ବସିଥିବା ବେଳେ ଲତିଫ୍ ତାଙ୍କୁ ଏକ ଚାପୁଡା ମାରିଥିଲେ। ତେବେ ଉଭୟ ଲତିଫ୍ ଓ ମିଆଁଦାଦ ଏହାକୁ ଅସ୍ୱୀକାର କରିଛନ୍ତି। ଦେଶ ଆଗରେ ମୀର ଏଭଳି ମିଥ୍ୟା କାହାଣୀ କହିଥିବାରୁ ମୁଁ ତାଙ୍କୁ ଏକ କୋର୍ଟ ନୋଟିସ ପଠେଇବି ବୋଲି କହିଛନ୍ତି ରଶିଦ ଲତିଫ୍। ଅନ୍ୟପକ୍ଷରେ ମିଆଁଦାଦ ଟୁଇଟ୍ କରି ଏହାକୁ ଅସ୍ୱୀକାର କରିଛନ୍ତି। ମିଆଁଦାଦ କହିଛନ୍ତି ଲତିଫ୍ ମୋର ସାନଭାଇ ଭଳି। ସେ ମୋତେ କେବେ ବି ଅସମ୍ମାନ କରିନାହାନ୍ତି।




ମୋରାଦାବାଦ ସ୍ଥିତ ଏକ ସ୍କୁଲରେ 'ୱାନ ଡେ ଫୋର୍ ଚିଲ୍‌ଡ୍ରେନ୍' ପାଳନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପୂର୍ବକ ମୁହଁକୁ ଚିତ୍ରିତ କରିଥିବା ପିଲାମାନେ। ଆଶା ଓ ସମର୍ଥନ ସହ ପ୍ରତ୍ୟେକ ଶିଶୁ ବଞ୍ଚିବାର ଅଧିକାର ବାର୍ତ୍ତାକୁ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ଶ୍ରୀଲଙ୍କା କ୍ରିକେଟ ସହିତ ଭାଗୀଦାରିରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏବଂ ୟୁନିସେଫ୍ ନଭେମ୍ବର ୨ରେ 'ୱାନ ଡେ ଫୋର ଚିଲ୍‌ଡ୍ରେନ୍' ପାଳନ କରାଯାଇଛି।

# ଶ୍ରାବଣୀଙ୍କୁ ସ୍ୱର୍ଣ୍ଣ, ଅନିମେଶଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର,୨।୧୧**
**(ସରୋଜ ଜେନା)**

**ଜାତୀୟ କ୍ରୀଡ଼ା**

**ସ୍ୱସ୍ତି ସିଂଙ୍କୁ ଡବଲ୍ ପଦକ**

ଗୋଆରେ ଅନୁଷ୍ଠିତ ୩୭ ତମ ଜାତୀୟ କ୍ରୀଡାରେ ଗୁରୁବାର ଓଡ଼ିଶାକୁ ଆଉ ଏକ ସ୍ୱର୍ଣ୍ଣିମ ସଫଳତା। ଗୁରୁବାର ଆଥଲେଟିକ୍ସରୁ ଓଡ଼ିଶା ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ହାସଲ କରିଛି। ୨୦୦ ମିଟର ମହିଳା ସ୍ପ୍ରିଣ୍ଟରେ ଶ୍ରାବଣୀ ନନ୍ଦ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ପୁରୁଷ ବର୍ଗରେ ଅନିମେଶ କୁଜୁର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଆ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୦ କି.ମି. ସ୍କ୍ରାଚ୍ ରେସ୍‌ରେ ସ୍ୱସ୍ତି ଓ ବର୍ଷାରାଣୀ ବାରିକ ଏକ ବ୍ରୋଞ୍ଜ ପଦକ ହାତେଇଥିବା ବେଳେ ବ୍ୟକ୍ତିଗତ ପର୍ସୁଟ ଇଭେଣ୍ଟରେ ସ୍ୱସ୍ତି ଦ୍ୱିତୀୟ ବ୍ରୋଞ୍ଜ ହାସଲ କରିଥିଲେ। ଏହାକୁ ମିଶାଇ ୬ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୧୫ ବ୍ରୋଞ୍ଜ ସହିତ ଓଡ଼ିଶା ସମୁଦାୟ ୩୧ ପଦକ ହାସଲ କରିଛି। ଏହା ସହ ଆଥଲେଟିକ୍ସରେ ଗୋଟିଏ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ଦୁଇ ବ୍ରୋଞ୍ଜ ସହିତ ଓଡ଼ିଶା ୬ ପଦକ ହାସଲ କରିଛି।

ଗୁରୁବାର ଓଡ଼ିଶା ପୁରୁଷ ହକି ଦଳ ଏହାର ପ୍ରଥମ ବିଜୟ ରେକର୍ଡ କରିଛି। ଅଭିଷେକ ରାଣା(୨୮, ୫୫ ମିନିଟ)ଙ୍କ ଡବଲ୍ ଗୋଲ ଓ କ୍ରିଷ୍ଟୋ ପନୱାର(୨୩ ମିନିଟ) ଗୋଟିଏ ଗୋଲ୍ ଦେଇଥିବା ବେଳେ ଦଳ ୩−୨ରେ ଦିଲ୍ଲୀକୁ ପରାସ୍ତ କରିଛି।ଆସନ୍ତା ୪ ତାରିଖରେ ଓଡ଼ିଶା ପଶ୍ଚିମବଙ୍ଗକୁ ଭେଟିବ। ୬୨ତମ ଜାତୀୟ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଅନିମେଶ ମିଟ୍ ରେକର୍ଡ କରିଥିବା ବେଳେ ସେ ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ପ୍ରତିଭା ବୋଲି ଓଡ଼ିଶା ରିଲାଏନ୍ସ ଆଥଲେଟିକ୍ସ ହାଇ ପର୍ଫମାନ୍ସ ମୁଖ୍ୟ କୋଚ୍ ମାର୍ଟିନ୍ ଓଏନ୍ସ କହିଛନ୍ତି। ସାଇକ୍ଲିଂ ଦଳର କୋଚ୍ ସସ୍ମିତି ମହାନ୍ତି ଉଭୟ ସାଇକ୍ଲିଷ୍ଟଙ୍କ ପ୍ରଦର୍ଶନକୁ ନେଇ ଖୁସି ଜାହିର କରିଥିବା ବେଳେ ଆମେ ଅଳ୍ପକେ ସ୍ୱର୍ଣ୍ଣ ଓ ରୌପ୍ୟରୁ ବଞ୍ଚିତ ହେଲୁ ବୋଲି କହିଛନ୍ତି। ଏହା ସହ ଆଗାମୀ ଦିନରେ ଦଳ ସଫଳତା ହାସଲ କରିବା ନେଇ ସେ ଆଶାବାଦୀ ବୋଲି କହିଛନ୍ତି।







ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ଗୁରୁବାର ଓଡ଼ିଶାର ପଦକ ବିଜୟୀ ଶ୍ରାବଣୀ ନନ୍ଦ, ସ୍ୱସ୍ତି ସିଂ ଓ ଅନିମେଶ କୁଜୁର।

# ସ୍ୱଦେଶ ଫେରିଲେ ମିଚେଲ ମାର୍ଶ

**ଅହମଦାବାଦ, ୨।୧୧ (ପି.ଟି.):** ଫର୍ମରେ ଥିବା ଅଷ୍ଟ୍ରେଲୀୟ ଅଲରାଉଣ୍ଡର ମିଚେଲ ମାର୍ଶ ବ୍ୟକ୍ତିଗତ କାରଣରୁ ସ୍ୱଦେଶ ଫେରିଯାଇଛନ୍ତି। ଦଳ ପାଇଁ ଏହା ଆଉ ଏକ ଧକ୍କା ହୋଇଛି। କାରଣ ମୁଣ୍ଡରେ ବଲ୍ ବାଜି ଆଘାତପ୍ରାପ୍ତ ହୋଇଥିବାରୁ ଇଂଲଣ୍ଡ ବିପକ୍ଷ ମ୍ୟାଚ ପାଇଁ ଗ୍ଲେନ ମାକ୍ସୱେଲ ଉପଲବ୍ଧ ହେବେ ନାହିଁ। ସେ କେବେ ଫେରିବେ କ୍ରିକେଟ ଅଷ୍ଟ୍ରେଲିଆ ତରଫରୁ ତାହା ସ୍ପଷ୍ଟ କରାଯାଇ ନ ଥିବାରୁ ମାର୍ଶ ଟୁର୍ନାମେଣ୍ଟର ଅବଶିଷ୍ଟ ମ୍ୟାଚ ଖେଳି ନ ପାରନ୍ତି। ମାର୍ଶଙ୍କ ଅନୁପସ୍ଥିତିରେ କାମେରନ ଗ୍ରୀନ୍ ଏଠାରେ ଶନିବାର ଖେଳାଯିବାକୁ ଥିବା ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଅଷ୍ଟ୍ରେଲିଆ ଦଳରୁ ଖେଳିବେ। ମାର୍ଶ ବିଶ୍ୱକପ୍ ପାଇଁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ମାର୍କସ ଷ୍ଟୋଇନିସ କହିଛନ୍ତି। ସେ ପାରିବାରିକ କାରଣରୁ ସ୍ୱଦେଶ ଗସ୍ତ କରିଛନ୍ତି। କାର୍ଯ୍ୟ ସରିଲେ ସେ ଫେରିଆସିବେ। ଏହି ବିଶ୍ୱକପ୍ ସେମାନଙ୍କୁ ଜିତିବାକୁ ପଡ଼ିବ ବୋଲି ସେ ଯିବା ପୂର୍ବରୁ ତାଙ୍କୁ କହିଥିଲେ। ଇଂଲଣ୍ଡ ବିପକ୍ଷ ମ୍ୟାଚ ପାଇଁ ମାକ୍ସୱେଲ୍ ଓ ମାର୍ଶଙ୍କ ସ୍ଥାନ ପୂରଣ କରିବା ଲାଗି ଆଲେକ୍ସ କାରେ, ସିନ ଆବଟ, ମାର୍କସ ଷ୍ଟୋଇନିସ ଓ କାରେନ ଗ୍ରୀନ୍ ପ୍ରମୁଖ ଦୌଡ଼ରେ ଅଛନ୍ତି।

# ଓଡ଼ିଶା ଏଫ୍‌ସି ସପକ୍ଷରେ ରେକର୍ଡ



ଖବରଦାତା ସମ୍ମିଳନୀ ଅବସରରେ ସର୍ଗିଓ ଲୋବେରା ଓ ଅନିକେତ ଯାଦବ।

**ଭୁବନେଶ୍ୱର,୨।୧୧**
**(ସରୋଜ ଜେନା)**

**ଇଣ୍ଡିଆନ୍ ସୁପର୍ ଲିଗ୍**

ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ବିପକ୍ଷରେ ଶୁକ୍ରବାର ମ୍ୟାଚ୍ ଖେଳିବ ଓଡ଼ିଶା ଏଫ୍‌ସି। ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷ ମ୍ୟାଚ୍‌ରେ ଚମତ୍କାର ବିଜୟ ହାସଲ ପରେ ଏହି ମ୍ୟାଚ୍ ପାଇଁ ଦଳ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସରେ ରହିଛି। ନର୍ଥଇଷ୍ଟ ସହିତ ଓଏଫ୍‌ସି ୧୮ ଥର ମୁହାଁମୁହିଁ ହୋଇଥିବା ବେଳେ ୮ ବିଜୟ ସହିତ ଓଡ଼ିଶା ଆଗୁଆ ରହିଛି। ଏହା ସହ ନର୍ଥଇଷ୍ଟ ୫ ମ୍ୟାଚ୍ ଜିତିଥିବା ବେଳେ ୩ ମ୍ୟାଚ୍ ଅମୀମାଂସିତ ରହିଛି। ଏହା ସହିତ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳୁଥିବାରୁ ଓଏଫ୍‌ସି ଏହି ମ୍ୟାଚ୍ ଜିତିବା ସମ୍ଭାବନା ଅଧିକ। ଶେଷ ମ୍ୟାଚ୍‌ରେ ୦−୨ରେ ପଛୁଆ ସ୍ଥିତିରୁ ଆସି ଦଳ ଯେଉଁଭଳି ପ୍ରତ୍ୟାବର୍ତ୍ତନ କରିଥିଲା ତାହା ପ୍ରଶଂସନୀୟ। ଡିଫେଣ୍ଡର ମୋର୍ଟାଡା ଫଲ୍ ଆହତ ଥିବାରୁ କ୍ରମାଗତ ଦ୍ୱିତୀୟ ମ୍ୟାଚରେ ନରେନ୍ଦର ଗେହଲୋଟ ତାଙ୍କ ସ୍ଥାନରେ ଖେଳିବେ। ଏହା ସହିତ କଳିଙ୍ଗ ଷ୍ଟାଡିୟମରେ ଏହା ନର୍ଥଇଷ୍ଟ ବିପକ୍ଷରେ କେବେ ହାରିନଥିବା ବେଳେ ରେକର୍ଡ ଦଳ ସପକ୍ଷରେ ରହିଛି।

ନର୍ଥଇଷ୍ଟ ଚଳିତ ସିଜନର ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ପରବର୍ତ୍ତୀ ୪ ମ୍ୟାଚରେ ଦୁଇଟି ଲେଖାଏ ମ୍ୟାଚ୍ ବିଜୟୀ ହୋଇଛି ଓ ଅମୀମାଂସିତ ରଖିବାରେ ସଫଳ ହୋଇଛି। ଚଳିତ ସିଜନରେ ଓଏଫ୍‌ସି ଏହାର ଘରୋଇ ମ୍ୟାଚ୍‌ରେ ପରାଜିତ ହୋଇ ନ ଥିବା ବେଳେ ଏହି ଧାରା ବଜାୟ ରଖିବାକୁ ଉଦ୍ୟମ କରିବ ବୋଲି କହିଛନ୍ତି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା। ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିବା ଖେଳାଳି ଅନିକେତ ଯାଦବ ପୂର୍ବ ମ୍ୟାଚ୍ ଭଳି ଅଧିକ ସଂଖ୍ୟାରେ ଦର୍ଶକ ଯୋଗ ଦେବା ପାଇଁ ଅନୁରୋଧ କରିଥିଲେ।








# ବିଶ୍ୱକପରେ ଭାରତର ସର୍ବବୃହତ୍ ବିଜୟ



ଶ୍ରୀଲଙ୍କାର ପଥୁମ ନିଶଙ୍କାଙ୍କ ଉଇକେଟ ନେବା ପରେ ଭାରତର ଯଶପ୍ରୀତ୍ ବୁମ୍ରା।

**ମୁମ୍ବାଇ, ୨।୧୧**

ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ଦିନିକିଆ କ୍ରିକେଟ ବିଶ୍ୱକପ ମ୍ୟାଚରେ ଭାରତ ୩୦୨ ରନରେ ଶ୍ରୀଲଙ୍କାକୁ ହରାଇ ଦେଇଛି। ଭାରତ ୫୦ ଓଭରରେ ୮ ଉଇକେଟ ହରାଇ ୩୫୭ ରନ କରିଥିବାବେଳେ ଶ୍ରୀଲଙ୍କା ୧୯.୪ ଓଭରରେ ୫୫ ରନକରି ଅଲ୍ଆଉଟ ହୋଇ ଯାଇଛି। ବିଶ୍ୱକପରେ ଭାରତର ଏହା ସର୍ବବୃହତ୍ ଏବଂ ଓଭରଅଲ୍ ଦ୍ୱିତୀୟ ସର୍ବବୃହତ୍ ବିଜୟ। ଚଳିତ ବିଶ୍ୱକପର ନୂଆଦିଲ୍ଲୀରେ ଅନୁଷ୍ଠିତ ମ୍ୟାଚରେ ଅଷ୍ଟ୍ରେଲିଆ ୩୦୯ ରନରେ ନେଦରଲାଣ୍ଡକୁ ହରାଇ ସର୍ବବୃହତ୍ ବିଜୟ ରେକର୍ଡର ଅଧିକାରୀ ରହିଛି। ଏହା ବ୍ୟତୀତ ଦିନିକିଆ କ୍ରିକେଟରେ ମଧ୍ୟ ଭାରତର ଏହା ଦ୍ୱିତୀୟ ସର୍ବବୃହତ୍ ବିଜୟ। ଚଳିତ ବର୍ଷ ପ୍ରାରମ୍ଭରେ ତ୍ରିଭେନ୍ଦ୍ରମଠାରେ ଶ୍ରୀଲଙ୍କା ବିପକ୍ଷରେ ଭାରତ ୩୧୭ ରନରେ ବିଜୟୀ ହୋଇଥିଲା। ଏହା ଦିନିକିଆରେ ଭାରତର ସର୍ବବୃହତ୍ ବିଜୟ। ୫୫ ରନ ବିଶ୍ୱକପରେ ଭାରତ ବିପକ୍ଷରେ ଶ୍ରୀଲଙ୍କାର ସର୍ବନିମ୍ନ ଏବଂ ଓଭରଅଲ୍ ଦିନିକିଆରେ ଦ୍ୱିତୀୟ ସର୍ବନିମ୍ନ ସ୍କୋର। ଚଳିତ ବର୍ଷ ପ୍ରାରମ୍ଭରେ କଲମ୍ବୋରେ ଏହି ଦଳ ୫୦ ରନରେ ଅଲ୍ଆଉଟ ହୋଇଥିଲା। ଏହା ଏପର୍ଯ୍ୟନ୍ତ ଦିନିକିଆରେ ଏହା ଭାରତ ବିପକ୍ଷରେ ଶ୍ରୀଲଙ୍କାର ସର୍ବନିମ୍ନ ସ୍କୋର ହୋଇ ରହିଛି।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ନେଦରଲାଣ୍ଡ୍ସ ବନାମ ଆଫଗାନିସ୍ତାନ**

ସ୍ଥାନ: ଲକ୍ଷ୍ନୌ,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ବିନା ଶତକରେ ସର୍ବାଧିକ ଦଳଗତ ସ୍କୋର
**(ଦିନିକିଆ ବିଶ୍ୱକପ୍)**

୩୫୭/୮: ଭାରତ ବନାମ ଶ୍ରୀଲଙ୍କା, ମୁମ୍ବାଇ, ୨୦୨୩
୩୪୮/୮: ପାକିସ୍ତାନ ବନାମ ଇଂଲଣ୍ଡ, ନଟିଂହାମ, ୨୦୧୯
୩୪୧/୬: ଦକ୍ଷିଣ ଆଫ୍ରିକା ବନାମ ୟୁଏଇ, ୱେଲିଂଟନ, ୨୦୧୫
୩୩୯/୬: ପାକିସ୍ତାନ ବନାମ ୟୁଏଇ, ନାପିଏର, ୨୦୧୫

### ଶ୍ରୀଲଙ୍କା ବିପକ୍ଷରେ ଭାରତର ଶ୍ରେଷ୍ଠ ଭାଗୀଦାରି

୩୧୮: ରାହୁଲ ଦ୍ରାବିଡ ଓ ସୌରଭ ଗାଙ୍ଗୁଲି, ଟନ୍ଟନ୍, ୧୯୯୯
୧୮୯: ଲୋକେଶ ରାହୁଲ ଓ ରୋହିତ ଶର୍ମା, ଲିଡ୍ସ, ୨୦୧୯
୧୮୯: ବିରାଟ କୋହଲି ଓ ଶୁବମନ ଗିଲ୍, ୱାଙ୍ଖଡେ, ୨୦୨୩

### ଦିନିକିଆରେ ମହଙ୍ଗା ୫ ଉଇକେଟ ସଫଳତା

୫/୮୫: ଆଦିଲ ରଶିଦ ବନାମ ୱେଷ୍ଟଇଣ୍ଡିଜ, ସେଣ୍ଟ ଜର୍ଜ, ୨୦୧୯
୫/୮୦: ଦିଲସାନ ମଦୁଶଙ୍କା ବନାମ ଭାରତ, ମୁମ୍ବାଇ, ୨୦୨୩
୫/୭୯: ୱାନିନ୍ଦୁ ହସରଙ୍ଗା ବନାମ ଆୟର୍ଲାଣ୍ଡ, ବୁଲାୱାୟୋ, ୨୦୨୩



ଗୋଟିଏ ଓଭରରେ ୨ଟି ଉଇକେଟ ନେବା ପରେ ଉଲ୍ଲସିତ ମହମ୍ମଦ ସିରାଜ।

## ଦିନିକିଆରେ ସର୍ବନିମ୍ନ ସ୍କୋର

➪ଜିମ୍ବାୱେ-୩୫, ବନାମ ଶ୍ରୀଲଙ୍କା(୨୦୦୪), ହରାରେ।
➪ଆମେରିକା-୩୫, ବନାମ ନେପାଳ(୨୦୨୦) କୀର୍ତ୍ତିପୁର।
➪କାନାଡା-୩୬, ବନାମ ଶ୍ରୀଲଙ୍କା(୨୦୦୩), ପାର୍ଲ।
➪ଜିମ୍ବାୱେ-୩୮, ବନାମ ଶ୍ରୀଲଙ୍କା(୨୦୦୧), କଲମ୍ବୋ।
➪ଶ୍ରୀଲଙ୍କା-୪୩, ବନାମ ଦକ୍ଷିଣ ଆଫ୍ରିକା(୨୦୧୨) ପାର୍ଲ।

## କମ୍ ଇନିଂସରେ ୨୦୦୦ ରନ
**(ଦିନିକିଆରେ ଭାରତୀୟ)**

୩୮: ଶୁବମନ ଗିଲ୍
୪୮: ଶିଖର ଧାୱନ
୪୯: ଶ୍ରେୟସ ଆୟର
୫୨: ନବଜୋତ ସିଂ ସିଦ୍ଧୁ
୫୨: ସୌରଭ ଗାଙ୍ଗୁଲି

## ସ୍କୋରବୋର୍ଡ

**ଭାରତ ଇନିଂସ**

ରୋହିତ-ବୋ-ମଦୁଶନକା-୪
ଗିଲ୍-କ-ମେଣ୍ଡିସ-ବୋ-ମଦୁଶନକା-୯୨
କୋହଲି-କ-ନିସାଙ୍କା-ବୋ-ମଦୁଶନକା-୮୮
ଶ୍ରେୟସ-କ-ଥିକ୍ସାନା-ବୋ-ମଦୁଶନକା-୮୨
କେ.ଏଲ୍ ରାହୁଲ-କ-ହେମନ୍ଥା-ବୋ-ଚାମିରା-୨୧
ସୂର୍ଯ୍ୟକୁମାର-କ-ମେଣ୍ଡିସ-ବୋ-ମଦୁଶାନକା-୧୨
ଜାଡେଜା-ରନଆଉଟ-୩୫
ଶାମି-ରନଆଉଟ-୨
ଯଶପ୍ରୀତ ବୁମ୍ରା-ନଟଆଉଟ-୧
ଅତିରିକ୍ତ-୨୦
**ମୋଟ** (୫୦ଓଭର/୮ ଉଇକେଟ) ୩୫୭।
**ଉଇକେଟ ପତନ:** ୧/୪, ୨/୧୯୩, ୩/୧୯୬, ୪/୨୫୬, ୫/୨୭୬, ୬/୩୩୩, ୭/୩୫୫, ୮/୩୫୭।

**ବୋଲିଂ (ଶ୍ରୀଲଙ୍କା)**

ଦିଲଶାନ ମଦୁଶନକା ୧୦-୦-୮୦-୫
ଦୁଷ୍ମନ୍ତ ଚାମିରା ୧୦-୨-୭୧-୧
କାସୁନ ରଜିଥା ୯-୦-୬୫-୦
ଆଞ୍ଜେଲୋ ମାଥ୍ୟୁସ ୩-୦-୧୧-୦
ମାହିଶ ଥିକ୍ସାନା ୧୦-୦-୬୭-୦
ଦୁଶାନ ହେମନ୍ଥା ୮-୦-୫୨-୦

**ଶ୍ରୀଲଙ୍କା ଇନିଂସ**

ପାଥୁମ ନିସାଙ୍କା-ଏଲବିଡବ୍ଲ୍ୟୁ-ବୁମ୍ରା-୦
ଦିମୁଥ କରୁଣାରତ୍ନେ-ଏଲବିଡବ୍ଲ୍ୟୁ ସିରାଜ-୦
କୁସାଲ ମେଣ୍ଡିସ-ବୋ-ସିରାଜ-୧
ସଦିରା ସମରବିକ୍ରମା-କ-ଶ୍ରେୟସ-ବୋ-ସିରଜ-୦
ଚାରିଥ ଆସାଲଙ୍କା-କ-ଜାଡେଜା-ବୋ-ଶାମି-୧
ଆଞ୍ଜେଲୋ ମାଥ୍ୟୁସ-ବୋ-ଶାମି-୧୨
ଦୁଶାନ ହେମନ୍ଥା-କ-ରାହୁଲ-ବୋ-ଶାମି-୦
ଦୁଷ୍ମନ୍ତ ଚାମିରା-କ-ରାହୁଲ-ବୋ-ଶାମି-୦
ମାହିଶ ଥିକ୍ଶାନା-ନଟଆଉଟ-୧୨
କାସୁନ ରଜିଥା-କ-ଗିଲ୍-ବୋ-ଶାମି-୧୪
ଦିଲଶାନ ମଦୁଶନକା-କ-ଶ୍ରେୟସ-ବୋ-ଜାଡେଜା-୫
ଅତିରିକ୍ତ-୧୦
ମୋଟ: (୧୯.୪ ଓଭର/ଅଲଆଉଟ) ୫୫।
ଉଇକେଟ ପତନ: ୧/୦, ୨/୨, ୩/୪, ୫/୧୪, ୬/୧୪, ୭/୨୨, ୮/୨୯, ୯/୪୯,୧୦/୫୫।

**ବୋଲିଂ (ଭାରତ)**

ଯଶପ୍ରୀତ ବୁମ୍ରା ୫-୧-୮-୧
ମହମ୍ମଦ ସିରାଜ ୭-୨-୧୬-୩
ମହମ୍ମଦ ଶାମି ୫-୧-୧୮-୫
କୁଲଦୀପ ଯାଦବ ୨-୦-୩-୦
ରବୀନ୍ଦ୍ର ଜାଡେଜା ୦.୪-୦-୪-୧

## ବିଶ୍ୱକପ୍‌ରେ ସର୍ବନିମ୍ନ ସ୍କୋର

➤କାନାଡା-୩୬, ବନାମ ଶ୍ରୀଲଙ୍କା(୨୦୦୩), ପାର୍ଲ।
➤କାନାଡା-୪୫, ବନାମ ଇଂଲଣ୍ଡ(୧୯୭୯), ମାଞ୍ଚେଷ୍ଟର।
➤ନାମିବ୍ୟା-୪୫,ବନାମଅଷ୍ଟ୍ରେଲିଆ(୨୦୦୩),ପୋଟଶେଫଷ୍ଟ୍ରୁମ୍।
➤ଶ୍ରୀଲଙ୍କା-୫୫, ବନାମ ଭାରତ(୨୦୨୩), ମୁମ୍ବାଇ।
➤ବାଂଲାଦେଶ-୫୮, ବନାମ ୱେଷ୍ଟଇଣ୍ଡିଜ(୨୦୧୧), ମୀରପୁର।





ମୁମ୍ବାଇର ୱାଙ୍ଖଡ଼େ ଷ୍ଟାଡିୟମରେ ଗୁରୁବାର ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ଭାରତୀୟ ଇନିଂସର ୩ ମହାରଥୀ ବିରାଟ କୋହଲି, ଶୁବମନ ଗିଲ୍ ଓ ଶ୍ରେୟସ ଆୟର।

# ସ୍ୱର୍ଣ୍ଣ ସହ ଓଡ଼ିଶା ଜିତିଲା ୫ ପଦକ


ପୂର୍ବାଞ୍ଚଳ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀମାନେ।

**ପୂର୍ବାଞ୍ଚଳ ଶକ୍ତିଉତ୍ତୋଳନ ପ୍ରତିଯୋଗିତା**

ଭୁବନେଶ୍ୱର, ୨।୧୧
(ବିଜୟ ରଣା)

ବିହାରର ନାଳନ୍ଦାଠାରେ ଅନୁଷ୍ଠିତ ପୂର୍ବାଞ୍ଚଳ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ବଡ଼ ସଫଳତା ହାସଲ କରିଛନ୍ତି। ସେମାନେ ୧ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ ବ୍ରୋଞ୍ଜ ସହ ମୋଟ ୫ ପଦକ ହାସଲ କରିଛନ୍ତି। ଅକ୍ଟୋବର ୨୯ରୁ ନଭେମ୍ବର ୧ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଚାମ୍ପିୟନଶିପ୍‌ରେ ନଗ୍‌ମା ଆରା ବେଗମ ୮୪ କିଗ୍ରାରୁ ଅଧିକ ଶ୍ରେଣୀରେ ୩୭୭.୫ କିଗ୍ରା ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଏହି ବିଭାଗରେ ଅନୀତା ବେହେରା ୩୬୨.୫ କିଗ୍ରା ଉଠାଇ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ଶ୍ରାବଣୀ ଜେନା ୬୯ କିଗ୍ରା ମହିଳା ଶ୍ରେଣୀରେ ୩୦୯.୫ କିଗ୍ରା ଓଜନ ଉଠାଇ ଏକ ରୌପ୍ୟ ପଦକ ପାଇଛନ୍ତି। ଏହି ଶ୍ରେଣୀରେ ଶ୍ରଦ୍ଧାଞ୍ଜଳି ବେହେରା ୨୮୦ କିଗ୍ରା ଉତ୍ତୋଳନ କରି ବ୍ରୋଞ୍ଜ ଏବଂ ପୁରୁଷ ୬୬ କିଗ୍ରା ବିଭାଗରେ ସଙ୍କେତ ନାୟକ ୪୭୦ କେଜି ଉଠାଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶା ଦଳ ସହିତ ଦେବାଶିଷ ମହାନ୍ତି କୋଚ୍ ଭାବେ ଗସ୍ତ କରିଥିଲେ। ଓଡ଼ିଶା ଦଳର ଏହି ସଫଳତା ପାଇଁ ପଦକ ବିଜେତାମାନଙ୍କୁ ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘର ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ, ଚିତ୍ତରଞ୍ଜନ ସ୍ୱାଇଁ, ଡ. ଗୌରୀ ମହାନ୍ତି, ପ୍ରଦୀପ ପାତ୍ର ଓ ସମରେନ୍ଦ୍ର ରାଉତରାୟ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ଗୁଜରାଠୀ ଏକକ ଅଗ୍ରଣୀ

ଆଇଲ ଅଫ୍ ମ୍ୟାନ (ୟୁକେ), ୨।୧୧ (ପି.ଟି.)

ଭାରତୀୟ ଗ୍ରାଣ୍ଡମାଷ୍ଟର ଭିଦିତ ଗୁଜରାଠୀ ଚମତ୍କାର ପ୍ରଦର୍ଶନ କରି ଉଜ୍‌ବେକିସ୍ତାନର ଜାଭୋଖିର ସିଣ୍ଡାରୋଭଙ୍କୁ ହରାଇ ଏଠାରେ ଚାଲିଥିବା ଫିଡେ ଗ୍ରାଣ୍ଡ ସୁଇସ୍ ଟୁର୍ନାମେଣ୍ଟର ୭ମ ରାଉଣ୍ଡ ଖେଳ ଶେଷ ସୁଦ୍ଧା ଏକକ ଅଗ୍ରଣୀ ଲାଭ କରିଛନ୍ତି। ଏହି ବିଜୟ ଦ୍ୱାରା ଗୁଜରାଠୀଙ୍କ ପଏଣ୍ଟ ସଂଖ୍ୟା ୫.୫ରେ ପହଞ୍ଚିଛି। ଭାରତୀୟ ଖେଳାଳି ଇଭେଣ୍ଟରେ ପ୍ରଥମ ରାଉଣ୍ଡରେ ପରାଜୟ ସହ ତାଙ୍କ ଅଭିଯାନ ଆରମ୍ଭ କରିଥିଲେ। ପରବର୍ତ୍ତୀ କ୍ୟାଣ୍ଡିଡେଟ୍ ଟୁର୍ନାମେଣ୍ଟ ପାଇଁ ଖାଲିଥିବା ଅବଶିଷ୍ଟ ଦୁଇ ସ୍ଥାନ ପାଇଁ ଭିଦିତ ଜଣେ ଅନ୍ୟତମ ପ୍ରମୁଖ ଦାବିଦାର ହୋଇପାରିଛନ୍ତି। ଅର୍ଜୁନ ଏରିଗେସି ରୁଷିଆର ଆନ୍ଦ୍ରେ ଏସିପେଙ୍କୋଭଙ୍କୁ ପରାସ୍ତ କରିବା ଲାଗି ଏକ ବଡ଼ ସୁଯୋଗ ହାତଛଡ଼ା କରି ୫ ପଏଣ୍ଟ ସହ ମିଳିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ମହିଳା ଇଭେଣ୍ଟରେ ଆର. ବୈଶାଳୀ କାଜାଖସ୍ତାନର ବିବିସାରା ଆସାଉବୁୟେଭାଙ୍କୁ ପରାସ୍ତ କରି ମିଳିତ ଅଗ୍ରଣୀ ହୋଇଛନ୍ତି। ଆର୍. ପ୍ରଜ୍ଞାନନ୍ଦଙ୍କ ଭଉଣୀ ବୈଶାଳୀ ବର୍ତ୍ତମାନ ସମ୍ଭାବ୍ୟ ୭ ପଏଣ୍ଟରୁ ୫.୫ ପଏଣ୍ଟ ଅର୍ଜନ କରି ୟୁକ୍ରେନର ଆନ୍ନା ମୁଜିଚୁଖ ଓ ବୁଲ୍‌ଗେରିଆର ଆଣ୍ଟୋନାଏଟା ଷ୍ଟିଫାନୋଭଙ୍କ ସହ ମିଳିତ ଅଗ୍ରଣୀ ଲାଭ କରିଛନ୍ତି।

# ଶ୍ରଦ୍ଧାଞ୍ଜଳି ଓଡ଼ିଶା ଦଳର ମେଣ୍ଟର

**ଜାତୀୟ କ୍ରୀଡ଼ା ମହିଳା ଫୁଟ୍‌ବଲ**

**ଓଡ଼ିଶା-ବେଙ୍ଗଲ ସେମିଫାଇନାଲ ଆଜି**

ଭୁବନେଶ୍ୱର, ୨।୧୧
(ତପନ ସ୍ୱାଇଁ)

ନିଜ ପ୍ରଦର୍ଶନ ମାଧ୍ୟମରେ ହେଉ କିମ୍ବା ପ୍ରଶିକ୍ଷଣରେ ଓଡ଼ିଶା ଦଳକୁ ଅନେକ ବିଜୟ ସ୍ୱାଦ ଚଖାଇଥିବା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମହିଳା ଫୁଟବଲ ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ଆଉ ଏକ ଗୁରୁଦାୟିତ୍ୱ ମିଳିଛି। ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ଓଡ଼ିଶା ମହିଳା ଫୁଟ୍‌ବଲ ଦଳ ସେମିଫାଇନାଲରେ ପ୍ରବେଶ କରିଥିବାରୁ ଶ୍ରଦ୍ଧାଞ୍ଜଳିଙ୍କୁ ଦଳର ମେଣ୍ଟର ଏବଂ ପର୍ଯ୍ୟବେକ୍ଷକ ଦାୟିତ୍ୱ ଅର୍ପଣ କରାଯାଇଛି। ଓଡ଼ିଶା ଓ ବେଙ୍ଗଲ ମଧ୍ୟରେ ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହେବ। ଶ୍ରଦ୍ଧାଞ୍ଜଳି ଗୁରୁବାର ଗୋଆରେ ପହଞ୍ଚି ଦଳୀୟ ମ୍ୟାନେଜମେଣ୍ଟ ସହ ଆଲୋଚନା କରିଛନ୍ତି ଏବଂ ଖେଳାଳିଙ୍କୁ ଆଗାମୀ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ଜିତି ଫାଇନାଲରେ ପ୍ରବେଶ ପାଇଁ ବିଭିନ୍ନ ରଣକୌଶଳ ବତାଇଛନ୍ତି। ଓଡ଼ିଶା ଓ ବେଙ୍ଗଲ ଏହା ପୂର୍ବରୁ ଜାତୀୟ ସ୍ତରରେ ବହୁବାର ପରସ୍ପରକୁ ଭେଟିଛନ୍ତି। ଖେଳାଳି ହେଉ କିମ୍ବା କୋଚ୍ ଭାବେ ଦୀର୍ଘ ୩୨ ବର୍ଷର କ୍ୟାରିୟର ମଧ୍ୟରେ ଶ୍ରଦ୍ଧାଞ୍ଜଳି ବେଙ୍ଗଲ ବିପକ୍ଷ ମ୍ୟାଚରେ ଅନେକ ଅଭିଜ୍ଞତା ରଖିଛନ୍ତି। ତେଣୁ ତାଙ୍କ ଉପସ୍ଥିତିରେ ଓଡ଼ିଶା ଦଳକୁ ଫାଇଦା ମିଳିପାରେ ବୋଲି ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ବିଶ୍ୱାସ ରଖିଛି। ଆଗାମୀ ମ୍ୟାଚ ପାଇଁ ଖେଳାଳିମାନେ ବହୁତ ଉତ୍ସାହିତ ଅଛନ୍ତି ଏବଂ ବେଙ୍ଗଲକୁ କଡ଼ା ଟକ୍କର ଦେବାକୁ ଓଡ଼ିଶା ପ୍ରସ୍ତୁତ ବୋଲି ଶ୍ରଦ୍ଧାଞ୍ଜଳି ପ୍ରକାଶ କରିଛନ୍ତି। ଶୁକ୍ରବାର ଓଡ଼ିଶା ବେଙ୍ଗଲ ମ୍ୟାଚ ପୂର୍ବାହ୍ନ ୯ଟାରେ ଖେଳାଯିବ। ଅପରାହ୍ନ ୪ଟାରେ ହରିୟାଣା ଓ ମଣିପୁର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ।


ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

# ନମ୍ବର ୱାନ୍ ର୍‌ୟାଙ୍କିଙ୍ଗ୍ ଦୌଡ଼ରୁ ମେଡଭେଡେଭ ବାଦ୍

ପ୍ୟାରିସ,୨।୧୧(ଏପି)

ସର୍ବୀୟ ଷ୍ଟାର ଖେଳାଳି ନୋଭାକ ଜୋକୋଭିଚ୍ ଏଠାରେ ଚାଲିଥିବା ପ୍ୟାରିସ ମାଷ୍ଟର୍ସ ଟେନିସ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡରେ ଟୋମାସ ମାର୍ଟିନ ଇଚେଭେରିଙ୍କୁ ହରାଇ ଦେଇଛନ୍ତି। ଫଳରେ ରେକର୍ଡ ୮ମ ଥର ପାଇଁ ବର୍ଷ ଶେଷ ନମ୍ବର ୱାନ ର୍‌ୟାଙ୍କିଙ୍ଗ ସ୍ଥାନ ଅଧିକାର କରିବା ସମ୍ଭାବନା ସୃଷ୍ଟି କରିଛନ୍ତି। ସେପ୍ଟେମ୍ବର ମଧ୍ୟଭାଗରେ ସର୍ବିଆ ପାଇଁ ଡେଭିସ୍ କପ୍ ଗ୍ରୁପ୍ ପର୍ଯ୍ୟାୟ ଖେଳିବା ପରେ ଜୋକୋଭିଚ୍ ଏହି ଟୁର୍ନାମେଣ୍ଟ ଖେଳୁଛନ୍ତି। ବର୍ଷ ଶେଷ ନମ୍ବର ୱାନ ସ୍ଥାନ ପାଇଁ ଜୋକୋଭିଚ୍‌ଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ନମ୍ବର-୨ ଖେଳାଳି କାର୍ଲୋସ ଅଲ୍‌କାରାଜ। ତେବେ ସ୍ପେନର ଏହି ଖେଳାଳି ଗତ ମଙ୍ଗଳବାର କ୍ୱାଲିଫାୟର ରୋମାନ ସାଫିଉଲିନ୍‌ଙ୍କଠାରୁ ପରାଜିତ ହେବା ଦ୍ୱାରା ୬ଥର ପ୍ୟାରିସ ମାଷ୍ଟର୍ସ ଚାମ୍ପିୟନ ଜୋକୋଭିଚ୍‌ଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ବୃଦ୍ଧି ପାଇଛି। ଅନ୍ୟତମ ଦାବିଦାର ଡାନିଲ ମେଡଭେଡେଭ ୬-୩, ୬-୭ (୪), ୭-୬(୨)ରେ ଗ୍ରିଗୋର ଦିମିତ୍ରିଭଙ୍କଠାରୁ ହାରିଯିବା ଫଳରେ ଦୌଡ଼ରୁ ବାଦ୍ ପଡ଼ିଛନ୍ତି। ପ୍ୟାରିସ ମାଷ୍ଟର୍ସ ପୂର୍ବରୁ ଅଲ୍‌କାରାଜଙ୍କଠାରୁ ଜୋକୋଭିଚ୍‌ଙ୍କ ପଏଣ୍ଟ ସଂଖ୍ୟା ୫୦୦ରୁ ଅଧିକ ରହିଛି। ଦ୍ୱିତୀୟ ରାଉଣ୍ଡରେ ପରାଜୟ ସତ୍ତ୍ୱେ ଅଲ୍‌କାରାଜ ଏଠାରେ ୧୦ ପଏଣ୍ଟ ଅର୍ଜନ କରିଛନ୍ତି। ପ୍ୟାରିସ ମାଷ୍ଟର୍ସ ବିଜେତାଙ୍କ ଲାଗି ୧,୦୦୦ ପଏଣ୍ଟ ବ୍ୟବସ୍ଥା ରହିଥିବା ବେଳେ ଏଟିପି ଫାଇନାଲ୍ସରେ ଜଣେ ସର୍ବାଧିକ ୧,୫୦୦ ପଏଣ୍ଟ ଅର୍ଜନ କରିପାରିବ। ତେଣୁ ପ୍ୟାରିସ ଓପନ ଜିତିଲେ ମଧ୍ୟ ଜୋକୋଭିଚ ବର୍ଷ ଶେଷ ନମ୍ବର ୱାନ ସ୍ଥାନ ପକ୍କା କରିପାରିବେ ନାହିଁ। ସୂଚନାଯୋଗ୍ୟ, ଜୋକୋଭିଚ୍ ପୁରୁଷ ସିଙ୍ଗଲ୍ସରେ ପିଟ୍ ସାମ୍ପ୍ରାସଙ୍କଠାରୁ ଗୋଟିଏ ଆଗରେ ୭ଥର ବର୍ଷ ଶେଷ ନମ୍ବର ୱାନ ଖେଳାଳି ବିବେଚିତ ହୋଇ ଏକ ରେକର୍ଡ କରିଛନ୍ତି। ମହାନ୍ ମହିଳା ଟେନିସ ଖେଳାଳି ଷ୍ଟେଫିଗ୍ରାଫ୍ ୮ଥର ନମ୍ବର ୱାନ ରହି ଓଭର ଅଲ୍ ରେକର୍ଡର ଅଧିକାରିଣୀ ଅଛନ୍ତି।

# ନ୍ୟୁଜିଲାଣ୍ଡ ଦଳରେ ଜେମିସନ ସାମିଲ

ନୂଆଦିଲ୍ଲୀ, ୨।୧୧ (ପି.ଟି.)

ଆଘାତଜନିତ ସମସ୍ୟାରେ ରହିଥିବା ନ୍ୟୁଜିଲାଣ୍ଡ ମ୍ୟାଟ ହେନ୍‌ରୀଙ୍କ ସ୍ଥାନରେ ଫାଷ୍ଟ ବୋଲର କାଇଲ ଜେମିସନଙ୍କୁ ଦଳରେ ସାମିଲ କରିଛି। ଆଘାତପ୍ରାପ୍ତ ଥିବା ହେନ୍‌ରୀ ଶନିବାର ପାକିସ୍ତାନ ବିପକ୍ଷରେ ଖେଳାଯିବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଉପଲବ୍ଧ ହେବେ କି ନା ସେ ନେଇ ସନ୍ଦେହ ରହିଛି। ୬.୮ ଫୁଟ୍ ଉଚ୍ଚତା ବିଶିଷ୍ଟ ଜେମିସନ ଗୁରୁବାର ବେଙ୍ଗାଲୁରୁରେ ପହଞ୍ଚିଛନ୍ତି। ନ୍ୟୁଜିଲାଣ୍ଡର ଦୁଇ ପେସ୍ ବୋଲରଙ୍କ ସମେତ ୫ଜଣ ଖେଳାଳି ଆଘାତଜନିତ ସମସ୍ୟାରେ ରହିଛନ୍ତି। ନିୟମିତ ଅଧିନାୟକ କେନ୍ ୱିଲିୟମସନଙ୍କ ବୃଦ୍ଧାଙ୍ଗୁଳିରେ ସମସ୍ୟା ରହିଥିବା ବେଳେ ଲୋକି ଫର୍ଗୁସନଙ୍କ ପାଦରେ ଏବଂ ମାର୍କ ଚାପମ୍ୟାନଙ୍କ ପେଣ୍ଡାରେ ଆଘାତ ଲାଗିଛି। ବୁଧବାର ଇଞ୍ଜୁରି ତାଲିକାରେ ହେନ୍‌ରୁ ଓ ଜେମ୍ସ ନିଶାମ ଯୋଗ ଦେଇଛନ୍ତି। ହେନ୍‌ରୀଙ୍କ ଡାହାଣ ହାମଷ୍ଟ୍ରିଙ୍ଗ ଇଞ୍ଜୁରି ହୋଇଛି। ତାଙ୍କର ସ୍କାନ ଟେଷ୍ଟ ଫଳାଫଳକୁ ଅପେକ୍ଷା କରାଯାଇଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ